

‘ବର୍ଡର ୨’ରେ ଦେଖାଯିବେ ଏହି ଚାରି ନାୟିକା

▶ପୃଷ୍ଠା ୧୧ ଦେଖନ୍ତୁ...


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-177 ♦TUESDAY ♦23 DECEMBER 2025 ♦PAGE-12 ♦₹ 6.00

JEYPORE

♦ବର୍ଷ-୪୩ ♦ସଂଖ୍ୟା-୧୭୭ ♦ମଙ୍ଗଳବାର ♦୨୩ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


### ହକିରେ ଓଡ଼ିଶାର ବିରଳ ରେକର୍ଡ

# ତ୍ରିପୁରାକୁ ୫୦ ଗୋଲ୍

■ ଭୁବନେଶ୍ୱର, ୨୨।୧୨ (ସମିସ): ଗୌହାଟୀରେ ଚାଲିଥିବା ପୂର୍ବାଞ୍ଚଳ ସବ୍‌ଜୁନିଅର ବାଳିକା ଅସ୍ମିତା ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ବିରାଟ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଦଳ ପ୍ରଥମ ମ୍ୟାଚରେ ୫୦-୦

### ପୂର୍ବାଞ୍ଚଳ ସବ୍‌ଜୁନିଅର ବାଳିକା ଅସ୍ମିତା ହକି

ଗୋଲ୍‌ରେ ଏକପାଖିଆ ଭାବେ ତ୍ରିପୁରାକୁ ହରାଇ ଚହଳ ସୃଷ୍ଟି କରିଛି। ହକି ଇଣ୍ଡିଆ ପକ୍ଷରୁ ଆୟୋଜିତ ଯେକୌଣସି ବୟସବର୍ଗର ଟୁର୍ଣ୍ଣାମେଣ୍ଟରେ ଏକ ମ୍ୟାଚରେ ଗୋଟିଏ ଦଳ ୫୦ଟି ଗୋଲ୍ ଦେବାରେ ଏହା ବିରଳ ଘଟଣା ବୋଲି କୁହାଯାଉଛି।

ଏହି ମ୍ୟାଚର ପ୍ରଥମ ମିନିଟ୍‌ରୁ ଗୋଲ୍ ଖାତା



ଖୋଲିଥିବା ଓଡ଼ିଶା ୬୦ତମ ମିନିଟ୍‌ରେ ଅନ୍ତିମ ତଥା ୫୦ତମ ଗୋଲ୍‌ଟି ଦେଇଥିଲା। ଫଳରେ ମ୍ୟାଚର ପ୍ରତି ୫ ମିନିଟ୍‌ରେ ଓଡ଼ିଶା ହାରାହାରି ୪ଟି ଲେଖାଏ ଗୋଲ୍ ସ୍କୋର କରିଥିଲା। ଓଡ଼ିଶା ମ୍ୟାଚର ୪ଟି ଯାକ କ୍ୱାର୍ଟରରେ ଯଥାକ୍ରମେ ୧୦ଟି, ୮ଟି, ୧୭ଟି ଓ ୧୫ଟି ଗୋଲ୍ ଦେଇଥିଲା। ଫଳରେ ପ୍ରଥମାର୍ଦ୍ଧରେ ୧୮ଟି ଓ ଦ୍ୱିତୀୟାର୍ଦ୍ଧରେ ୩୨ଟି ଗୋଲ୍ ହୋଇଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ଆସାମକୁ ଭେଟିବ। ପ୍ରକାଶଯୋଗ୍ୟ, ଅନ୍ତର୍ଜାତୀୟ ହକିରେ ଭାରତୀୟ ସିନିଅର ପୁରୁଷ ଦଳ ୨୦୧୮ ଏସୀୟ କ୍ରୀଡ଼ାରେ ୨୬-୦ ଗୋଲ୍‌ରେ ହଂକଂକୁ ପରାସ୍ତ କରିଥିଲା। ଯାହାକି ଭାରତୀୟ ଦଳର ସବୁଠୁ ବଡ଼ ବିଜୟ ଭାବେ ରେକର୍ଡ ହୋଇରହିଛି।

ଏସିଆ ମହାଦେଶରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଏସିଆ-ଓସେନିଆ ବାଳିକା ହକିରେ ଦକ୍ଷିଣ

### ପ୍ରତି ୫ ମିନିଟ୍‌ରେ ହାରାହାରି ୪ଟି ଗୋଲ୍

କୋରିଆ ୯୨-୦ରେ ଥାଇଲାଣ୍ଡକୁ ଓ ୱିଣ୍ଟର ଅଲିମ୍ପିକ୍ସ ଲାଗି ୟୁରୋପୀୟ କ୍ୱାଲିଫିକେସନ ମହିଳା ହକିରେ ସ୍ଲୋଭାକିଆ ୮୨-୦ରେ ବୁଲଗାରିଆକୁ ହରାଇବାର ରେକର୍ଡ ରହିଛି। ୧୯୮୭ ୱାର୍ଲ୍ଡ ଚାମ୍ପିଅନସିପ୍ ଗ୍ରୁପ୍ ଡି’ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସିନିଅର ଟିମ୍ ୫୮-୦ ଗୋଲରେ ନ୍ୟୁଜିଲାଣ୍ଡକୁ ହରାଇଥିଲା।

# ନିଲାମ ହେବ ରାଜ୍ୟର ୪୯ ଖଣି

## ନିଲାମ ସୂଚୀରେ କେନ୍ଦୁଝରର ୧୬, ସୁନ୍ଦରଗଡ଼ର ୧୨ ଓ ରାୟଗଡ଼ାର ୩ ଖଣି

■ ଭୁବନେଶ୍ୱର,୨୨।୧୨(ସମିସ): ଆଗାମୀ ଦିନରେ ରାଜ୍ୟର ୪୯ଟି ଖଣି ନିଲାମ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ଖଣି ବିଭାଗସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ପକ୍ଷରୁ ଏନେଇ ୪୯ଟି ଖଣିକୁ ଚିହ୍ନିତ କରାଯାଇଥିବା ବେଳେ ଆସନ୍ତା ୩ ତାରିଖରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏଥିରେ ବାର୍ଷିକ ନିଲାମ କ୍ୟାଲେଣ୍ଡର ପ୍ରସ୍ତୁତି ପାଇଁ ପ୍ରସ୍ତାବିତ ଖଣିଗୁଡ଼ିକ ବିଷୟରେ ଆଲୋଚନା ହୋଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।



ସୂଚନା ଅନୁସାରେ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଖଣି ଗୁଡ଼ିକର ବାର୍ଷିକ ନିଲାମ କ୍ୟାଲେଣ୍ଡରର ପ୍ରସ୍ତୁତି ତଥା ପ୍ରକାଶନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ନିଲାମ ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିଜ ନିଜର କ୍ୟାଲେଣ୍ଡର ପ୍ରସ୍ତୁତ ସହ ଏହାକୁ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ରାଜ୍ୟର ପ୍ରମୁଖ ଖଣିଜ ବ୍ଲକ୍ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକର ଏକ ତାଲିକା ପ୍ରସ୍ତାବ ଦେଇଛନ୍ତି। ଏଥିରେ ୪୯ଟି ଖଣିର ତାଲିକା ଥିବାବେଳେ ଏହାକୁ ମିଳିତ ଭାବେ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ, ଓଏମସି,

### ଜାନୁଆରୀ ୩ ତାରିଖରେ ନିଆଯିବ ଚୂଡ଼ାନ୍ତ ନିଷ୍ପତ୍ତି

ଜିଏସଆଇ ଓ ଏମଇସିଏଲ ଅନ୍ୱେଷଣ ସହ ପ୍ରସ୍ତୁତ କରିଛନ୍ତି।

ପ୍ରସ୍ତାବିତ ନିଲାମ ସୂଚୀରେ କେନ୍ଦୁଝରର ୧୬ଟି ଖଣି ଥିବାବେଳେ ସୁନ୍ଦରଗଡର ୧୨ଟି, ରାୟଗଡାର ୩ଟି, ମୟୂରଭଞ୍ଜର ୨ଟି ତଥା ସମ୍ବଲପୁର, କଳାହାଣ୍ଡି ଓ ବରଗଡ଼ର ୧ଟି ଲେଖାଏଁ ବ୍ଲକ ରହିଛି। ଏହି ୩୫ଟି ଖଣି ▶ପୃଷ୍ଠା-୭

### ଦେଶର ସବୁଠୁ ବଡ଼ ତଥ୍ୟ ପ୍ରଘଟ

# ୬୮ କୋଟି ୟୁଜରଙ୍କ ଡାଟା ଚୋରି

■ ନୂଆଦିଲ୍ଲୀ,୨୨।୧୨ (ଏଜେନ୍ସି): ଦେଶରେ ଏକ ବଡ଼ ଧରଣର ଡାଟା ଲିକ୍ ହୋଇଛି। ଏଥିରେ ୬୮ କୋଟିରୁ ଅଧିକ ବ୍ୟବହାରକାରୀଙ୍କ ଇ-ମେଲ୍ ଆଇଡି ଏବଂ ପାସୱାର୍ଡ ପ୍ରଘଟ ହୋଇଛି। ଏହାଫଳରେ ସାଇବର ଅପରାଧୀମାନଙ୍କ ହାତରେ ଏହି ୬୮୦ ନିୟୁତ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ଇ-ମେଲ୍ ଆଇଡି ଏବଂ ପାସୱାର୍ଡ ପଡିଯାଇଛି। ଘଟଣା ଜଣାପଡ଼ିବା ପରେ ମଧ୍ୟପ୍ରଦେଶ ସାଇବର ସେଲ୍ ଏହାକୁ ନେଇ ସତର୍କ କରାଇଛି। ଇ-ମେଲ୍ ବ୍ୟବହାରକାରୀ ସେମାନଙ୍କର ପାସ୍‌ୱାର୍ଡ ପୁନଃସେଟ୍ କରିବାକୁ ସାଇବର ସେଲ୍ ନିର୍ଦ୍ଦେଶାବଳୀ ଜାରି କରିଛି।




ସାଇବର ଅପରାଧୀଙ୍କ ହାତରେ ଇ-ମେଲ୍ ଆଇଡି ଓ ପାସ୍‌ୱାର୍ଡ

ସାଇବର ସେଲ୍ ପକ୍ଷରୁ ଜାରି ପରାମର୍ଶପତ୍ରରେ କୁହାଯାଇଛି ଯେ, ସାଇବର ଠକମାନେ ଏକ ଇ-ମେଲ୍ ଆକାଉଣ୍ଟ ହ୍ୟାକ୍ କରି ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ, ଡିଜିଟାଲ୍ ୱାଲେଟ୍ ଏବଂ ଅନ୍ୟାନ୍ୟ ଆପ୍ ଓ ସୋସିଆଲ ମିଡିଆ ଆକାଉଣ୍ଟକୁ ମଧ୍ୟ ପ୍ରବେଶ କରିପାରିବେ। ଏହାକୁ ରୋକିବା ପାଇଁ ବାରମ୍ବାର ପାସୱାର୍ଡ ପରିବର୍ତ୍ତନ କରିବା ବ୍ୟତୀତ ବିଭିନ୍ନ ସେବା ପାଇଁ ପୃଥକ ପାସୱାର୍ଡ ବଜାୟ ରଖିବା ହେଉଛି ସବୁଠାରୁ ପ୍ରଭାବଶାଳୀ ପ୍ରତିରକ୍ଷା ପଦକ୍ଷେପ। ସନ୍ଦେହଜନକ ଇ-ମେଲ୍, ଏସ୍‌ଏମ୍‌ଏସ୍ କିମ୍ବା ଲିଙ୍କ୍ ଉପରେ କ୍ଲିକ୍ କରିବାକୁ ଏଡ଼ାଇବା ଲାଗି ଏଥିରେ କୁହାଯାଇଛି।

ବର୍ତ୍ତମାନ ସାଇବର ଅପରାଧୀମାନେ ଠକେଇ କରିବା ପାଇଁ ନୂତନ କୌଶଳ ଅବଲମ୍ବନ କରୁଛନ୍ତି। ଡିଜିଟାଲ୍ ଆରେଷ୍ଟ, ଋଣ ଆପ୍ ଠକେଇ ଏବଂ ଆର୍ଥିକ ଠକେଇ ଘଟଣା ବୃଦ୍ଧି ପାଉଛି। ବୟସ୍କ ଲୋକମାନେ ସାଇବର ଅପରାଧୀଙ୍କ ଦ୍ୱାରା ସର୍ବାଧିକ ଟାର୍ଗେଟ୍ ହେଉଛନ୍ତି। ଠକମାନେ ଡକ୍ୟୁମେଣ୍ଟ ଅପଡେଟ୍ କରିବା, ଉପହାର ପଠାଇବା ଏବଂ ଲିଙ୍କ୍ ପଠାଇବା ଭଳି ଅନେକ ପ୍ରସ୍ତାବ ମାଧ୍ୟମରେ ଡାଟା ଚୋରି କରୁଛନ୍ତି ଏବଂ ଆକାଉଣ୍ଟ ଖାଲି କରୁଛନ୍ତି।

ଏହି ଠକେଇ ପ୍ରସ୍ତାବରେ ଷ୍ଟକ୍ ବଜାରରେ ଲାଭର ପ୍ରଲୋଭନ, ଅନଲାଇନ୍ ବାଣିଜ୍ୟ, ଘରେ ଚାକିରି, ଅନଲାଇନ୍ ପାର୍ସଲ୍ ଅଫର୍ ଏବଂ ମୋବାଇଲ୍ ହ୍ୟାକିଂ ଅନ୍ତର୍ଭୁକ୍ତ। ଏପରି ଘଟଣା ମଧ୍ୟ ଘଟିଛି, ଯେଉଁଠାରେ ଓଟିପି ନ ମାଗି ଆକାଉଣ୍ଟରୁ ଟଙ୍କା ଉଠାଯାଇଛି।



### ୧୦% କମିଶନ ସାଧାରଣ କଥା

# ଦଳୀୟ ନେତାଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପରାମର୍ଶ: ୫% କମିଶନ ନିଅ

■ ପାଟନା, ୨୨।୧୨ (ଏଜେନ୍ସି): ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ମୁଖ୍ୟ ତଥା କେନ୍ଦ୍ର ଏମଏସଏମଇ ମନ୍ତ୍ରୀ ଜିତନ ରାମ ମାନ୍‌ଝୀ ନିଜ ଦଳର ବିଧାୟକ ଏବଂ ସାଂସଦଙ୍କୁ କମିଶନ ନେବାକୁ ପରାମର୍ଶ ଦେଇଛନ୍ତି। ସେ ୧୦ ନ ମିଳିଲେ ୫ ପ୍ରତିଶତ କମିଶନରେ ଚଳାଇବାକୁ ନେତାଙ୍କୁ କହିଛନ୍ତି। ତାଙ୍କର ଏହି ମନ୍ତବ୍ୟ କ୍ଷମତାସୀନ ଏନ୍‌ଡିଏ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏହାକୁ ନେଇ ବିରୋଧୀ ଦଳ ଗୁଡ଼ିକ ସରକାରଙ୍କୁ ସମାଲୋଚନା କରିଛନ୍ତି। ଦିଲ୍ଲୀରୁ ପାଟନା ପର୍ଯ୍ୟନ୍ତ ଦୁର୍ନୀତି ଏବଂ କମିଶନର କଳାକାରନାମା ଚାଲିଛି ବୋଲି ▶ପୃଷ୍ଠା-୭

# ପ୍ରଦୂଷଣ ପ୍ରମାଣପତ୍ର ପାଇଁ ୧୫ ଦିନ ମହଲତ

■ ଭୁବନେଶ୍ୱର, ୨୨।୧୨ (ସମିସ): ବୈଧ ପ୍ରଦୂଷଣ ପ୍ରମାଣ ନ ଥିଲେ ପେଟ୍ରୋଲ୍ ପମ୍ପରେ ପେଟ୍ରୋଲ ଡିଜେ୍‌ଲ ନ ଦେବାକୁ ରାଜ୍ୟ ପରିବହନ ବିଭାଗ ଜାରି କରିଥିବା ମାର୍ଗଦର୍ଶିକାକୁ ନେଇ ସାରା ରାଜ୍ୟରେ ହଟଚମଟ ସୃଷ୍ଟି ହୋଇଛି। ଗ୍ରାହକ ଓ ପେଟ୍ରୋଲ ପମ୍ପ ସଂସ୍ଥାଗୁଡ଼ିକ ପାଇଁ ଏହି ନିୟମ ପାଳନକୁ ନେଇ ଛକାପଞ୍ଝା ଲାଗି ରହିଥିବା ବେଳେ ସୋମବାର ରାଜ୍ୟ ପରିବହନ ବିଭାଗ, ତୈଳ

### ନିୟମ ନ ମାନିଲେ ୧୦ ହଜାର ଜରିମାନା

### ତୈଳ କମ୍ପାନୀ, ଡିଲର ଆସୋସିଏସନ ସହ ବୈଠକ

କମ୍ପାନୀ ଓ ଡିଲର ଆସୋସିଏସନ୍ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିବେଶ ସୁରକ୍ଷା ଦିଗରେ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି। ଏହାସହିତ ଆଗମୀ ୧୫ ଦିନ ପର୍ଯ୍ୟନ୍ତ ଏହି କ୍ଷେତ୍ରରେ ଗ୍ରାହକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ନିଷ୍ପତ୍ତି ହୋଇଛି। ଯଦି ଏହା ପରେ ମଧ୍ୟ ଗ୍ରାହକମାନେ ନିୟମର ଅନୁପାଳନ ନ କରନ୍ତି ତେବେ ସେମାନଙ୍କଠାରୁ ଆଇନ ଅନୁଯାୟୀ ୧୦ ହଜାର ▶ପୃଷ୍ଠା-୭

# ବଡ଼ଦିନରୁ ବଢ଼ିବ ଶୀତ


■ ଭୁବନେଶ୍ୱର,୨୨।୧୨(ସମିସ): ବଡ଼ଦିନରୁ ରାଜ୍ୟରେ ଆହୁରି ବଢ଼ିବ ଶୀତ। ଡିସେମ୍ବର ୨୫ରୁ ରାଜ୍ୟରେ ଶୀତ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି। ପଶ୍ଚିମାଝଡ଼ର ପ୍ରଭାବ କମିବା ସହ ରାଜ୍ୟକୁ ପୁଣି ଥରେ ଶୁଷ୍କ ଓ ଥଣ୍ଡା ବାୟୁ ପ୍ରବାହ ବଢ଼ିବ। ଫଳରେ ଶୀତର ପ୍ରଭାବ ପୁଣି ବଢ଼ିବାର ସମ୍ଭାବନା ରହିଛି। ବର୍ତ୍ତମାନ ରାଜ୍ୟରେ ପୂର୍ବାପେକ୍ଷା ଶୀତରେ ସାମାନ୍ୟ ପ୍ରଭାବ କମିଛି। ଶୀତ କମିବା ସହ ରାଜ୍ୟକୁ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ହେତୁ କୁହୁଡ଼ି ମଧ୍ୟ ବୃଦ୍ଧି ପାଇଛି। କୋରାପୁଟ ୫.୫, ଜି ଉଦୟଗିରି ୬.୮, ଦାରିଙ୍ଗବାଡ଼ି ୭, ସେମିଳିଗୁଡ଼ା ୮, ଫୁଲବାଣୀ ୮, ନବରଙ୍ଗପୁର ୮.୮ ଓ ରାଉରକେଲାରେ ତାପମାତ୍ରା ୯.୯ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ରାଜ୍ୟରେ ବର୍ତ୍ତମାନ ଜାରି ରହିଥିବା କୁହୁଡ଼ି ସ୍ଥିତି ଆଗାମୀ ୪ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ ▶ପୃଷ୍ଠା-୭

### ଉପକୂଳ ଓଡ଼ିଶା ବ୍ୟତୀତ ଅନ୍ୟ ଅଞ୍ଚଳକୁ ଘନ କୁହୁଡ଼ି ସତର୍କତା

# ୨୪ ନୂଆ ଏନ୍‌ଏସି ପାଇଁ ଚୂଡ଼ାନ୍ତ ସୂଚୀ ପ୍ରକାଶ

## ୫ ମ୍ୟୁନିସିପାଲିଟି ପାଇଁ ଚିଠା ବିଜ୍ଞପ୍ତି ଜାରି

■ ଭୁବନେଶ୍ୱର,୨୨।୧୨(ସମିସ): ରାଜ୍ୟରେ ଆଉ ୨୪ ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ଚୂଡ଼ାନ୍ତ ଓ ୫ ଟି ମ୍ୟୁନିସିପାଲିଟି ପାଇଁ ଚିଠା ବିଜ୍ଞପ୍ତି ତାଲିକା ପ୍ରକାଶ ପାଇଛି। ଏହି ନୂତନ ଏନ୍‌ଏସି ପାଇଁ କିଛି ମାସ ପୂର୍ବେ ଚିଠା ବିଜ୍ଞପ୍ତି ତାଲିକା ପ୍ରକାଶ ପାଇଥିଲା। ଏହାପରେ ସରକାର ଆପତ୍ତି ଅଭିଯୋଗ ଗ୍ରହଣ କରିବା ସହ ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ସୋମବାର ଚୂଡ଼ାନ୍ତ ବିଜ୍ଞପ୍ତି ତାଲିକା ପ୍ରକାଶ କରିଛନ୍ତି। ଏବେ ପ୍ରକାଶିତ ୫ଟି ମ୍ୟୁନିସିପାଲିଟି ପାଇଁ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବାକୁ ସ୍ଥିର ହୋଇଛି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ ଏହି ତାଲିକାରେ ମୋଟ୍ ୧୪ ଟି ଜିଲ୍ଲାରେ ୨୪ ଟି ନୂତନ ଏନ୍‌ଏସି ଗଠନ ସ୍ପଷ୍ଟ ହୋଇଛି। ଏହାସହିତ ୩ଟି ଜିଲ୍ଲାରେ ୫ ଟି ମ୍ୟୁନିସିପାଲିଟିଗଠନ ନେଇ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଜାରି ଏନ୍‌ଏସି ତାଲିକା ଅନୁଯାୟୀ ଅନୁଗୁଳ ଜିଲ୍ଲାର ପାଲଲହଡ଼ା, ବାଲେଶ୍ୱର ଜିଲ୍ଲାର ସିମୁଳିଆ, ବରଗଡ଼ର ସୋହେଲା, ଭଦ୍ରକ ଜିଲ୍ଲାର ତିହିଡ଼ି ଓ ଧୁଷୁରୀ, କଟକ ଜିଲ୍ଲାର ସାଲେପୁର, ବଡ଼ମ୍ବା, ନରସିଂହପୁର, ଢେଙ୍କାନାଳ ଜିଲ୍ଲାର ଗୋନ୍ଦିଆ, ଗଞ୍ଜାମ ଜିଲ୍ଲାର ଜଗନ୍ନାଥ ପ୍ରସାଦ, ପାତ୍ରପୁର, କଳାହାଣ୍ଡି ଜିଲ୍ଲାର ନର୍ଲା, ଜୟପାଟଣା, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ, କୋରାପୁଟର ବୋରିଗୁମା, ମୟୂରଭଞ୍ଜର ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡ଼ା, କପ୍ତିପଦା, ରାସଗୋବିନ୍ଦପୁର ଆଦି ରହିଛି। ▶ପୃଷ୍ଠା-୭







### ନିଯୁକ୍ତି ବୟସ ସୀମା ବୃଦ୍ଧି ଭେଳିକି

# ସରକାର ଓ ସରକାରୀ ଉଦ୍ୟୋଗ ମଧ୍ୟରେ ତାଳମେଳ ନାହିଁ

■ ଭୁବନେଶ୍ୱର,୨୨।୧୨(ସମିସ): ନିଯୁକ୍ତି ପାଇଁ ଆବେଦନ ବୟସ ସୀମାକୁ ବଢ଼ାଇ ୪୨ କରିଛନ୍ତି ସରକାର। ମାତ୍ର ଏହାକୁ ମାନୁ ନାହାନ୍ତି ସରକାରୀ ଉଦ୍ୟୋଗ ବା ପିଏସ୍‌ୟୁ। ନୂତନ ଆଇନ୍‌କୁ ପୁନଃ ସଂଶୋଧନ କରା ନ ଗଲେ ପିଏସ୍‌ୟୁମାନେ ସରକାରଙ୍କ ଏହି ନିୟମକୁ ପାଳନ କରିବେ ନାହିଁ ବୋଲି ମଧ୍ୟ ରୋକଠୋକ୍ ଶୁଣାଉଛନ୍ତି। ଏପରିକି ନିକଟରେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ପକ୍ଷରୁ ପ୍ରକାଶ ପାଇଥିବା ନିଯୁକ୍ତି ବିଜ୍ଞପ୍ତିରେ ବୟସ ସୀମା ୩୨ ବର୍ଷ ରଖାଯାଇଥିବାରୁ

### ୪୨ ବର୍ଷ କରିବାକୁ ନାରାଜ ସରକାରୀ ପିଏସ୍‌ୟୁ

### ଆଇନ ସଂଶୋଧନରେ ତ୍ରୁଟି ଦର୍ଶାଇଲା ଓଏଚ୍‌ପିସି



ବହୁ ଆଶାୟୀ ଆବେଦନ କରିବାରୁ ବଞ୍ଚିତ ହୋଇଛନ୍ତି। ବୟସ ବୃଦ୍ଧିକୁ ନେଇ ସରକାର ଓ ସରକାରୀ ଉଦ୍ୟୋଗ ମଧ୍ୟରେ ତାଳମେଳ ରହୁନାହିଁ। ଖୋଦ୍ ମୁଖ୍ୟମନ୍ତ୍ରୀ ସାଧାରଣ ସଭାରେ ସମସ୍ତ ପ୍ରକାର ନିଯୁକ୍ତି ପାଇଁ ବୟସ ୪୨ ବର୍ଷକୁ ବୃଦ୍ଧି କରାଯାଇଥିବା କହୁଛନ୍ତି। ଏହାକୁ ଏକ ଐତିହାସିକ ନିଷ୍ପତ୍ତି ବୋଲି ମଧ୍ୟ ସରକାର କହୁଛନ୍ତି। ଅପରପକ୍ଷରେ ଓଏଚ୍‌ପିସି ପକ୍ଷରୁ ଗତ ନଭେମ୍ବର ୭ ତାରିଖରେ ମୋଟ୍ ୨୭ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ସର୍ବୋଚ୍ଚ ବୟସ ସୀମା ୩୨ ବର୍ଷ ରଖାଯାଇଛି। ଏ ସମ୍ପର୍କରେ ଓଏଚ୍‌ପିସିର ବରିଷ୍ଠ ଅଧିକାରୀଙ୍କ କହିବା କଥା, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିଯୁକ୍ତି ସମ୍ବନ୍ଧୀୟ ଆଇନ୍‌କୁ କରାଯାଇଥିବା ସଂଶୋଧନରେ ତ୍ରୁଟି ରହିଛି। ସଂଶୋଧିତ ନିୟମରେ ଅନ୍ୟ ସମସ୍ତ ନିଯୁକ୍ତି ▶ପୃଷ୍ଠା-୭




ସକାଳ THE SAKALA
www.sakalaepaper.com

## ପୂର୍ବତନ ଆଇଜିଙ୍କ ଆତ୍ମହତ୍ୟା ଉଦ୍ୟମ

ପଟିଆଲା, ୨୨।୧୨(ଏଜେନ୍ସି): ପଞ୍ଜାବର ପଟିଆଲାରେ ପୂର୍ବତନ ଇନିସପେକ୍ଟର ଜେନେରାଲ ଅଫ୍ ପୁଲିସ (ଆଇଜି) ଅମର ସିଂହ ଚହଲ ନିଜକୁ ଗୁଳି କରି ଆତ୍ମହତ୍ୟା ପ୍ରୟାସ କରିଛନ୍ତି। ସେ ସୁରକ୍ଷାକର୍ମୀଙ୍କ ରିଭଲଭରରୁ ନିଜ ପେଟକୁ ଗୁଳି କରିଥିଲେ। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଘଟଣାସ୍ଥଳରୁ ୧୨ ପୃଷ୍ଠାର ସୁଇସାଇଡ୍ ନୋଟ୍ ମିଳିଛି। ଏଥିରେ ସେ ଅନ୍‌ଲାଇନ ଠକେଇରେ ୮.୧୦ କୋଟି ଟଙ୍କା ହରାଇଥିବା ଉଲ୍ଲେଖ କରିଛନ୍ତି। ସେ ସମ୍ପର୍କୀୟଙ୍କଠାରୁ ୭.୫ କୋଟି ଟଙ୍କାର ଋଣ ମଧ୍ୟ ନେଇଥିଲେ। ସୁଇସାଇଡ ନୋଟରେ ସେ ପଞ୍ଜାବ ଡିଜିପି ଗୌରବ ଯାଦବଙ୍କ ନାମ ଲେଖିଛନ୍ତି। ଆଇଜି ପଦରୁ ଅବସର ନେବା ପରେ ସେ ପଟିଆଲାରେ ରହୁଥିଲେ। ୨୦୧୫ରେ ଫରିଦକୋଟରେ ବହବଲ କଲାଁ ଓ କୋଟୋକପୁରା ଗୁଳିକାଣ୍ଡ ମାମଲାରେ ସେ ଅଭିଯୁକ୍ତ ଥିଲେ। ଏହି ଗୁଳିକାଣ୍ଡରେ ୨ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଋଣ ପରିଶୋଧ ଏବଂ ଏହାକୁ ନେଇ ସେ ଚିନ୍ତାରେ ଥିଲେ।

## ଦଳ ଗଠନ କଲେ ହୁମାୟୁନ କବୀର

ମୁର୍ସିଦାବାଦ୍, ୨୨।୧୨(ଏଜେନ୍ସି): ପଶ୍ଚିମବଙ୍ଗରେ ବାବ୍ରୀ ମସ୍‌ଜିଦର ନିଅଁ ରଖି ଟିଏମ୍‌ସିରୁ ବହିଷ୍କୃତ ଭରତପୁର ବିଧାୟକ ହୁମାୟୁନ କବୀର ନୂଆ ଦଳ ଗଠନ କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ମମତାଙ୍କୁ ମୁର୍ଶିଦାବାଦ୍‌ରେ ଗୋଟିଏ ହେଲେ ବି ଆସନ ଜିତିବାକୁ ଦେବିନି ବୋଲି ସେ କହିଛନ୍ତି। କବୀର ନିଜ ଦଳର ନାମ 'ଜନତା ଉନ୍ନୟନ ପାର୍ଟି' ରଖିଛନ୍ତି। ବେଲଡାଙ୍ଗାରେ ଆୟୋଜିତ ରାଲିରେ ସେ ରାଜ୍ୟର ସବୁ ୨୯୪ଟି ଆସନରେ ପ୍ରାର୍ଥୀ ଦେବେ ବୋଲି କହିଛନ୍ତି। କିନ୍ତୁ ମୁସଲିମ ବହୁଳ ଆସନ ତାଙ୍କ ନଜରରେ ରହିବ। ସେ ନିଜେ ବେଲଡାଙ୍ଗା ଓ ରେଜି ନଗର ଆସନରେ ଲଢିବେ। ସେ ଅନ୍ୟ ପ୍ରାର୍ଥୀଙ୍କ ନାମ ମଧ୍ୟ ଘୋଷଣା କରିଛନ୍ତି।

## ମୁନୀରଙ୍କୁ ସମ୍ମାନିତ କଲା ସାଉଦି ଆରବ

ରିୟାଦ, ୨୨।୧୨(ଏଜେନ୍ସି): ପାକିସ୍ତାନର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ତଥା ଫିଲ୍ଡ ମାର୍ଶାଲ ଅସିମ ମୁନୀରଙ୍କୁ ସାଉଦି ଆରବ ସମ୍ମାନିତ କରିଛି। ସାଉଦି ଆରବ ଗସ୍ତରେ ଯାଇଥିବା ମୁନୀରଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'କିଙ୍ଗ ଅବଦୁଲାଜିଜ ମେଡାଲ ଅଫ୍ ଏକ୍ସିଲେନ୍ସ' ପ୍ରଦାନ କରାଯାଇଛି। ପାକିସ୍ତାନ ସେନା ଏହି ସୂଚନା ଦେଇଛି। ମୁନୀରଙ୍କ ପେସାଦାର ମନୋବୃତ୍ତି ଓ ରଣନୈତିକ ଦୃଷ୍ଟିକୋଣକୁ ସାଉଦି ଆରବ ନେତୃତ୍ୱ ପ୍ରଶଂସା କରିଛନ୍ତି। ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ଦୀର୍ଘକାଳୀନ ଓ ଘନିଷ୍ଠ ସମ୍ପର୍କକୁ ଦୃଢ଼ କରିବାରେ ମୁନୀରଙ୍କ ଭୂମିକାକୁ ସାଉଦି ପ୍ରଶଂସା କରିଛି। ମୁନୀର ମଧ୍ୟ ଏଥିପାଇଁ ସାଉଦି ରାଜା ସଲମାନ ଓ ସାଉଦି ନେତୃତ୍ୱକୁ କୃତଜ୍ଞତା ଜଣାଇଛନ୍ତି। ଏହି ଗସ୍ତରେ ମୁନୀର ସାଉଦି ଆରବ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭେଟିଥିଲେ। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ଆଞ୍ଚଳିକ ସୁରକ୍ଷା, ସାମରିକ ସହଯୋଗ, ରଣନୈତିକ ସହଯୋଗ ଓ ଭୂରାଜନୈତିକ ଚ୍ୟାଲେଞ୍ଜ ସମେତ ପାରସ୍ପରିକ ସ୍ୱାର୍ଥ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

## ୨ ପ୍ରେମିକଙ୍କ ସହ ମିଶି ବ୍ୟବସାୟୀ ସ୍ୱାମୀଙ୍କୁ ହତ୍ୟା

ସମ୍ଭଲ, ୨୨।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ସମ୍ଭଲ ଅନ୍ତର୍ଗତ ରଜପୁରାର କସ୍‌ବା ଗ୍ରାମର ପିଶାଚୀ ସ୍ତ୍ରୀ ରୁବି ଦୁଇ ପ୍ରେମିକଙ୍କ ସହ ମିଶି ଜୋତା ବ୍ୟବସାୟୀ ସ୍ୱାମୀ ରାହୁଲଙ୍କୁ ହତ୍ୟା କରିଛି। ତିନି ହତ୍ୟାକାରୀ ପ୍ରଥମେ ଲୁହା ଛଡ଼, ହାତୁଡ଼ାରେ ବ୍ୟବସାୟୀଙ୍କ ମୁଣ୍ଡକୁ ମାରି ଥିଲେ। ମୃତ୍ୟୁ ପରେ କଟରରେ ମୃତଦେହକୁ ଖଣ୍ଡ ଖଣ୍ଡ କରିଥିଲେ। ଗଣ୍ଡି ଏବଂ କଟା ଯାଇଥିବା ହାତକୁ ୮୦୦ ମିଟର ଦୂର ନାଳରେ ଏବଂ ମୁଣ୍ଡକୁ ଗଙ୍ଗାନଦୀର ରମାଘାଟରେ ଭସେଇ ଦେଇଥିଲେ। ଏହାର ୬ ଦିନ ପରେ ନିଜକୁ ବଞ୍ଚାଇବା ପାଇଁ ପତ୍ନୀ ଥାନାରେ ଅଭିଯୋଗ କରି ଫସି ଯାଇଥିଲା। ୨୭ ଦିନ ପରେ ପୁଲିସ ନାଳରୁ ଗଳିତ ଶବଖଣ୍ଡ ଉଦ୍ଧାର କରିଥିଲା। ଏହାର ୫ ଦିନ ପରେ କଟା ହାତରେ ଥିବା ଟାଟୁ ଦେଖି ମୃତକଙ୍କୁ ଚିହ୍ନଟ କରାଯାଇଥିଲା। ଜେରା ସମୟରେ ପତ୍ନୀଙ୍କ ଉପରେ ସନ୍ଦେହ ହୋଇଥିଲା। ଘରେ ଯାଞ୍ଚ କରିବାରୁ ହତ୍ୟା ଗୁମର ଖୋଲି ଯାଇଥିଲା। ପଡୋଶୀଙ୍କଠାରୁ ପୁଲିସ ମହିଳାଙ୍କ ପରକୀୟାପ୍ରୀତି ବିଷୟରେ ଜାଣିବାକୁ ପାଇଥିଲା। ଶେଷରେ ପୁଲିସ ପତ୍ନୀ ରବି ଏବଂ ତାର ପ୍ରେମିକ ଗୌରବକୁ ଜେଲ୍ ପଠାଇ ଦେଇଛି। ଅନ୍ୟ ଜଣେ ପ୍ରେମିକକୁ ପୁଲିସ ଅଟକ ରଖିଛି। ୧୫ ବର୍ଷ ତଳେ ରାହୁଲ ଏବଂ ରୁବିଙ୍କ ବିବାହ ହୋଇଥିଲା। ଉଭୟଙ୍କ ୧୨ ବର୍ଷର ପୁଅ ଏବଂ ୧୦ ବର୍ଷର ଝିଅ ଅଛି। ନଭେମ୍ବର ୧୮ ତାରିଖରେ ପ୍ରେମିକଙ୍କ ସହ ମିଶି ରୁବି ସ୍ୱାମୀକୁ ମାରିଥିଲା।

# ଦେଶରେ ଚାଲିଛି ୫,୧୪୯ଟି ଭୂତ ସ୍କୁଲ

- ସ୍କୁଲରେ ନିଯୁକ୍ତି ପାଇଛନ୍ତି ୧.୪୪ ଲକ୍ଷ ଶିକ୍ଷକ
- ୬୫୦୫୪ ବିଦ୍ୟାଳୟରେ ୧୦ରୁ କମ୍ ଛାତ୍ରଛାତ୍ରୀ



ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି): ଭାରତରେ ସରକାରୀ ଶିକ୍ଷା ବ୍ୟବସ୍ଥା କ୍ରମାଗତ ଭାବେ ଭୁଶୁଡ଼ିବାରେ ଲାଗିଛି। ଘରୋଇ ବିଦ୍ୟାଳୟ ବୋଝ ବଢ଼ାଉଥିବାବେଳେ ସରକାରୀ ବିଦ୍ୟାଳୟ ପ୍ରତି ଅଭିଭାବକ ଏବଂ ପିଲାଙ୍କ ଆଭିମୁଖ୍ୟ ବଦଳିବା ପରିବର୍ତ୍ତେ ଦିନକୁ ଦିନ ତଳକୁ ତଳକୁ ଯାଉଛି। ଏଥିଯୋଗୁଁ ଭାରତରେ ଭୂତ ସ୍କୁଲ ସଂଖ୍ୟା ବଢ଼ିବାରେ ଲାଗିଛି। ଅନେକ ବିଦ୍ୟାଳୟରେ କୋଠା ଖାଲି ପଡ଼ିଛି, ସାଇନ ବୋର୍ଡ ଲାଗିଛି, ପାଣି ଆସୁଛି, ଶିକ୍ଷକ ନିଯୁକ୍ତି ହୋଇଛନ୍ତି, ମାତ୍ର ପଢ଼ିବାକୁ ଛାତ୍ରଛାତ୍ରୀ ନାହାନ୍ତି। କେବଳ କାଗଜ କଲମରେ ଏହି ସ୍କୁଲ୍ ଗୁଡ଼ିକ ଚାଲିଛି। ଶହେ କି ହଜାରେ ନୁହେଁ, ଭାରତର ୫,୧୪୯ ସରକାରୀ ବିଦ୍ୟାଳୟରେ ଏଭଳି ସ୍ଥିତି ରହିଛି। ଏହି ସବୁ ସ୍କୁଲ୍‌ରେ ଜଣେ ହେଲେ ବି ଛାତ୍ରଛାତ୍ରୀ ନାହାନ୍ତି। ସଂସଦରେ ସରକାର ଦେଇଥିବା ୨୦୨୪-୨୫ ଶିକ୍ଷାବର୍ଷର ତଥ୍ୟରୁ ଏହି ଭୟାନକ ସୂଚନା ସାମ୍ନାକୁ ଆସିଛି। ଏହା ସରକାରୀ ଶିକ୍ଷା ପ୍ରତି ଲୋକଙ୍କ ଭରସା ଏବଂ ଶିକ୍ଷାର ବିକଳ ଚିତ୍ରକୁ ଦର୍ଶାଉଛି।

ଏବେ ଭାରତରେ ୧୦.୧୩ ଲକ୍ଷ ସରକାରୀ ବିଦ୍ୟାଳୟ ରହିଛି। କିନ୍ତୁ ଏହି ଭୂତ ବିଦ୍ୟାଳୟ ସତର୍କ ସୂଚନା ଦେଉଛି। ସଂସଦରେ ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, ଛାତ୍ରଛାତ୍ରୀ ନ ଥିବା ବିଦ୍ୟାଳୟ ମଧ୍ୟରେ କେବଳ ତେଲଙ୍ଗାନା ଏବଂ ପଶ୍ଚିମବଙ୍ଗରେ ୭୦ ପ୍ରତିଶତ ରହିଛି। ଶିଶୁ, ଶ୍ରେଣୀଗୃହ ଏବଂ ବ୍ୟବସ୍ଥାକୁ ନେଇ ଖରାପ ଚିନ୍ତାଧାରା ଥିବା ଅଞ୍ଚଳରେ ଏଭଳି ସ୍କୁଲ୍ ଅଧିକ ରହିଛି। ତଥ୍ୟ ଅନୁଯାୟୀ, ୫,୧୪୯ ବିଦ୍ୟାଳୟରେ କୌଣସି ଛାତ୍ରଛାତ୍ରୀ ନ ଥିବାବେଳେ ୬୫,୦୫୪ଟିରେ ୧୦ରୁ କମ୍ ପିଲା ଅଛନ୍ତି। ଏଭଳି ସ୍କୁଲ୍ ସଂଖ୍ୟା ୨୦୨୨-୨୩ରେ ୫୨,୩୦୯ ରହିଥିଲା। ମାତ୍ର ୨୦୨୪-୨୫ରେ ଏହା ୨୪ ପ୍ରତିଶତ ବୃଦ୍ଧି ପାଇଛି। କୌଣସି ଛାତ୍ରଛାତ୍ରୀ ନ ଥିବା ତଥା ଶୂନ ସଂଖ୍ୟା ହୋଇ ଆସୁଥିବା ବିଦ୍ୟାଳୟରେ ୧.୪୪ ଲକ୍ଷ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଏହା ପ୍ରଶାସନିକ ବିଫଳତାକୁ ଦେଖାଉଛି। ଯୋଜନା, ପରିଚାଳନା, ଶିକ୍ଷାର ମାନ ହ୍ରାସ ପାଉଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। କିଛି ସ୍ଥାନରେ ସ୍କୁଲ୍ ଥିବାବେଳେ ପିଲା ଆସୁନାହାନ୍ତି। ଆଉ କିଛି ସ୍ଥାନରେ ଛାତ୍ରଛାତ୍ରୀ ଅଛନ୍ତି, ମାତ୍ର ସ୍କୁଲ୍ କୋଠା ନାହିଁ କିମ୍ବା ଦୁର୍ବଳ ରହିଛି। ଛାତ୍ରଛାତ୍ରୀ ନ ଥିବା ୫,୧୪୯ ବିଦ୍ୟାଳୟ ମଧ୍ୟରୁ ପଶ୍ଚିମବଙ୍ଗରେ ୩,୬୦୦ଟି ଏବଂ ତେଲଙ୍ଗାନାରେ ୩,୭୦୦ଟି ରହିଛି। ତେଲଙ୍ଗାନାର ୧୦୦ ଜିଲ୍ଲାର ପ୍ରାୟ ୧୦ ସ୍କୁଲ୍‌ରେ କୌଣସି ପିଲା ନାହାନ୍ତି। ରାଜ୍ୟର ସବୁ ୩୩ ଜିଲ୍ଲା ଏବଂ ପଶ୍ଚିମବଙ୍ଗର ୨୨ ଜିଲ୍ଲାରେ ଏଭଳି ସ୍ଥିତି ରହିଛି। ପଶ୍ଚିମବଙ୍ଗର ୬.୭୦୩ ସ୍କୁଲରେ ୧୦ କିମ୍ବା କୌଣସି ଛାତ୍ରଛାତ୍ରୀ ନାହାନ୍ତି। ଏ ସବୁରେ ୨୭, ୩୪୮ ଶିକ୍ଷକ ଅଛନ୍ତି। ଉତ୍ତର ପ୍ରଦେଶରେ ଶୂନ କିମ୍ବା ୧୦ରୁ କମ୍ ଛାତ୍ରଛାତ୍ରୀ ଥିବା ସ୍କୁଲ୍‌ରେ ୨୨,୧୬୬ ଶିକ୍ଷକ ଅଛନ୍ତି। ମହାରାଷ୍ଟ୍ର ଏଭଳି ସ୍କୁଲ୍ ସଂଖ୍ୟା ୬,୫୫୨ (୧୧,୦୫୬ ଶିକ୍ଷକ), ରାଜସ୍ଥାନରେ ୫,୨୩୫ ( ୧୧, ୬୨୦ ଶିକ୍ଷକ), ତେଲଙ୍ଗାନାରେ ୫,୦୨୧ (୪,୮୫୦ ଶିକ୍ଷକ), କେରଳରେ ୨୨୮, ଗୋଆରେ ୧୧୦, ଦିଲ୍ଲୀରେ ୧୧, ସିକିମରେ ୧୩୧ ଏବଂ ପଞ୍ଜାବରେ ୩୬୨ ବିଦ୍ୟାଳୟ ରହିଛି।

# ବାଂଲାଦେଶରେ ବ୍ୟାପୁଛି ଅରାଜକତା

- ଆଉ ଜଣେ ହସିନା ବିରୋଧୀ ନେତାଙ୍କୁ ଆକ୍ରମଣ
- ଘରେ ପଶି ମୁଣ୍ଡକୁ ମାରିଲେ ଗୁଳି, ସ୍ଥିତି ଗମ୍ଭୀର



ଢାକା, ୨୨।୧୨(ଏଜେନ୍ସି): ନିର୍ବାଚନ ଏଡ଼ାଇବା ପାଇଁ ଯୋଜନାବଦ୍ଧ ଭାବେ ଆରମ୍ଭ କରାଯାଇଥିବା ବାଂଲାଦେଶ ହିଂସା ଥମିବାର ନା ଧରୁନି। ଏହା ଉଗ୍ର ରୂପ ଧାରଣ କରି ଦେଶରେ ଅରାଜକତା ସୃଷ୍ଟି କରିଛି। ଆଇନଶୃଙ୍ଖଳା ଭୁଶୁଡ଼ି ଯାଇଛି। ଖୋଲାଖୋଲି ଭାବେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଆକ୍ରମଣ ହେଉଛି। ଜାଣିଶୁଣି ଦେଶରେ ହିଂସା କରାଯାଉଛି। ଏହି କ୍ରମରେ ଉସ୍‌ମାନ ହାଦିଙ୍କ ପରେ ବାଂଲାଦେଶରେ ଆଉ ଜଣେ ଶେଖ ହସିନା ବିରୋଧୀ ନେତାଙ୍କ ଉପରେ ଆକ୍ରମଣ କରାଯାଇଛି। ବାଂଲାଦେଶ ଗଣମାଧ୍ୟମ ପ୍ରକାଶିତ କରିଥିବା ରିପୋର୍ଟ ଅନୁସାରେ ଖୁଲନାରେ ସୋମବାର ଦ୍ୱିପହର ୧୨ଟାରେ ନ୍ୟାସନାଲ ସିଟିଜେନ ପାର୍ଟି (ଏନ୍‌ସିପି) ତଥା ଶ୍ରମିକ ଶକ୍ତିର ଆୟୋଜକ ମୋତାଲେବ ସିକଦେରଙ୍କୁ ତାଙ୍କ ଘରେ ପଶି ମୁଣ୍ଡକୁ ଗୁଳି କରାଯାଇଛି। ସେ ଗୁରୁତର ଭାବେ ଆହତ ହୋଇ ତଳେ ପଡ଼ିଯାଇଥିଲେ। ଆଖାପାଖରେ ଥିବା ଲୋକ ତାଙ୍କୁ ଉଠାଇ କୁଲନା ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଗୁଳି ତାଙ୍କ କାନ ଦେଇ ବାହାରି ଯାଇଛି ବୋଲି କୁହାଯାଇଥିଲା। କିନ୍ତୁ ସୌଭାଗ୍ୟବଶତଃ ଗୁଳି ତାଙ୍କ ମସ୍ତିଷ୍କ ପାଖରେ ପହଞ୍ଚି ନ ଥିଲା। ଫଳରେ ତାଙ୍କର ଜୀବନ ବଞ୍ଚିଯାଇଛି ବୋଲି ପୁଲିସ ଅଧିକାରୀ ଅନିମେଶ ମଣ୍ଡଳ କହିଛନ୍ତି। ମୋତାଲେବ ଶିକଦାର ଏନ୍‌ସିପି ଖୁଲନା ବିଭାଗର ମୁଖ୍ୟ ଓ ଦଳ ସହ ଜଡିତ ଏକ ଶ୍ରମିକ ସଂଗଠନ ଏନ୍‌ସିପି ଶ୍ରମିକ ଶକ୍ତିର ଜଣେ ପ୍ରମୁଖ ସଂଗଠକ। ତାଙ୍କ ଉପରେ ହୋଇଥିବା ଏହି ଆକ୍ରମଣ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ଖୁଲନାରେ ଏନ୍‌ସିପିର ଏକ ଶ୍ରମିକ ରାଲି ଆୟୋଜନ ହେବାକୁ ଯାଉଥିଲା ଓ ଶିକଦାର ଏଥିରେ କାର୍ଯ୍ୟ କରୁଥିଲେ। ଆକ୍ରମଣର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁ ଦାସଙ୍କୁ ହତ୍ୟା କରାଯିବା ପରେ ଢାକାରେ ହିନ୍ଦୁ ସଂଗଠନ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ପ୍ରେସ୍ କ୍ଲବ ସାମ୍ନାରେ ବିକ୍ଷୋଭ କରିଛନ୍ତି। ଧାର୍ମିକ ପରିଚୟ ପାଇଁ ହିନ୍ଦୁଙ୍କୁ ଅତ୍ୟାଚାର କରାଯାଉଛି। ରକ୍ଷାସୂତ୍ର ବାନ୍ଧିଥିବା ହିନ୍ଦୁଙ୍କୁ ବାଂଲାଦେଶରେ ବିଦେଶୀ ଏଜେଣ୍ଟ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ସଂଖ୍ୟାଲଘୁ ଭୟରେ ବଞ୍ଚୁଛନ୍ତି। ଚଳିତବର୍ଷ ଜାନୁଆରୀରୁ ଏପର୍ଯ୍ୟନ୍ତ ୫୦ରୁ ଅଧିକ ଅଣ-ମୁସଲମାନଙ୍କୁ ହତ୍ୟା କରାଯାଇଛି। ବହୁ ଲୋକଙ୍କ ବିରୋଧରେ ମିଥ୍ୟା ଈଶନିନ୍ଦା ମାମଲା ରୁଜୁ ହୋଇଛି। କେବଳ ଚଳିତ ମାସରେ ୫ ଜଣ ହିନ୍ଦୁଙ୍କୁ ହତ୍ୟା କରାଗଲାଣି।

## ୧୭ ବର୍ଷ ପରେ ଫେରିବେ ଖାଲିଦା ଜିଆଙ୍କ ପୁଅ

ଢ଼ାକା, ୨୨।୧୨(ଏଜେନ୍ସି): ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ବେଗମ ଖାଲିଦା ଜିଆଙ୍କ ପୁଅ ତଥା ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିକ ରହମାନ ଦୀର୍ଘ ୧୭ ବର୍ଷ ପରେ ଆତ୍ମନିର୍ବାସନ ଶେଷ କରି ବାଂଲାଦେଶ ପ୍ରତ୍ୟାବର୍ତ୍ତନ କରିବେ। ଡିସେମ୍ବର ୨୫ରେ ସେ ରାଜଧାନୀ ଢାକା ଫେରିବେ ବୋଲି ବିଏନ୍‌ପି ତରଫରୁ କୁହାଯାଇଛି। ସେ ଗତ ୧୭ ବର୍ଷ ହେବ ଲଣ୍ଡନରେ ରହୁଥିଲେ। ଆଗାମୀ ଫେବୃଆରୀରେ ବାଂଲାଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ୬୦ ବର୍ଷୀୟ ତାରିକଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ଚର୍ଚ୍ଚା ଓ ଆକଳନ ଆରମ୍ଭ ହୋଇଛି। ଖାଲିଦା ଏବେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ଓ ତାଙ୍କ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଛି।

# ପୁଣି ଡରାଇଲା ଏୟାର ଇଣ୍ଡିଆ

## ମଝି ଆକାଶରେ ବନ୍ଦ ହୋଇଗଲା ବିମାନ ଇଞ୍ଜିନ




ନୂଆଦିଲ୍ଲୀ, ୨୨।୧୨(ଏଜେନ୍ସି): ଦିଲ୍ଲୀରୁ ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆର ବିମାନକୁ ମାତ୍ର ୪୦ ମିନିଟ୍ ମଧ୍ୟରେ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ବୋଇଂ ୭୭୭-୩୦୦ଇଆର ଏଆଇ୮୮୭ ବିମାନ ଉଡ଼ାଣ ଭରିବା ପରେ ଏହାର ଡାହାଣ ପଟ ଇଞ୍ଜିନ ବନ୍ଦ ହୋଇଯାଇଥିଲା। ଏଥିରେ ତୈଳ ଚାପ ଶୂନ୍ୟକୁ ଖସି ଯାଇଥିଲା। ଫଳରେ ବିମାନକୁ ପୁଣି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିଥିଲା। ବିମାନ ସୋମବାର ସକାଳ ୬.୧୦ରେ ଏଆଇ ୮୮୭ ଭାବେ ମୁମ୍ବାଇ ଅଭିମୁଖେ ଯାତ୍ରା କରିଥିଲା। କିନ୍ତୁ ଏହା ସକାଳ ୬.୫୨ରେ ଫେରି ଆସିଥିଲା। ଗୋଟିଏ ଇଞ୍ଜିନ ଖରାପ ହୋଇଥିଲେ ମଧ୍ୟ ଦ୍ୱିତୀୟ ଇଞ୍ଜିନ ସହାୟତାରେ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିଲା। ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟରାଡାର୨୪ଡଟ୍ କମ୍ ଅନୁଯାୟୀ, ଉଡାଣ ଆରମ୍ଭ କରିବା ପରେ ବିମାନଟି ଏକ ଘଣ୍ଟା ପର୍ଯ୍ୟନ୍ତ ଆକାଶରେ ରହିଥିଲା। ଏଥିରେ ୩୩୫ ଜଣ ଯାତ୍ରୀ ଥିଲେ। ସମସ୍ତଙ୍କୁ ଏବେ ମୁମ୍ବାଇ ପଠାଯିବା ନେଇ ବ୍ୟବସ୍ଥା କରାଯାଉଛି। ଏହି ଘଟଣା ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏୟାର ଇଣ୍ଡିଆଠାରୁ ରିପୋର୍ଟ ମାଗିଛି। ଏଥିସହ ମନ୍ତ୍ରଣାଳୟ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) କୁ ଏହି ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି। ଅଏଲ ପ୍ରେସର ଜିରୋ ହେବା ନିଶ୍ଚିତ ଭାବେ ଗମ୍ଭୀର ବିଷୟ। କିନ୍ତୁ ବିମାନ ତୁରନ୍ତ ଦୁର୍ଘଟଣା ସମ୍ମୁଖୀନ ହେବ ବୋଲି ଆଶଙ୍କା କରିବା ଭୁଲ ବୋଲି କୁହାଯାଇଛି। ଦ୍ୱିତୀୟ ଇଞ୍ଜିନ ସହାୟତାରେ ବିମାନକୁ ନିକଟସ୍ଥ ବିମାନ ବନ୍ଦରରେ ଓହ୍ଲାଯାଇପାରିବ।

## ପ୍ରେମ ପାଇଁ ପ୍ରେମିକ ହାତରେ ପିତାଙ୍କୁ ମାରିଲା ଝିଅ

ଭଦୋଦାରା, ୨୨।୧୨(ଏଜେନ୍ସି): ଗୁଜରାଟରେ ଜଣେ ଝିଅ ତା'ର ପିତାଙ୍କୁ ନିଶା ଦେଇ ପ୍ରେମିକ ଦ୍ୱାରା ହତ୍ୟା କରିବାର ଘଟଣା ସାମ୍ନାକୁ ଆସିଛି। କେବଳ ସେତିକି ନୁହେଁ, ସେ ପିତାଙ୍କର ହତ୍ୟାକୁ ନିଜ ଆଖିରେ ମଧ୍ୟ ଦେଖିଥିଲା। ଗତ ସପ୍ତାହରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା। ପୁଲିସ ଏହି ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଓ ସମ୍ପୃକ୍ତ ୧୭ ବର୍ଷୀୟ ଝିଅକୁ ଶିଶୁ ସୁରକ୍ଷା ଗୃହକୁ ପଠାଇ ଦେଇଛି। ଝିଅ ହିଁ ଯୋଜନାବଦ୍ଧ ଭାବେ ଏହି ହତ୍ୟାକାଣ୍ଡ ଘଟାଇଥିଲା। ମୃତ ବ୍ୟକ୍ତି ହେଉଛନ୍ତି ଶାନା ଚଭଡା। ନିଜ ଝିଅ ଓ ତା'ର ୨୪ ବର୍ଷୀୟ ପ୍ରେମିକ ରଞ୍ଜିତ ଗଜେନ୍ଦ୍ରଭାଇ ବାଘେଲାଙ୍କ ସମ୍ପର୍କକୁ ସେ ବିରୋଧ କରୁଥିଲା। ଗତ ଜୁଲାଇରେ ଦୁହେଁ ପଳାଯାଇଥିଲେ। ଝିଅର ବାପା ଏତଲା ଦେବାରୁ ରଞ୍ଜିତକୁ ଗିରଫ କରାଯାଇଥିଲା। କିନ୍ତୁ ଅଗଷ୍ଟରେ ରଞ୍ଜିତ ଜାମିନ ପାଇ ବାହାରକୁ ଆସିଥିଲା। ଏହାପରେ ଝିଅ ଓ ରଞ୍ଜିତ ଶାନାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ।

## ୟୁକ୍ରେନ ସେନା ଦ୍ୱାରା ବନ୍ଦୀ ଗୁଜରାଟ ଛାତ୍ର ପଠାଇଲେ ଭିଡିଓ

ଅହମ୍ମଦାବାଦ, ୨୨।୧୨(ଏଜେନ୍ସି): ୟୁକ୍ରେନ ସେନା ଦ୍ୱାରା ବନ୍ଦୀ ହୋଇଥିବା ଗୁଜରାଟର ଜଣେ ଛାତ୍ର ସାହିଲ ମହମ୍ମଦ ହୁସେନ ଭିଡିଓ ମେସେଜ ପଠାଇଛନ୍ତି। ଏଥିରେ ସେ ଭାରତୀୟ ଯୁବକଙ୍କୁ କୌଣସି ପ୍ରକାର ପରିସ୍ଥିତିରେ ରୁଷ ସେନାରେ ସାମିଲ ନ ହେବାକୁ ନିବେଦନ କରିଛନ୍ତି। ଏହି ଭିଡିଓ ସୋମବାର ସାମ୍ନାକୁ ଆସିଛି। ରୁଷ୍‌ରେ ଏକ ମିଥ୍ୟା ଡ୍ରଗ୍ସ ମାମଲାରେ ତାଙ୍କୁ ଫସାଇବା ସହ ବ୍ଲାକ୍‌ମେଲ କରାଯାଇଥିଲା। ଏଥିସହ ତାଙ୍କୁ ଜୋର ଜବରଦସ୍ତି ରୁଷିଆ ସେନାବାହିନୀରେ ସାମିଲ ହେବାକୁ ବାଧ୍ୟ କରାଯାଇଥିଲା ବୋଲି ସେ ଭିଡିଓରେ କହିଛନ୍ତି। ହୁସେନଙ୍କୁ ଏବେ ୟୁକ୍ରେନର କେଉଁଠାରେ ରଖାଯାଇଛି ସେ ନେଇ କୌଣସି ସୂଚନା ମିଳିନାହିଁ। ୟୁକ୍ରେନ ସୁରକ୍ଷା ବାହିନୀ ଏହି ଭିଡିଓ ଗୁଜରାଟରେ ଥିବା ହୁସେନଙ୍କ ମା'ଙ୍କ ନିକଟକୁ ପଠାଇଛି। ପୁଅକୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ହୁସେନଙ୍କ ମା ଦିଲ୍ଲୀର ଏକ କୋର୍ଟରେ ଆବେଦନ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀରେ ହେବ।


## କାର୍ ବୋମା ବିସ୍ଫୋରଣରେ ରୁଷ ଜେନେରାଲ ମୃତ

ମସ୍କୋ, ୨୨।୧୨(ଏଜେନ୍ସି): ରୁଷ୍ ରାଜଧାନୀ ମସ୍କୋରେ ଏକ କାର୍ ବୋମା ବିସ୍ଫୋରଣରେ ସେନାର ଜଣେ ଜେନେରାଲ ମୃତ୍ୟୁବରଣ କରିଛନ୍ତି। ରୁଷର ଯାଞ୍ଚ୍ ଏଜେନ୍ସି ସୋମବାର ଏକ ବିବୃତ୍ତିରେ ଏହି ସୂଚନା ଦେଇଛି। ରୁଷିଆ ସେନାର ଅପରେସନାଲ ଟ୍ରେନିଂ ଡିପାର୍ଟମେଣ୍ଟର ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ପାନିଲ ସର୍ବାରେଭ କାର୍ ଯୋଗେ ଯିବାକୁ ପ୍ରସ୍ତୁତ ହେଉଥିବା ବେଳେ ଏହି ବିସ୍ଫୋରଣ ଘଟିଥିଲା। ତାଙ୍କ କାର୍ ତଳେ ରଖାଯାଇଥିବା ବିସ୍ଫୋରକକୁ ବିସ୍ଫୋରଣ କରି କାର୍‌କୁ ଉଡାଇ ଦିଆଯାଇଥିଲା। ସକାଳ ୭ଟାରେ ମସ୍କୋର ୟାସେନେଭା ଷ୍ଟ୍ରିଟ୍‌ରେ ଏକ ପାର୍କିଂ ସ୍ଥାନରେ ଏହି ବିସ୍ଫୋରଣ ହୋଇଥିଲା। ସେତେବେଳେ ଡ୍ରାଇଭର ମଧ୍ୟ କାର୍ ଭିତରେ ଥିଲେ। ଏହି ଘଟଣାରେ ଜଣେ ସାମରିକ ଅଧିକାରୀଙ୍କ ହତ୍ୟା ନେଇ ଆପରାଧିକ ମାମଲା ରୁଜୁ କରାଯାଇଛି। ରୁଷିଆର ଯାଞ୍ଚ୍ ଏଜେନ୍ସି ଏହି ଘଟଣାର ତଦନ୍ତ କରୁଛି। ଏଥିରେ ୟୁକ୍ରେନ ସମ୍ପୃକ୍ତିର ଦୃଷ୍ଟିକୋଣକୁ ନେଇ ମଧ୍ୟ ଯାଞ୍ଚ୍ କରାଯାଉଛି। ଏହି ବିସ୍ଫୋରଣ ନେଇ କେହି ଏପର୍ଯ୍ୟନ୍ତ ନିଜକୁ ଦାୟୀ କରିନାହାନ୍ତି। ଏହାକୁ ୟୁକ୍ରେନର ଗୁପ୍ତଚର ସଂସ୍ଥା କରିଥାଇ ପାରେ ବୋଲି ଆଶଙ୍କା କରାଯାଉଛି।

**କାନ୍ଦୁଛି ଆରାବଳୀ**

# ୮ ହଜାର ସ୍ଥାନରେ ଖଣି ଖନନ ଅନୁମତି

- ତେଜୁଛି ଆନ୍ଦୋଳନ, ରାଜସ୍ଥାନରେ ପୁଲିସର ଲାଠିଚାର୍ଜ
- ଅନେକ ସହରରେ ପୁଲିସ-ଆନ୍ଦୋଳନକାରୀ ମୁହାଁମୁହିଁ
- ୯୦% ଜଙ୍ଗଲକୁ ସଂରକ୍ଷିତ ରଖାଯିବ: କେନ୍ଦ୍ର



ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି): ଉତ୍ତର-ପଶ୍ଚିମ ଭାରତର ପର୍ବତମାଳା ଆରାବଳୀ ଏବେ କାନ୍ଦୁଛି। ମରୁଭୂମି, ଲୁ ଏବଂ ଧୂଳି ଝଡ଼କୁ ଧାରଣ କରି ଦିଲ୍ଲୀ, ହରିୟାଣା, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶକୁ ସୁରକ୍ଷା ଦେଉଥିବା ଏବଂ ରାଜସ୍ଥାନର ଉର୍ବର କ୍ଷେତ ପାଇଁ ସୁରକ୍ଷା ପ୍ରାଚୀର ହୋଇ ରହିଥିବା ଆରାବଳୀ ଏବେ ବିପଦରେ। ଭୂତଳ ଜଳ ସଂରକ୍ଷଣ ସହିତ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କୁ ଆଶ୍ରୟ ଦେଇ ଲୋକଙ୍କୁ ସ୍ୱଚ୍ଛ ବାୟୁ ପ୍ରଦାନ କରୁଥିବା ଆରାବଳୀର ଭବିଷ୍ୟତକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୁଜରାଟ ଦେଇ ରାଜସ୍ଥାନ ଏବଂ ହରିୟାଣାରୁ ଦିଲ୍ଲୀ ୬୯୦ କିମି ପର୍ଯ୍ୟନ୍ତ ବ୍ୟାପିଥିବା ଏହି ପୁରାତନ ପର୍ବତମାଳା ଖଣି ଖନନ ପାଇଁ ସଙ୍କଟରେ ପଡ଼ିଛି। ସୁପ୍ରିମକୋର୍ଟ ଦେଇଥିବା ରାୟ ଯୋଗୁଁ କୋଟି କୋଟି ଜନତା, ଜୀବଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି ହୋଇଥିବାବେଳେ ଖଣି ଖନନକାରୀ ଏବଂ ସରକାର ଅଟହାସ୍ୟ କରୁଛନ୍ତି। କାରଣ ସର୍ବୋଚ୍ଚ ନ୍ୟାୟାଳୟ ୧୦୦ ମିଟର ଉଚ୍ଚତା ବିଶିଷ୍ଟ ପାହାଡ଼କୁ କେବଳ ଆରାବଳୀ ମାନିବାକୁ ରାୟ ଦେଇଥିଲେ। ଅନ୍ୟ ଛୋଟ ଛୋଟ ପାହାଡ଼କୁ ଆରାବଳୀ ମାନିବାକୁ ମନା କରିଦେଇଥିଲେ। ଏହା ଦ୍ୱାରା ୯୦ ପ୍ରତିଶତ ଆରାବଳୀ ଧ୍ୱଂସ ହୋଇଯିବାର ସମ୍ଭାବନା ରହିଛି। ଜୈବ ବିବିଧତାକୁ ନଷ୍ଟ କରିବାକୁ ଅନୁମତି ଦେଉଥିବା ସୁପ୍ରିମକୋର୍ଟଙ୍କ ରାୟ ବିରୋଧରେ ଆନ୍ଦୋଳନ ଜୋରଦାର ହୋଇଛି। ସାମାଜିକ ଗଣମାଧ୍ୟମରୁ ନେଇ ସଡ଼କ ପର୍ଯ୍ୟନ୍ତ ଲୋକେ ଏକାଠି ହୋଇ ରାଜସ୍ଥାନ ସରକାରଙ୍କ ଆଭିମୁଖ୍ୟ, କେନ୍ଦ୍ରର ନିରବତା ଏବଂ ସୁପ୍ରିମକୋର୍ଟଙ୍କ ରାୟକୁ ବିରୋଧ କରୁଛନ୍ତି। ଆରାବଳୀରେ ଖଣି ଖନନ ମଞ୍ଜୁରିକୁ ବିରୋଧ କରି ଆଜି ରାଜସ୍ଥାନରେ ଲକ୍ଷାଧିକ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। କଂଗ୍ରେସ ଏବଂ ସାମାଜିକ ସଂଗଠନ କର୍ମୀ ୯୪୫ ମିଟର ଉଚ୍ଚ ସିକରର ହର୍ଷ ପାହାଡ଼ ଉପରେ ଚଢ଼ି ବିକ୍ଷୋଭ କରିଛନ୍ତି। ରାଜସ୍ଥାନର ଫୁସଫୁସକୁ କାଟିବାକୁ ଅନୁମତି ଦିଆଯିବନି ବୋଲି କହିଛନ୍ତି। ବିଭିନ୍ନ ସ୍ଥାନରେ ପୁଲିସ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ପାଇଁ ଲାଠିଚାର୍ଜ କରିଛି। ଏହାକୁ ନେଇ ପୁଲିସ ଏବଂ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଛନ୍ତି।

ଆରାବଳୀ ପର୍ବତମାଳାରେ ଖଣି ଖନନ ସମଗ୍ର ଭାରତ ପାଇଁ ବିପଦ ବୋଲି ପରିବେଶବିତ କହିଛନ୍ତି। ସାରା ଦେଶକୁ ମୌସୁମୀ ବାୟୁ ଆସିବନି। ପ୍ରଦୂଷଣ ପାଇଁ ଦିଲ୍ଲୀ ବାସୀଙ୍କ ଦୁର୍ଦ୍ଦଶା ବଢ଼ିବ। ଥର୍ ମରୁଭୂମି କାୟା ବିସ୍ତାର କରିବ। ଉର୍ବର କ୍ଷେତକୁ ନିଜ ଭିତରେ ସମାହିତ କରିଦେବ। ଆରାବଳୀ ଦିଲ୍ଲୀ, ଗୁରୁଗ୍ରାମ, ଫରିଦାବାଦ ଭଳି ବଡ଼ ସହରକୁ ପାଣି ଯୋଗାଉଛି। ମାତ୍ର ଖଣି ଖନନ ହେଲେ ବିପୁଳ ଗଛ କଟାଯିବ। ଏହା ଭୂତଳ ଜଳସ୍ତର ହ୍ରାସ କରି ସଙ୍କଟ ସୃଷ୍ଟି କରିବ। ଏହାକୁ ନେଇ ସାମାଜିକ କର୍ମୀ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏବଂ ରାଷ୍ଟ୍ରପତିଙ୍କୁ ଚିଠି ଲେଖିଛନ୍ତି। ରାୟ ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି।

ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ (ଏଫଏସଆଇ) ୧୦ ହଜାର ପାହାଡ଼କୁ ଆରାବଳୀ କହିଥିଲା। ଏହି ସବୁ ସ୍ଥାନରୁ ଖଣି ଖନନ ବନ୍ଦ କରିବାକୁ କୁହାଯାଇଥିଲା। ମାତ୍ର ରାଜସ୍ଥାନର ବିଜେପି ସରକାର ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ। ଏହା ଦ୍ୱାରା ସବୁ ଖଣି ଖନନ ବନ୍ଦ ହୋଇଯିବ ବୋଲି କୁହାଯାଇଥିଲା। ଏହା ଉପରେ ବିଚାର କରି ସୁପ୍ରିମକୋର୍ଟ ଶହେ ମିଟର କିମ୍ବା ତାଠାରୁ ଅଧିକ ଉଚ୍ଚ ପର୍ବତକୁ ଆରାବଳୀ ମାନିବାକୁ ରାୟ ଦେଇଥିଲେ। ଏହି ରାୟ ପରେ ପ୍ରାୟ ୮ ହଜାର ସ୍ଥାନରେ ଖଣି ଖନନ ପାଇଁ ଅନୁମତି ମିଳିଥିବା କୁହାଯାଇଛି। କମ୍ପାନୀ ଏବଂ ସରକାରୀ ଅଧିକାରୀଙ୍କ ସାଣ୍ଟାଗାଣ୍ଟରେ ଉଚ୍ଚ ପାହାଡ଼କୁ ୬୦ ମିଟର କିମ୍ବା ୮୦ ମିଟର ଦେଖାଇ ଖନନ ଅନୁମତି ନିଆଯାଉଛି। ଏହାକୁ ନେଇ ରାଜସ୍ଥାନର ବିଭିନ୍ନ ସ୍ଥାନରେ ମାମଲା ମଧ୍ୟ ଚାଲିଛି। ଏବେ ସରକାରଙ୍କ ଏହି ଖଣି ନୀତିକୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ ବିରୋଧ କରିଛନ୍ତି।

ବିବାଦ ତେଜୁଥିବା ଦେଖି କେନ୍ଦ୍ର ସରକାର ମାମଲାରେ ସ୍ପଷ୍ଟୀକରଣ ଦେଇଛନ୍ତି। ଆରବଳୀ କ୍ଷେତ୍ରର ୯୦ ପ୍ରତିଶତ କ୍ଷେତ୍ରକୁ ସଂରକ୍ଷିତ କରାଯିବ ବୋଲି କୁହାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଦ୍ୱାରା ଖଣି କାର୍ଯ୍ୟକଳାପ ବୃଦ୍ଧି ପାଇବା ନେଇ କରାଯାଉଥିବା ଦାବିକୁ ଖାରଜ କରିଦିଆଯାଇଛି।

**ହାଇଦରାବାଦରେ ୩୮ ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା**

## ୧୩ ଏମ୍‌ଓୟୁ, ୨୭,୬୫୦ କୋଟିର ନିବେଶ ସୁଯୋଗ

ଭୁବନେଶ୍ୱର,୨୨।୧୨(ସମିସ): ହାଇଦରାବାଦରେ ଦୁଇଦିନ ଧରି ବିଭିନ୍ନ ଶିଳ୍ପପତି ଓ ନିବେଶକଙ୍କ ସହିତ ଆଲୋଚନା ଅତ୍ୟନ୍ତ ଉତ୍ସାହଜନକ ରହିଛି। ଆଗାମୀ ଦିନରେ ଶିଳ୍ପାୟନ ପାଇଁ ଆମର ରୋଡ୍ ମ୍ୟାପରେ ଏକ ନୂଆ ମାଇଲ୍ ଷ୍ଟୋନ୍ ସ୍ଥାପନ ହେବାକୁ ଯାଉଛି। ଆସନ୍ତା ଜାନୁଆରୀ ୨୮ ଓ ୨୯ ତାରିଖରେ ରାଉରକେଲାରେ ଏଣ୍ଟରପ୍ରାଇଜ୍ ଓଡ଼ିଶା ଅନୁଷ୍ଠିତ ହେବ। ଏହା ସହିତ କଲିକତାରେ ମଧ୍ୟ ଏକ ଶିଳ୍ପ କନ୍‌କ୍ଲେଭ୍ ହେବାର ଯୋଜନା ରହିଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



**ରାଉରକେଲାରେ ହେବ 'ଏଣ୍ଟରପ୍ରାଇଜ୍ ଓଡ଼ିଶା' ସମ୍ମେଳନ**

ହାଇଦରାବାଦରେ ଆୟୋଜିତ ୨ ଦିନିଆ ଓଡ଼ିଶା ନିବେଶକ ସମ୍ମିଳନୀରେ ଯୋଗ ଦେବା ପରେ ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଦୁଇ ଦିନରେ ସେ ନିଜେ ୩୮ ଜଣ ଶିଳ୍ପପତିଙ୍କ ସହିତ ୱାନ ଟୁ ୱାନ ଆଲୋଚନା କରିଛନ୍ତି। ଏହି ଅବସରରେ ହାଇଦ୍ରାବାଦରେ ଅନୁଷ୍ଠିତ ଏକ ମେଗା ଓଡ଼ିଶା ନିବେଶକ ରୋଡଶୋ ୫୦୦ ରୁ ଅଧିକ ଶିଳ୍ପପତି, ବ୍ୟବସାୟିକ ସଂଗଠନ ଏବଂ ଆନୁଷ୍ଠାନିକ ଅଂଶୀଦାରମାନେ ଅଂଶଗ୍ରହଣ କରିଛନ୍ତି। ଏହି ଆଲୋଚନା ଦ୍ୱାରା ଶିଳ୍ପପତିମାନେ ଓଡ଼ିଶାର ଶିଳ୍ପ ପରିବେଶ, ଭିତ୍ତିଭୂମି ଏବଂ ନୀତି-ଚାଳିତ ଅଭିବୃଦ୍ଧି ମଡେଲ ସମ୍ପର୍କରେ ଏକ ସ୍ପଷ୍ଟ ଚିତ୍ର ପାଇ ପାରିଥିଲେ। ଓଡ଼ିଶାରେ ନିବେଶକୁ ସହଜ ଓ ସରଳ କରିବା ପାଇଁ, ଇଜ୍ ଅଫ୍ ଡୁଇଙ୍ଗ ବିଜନେସ୍‌ରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଆଇନ୍‌ରେ ପ୍ରାୟ ୨୩ଟି ସଂଶୋଧନ କରାଯାଉଛି। ବହୁତ୍ ପୁରୁଣା ଆଇନ୍, ଯାହାର ବର୍ତ୍ତମାନ କୌଣସି ଆବଶ୍ୟକତା ନାହିଁ, ସେଗୁଡିକ ସଂଶୋଧନ କରାଯାଇ, ବର୍ତ୍ତମାନ ସମୟର ଆବଶ୍ୟକତାକୁ ଦେଇ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଥିଲେ। ଗସ୍ତ ସମୟରେ ୧୩ଟି ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହେବା ସହିତ ୨୭,୬୫୦ କୋଟି ଟଙ୍କାର ନିବେଶ ସୁଯୋଗ ମିଳିଛି। ଏହାଦ୍ୱାରା ୧୫,୯୦୫ ନିଯୁକ୍ତି ସୃଷ୍ଟି ହେବ। ଏହା ବ୍ୟତୀତ ୯ଟି ଇନଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ଫାଇଲିଂ ମଧ୍ୟ ହୋଇଥିଲା। ଏହାଦ୍ୱାରା ୩୯,୧୩୧ କୋଟିର ଅଧିକ ନିବେଶ ସମ୍ଭାବନା ଏବଂ ୪୦,୪୩୫ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଯେହେତୁ ସମସ୍ତ ଶିଳ୍ପ ପ୍ରକଳ୍ପ ଗୁଡିକୁ ମୁଁ ବ୍ୟକ୍ତିଗତ ଭାବେ ମନିଟରିଂ କରୁଛି, ସେଥିପାଇଁ ଶିଳ୍ପପତିମାନେ ଓଡ଼ିଶା ପ୍ରତି ଖୁବ୍ ଉତ୍ସାହିତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ପୁଲିସ ଏସଆଇ ନିଯୁକ୍ତି କେଳେଙ୍କାରୀ ମାମଲା**

## ବିହାରରୁ ଅମିତ ଭାରତୀ ଗିରଫ

ଭୁବନେଶ୍ୱର,୨୨।୧୨(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ଆଉ ଜଣେ ଅଭିଯୁକ୍ତ ଅମିତ ଭାରତୀଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ବା ସିବିଆଇ ବିହାରରୁ ଗିରଫ କରିଛି। ଅମିତ ହେଲେ ଦଲାଲ୍ ନେଟ୍‌ୱର୍କର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କ ସହଯୋଗୀ। ପ୍ରଶ୍ନପତ୍ର ଲିକ୍‌ରେ ସେ କୁଆଡ଼େ ଶଙ୍କରଙ୍କ ଗୁରୁ ବୋଲି କୁହାଯାଉଛି। ୟୁପି ଏବଂ ବିହାରରେ ଶିକ୍ଷା କ୍ଷେତ୍ରରେ ହୋଇଥିବା କିଛି ଠକେଇ ମାମଲାରେ ପୂର୍ବରୁ ସେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ପୁଲିସ ଏସ୍‌ଆଇ ପରୀକ୍ଷା ସ୍କାମ୍‌ରେ ତାଙ୍କର ବଡ଼ ଭୂମିକା ରହିଥିଲା। ପ୍ରିଣ୍ଟିଂ ବେଳେ ପ୍ରଶ୍ନପତ୍ର କିଭଳି ହାସଲ କରାଯିବ, ଏହାକୁ କିଭଳି ପରୀକ୍ଷାର୍ଥୀଙ୍କ ପାଖରେ ପହଁଞ୍ଚାଯିବ. ଅମିତ ଏସବୁର ଦାୟିତ୍ୱ ନେଇଥିଲେ।

**୩ ଅଭିଯୁକ୍ତଙ୍କ ସିବିଆଇ ରିମାଣ୍ଡ ଶେଷ**

ଅନ୍ୟପକ୍ଷରେ ୪ଦିନିଆ ରିମାଣ୍ଡରେ ଥିବା କ୍ରାଇମ୍ ସିଣ୍ଡିକେଟ୍‌ର ତିନି ଅଭିଯୁକ୍ତ ସିଲିକନ୍ ସିଇଓ ସୁରେଶ ନାୟକ, ପଞ୍ଚସପ୍ତର ମାଲିକ ଶଙ୍କର ପୃଷ୍ଟି ଏବଂ ମଧ୍ୟସ୍ଥ ସାଗରଙ୍କ ସିବିଆଇ ରିମାଣ୍ଡ ଅବଧି ଶେଷ ହୋଇଛି। ସେମାନେ ଜେରା ବେଳେ ଏସ୍‌ଆଇ ସ୍କାମ୍ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସିବିଆଇକୁ ଦେଇଛନ୍ତି। ଏହି ମାମଲାରେ କିଛି ବଡ଼ବଡିଆଙ୍କ ସମ୍ପୃକ୍ତି ରହିଥିବା ସିବିଆଇ ଜାଣିବାକୁ ପାଇଛି। ଏହି ଆଧାରରେ ଆଗାମୀ ଦିନରେ ଭୁବନେଶ୍ୱର ଅଞ୍ଚଳର ଜଣେ ବ୍ୟବସାୟୀ ଏବଂ ଜଣେ ସରକାରୀ କର୍ମଚାରୀଙ୍କ ନାମ ସାମ୍ନାକୁ ଆସିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସୋମବାର ରିମାଣ୍ଡରେ ଥିବା ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ସମସ୍ତଙ୍କୁ ଜେଲ୍ ପଠାଇ ଦେଇଛନ୍ତି।

## ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ କ'ଣ ପଦକ୍ଷେପ ନେଇଛ ଜଣାଅ: ହାଇକୋର୍ଟ

କଟକ, ୨୨।୧୨ (ସମିସ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଦ୍ୱାରା ପରିଚାଳିତ ହେଉଥିବା ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ରାଜ୍ୟ ସରକାର ଓ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି ଅଦାଲତ। ଏଥିସହ ପୁଲିସ ବିଭାଗରେ ବହୁ ପଦ ଖାଲି ପଡ଼ିଥିବା ବେଳେ ଏସ୍‌ଆଇ ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି, ସେନେଇ ସରକାରଙ୍କୁ ଜବାବତଲବ କରିଛନ୍ତି ହାଇକୋର୍ଟ। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ରୁଜୁ ଏହି ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏସ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି କେଳେଙ୍କାରୀ ଘଟଣାରେ ସିବିଆଇ ତଦନ୍ତ ଜାରି ରଖିଛି ବୋଲି ମାମଲା ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା।

ନିଯୁକ୍ତି କେଳେଙ୍କାରୀ ଘଟଣା ସାମ୍ନାକୁ ଆସିବା ପରେ ନିଯୁକ୍ତି ପ୍ରକ୍ରିୟା ସ୍ଥଗିତ ରହିଥିବା ବେଳେ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଅଦ୍ୟାବଧି କିଛି ପଦକ୍ଷେପ ନିଆଯାଇନଥିବା ଆବେଦନକାରୀ ଦର୍ଶାଇଥିଲେ।



ଆବେଦନକାରୀ ନିଜ ଆବେଦନରେ ଦର୍ଶାଇଥିଲେ ଯେ ସରକାରଙ୍କ ଗତ ୨୦୨୫ ସେପ୍ଟେମ୍ବର ୨୨ର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର୍ (ଏସ୍‌ଓପି)କୁ କଡ଼ାକଡ଼ି ପାଳନ ସହ ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ତତ୍ତ୍ୱାବଧାନରେ ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନ କରାଯାଉ। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଓ ଗୃହ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏହି ଉଚ୍ଚସ୍ତରୀୟ ତଦାରଖ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଉ। ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ଏବଂ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଅନ୍ୟାନ୍ୟ ନିଯୁକ୍ତି ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା ଏବଂ ଭବିଷ୍ୟତରେ ହେବାକୁ ଥିବା ନିଯୁକ୍ତି ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ଏବଂ ଏସଓପି ଅନୁପାଳନର ତଦାରଖ ଏହି କମିଟି କରୁ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

ନିର୍ଦ୍ଧାରିତ ଏସଓପିରୁ ବିଚ୍ୟୁତି ଏବଂ ପୁଲିସ ଏସଆଇ ନିଯୁକ୍ତି ପରିଚାଳନାରେ ଅବହେଳା, ଅନିୟମିତତା ପାଇଁ ଦାୟୀ କର୍ତ୍ତୃପକ୍ଷ ଏବଂ ସଂସ୍ଥାଗୁଡ଼ିକ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରାଯାଇଛି। ମାମଲାରେ ସାଧାରଣ ପ୍ରଶାସନ ବିଭାଗ ସଚିବ, ଗୃହ ସଚିବ, ପୁଲିସ ଡିଜି, ଓପିଆରବି ଅଧକ୍ଷ ଓ ସିବିଆଇ ଏସପିଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ରାଜଧାନୀରେ ୧୫ ମାଓବାଦୀ

**ଦିନେ ଦୁଇଦିନ ମଧ୍ୟରେ କରିବେ ଆତ୍ମସମର୍ପଣ**

ଭୁବନେଶ୍ୱର,୨୨।୧୨ (ସମିସ): ରାଜଧାନୀ ଆସିଛନ୍ତି ୧୫ ଜଣ ମାଓବାଦୀ। ଆତ୍ମସମର୍ପଣ ନିମନ୍ତେ ଆଗ୍ରହ ପ୍ରକାଶ କରିଥିବା ଅବିଭକ୍ତ କୋରାପୁଟ ଜିଲ୍ଲାର ଏହି ମାଓବାଦୀମାନଙ୍କୁ ଏବେ ପୁଲିସ ଆତିଥେୟତା ଦେଇଛି ଏବଂ ଦିନେ ଦୁଇଦିନ ମଧ୍ୟରେ ସରକାରଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ସହ ସେମାନେ ଆତ୍ମସମର୍ପଣ କରିବେ ବୋଲି ସୂଚନା ମିଳିଛି।

ଦେଶକୁ ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓମୁକ୍ତ କରିବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ମାଓ ଅଧ୍ୟୁଷିତ ଅଞ୍ଚଳରେ ଯବାନମାନେ ଦିନରାତି ନିଜର ଅଭିଯାନରେ ଲାଗିପଡିଛନ୍ତି। ଆତ୍ମସମର୍ପଣ କରୁଥିବା ମାଓବାଦୀମାନଙ୍କୁ ସରକାର ଭଲରାସ୍ତାରେ ବଞ୍ଚିବା ପାଇଁ ସାମାଜିକ ଓ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରୁଛନ୍ତି। ଟପ୍ କ୍ୟାଡର୍ ମାଓନେତାମାନେ ଟାର୍ଗେଟ୍‌ରେ ଥିବାରୁ ଏନ୍‌କାଉଣ୍ଟର୍ ଭୟରେ ଜଣେ ପରେ ଜଣେ କ୍ୟାଡର୍ ମୁଖ୍ୟସ୍ରୋତକୁ ଫେରୁଛନ୍ତି। ଏହିକ୍ରମରେ ମାଲକାନଗିରି ଜିଲ୍ଲାର ୧୫ ଜଣ ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ମଧ୍ୟରୁ ମିଲିସିଆ, ପାର୍ଟି ମେମ୍ବରଙ୍କ ଠାରୁ ଆରମ୍ଭ କରି ଅନ୍ୟାନ୍ୟ କ୍ୟାଡର୍ ମାଓବାଦୀ ରହିଛନ୍ତି।

ସୂଚନା ଅନୁସାରେ ଏହି ବ୍ୟକ୍ତିମାନେ ସିଧାସଳଖ ମାଓ କାର୍ଯ୍ୟକଳାପ ସହ ଜଡ଼ିତ ଅଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ତେବେ ମାଓବାଦୀମାନଙ୍କ ସହ ଏମାନଙ୍କର ସମ୍ପର୍କ ଥିବା ଏବଂ ବିଭିନ୍ନ ସମୟରେ ସେମାନେ ମାଓବାଦୀମାନଙ୍କୁ ସହାୟତା କରିଥିବା ତଥ୍ୟ ପୁଲିସ ନିକଟରେ ରହିଛି। ମାଓବାଦୀଙ୍କ ସହ ସମ୍ପର୍କ ତୁଟାଇ ସମାଜର ମୁଖ୍ୟ ସ୍ରୋତକୁ ଫେରିଲେ ସରକାରଙ୍କଠାରୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ସେମାନଙ୍କୁ ପୁଲିସ ଆଶ୍ୱାସନା ଦେବା ପରେ ସେମାନେ ଆତ୍ମସମର୍ପଣ ନିମନ୍ତେ ରାଜି ହୋଇଛନ୍ତି।

## ନିଜ ଜିଲ୍ଲାରେ ରହିପାରିବେନି ବନ ଅଧିକାରୀ

ଭୁବନେଶ୍ୱର,୨୨।୧୨(ସମିସ): ନିଜ ଗୃହ ଜିଲ୍ଲାରେ ରହିପାରିବେନି ବନ ବିଭାଗର ଅଧିକାରୀ। ଡିଏଫ୍‌ଓ, ଏସିଏଫ୍, ରେଞ୍ଜର ଓ ଡେପୁଟି ରେଞ୍ଜରମାନଙ୍କୁ ନିଜର ଗୃହ ଜିଲ୍ଲାରେ ନିଯୁକ୍ତି ଦିଆଯିବ ନାହିଁ। ପୂର୍ବରୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ଏଭଳି ନିୟମ ରହିଥିଲେ ମଧ୍ୟ ଏହି ନିୟମର ସଠିକ୍ ଅନୁପାଳନ ହେଉନାହିଁ। ମାତ୍ର ପୂର୍ବ ନିର୍ଦ୍ଦେଶନାମାକୁ କଡ଼ାକଡ଼ି ପାଳନ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ପରେ ବନ ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଅନେକ ବନଖଣ୍ଡରେ ଡେପୁଟି ରେଞ୍ଜରଙ୍କଠାରୁ ଆରମ୍ଭ କରି ଅନ୍ୟ ବରିଷ୍ଠ ଅଧିକାରୀମାନେ ନିଜ ଜିଲ୍ଲାରେ ଆସ୍ଥାନ ଜମାଇ ବସିଛନ୍ତି। ଏବେ ଏହି ନିର୍ଦ୍ଦେଶନାମା ପରେ ବନ ବିଭାଗରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି।

ବିଭାଗ ପକ୍ଷରୁ ଜାରି ବିସ୍ତୃତ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ବିଭାଗ ଅଧିନରେ କାର୍ଯ୍ୟରତ ଅଧିକାରୀମନାଙ୍କ ବଦଳି ପାଇଁ ବର୍ଷ ସାରା ବହୁ ସୁପାରିସ ଆସୁଛି। ହେଲେ ବଦଳି ଓ ସ୍ଥାନାନ୍ତର ପାଇଁ ଜିଏ ବିଭାଗର ନିର୍ଦ୍ଦେଶନାମା ଆଧାରରେ ବନ ବିଭାଗ ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡକୁ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛି। ତେଣୁ ବନ ବିଭାଗରେ ଏଣିକି କେବଳ ଏପ୍ରିଲ୍ ୧୫ ରୁ ଜୁନ୍ ୧୫ ମଧ୍ୟରେ (ବଦଳି ଅବଧି) ଅଧିକାରୀଙ୍କ ବଦଳି ଉପରେ ନିଷ୍ପତ୍ତି ନିଆଯିବ। ଯଦି ଏହି ଅବଧି ବାହାରେ କୌଣସି ବଦଳି ଆବଶ୍ୟକତା ପଡ଼େ, ତେବେ ତାଙ୍କ ପରବର୍ତ୍ତୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଆବଶ୍ୟକ ହେବ। ସେହିପରି ପ୍ରମୁଖ ୨ଟି କ୍ଷେତ୍ର ଯଥା ପ୍ରଶାସନିକ ଓ ବ୍ୟକ୍ତିଗତ କାରଣ ପାଇଁ ବଦଳି ହୋଇପାରିବ ବୋଲି ନିର୍ଦ୍ଦେଶନାନାରେ ଦର୍ଶାଯାଇଛି। ଏହାସହିତ ଯଦି କେହି କୌଣସି ନିର୍ଦ୍ଦିଷ୍ଟ ବୃତ୍ତିଗତ ଚାକିରିରେ ସ୍ୱତନ୍ତ୍ର ଦକ୍ଷତା ଅର୍ଜନ କରିଥାନ୍ତି, ତାଙ୍କ ସ୍ୱତନ୍ତ୍ର ଦକ୍ଷତାର ଉପଯୋଗ ପାଇଁ ତାଙ୍କୁ ଆଉ ୫ ବର୍ଷ ପାଇଁ ସେହି ୱିଙ୍ଗରେ ରଖାଯାଇପାରିବ ବୋଲି ନିଷ୍ପତ୍ତି ହୋଇଛି। କୌଣସି ବୈଷୟିକ ପ୍ରଶିକ୍ଷଣ ପରେ ମଧ୍ୟ ଅଧିକାରୀମାନେ ସେହି ୱିଙ୍ଗରେ କାର୍ଯ୍ୟ କରିପାରିବେ ବୋଲି କୁହାଯାଇଛି। ଯଦି କୌଣସି ପ୍ରଶାସନିକ କାରଣ ନ ଥାଏ ତେବେ କୌଣସି ଅଧିକାରୀଙ୍କୁ ଗୋଟିଏ ସ୍ଥାନରୁ ୩ ବର୍ଷ ପୂର୍ବରୁ ବଦଳି ନ କରିବାକୁ ବିଭାଗୀୟ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। ମାତ୍ର କୌଣସି ଅଧିକାରୀଙ୍କୁ ୫ ବର୍ଷରୁ ଅଧିକ ସମୟ ପାଇଁ ଗୋଟିଏ ଷ୍ଟେସନରେ ରହିବାକୁ ଅନୁମତି ଦିଆଯିବ ନାହିଁ।

ଉପବନ ସଂରକ୍ଷକ/ଏସିଏଫ୍/ଏଫ୍‌ଆର୍‌ଙ୍କୁ କୌଣସି ନିର୍ଦ୍ଦିଷ୍ଟ ରାଜସ୍ୱ ଜିଲ୍ଲାରେ ୬ ବର୍ଷରୁ ଅଧିକ ସମୟ କାମ କରିବାକୁ ଅନୁମତି ଦିଆଯିବ ନାହିଁ। ଏହା ବ୍ୟତୀତ ଡେପୁଟି ସିଏଫ୍/ଏସିଏଫ୍/ଏଫ୍‌ଆର୍‌ଙ୍କୁ ସେମାନଙ୍କ ନିଜ ଜିଲ୍ଲାରେ ନିଯୁକ୍ତି ଦିଆଯିବ ନାହିଁ। ଉପରୋକ୍ତ ବ୍ୟବସ୍ଥା ବିଭିନ୍ନ ଫରେଷ୍ଟ ରେଞ୍ଜରେ ରେଞ୍ଜ ଅଫିସର ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜରମାନଙ୍କ ପାଇଁ ଲାଗୁ ହେବ। ଅଧିକାରୀମାନଙ୍କୁ ସେମାନଙ୍କ ଅବସର ଗ୍ରହଣର ଦୁଇ ବର୍ଷ ପୂର୍ବରୁ ସେମାନଙ୍କ ନିଜ ଜିଲ୍ଲାରେ ନିଯୁକ୍ତ କରାଯାଇପାରେ। ସେହିପରି ଜଣେ ଅଧିକାରୀଙ୍କ ବଦଳି ନିର୍ଦ୍ଦେଶନାମା ଜାରି ହେବା ପରେ ନିୟନ୍ତ୍ରଣ କର୍ତ୍ତୃପକ୍ଷ ୭ ଦିନ ମଧ୍ୟରେ ଅଧିକାରୀଙ୍କୁ ଦାୟିତ୍ୱ ମୁକ୍ତ କରିବେ।

**ଚିଟ୍‌ଫଣ୍ଡ ଦୁର୍ନୀତି**

## ଶୀଘ୍ର ଟଙ୍କା ଫେରି ପାଇବେ କ୍ଷୁଦ୍ର ଜମାକାରୀ

■ ଜାନୁଆରୀ ୩୧ ତାରିଖ ଯାଏଁ ଚାଲିବ ପ୍ରକ୍ରିୟା
■ ସୁଯୋଗ ନେବାକୁ ଅର୍ଥ ବିଭାଗର ଅନୁରୋଧ

ଭୁବନେଶ୍ୱର,୨୨।୧୨(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟାକୁ ବ୍ୟାପକ କରାଯାଇଛି। ଏହି ପ୍ରକ୍ରିୟାର ସୁଯୋଗ ନେବାକୁ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ସହ ଏହାର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି। ଏହି ଟଙ୍କା ଫେରସ୍ତ ପ୍ରକ୍ରିୟା ଆସନ୍ତା ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ତେଣୁ ଜମାକାରୀମାନେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ସହ ଆବେଦନ କଲେ ସେମାନଙ୍କୁ ୧୫ ଦିନ ମଧ୍ୟରେ ଟଙ୍କା ମିଳିବ ବୋଲି ବିଭାଗ ନିଜ ବିଜ୍ଞପ୍ତିରେ ଉଲ୍ଲେଖ କରିଛି।

ବିଜ୍ଞପ୍ତି ଅନୁଯାୟୀ, ଚିଟ୍‌ଫଣ୍ଡ ତଦନ୍ତ କମିଶନ ସୁପାରିସ କରିଥିବା ଓ ଫେରସ୍ତ ପାଇ ନ ଥିବା ସମସ୍ତ କ୍ଷୁଦ୍ର ଜମାକାରୀ ଅର୍ଥାତ୍ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା ଲୋକେ ଏହାର ସୁଫଳ ପାଇବେ। ସେହିପରି ଗୋଲ୍‌ଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇ ନ ଥିବା ସମସ୍ତ କ୍ଷୁଦ୍ର ଜମାକାରୀ (୮,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା ଲୋକେ ଏଥିପାଇଁ ମଧ୍ୟ ଯୋଗ୍ୟ ବିବେଚିତ ଅଟନ୍ତି। ନିଜ ଜିଲ୍ଲାର ସରକାରୀ ୱେବସାଇଟରେ ଫେରସ୍ତ ପାଇ ନ ଥିବା ଜମାକାରୀମାନଙ୍କର ସମ୍ପୂର୍ଣ୍ଣ ତାଲିକା ଉପଲବ୍ଧ ଅଛି। ଏତଦ୍ ବ୍ୟତୀତ ତଦନ୍ତ କମିଶନ ରିପୋର୍ଟ ପାଇଁ ଜମାକାରୀଙ୍କର ନାମ / ସତ୍ୟପାଠ ନମ୍ବର ଏବଂ ଗୋଲ୍‌ଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ପାଇଁ ଜମାକାରୀଙ୍କ ନାମ, ଆବେଦନ ନମ୍ବର ନିର୍ଦ୍ଦିଷ୍ଟ ୱେବସାଇଟରେ ଦେଇ, ସେମାନଙ୍କର ଆବେଦନପତ୍ରର ସାଂପ୍ରତିକ ସ୍ଥିତି ସମ୍ପର୍କରେ ଜାଣିପାରିବେ। ଟଙ୍କା ଫେରସ୍ତ ପାଇଁ କ୍ଷୁଦ୍ର ଜମାକାରୀମାନେ ଆବଶ୍ୟକ ଦସ୍ତାବିଜ ସହିତ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ପାଖରେ ଯୋଗାଯୋଗ କଲେ ୧୫ ଦିନ ମଧ୍ୟରେ ସେମାନଙ୍କର ଜମା ଟଙ୍କା ଫେରି ପାଇବାର ପ୍ରାବଧାନ କରାଯାଇଛି ବୋଲି ଅର୍ଥ ବିଭାଗ ସ୍ପଷ୍ଟ କରିଛି।

## ମାଓବାଦୀଙ୍କ ବିସ୍ଫୋରକ କାରଖାନା ଧ୍ୱଂସ କଲେ ଯବାନ




ମାଲକାନଗିରି,୨୨।୧୨(ସମିସ): ମାଓବାଦୀମାନେ ସୁରକ୍ଷା ବାହିନୀକୁ ବଡ଼ କ୍ଷତି ପହଞ୍ଚାଇବା ପାଇଁ ଏକ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ତିଆରି କାରଖାନା କରିଥିଲେ। ତଲାସି ଅଭିଯାନ ସମୟରେ ଏହାକୁ ଠାବ କରି ଧ୍ୱଂସ କରିଛନ୍ତି ଯବାନ। ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲ୍ଲାରେ ମାଓ ବିରୋଧୀ ଅଭିଯାନ ନିମନ୍ତେ ସିଆର୍‌ପିଏଫ୍ ଏବଂ ଜିଲ୍ଲା ପୁଲିସ ଫୋର୍ସ ମୀନାଗଟ୍ଟା ଜଙ୍ଗଲରେ ତଲାସି ଅଭିଯାନ ଜାରି ରଖିଥିଲେ। ଏହି ସମୟରେ ମାଓବାଦୀମାନଙ୍କ ଦ୍ୱାରା ପରିଚାଳିତ ଏକ ବେଆଇନ ଅସ୍ତ୍ରଶସ୍ତ୍ର ତିଆରି କାରଖାନାକୁ ଯବାନମାନେ ଠାବ କରିଥିଲେ। ଘଟଣାସ୍ଥଳରୁ ୮ଟି ସିଙ୍ଗଲ-ସଟ୍ ରାଇଫଲ୍, ଯନ୍ତ୍ରପାତି, ବନ୍ଧୁକର କିଛି ଅଂଶ, ବିପୁଳ ପରିମାଣର ବିସ୍ଫୋରକ ଏବଂ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ତିଆରି ସାମଗ୍ରୀ ଜବତ କରାଯାଇଥିଲା।

■ **ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଚିଠି**

## ତୁରନ୍ତ ପୁନର୍ଗଠନ ହେଉ ପଛୁଆ ବର୍ଗ ଆୟୋଗ

ଭୁବନେଶ୍ୱର,୨୨।୧୨(ସମିସ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ଓଏସସିବିସି)ର ତୁରନ୍ତ ପୁନର୍ଗଠନ ପାଇଁ ଅନୁରୋଧ କରିଛନ୍ତି। ସାମାଜିକ ନ୍ୟାୟ ପ୍ରଦାନ ଏବଂ ପଛୁଆ ବର୍ଗର ଲୋକଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସେ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି।

ଶ୍ରୀ ପ୍ରଧାନ ଲେଖିଛନ୍ତି ଯେ ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ କାର୍ଯ୍ୟକାଳ ଗତ ୨୦୨୪ ଜାନୁଆରୀ ୩ରେ ଶେଷ ହୋଇସାରିଛି। ନୂତନ ସଦସ୍ୟ ନିଯୁକ୍ତ ହୋଇ ନଥିବାରୁ ଏହା ବର୍ତ୍ତମାନ କାର୍ଯ୍ୟକ୍ଷମ ନାହିଁ। ଓଡ଼ିଶା ରାଜ୍ୟର ଜନସଂଖ୍ୟାର ଏକ ପ୍ରମୁଖ ଅଂଶ ଭାବେ ପ୍ରାୟ ୨୧୬ଟି ସାମାଜିକ ଏବଂ ଶିକ୍ଷାଗତ ପଛୁଆ ବର୍ଗ (ଏସଇବିସି) ସମୁଦାୟ ଓଡ଼ିଶାରେ ବସବାସ କରୁଛନ୍ତି। ଆୟୋଗ କାର୍ଯ୍ୟକ୍ଷମ ନ ଥିବାରୁ ଏହି ବର୍ଗର ଲୋକମାନେ ଶିକ୍ଷା, ନିଯୁକ୍ତି ଓ କଲ୍ୟାଣକାରୀ ଯୋଜନାର ସୁଫଳ ପାଇବାରେ ବହୁବିଧ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ନିଜର ସମସ୍ୟା ଉପସ୍ଥାପନ କରିବା ପାଇଁ ସେମାନେ ଏକ ସାମ୍ବିଧାନିକ ମଞ୍ଚରୁ ବଞ୍ଚିତ ହେଉଛନ୍ତି। ନୂତନ ଜାତିକୁ ଏସଇବିସି ତାଲିକାରେ ଅନ୍ତର୍ଭୁକ୍ତ କରିବା, ଅଭିଯୋଗର ସମାଧାନ କରିବା ଏବଂ ପଛୁଆ ବର୍ଗଙ୍କ ପାଇଁ ସରକାରଙ୍କୁ ନୀତିଗତ ପରାମର୍ଶ ଦେବାରେ ଓଏସସିବିସିଙ୍କ ମୁଖ୍ୟ ଭୂମିକା ରହିଛି। ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ସଂଶୋଧନ) ଅଧିନିୟମ, ୨୦୨୦ ଅନୁଯାୟୀ, ଏହି କମିଶନଙ୍କୁ ପଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ଉପରେ ସର୍ଭେ କରିବାର ଦାୟିତ୍ୱ ମଧ୍ୟ ଦିଆଯାଇଛି। ତେଣୁ ରାଜ୍ୟରେ ସାମାଜିକ ନ୍ୟାୟର ପ୍ରତିଷ୍ଠା ଏବଂ ପଛୁଆ ବର୍ଗଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ କମିଶନର ଶୀଘ୍ର ପୁନର୍ଗଠନ ଏକାନ୍ତ ଆବଶ୍ୟକ। ରାଜ୍ୟର ପଛୁଆ ବର୍ଗର ହିତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଆୟୋଗର ପୁନର୍ଗଠନ କରିବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି।

■ **ରାମକୃଷ୍ଣ ମିଶନରେ ଅଘଟଣ**

## ଗଛରୁ ପଡ଼ି ଛାତ୍ର ମୃତ



ବିଷମ କଟକ, ୨୨।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡ଼ା ପଞ୍ଚାୟତ ଅଞ୍ଚଳରେ ଥିବା ରାମକୃଷ୍ଣ ମିଶନ ସ୍କୁଲର ଜଣେ ଦଶମ ଶ୍ରେଣୀ ଛାତ୍ର ଆଜି ଗଛରୁ ପ୍ରାଣ ହରାଇଛି। ମୃତକ ହେଲେ, ବଂଶୀ ଦିଶାରୀ। ଘର ନବରଙ୍ଗପୁର ଜିଲ୍ଲା ପୂଜାରୀଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ବୁଟିପଦର ଗ୍ରାମରେ। ସୂଚନାନୁଯାୟୀ, ଆଜି ମଧ୍ୟାହ୍ନରେ ବଂଶୀ ମିଶନ୍ ପରିସରରେ ଥିବା ଏକ ଆମ୍ବଗଛରେ ଚଢ଼ିଥିବା ବେଳେ ଅସାବଧାନତାବଶତଃ ତଳକୁ ଖସି ପଡ଼ିଥିଲା। ସ୍କୁଲ କର୍ତ୍ତୃପକ୍ଷ ତାକୁ ଉଦ୍ଧାର କରି ବିଷମକଟକ ଖ୍ରୀଷ୍ଟୀୟାନ୍ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାରଲୋକ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ମୁନିଗୁଡ଼ା ଥାନାଧିକାରୀ ସୌଦାମିନୀ ବେହେରା ସୂଚନା ଦେଇଛନ୍ତି।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

## ଜୁନିୟର ଆକାଉଣ୍ଟାଣ୍ଟଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ବାଲେଶ୍ୱର/ରାଉରକେଲା,୨୨।୧୨(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ଜିଲ୍ଲାରେ ସିଭିଲ ସପ୍ଲାଏ ଅଫିସରେ ଜୁନିୟର୍ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିବା ରବୀନ୍ଦ୍ର କୁମାର ବାରିକଙ୍କ ଘର, କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଛି। କିଛି ବର୍ଷ ହେବ ସେ ବାଲେଶ୍ୱରରୁ ସୁନ୍ଦରଗଡ଼କୁ ବଦଳି ହୋଇଥିଲେ। ହେଲେ ସେ ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟରତ ଥିବା ବେଳେ ଭିଜିଲାନ୍ସ ସ୍କାନରରେ ରହିଥିଲେ। ସୋମବାର ବାଲେଶ୍ୱର ଭିଜିଲାନ୍ସ ବିଭାଗ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ସ୍ଥିତ ଶ୍ରୀ ବାରିକଙ୍କ କାର୍ଯ୍ୟାଳୟ ସମେତ ବାଲେଶ୍ୱର ଜିଲ୍ଲାର ତିନିଟି ସ୍ଥାନରେ ଏକ ସମୟରେ ଚଢ଼ଉ କରିଛି।



ଭିଜିଲାନସ ଟିମ୍ ଶ୍ରୀ ବାରିକଙ୍କ ରାଣୀପାଟଣାସ୍ଥିତ ସାଇ ମଣ୍ଡପ, ଗୋପାଳଗାଁ ଚୂନଭାଟି ମଣ୍ଡପ ନିକଟରେ ଥିବା ତିନିମହଲା ଘର ଏବଂ ତିନି ମହଲା ବିଶିଷ୍ଟ ଆଇଫିଟ ଜିମ୍ ଉପରେ ଚଢ଼ଉ କରିଛି। ଏପରିକି, ଶ୍ରୀ ବାରିକଙ୍କ ସୁନ୍ଦରଗଡ଼ସ୍ଥିତ ତାଙ୍କ କାର୍ଯ୍ୟାଳୟ ଏବଂ ସେଠାକାର ଭଡ଼ାଘରେ ମଧ୍ୟ ଚଢ଼ଉ କରିଛି।

ଶ୍ରୀ ବାରିକ ୩୦ବର୍ଷର ଚାକିରି ସମୟରେ ନିଜର ଆୟଠାରୁ ଅଧିକ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନସ ବିଭାଗରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ବିଭାଗ ଏକାକାଳୀନ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରିଖିଛି। ଚଢ଼ଉରେ ୩ଜଣ ଡିଏସପି, ୬ଜଣ ଇନସପେକ୍ଟରଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ହୋଇଛନ୍ତି। କେତେ ପରିମାଣର ସମ୍ପତ୍ତି ଠାବ ହୋଇଛି ତାହାର ଯାଞ୍ଚ ଚାଲିଥିବା ଭିଜିଲାନ୍ସ ଡିଏସପି ବିକାଶ ସ୍ୱାଇଁ ସୂଚନା ଦେଇଛନ୍ତି।

ପ୍ରାଥମିକସ୍ତରରେ ମିଳିଥିବା ତଥ୍ୟ ଅନୁସାରେ, ଶ୍ରୀ ବାରିକଙ୍କ ଗୋପାଳଗାଁରେ ୩୫୫୦ ବର୍ଗଫୁଟ୍‌ର ତିନି ମହଲା ବିଶିଷ୍ଟ ଏକ କୋଠାଘର, ୬ହଜାର ୩ଶହ ବର୍ଗଫୁଟ୍‌ର ତିନିମହଲା ବିଶିଷ୍ଟ ଏକ ମାର୍କେଟ୍ କମ୍ପ୍ଲେକ୍ସ ରହିଛି। ସେଠାରେ ହୋଟେଲ, ଜିମ ଏବଂ ରିୟଲ ଇଷ୍ଟେଟ୍ କାର୍ଯ୍ୟାଳୟକୁ ଭଡ଼ା ଦିଆଯାଇଛି। ଏହାବ୍ୟତୀତ ୮ ହଜାର ୯ଶହ ବର୍ଗଫୁଟର ଏକ କଲ୍ୟାଣ ମଣ୍ଡପ, ବାଲେଶ୍ୱର ସହରରେ ୪ଟି ମୂଲ୍ୟବାନ ଜମି, ୧୭୫ ଗ୍ରାମ୍‌ର ସୁନାଗହଣା, ୨ଟି କାର୍ ଓ ୨ଟି ବାଇକ୍ ଠାବ ହୋଇଛି। ସେହିପରି ବ୍ୟାଙ୍କ, ପୋଷ୍ଟାଲ ଏବଂ ଅନ୍ୟ ଡିପୋଜିଟ୍‌ଗୁଡ଼ିକ ସଂପର୍କରେ ଭିଜିଲାନ୍ସ ଖୋଡାତ ଚଳାଇଛି।

■ **ଜେଲ ଯାଇ ନଥିବା ସଂଗ୍ରାମୀଙ୍କୁ ପରିବାର ପେନସନ ପ୍ରଦାନ ପ୍ରସଂଗ**

## ହାଇକୋର୍ଟରେ ପକ୍ଷ ରଖିବେ ରାଜ୍ୟ ସରକାର

କଟକ,୨୨।୧୨(ସମିସ): ଜେଲ ଯାଇ ନଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ପରିବାର ପେନସନ୍ ପ୍ରଦାନ କରାଯାଉ ନଥିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ରାଜ୍ୟ ସରକାରଙ୍କୁ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଋଷି ଦେଇଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ସ୍ୱାଧୀନତା ସଂଗ୍ରାମୀ ପେନସନ କମିଟିର ଗତ ୨୦୧୦ ମେ' ୧୧ରେ ଅନୁଷ୍ଠିତ ବୈଠକରେ ଜେଲ୍ ଯାଇନଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ପରିବାର ପେନସନ୍ ମଞ୍ଜୁର କରିବା ପାଇଁ ଯୋଜନା ପ୍ରଚଳନ କରିବାକୁ ନିଷ୍ପତ୍ତି ନେଇ ସରକାରଙ୍କୁ ସୁପାରିସ କରିଥିଲା। ହେଲେ ସରକାର ଏଥିପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ କରି ନଥିବା ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀ ନୟାଗଡ଼ ମୟୂରଝଲିଆ ଅଞ୍ଚଳର ଜେଲ ଦଣ୍ଡ ଭୋଗ କରିନଥିବା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ କେଶବ ପ୍ରଧାନଙ୍କ ପତ୍ନୀ ଅଟନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ଗତ୧୯.୦୨.୨୦୧୫ ତାରିଖର ଚିଠି ମାଧ୍ୟମରେ ତାଙ୍କ ସ୍ୱାମୀଙ୍କ ଜୀବନବ୍ୟାପୀ ବକେୟା ପେନସନ ମଞ୍ଜୁର ହୋଇଥିଲା। ଆବେଦନକାରୀ ୧୦.୦୭.୨୦୧୭ରେ ଜେଲରେ ବନ୍ଦୀ ନଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ପେନସନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଜେଲଦଣ୍ଡ ଭୋଗିନଥିବା ସଂଗ୍ରାମୀ ପେନସନ୍‌ଭୋଗୀଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ପରିବାର ପେନସନ ମଞ୍ଜୁର କରିବା ପାଇଁ ସରକାରଙ୍କ କୌଣସି ବିଧି ନ ଥିବାରୁ ତାଙ୍କ ଆବେଦନ ଖାରଜ ହୋଇଥିଲା। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।




ସକାଳ THE SAKALA



■ ମନରେଗା ନାମ ପରିବର୍ତ୍ତନ

# ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ




ଗୁଣୁପୁର, ୨୨।୧୨(ସମିସ): ମିଳିତ ବାମପନ୍ଥୀ ପାର୍ଟୀ, ସିପିଆଇ ଏମଏଲ୍ ଲିବରେସନ, ସିପିଆଇ (ଏମ୍), ସିପିଆଇ, ଏଆଇଏଫ୍‌ବି ତରଫରୁ ଜି - ରାମ - ଜି ବିଲ ପ୍ରତ୍ୟାହାର ଦାବି ନେଇ ଗୁଣପୁର ନୂଆ ବସଷ୍ଟାଣ୍ଡ ଠାରୁ ଏକ ଶୋଭାଯାତ୍ରା ବାହାରି ଗୁଣପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବା ସହ ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ମୋଦୀ ସରକାର ପାର୍ଲାମେଣ୍ଟରେ ଅଗଣତାନ୍ତ୍ରିକ ଭାବେ ଜି - ରାମ - ଜି, କଳା ବିଲ ଆଣିଛନ୍ତି । ଏହା ଦ୍ୱାରା ମନରେଗା ଯୋଜନାରେ ଯୋଗାଇ ଦେଉଥିବା "କାମ କରିବାର ଆଇନଗତ ଅଧିକାର" ଶେଷ ହୋଇଯିବ ବୋଲି କୁହାଯାଇଛି। କାର୍ଯ୍ୟ ଦିବସକୁ ବର୍ଷକୁ ୧୦୦ ଦିନ ନୁହେଁ ୨୦୦ ଦିନ, ଦୈନିକ ୬୦୦ ମଜୁରୀ ସହ ଜବ କାର୍ଡ ଯୋଗାଇ ଦେବା ପାଇଁ ସିପିଆଇ (ଏମଏଲ) ଲିବରେସନ ର ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନାସିମ ଶବର, କୈଳାସ ଶବର, ରାଜେନ୍ଦ୍ର ମାଝୀ, ଅନିରୁଦ୍ଧ ନିଶିକା, ତ୍ରିପତି ମୁଟୁକା, କିଲାକା ଯୋତି, ପତକା ପ୍ରେମା, ତୁଳସା ନିମାଲା, ଯକ୍ଷ୍ୟ ଲିମା, ମାଳତି ପାଲକା, ଗିରି ପତକା, ଏସନ ମଣ୍ଡାଙ୍ଗି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସିପିଆଇ (ଏମଏଲ) ଲିବରେସନ ରାୟଗଡା ଜିଲ୍ଲା କମିଟି ସମ୍ପାଦକ ତିରୁପତି ଗମାଙ୍ଗଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

# ୧୦ ଜଣଙ୍କୁ ଜମିପଟ୍ଟା ବଣ୍ଟନ

ରାୟଗଡ଼ା,୨୨।୧୨(ସମିସ):




ରାୟଗଡ଼ା ଜିଲ୍ଲା ସଦର ବ୍ଲକର ପିପିଲଗୁଡା ପଞ୍ଚାୟତର ଜାଙ୍ଗିଲି ଗ୍ରାମରେ ସୋମବାର ଦିନ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁଜିତ କୁମାର ମିଶ୍ର, ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ସ୍ୱାସ୍ଥ୍ୟ ଅଧିକାରୀ ଡଃ ସୁନୀଲ ପ୍ରାସାଦ ମହାପାତ୍ର, ସହକାରୀ ପ୍ରାଣୀଧନ ଅଧିକାରୀ ଡଃ ସୁବ୍ରତ ପାଣିଗ୍ରାହୀ, ଏବିଡିଓ କାଳୁଚରଣ ନାୟକ, ଭାରପ୍ରାପ୍ତ ସିଡିପିଓ ନଳିନୀ ବୈରାଗୀ, ଏବିଇଓ ବଳରାମ ହୁଇକା ପ୍ରମୁଖ ଉପସ୍ଥିତ ରହି ବିଭାଗୀୟ ସରକାରୀ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ପିପଲଗୁଡା ନାଏବ ସରପଞ୍ଚ ସୀନା ଜିଲାକାରା, ଖ ଜୋନର ଜିଲ୍ଲା ପରଷଦ ସଭ୍ୟା ପଦ୍ମାବତୀ ମାଣ୍ଡାଙ୍ଗୀ, ଡାଙ୍ଗଲୋଡି ସମିତି ସଭ୍ୟ ଅଜିତ ମାଣ୍ଡାଙ୍ଗୀ, କାରୁବାଇ ସମିତିସଭ୍ୟ ସୁଖଦେବ ସାରାକା, ପିପଲଗୁଡା ସମିତି ସଭ୍ୟ ଅନନ୍ତ ପୁଆଲା ପ୍ରମୁଖ ଯୋଗ ଦେଇ ନିଜ ମତ ରଖିଥିଲେ। ମୋଟ ୧୯ ଗୋଟି ଅଭିଯୋଗ ଆସିଥିଲା। ବ୍ୟକ୍ତିଗତ ଅଭିଯୋଗ ଆବାସ, ଭତ୍ତା ସମ୍ପର୍କିତ ହୋଇଥିବାରୁ ବିହିତ ପଦକ୍ଷେପ ନିମନ୍ତେ ସଂପୃକ୍ତ ଉପ ବିଭାଗକୁ ହସ୍ତାନ୍ତର କରାଯାଇଥିବା ବିଡିଓ ସୁଜିତ ମିଶ୍ର କହିଛନ୍ତି। ଉକ୍ତ ବୈଠକରେ ୧୦ ଜଣଙ୍କୁ ବ୍ୟକ୍ତିଗତ ଜମିପଟ୍ଟା, ଚାରିଜଣଙ୍କୁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟକାର୍ଡ, ପାଞ୍ଚଜଣଙ୍କୁ ମନରେଗା ଜବକାର୍ଡ ଏବଂ ତିନୋଟି ଏସଏଚଜିଙ୍କୁ ଜୀବିକା ମିଶନ ତରଫରୁ ପଚାଶ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ବଣ୍ଟନ କରାଯାଇଥିଲା। ମା' ସନ୍ତୋଷୀ କଳା ପରିଷଦ ତରଫରୁ ବାଲ୍ୟ ବିବାହ ଓ ଅନ୍ଧବିଶ୍ୱାସ ନିରୋଧ ସମ୍ପର୍କିତ ସଚେତନତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚସ୍ଥ କରାଯାଇଥିଲା। ଶିକ୍ଷକ ନୀଳାଞ୍ଚଳ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ମନୋଜ ଜିଲାକାରା, ରୀତାଶ୍ରୀ ପଲେଇ ସମେତ ପିପଲଗୁଡା ଯୁବକସଙ୍ଘ ଓ ବ୍ଲକ କର୍ମକର୍ତ୍ତାଗଣ ଆୟୋଜନରେ ସହଯୋଗ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ବୈପାରିଗୁଡ଼ା,୨୨।୧୨(ସମିସ): ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ପଞ୍ଚାୟତର ଦୋରାଗୁଡା ଗ୍ରାମର ବନମାଳୀ ପାଙ୍ଗି (୨୫) ଅନ୍ୟ ଦୁଇ ସାଙ୍ଗଙ୍କ ସହ ଏକ ବାଇକ୍‌ରେ ଅପରାହ୍ନ ୪ଟା ବେଳେ ନିଜ ଗାଁରୁ କାନ୍ଦିଲିବେଡା ଗାଁକୁ କୌଣସି କାମରେ ବାହାରିଥିଲେ। କାନ୍ଦିଲିବେଡା ପହଞ୍ଚିବା ପୂର୍ବରୁ କରଣ ଛକ ବୁଲାଣିରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ତିନି ଜଣ ଛିଟିକି ରାସ୍ତା କଡ଼ରେ ଥିବା ଖାଲରେ ପଡ଼ି ଯାଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ହିଁ ବନମାଳୀ ପାଙ୍ଗିଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡିଥିଲା। ବାଇକରେ ଥିବା ଅନ୍ୟ ଦୁଇ ସାଙ୍ଗ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ତୁରନ୍ତ ରାମଗିରି ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦୁର୍ଘଟଣା ଖବର ପାଇ ରାମଗିରି ଫାଣ୍ଡି ଏଏସଆଇ ବିଷ୍ଣୁ ମାଡକାମି ଘଟଣାସ୍ଥଳରେ ପହଞ୍ଚି ବନମାଳୀଙ୍କ ମୃତଦେହ ଜବତ କରିଛନ୍ତି।

## ଝରିଗାଁରେ ଚକଅଖ ବନ୍ଦ ଡାକରା



ଝରିଗାଁ,୨୨।୧୨(ସମିସ): ଚାଷୀ ମହାସଂଘ ତରଫରୁ ସୋମବାର ଦିନ ଝରିଗାଁ ସଦରମହକୁମା ଠାରେ ଏକ ପ୍ରତିବାଦ ସଭା ହୋଇଥିଲା। ଯାହାକି ସପ୍ତାହେ ବ୍ୟାପୀ ଚାଲିବ ବୋଲି ଚାଷୀ ମହସଂଘ ଚେତାବନୀ ଦେଇଛନ୍ତି। ଏସିଆ ମହାଦେଶର ସର୍ବାଧିକ ନବରଙ୍ଗପୁର ଜିଲ୍ଲାର ତିନି ବ୍ଲକ ଝରିଗାଁ, ଉମରକୋଟ ଏବଂ ରାଇଘର ବ୍ଲକରେ ମକା ଚାଷ ହେଉଛି। ହେଲେ ଚାଷୀଙ୍କ ପାଇଁ ସରକାର ମକା ମଣ୍ଡି ଖୋଲି ପାରିଲେ ନାହିଁ, ଯାହା ଫଳରେ ଚାଷୀଙ୍କୁ ଉଚିତ୍ ଦରରେ ମକା ବିକ୍ରୟ କରିପାରୁ ନାହାଁନ୍ତି। ରାଜ୍ୟ ସରକାର ଚାଷୀଙ୍କ ଦାବିକୁ ଗୁରୁତ୍ୱ ଦେଇ ସମସ୍ୟାର ସମାଧାନ କରିବା ପାଇଁ ଅନୁରୋଧ କରାଯାଇଛି। ଏହି ଅବସରରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ଭୂଜବଳ ମାଝୀ, ଡାବୁଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା, ମନୋରଞ୍ଜନ ତ୍ରିପାଠୀ, ଲିପିକା ମାଝୀ, ଅଶୋକ କୁମାର ମୁର୍ଦ୍ଧୀ, ହାରାବତି ଗଣ୍ଡ, ପ୍ରେମା ପାଣ୍ଡେ, ତମ୍ଭୁଦାସ ପନକା, ଉଦୟ ନାଥ ନାୟକ, ଅଖିଳ ଭତ୍ରା, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ନରସିଂହ ମାଝୀଙ୍କ ସହ ବ୍ଲକର ଶତାଧିକ ଚାଷୀ ଉପସ୍ଥିତ ରହିଛନ୍ତି। ସ୍ଥାନୀୟ ତହସିଲଦାର ସୁମନ୍ତ କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ମାନଙ୍କ ସହ ଆଲୋଚନା କରି ଆନ୍ଦୋଳନ ବନ୍ଦ ପାଇଁ ଅନୁରୋଧ କରିଥିଲେ। ଚାଷୀ ମହାସଂଘ ଜିଲ୍ଲାପାଳ ଏଠାରେ ଆସି ଚାଷୀଙ୍କ ସମସ୍ୟାର ସମାଧାନ ତୁରନ୍ତ କରିବା ନେଇ ଲିଖିତ ପ୍ରତିଶ୍ରୁତି ଦେଲେ ଆନ୍ଦୋଳନରୁ ଓହରିବୁ ବୋଲି କହିଥିଲେ।

## ନାରାୟଣୀ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଜୟପୁର,୨୨।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ନାରାୟଣୀ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍ଥାନୀୟ ଏନ.କେ.ଟି ରୋଡ ବିଦ୍ୟାଳୟର ପରିସରରେ ଅନୁଷ୍ଠିତ ହୋଇଥିଲା। ଆଜି ସଂଧ୍ୟାରେ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ସୁଚିସ୍ମିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜୟପୁର ସହରର ପ୍ରତିଷ୍ଠିତ ମେଡିସନ ବିଶେଷଜ୍ଞ ଡାକ୍ତର କେଦାର ନାଥ ଚୌଧୁରୀ, ସ୍ତ୍ରୀ ଓ ପ୍ରସୁତି ବିଭାଗର ଡା.ଶ୍ରୀଲତା ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ, ବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷା ନାରାୟଣୀ ପଟ୍ଟନାୟକ, ପରିଚାଳନା ନିର୍ଦ୍ଦେଶକ ଡ.ଅନିକେତ ପଟ୍ଟନାୟକ, ଉପାଧ୍ୟକ୍ଷ ପ୍ରୀୟୁଷ ପଟ୍ଟନାୟକ, ବିଶିଷ୍ଟ ସଂଗୀତଜ୍ଞ ଧିରେନ ମୋହନ ପଟ୍ଟନାୟକ, ଯୁବନେତା ପ୍ରତ୍ୟୁଷ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ରହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରିଥିଲେ। ସେହିପରି ବିଭିନ୍ନ କ୍ରୀଡା ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ସମେତ ଶ୍ରେଷ୍ଠ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରବଳ ଶୀତ ସତ୍ତ୍ୱେ ଏହି ବାର୍ଷିକ ଉତ୍ସବରେ ଅଭିଭାବକ ଏବଂ ଛାତ୍ରଛାତ୍ରୀ ମାନେ ବହୁସଂଖ୍ୟାରେ ଯୋଗଦାନ କରିଥିଲେ।

## ଏମ୍‌ଜିଏନ୍‌ଆରଇଜିଏ ନାମ ପରିବର୍ତ୍ତନ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ




କୋରାପୁଟ,୨୨।୧୨(ସମିସ): କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନ କରୁଥିବା ବିରୁଦ୍ଧରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ କୋରାପୁଟ ସଦର ମହକୁମାରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକ ନେତୃତ୍ୱରେ ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, ପୂର୍ବତନ ବିଧାୟକ ନିମାଇଁ ସରକାର, ରାଜ୍ୟ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ଆଚାର୍ଯ୍ୟ, ଜିଲ୍ଲା କଂଗ୍ରେସ ଏସସି ସେଲ ଅଧ୍ୟକ୍ଷ ରମେଶ ଖରା, କୋରାପୁଟ ନଗର କଂଗ୍ରେସ ସଭାପତି ଜୟନ୍ତ କଟିମଙ୍କ ସହ ବିଭିନ୍ନ ବ୍ଲକର ସଭାପତି ଏବଂ କର୍ମୀ ମାନେ ଧାରଣା ଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।ଏହାପରେ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ବିଚାରଧାରାକୁ ସମାପ୍ତ କରିବା ଯେଉଁ କେନ୍ଦ୍ର ସରକାର ଯେଉଁ ଭୁଲ ଚିନ୍ତା କରିଛନ୍ତି ତାହା କେବେ ବି ସମ୍ଭବପର ନୁହେଁ ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକ କହିଛନ୍ତି।

## ପୁଷ୍‌ପୁନି ଫିଲ୍ମ ଫେଷ୍ଟିଭାଲ୍‌ର ୯ଟି ସିନେମା ପ୍ରଦର୍ଶିତ

ଜୟପୁର,୨୨।୧୨(ସମିସ): ଜୟପୁର ଠାରେ ଚଳିତବର୍ଷର ସାଂସ୍କୃତିକ କାର୍ଯ୍ୟକ୍ରମ "ପୁଷପୁନି ୨୦୨୬' ର ପ୍ରଥମ କାର୍ଯ୍ୟକ୍ରମ "ପୁଷପୁନି ଫିଲ୍ମ ଫେଷ୍ଟିଭାଲ' ସ୍ଥାନୀୟ କରସୁଧା ଥିଏଟର ହଲ ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଜି ସମୁଦାୟ ସ୍ଥାନୀୟ ପ୍ରଯୋଜକଙ୍କ ଦ୍ୱାରା ନିର୍ମିତ ୯ଟି ସିନେମା ପ୍ରଦର୍ଶିତ ହୋଇଥିଲା। ଆଜି ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୟଜ୍ୟୋଷ୍ଠ ନାଟ୍ୟ କାଳକାର ଗୋବିନ୍ଦ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରଥମ ସିନେମା ପ୍ରଯୋଜକ ସୁଶାନ୍ତ ଅଧିକାରୀ, କୋରାପୁଟିଆ ଫିଲ୍ମ ଡେଭେଲେପମ୍ୟାଣ୍ଟ ସମିତିର ସଭାପତି ରବୀନ୍ଦ୍ର ପାତ୍ର, ସମ୍ପାଦକ ଅମର ମିଶ୍ର, କଳାକାର ରବି ପାତ୍ର. ଜି ମହେଶ ଏବଂ କୋରାପୁଟିଆ କଳା ଓ କଳାକାର ମଞ୍ଚର ସଭାପତି ମନୋଜ ପାତ୍ର, ସମ୍ପାଦକ ଧିରେନ ମୋହନ ପଟ୍ଟନାୟକ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରୁ ପୁଷପୁନି ମଞ୍ଚର ସକ୍ରିୟ ସଦସ୍ୟ ତଥା ସାମ୍ବାଦିକ ସ୍ୱର୍ଗତ ଅଶୋକ ପଲେଇଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା ଶ୍ରୀକାନ୍ତ ଦାଶ କରିଥିବା ବେଳେ ଜୟନ୍ତ ଦାଶ, ପୀୟୂଷ ପଟନାୟକ, ଅନିଲ ପଟନାୟକ ଏବଂ ସତ୍ୟ ରାୟ ପ୍ରମୁଖ ସହଯୋଗ କରିଥିଲେ।

## ଘର ମାଲିକଙ୍କୁ ଆକ୍ରମଣ

ଜୟପୁର,୨୨।୧୨(ସମିସ): ଘର ମାଲିକ ଏବଂ ତାଙ୍କ ପରିବାର ଲୋକଙ୍କୁ ଭଡ଼ାରେ ରହୁଥିବା ପରିବାର ମରଣାନ୍ତକ ଆକ୍ରମଣ କରିବା ସହ ମାଡ ମାରିଥିବା ନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ ପାଞ୍ଜିଆଗୁଡା ଅଞ୍ଚଳର ଶ୍ୟାମଘନ ରଥ ଦୀର୍ଘଦିନ ହେଲା ତାଙ୍କ ଘରେ ସିତାରାମ କନ୍ୟାରୀ ନାମକ ପରିବାରକୁ ଭଡା ଦେଇଛନ୍ତି। ଗତକାଲି ମାଲିକ ଶ୍ରୀ ରଥ ଘରଭଡା ମାଗିବା ସହ ଘର ଖାଲି କରିବାକୁ କହିବାରୁ ଅଭିଯୁକ୍ତ ସୀତାରାମ ଏବଂ ତାଙ୍କ ପରିବାର ଅସଭ୍ୟ ଭାଷାରେ ଘରମାଲିକଙ୍କୁ ଗାଳିଗୁଲଜ କରିବା ପରେ ଆକ୍ରମଣ କରିଥିଲେ। ଏହିପରି ଘରମାଲିକଙ୍କ ପତ୍ନୀଙ୍କୁ ଅସଦାଚରଣ କରିଥିବା ବେଳେ ତାଙ୍କ ପୁଅକୁ ଲୁହାଛଡ ମାଡ଼ ମାରି ରକ୍ତାକ୍ତ କରିଛନ୍ତି ଏବଂ ଜୀବନରେ ମାରିବା ନେଇ ଧମକଚମକ ଦେଇଛନ୍ତି। ଏନେଇ ଥାନାରେ ଏତଲାଦେବା ପରେ ଆଜ ସଦର ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## କୁକୁର କାମୁଡ଼ାରେ ୪ ମହିଳା

ବୈପାରୀଗୁଡ଼ା,୨୨।୧୨(ସମିସ): କୁକୁର କାମୁଡ଼ାର ଶିକାର ହେଲେ ଚାରି ମହିଳା । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ରାମଗିରି ମେଡିକାଲ ଛକରେ ଦେଖିବାକୁ ମିଳିଛି ଏଭଳି ଘଟଣା। ଗୁରୁତର ଅବସ୍ଥାରେ ଆହତଙ୍କୁ ପ୍ରଥମେ ରାମଗିରି ଉପ ସ୍ୱାସ୍ଥ୍ୟ କେନ୍ଦ୍ର, ପରେ ବୈପାରୀଗୁଡା ମେଡିକାଲରେ ଭର୍ତ୍ତି କରାଯାଇଛି । କୁକୁର କାମୁଡ଼ାର ଶିକାର ହୋଇଥିବା ମହିଳାମାନେ ହେଲେ ରାମଗିରି ଗାଁ ବିରଖମ୍ବ ସାହିର ସୋନାଲି ସାଗରିଆ (୧୮), ପାର୍ବତୀ ଚାରିକି(୭୦), ବିଜୟଲକ୍ଷ୍ମୀ ଦାସ (୬୦) ଓ ହୀରାମଣି ମାଝୀ (୭୦)। କୁକୁର ଗୋଟିଏ ଗାଈ ଏବଂ ଗୋଟିଏ ଛେଳିକୁ ମଧ୍ୟ କାମୁଡ଼ିଥିବା ଜଣାପଡ଼ିଛି।

## ନନ୍ଦପୁର ବ୍ଲକ୍‌ରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି




ନନ୍ଦପୁର,୨୨।୧୨ (ସମିସ): ନନ୍ଦପୁର ବ୍ଲକ ସହିଦ ଲକ୍ଷ୍ମଣ ନାୟକ ସଭାଗୃହ ପ୍ରକୋଷ୍ଠରେ କୋରାପୁଟ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୨ଟି ଅଭିଯୋଗ ଦାଖଲ ହୋଇଥିଲା। ୨ଟି ବ୍ୟକ୍ତିଗତ ଓ ୨୦ଟି ସାମୂହିକ ଅଭିଯୋଗ ଥିଲା। ଏହି କାର୍ଯ୍ୟକ୍ରମରେ କୋରାପୁଟ ଏଡିଏମ୍ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଡିପିଏଚ୍‌ଓ ଦେବବ୍ରତ ମଲ୍ଲିକ, ନନ୍ଦପୁର ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ୍ଲୁ, ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ଅତିରିକ୍ତ ତହସିଲଦାର ମାଧବ ପାଙ୍ଗିଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଉପସ୍ଥିତ ଅଧିକାରୀ ମାନେ ଅଭିଯୋଗ ଗୁଡ଼ିକୁ ଗୁରୁତ୍ୱ ସହ ଶୁଣି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

## ସର୍ବଭାରତୀୟ ଯୁବ ଲେଖକ ପ୍ରତିଯୋଗିତାରେ ଜୟପୁର ଝିଅ ପ୍ରଥମ




ଜୟପୁର,୨୨।୧୨(ସମିସ): ସର୍ବଭାରତୀୟ ଯୁବ ଲେଖକ ପ୍ରତିଯୋଗୀତାରେ ଜୟପୁରର ଝିଅ ତେଜସ୍ୱୀ ସାନ୍ତ୍ରା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ନୂଆଦିଲ୍ଲୀସ୍ଥିତ କାଲିସ୍ତାରିସର୍ଟ ଠାରେ ବ୍ରିଟାନିକା ଏଜୁକେସନ ଇଣ୍ଡିଆ ଦ୍ୱାରା ଆୟୋଜିତ ସର୍ବଭାରତୀୟ ଯୁବଲେଖକ ପ୍ରତିଯୋଗୀତା ୨୦୨୫ କନିଷ୍ଠ ବର୍ଗରେ ଜୟପୁର କେବିଏସଡି ରୋଡ ନିବାସୀ ଗୌରାଙ୍ଗଚରଣ ସାନ୍ତ୍ରାଙ୍କ ନାତୁଣୀ ତଥା ଉତ୍କଳ ସାନ୍ତ୍ରା ଓ ଅଭିତା ସାନ୍ତ୍ରାଙ୍କ ସୁକନ୍ୟା କୁମାରୀ ତେଜସ୍ୱୀ ସାନ୍ତ୍ରା ପ୍ରଥମ ସ୍ଥାନରେ ପୁରସ୍କୃତ ହୋଇଛନ୍ତି। କନିଷ୍ଠ ବର୍ଗରେ ସର୍ବଭାରତୀୟ ସ୍ତରରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାନଙ୍କରୁ ୮୦ ହଜାର ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଶେଷ ପର୍ଯ୍ୟାୟରେ ୨୪ଜଣ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ କରିବା ପାଇଁ ନୂଆଦିଲ୍ଲୀ ଆମନ୍ତ୍ରଣ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ତେଜସ୍ୱୀଙ୍କ ପ୍ରଥମସ୍ଥାନ ପାଇଥିବା ଯୋଗୁଁ ପୁରସ୍କୃତ କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଦେଶର ପ୍ରଥମ ନାରୀ ଭାବେ ଭାରତୀୟ ପୁଲିସ ସେବା ଅଧିକାରୀ ଡ. କିରଣ ବେଦୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶ ଯେ, ଛାତ୍ରୀ ତେଜସ୍ୱୀ ଡିପିଏସ ବାଙ୍ଗାଲୁରର ପଞ୍ଚମ ଶ୍ରେଣୀ ଛାତ୍ରୀ ଭାବେ ଅଧ୍ୟୟନରତ ଅଛନ୍ତି।

## 'ଇଡିତାଲ'ର ଦ୍ୱିତୀୟ ସନ୍ଧ୍ୟା



ଗୁଣପୁର,୨୨।୧୨(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ଉପଖଣ୍ଡସ୍ତରୀୟ 'ଚଇତି ଇଡିତାଲ' ଉତ୍ସବର ଦ୍ୱିତୀୟ ସାନ୍ଧ୍ୟାରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଉପସ୍ଥିତ ରହି ପ୍ରଦର୍ଶନୀ ଷ୍ଟଲ୍ ଗୁଡ଼ିକ ବୁଲି ଦେଖିବା ସହ ସମସ୍ତଙ୍କୁ 'ଚଇତି'ର ଶୁଭକାମନା ଜଣାଇଥିଲେ। ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉପ ଜିଲ୍ଲାପାଳ ତଥା ଉତ୍ସବ କମିଟିର ଅଧ୍ୟକ୍ଷ ଅଭିଷେକ ଦିଲୀପ ଦୁଧାଲଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଡିଆରଡିଏର ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୁକ୍କାୟିତ କଳା ପ୍ରତିଭାକୁ ଲୋକଲୋଚନକୁ ଆଣିବା 'ଚଇତି' ଏକ ପ୍ରକୃଷ୍ଟ ସ୍ଥାନ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଭାମିନି ସ୍ଥିତ ଦ୍ୱିତୀୟ ରିଜର୍ଭ ବାଟାଲିୟନର ଦୂର୍ଗପତି ବ୍ରଜ ମୋହନ ନାୟକ, ଆଇଟିଡିଏ ପିଏ ଅଜୟ କୁମାର ପ୍ରଧାନ ଯୋଗ ଦେଇଥିଲେ। ପଦ୍ମପୁର ବିଡ଼ିଓ କୁରେଶ୍ ଜାନି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ପଦ୍ମପୁର ବ୍ଲକ ତହସିଲଦାର ସୁଭାସିସ ଶତପଥୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉଦ୍‌ଘୋଷିକା ବିଦିଶା ଶତପଥୀଙ୍କ ସଂଯୋଜନାରେ ମଞ୍ଚ ପରିଚାଳନା କରାଯାଇଥିଲା। ପରେ ଚଇତି ମଣ୍ଡପରେ ବିଭିନ୍ନ ସ୍କୁଲ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପରିବେଷଣ ହୋଇଥିଲା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ। ମୁଖ୍ୟ ଆକର୍ଷଣ ଥିଲେ ରାୟଗଡାର ମୁନ୍ନା ହିମିରିକାଙ୍କ ଟିମ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।

● ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

## ଦେବରାଜ ମିଷ୍ଟର ବୈପାରୀଗୁଡା




ବୈପାରିଗୁଡ଼ା, ୨୨।୧୨(ସମିସ): ବୈପାରିଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ପରବ ମଣ୍ଡପରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ୨୦୨୬ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ସରପଞ୍ଚ ସୂର୍ଯ୍ୟମଣି ନାୟକ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରିଆ, ପୂର୍ବତନ ଜିଲ୍ଲା ପରିଷଦ ବଙ୍ଗୁ ଧଳ, ଚନ୍ଦ୍ର ଶେଖର ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରତିଯୋଗିତା ବୈପାରିଗୁଡାର ଷ୍ଟାଲିଅନ କ୍ଲାସିକ୍ ଜିମ୍ ପକ୍ଷରୁ ଅନୁଷ୍ଠିତ ହୋଇଥିବା ବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ୬୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବୈପାରିଗୁଡା ଷ୍ଟାଲିଅନ କ୍ଲାସିକ୍ ୨୦୨୬ର ଚାମ୍ପିଅନ୍ ଜୟପୁରର ରଘୁରାମ କୁଲଦୀପ ହୋଇଥିବା ବେଳେ ନନ୍ଦପୁରର ସୂରଜ କୁମାର ରନର୍ ଅପ୍ ହୋଇଥିବା ବେଳେ ଦେବରାଜ ନାୟକ ମିଷ୍ଟର ବୈପାରିଗୁଡା ହୋଇଥିଲେ। ସେହିପରି ୬୦ କିଲୋ ବର୍ଗରେ ରଘୁନାଥ କୁଲଦୀପ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଦେବରାଜ ନାୟକ ରୌପ୍ୟ ଓ ଚନ୍ଦନ ପାଙ୍ଗି ବ୍ରଞ୍ଜ ପଦକ ପାଇଥିଲେ। ୬୫ କିଲୋରେ ରାଜେଶ ଖେମୁଣ୍ଡୁ ସ୍ୱର୍ଣ୍ଣ, ନବୀନ ପାଙ୍ଗି ବ୍ରଞ୍ଜ। ୭୦ କିଲୋରେ ସର୍ଶା ଖାନ୍ ସ୍ୱର୍ଣ୍ଣ, ପୃଥିରାଜ ପାଲୁ ରୌପ୍ୟ ଓ ମୀନ ଗାଦବା ବ୍ରଞ୍ଜ। ୭୫ କିଲୋରେ ସୂରଜ କୁମାର ସ୍ୱର୍ଣ୍ଣ, ପ୍ରଦୀପ କୁମାର ବନକିଆ ରୌପ୍ୟ ଏବଂ ଗୌତମ କୁମାର ବନକିଆ ବ୍ରଞ୍ଜ ପଦକ ହାସଲ କରିଥିଲେ। ୮୦ କିଲୋରେ ସୁବାଷ ସୋନୀ ସ୍ୱର୍ଣ୍ଣ ପଦକ ପାଇଥିଲେ। ଏହି କାର୍ଯ୍ୟକ୍ରମକୁ ବୈପାରିଗୁଡାର ଷ୍ଟାଲିଅନ କ୍ଲାସିକ୍ ଜିମ୍ ସଭ୍ୟ ରତ୍ନାକର ସ୍ୱାଇଁ ପରିଚାଳନା କରିଥିଲେ।

## ଶହୀଦ ଯବାନ ଈଶ୍ୱର ତଲିଆଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ବୈପାରୀଗୁଡ଼ା, ୨୨।୧୨(ସମିସ): ଶହୀଦଙ୍କ ବଳିଦାନକୁ ସ୍ମରଣ କରିବା ପାଇଁ ଅଣ୍ଡା ଭିଡିଛି ଶହୀଦ ଈଶ୍ୱର ତଲିଆ ସ୍ମୃତି କମିଟି । ଜନ୍ମ ମାଟିରେ ସହିଦ ଈଶ୍ୱର ତଲିଆ ନାଁରେ ପାର୍କ ନିର୍ମାଣ ସହ ଶହୀଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ପଞ୍ଚାୟତ ବଡାଗୁଡା ଠାରେ ଆଜି ଶହୀଦଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ। ଆଜିର ଏହି ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ତଥା ପ୍ରତିମୂର୍ତ୍ତି ଉନ୍ମୋଚନରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗଦାନ କରିଥିବା ବେଳେ ଈଶ୍ୱର ତଲିଆଙ୍କ ମାତା ପିତା ଏବଂ ଧର୍ମ ପତ୍ନୀ ଏବଂ ପରିବାର ବର୍ଗର ସମସ୍ତ ସଦସ୍ୟମାନେ ଯୋଗଦାନ କରିଥିଲେ। ଅନ୍ୟଅତିଥିଙ୍କ ମଧ୍ୟରୁ କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଷୋୟୀ, ନବରଙ୍ଗପୁର ସାଂସଦ ପ୍ରତିନିଧି ନରେନ୍ଦ୍ର କାନ୍ଦଲିଆ, କୋଟପାଡ଼ ବିଧାୟକ ପ୍ରତିନିଧି ପ୍ରଭାକର ରାଓ, ପୂର୍ବତନ କୋରାପୁଟ ସାଂସଦ ଝିନୋ ହିକକା, ପୂର୍ବତନ ବିଧାୟକ ରଘୁରାମ ପାଡାଲ, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ଗୋବିନ୍ଦ ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରୀଆ, ଜିଲ୍ଲା ପରିଷଦ ସଭ୍ୟା ମଣି ଜାନି, କେନ୍ଦୁଗୁଡା ସରପଞ୍ଚ ଅଭିମନ୍ୟୁ ନାୟକ, ରାଜ୍ୟ ବାର କାଉନସିଲର ସଦସ୍ୟ ରମେଶ ପାତ୍ର, ଡିଏସପି ଡ଼ଃ ହୃଷୀକେଶ ମେହେର, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ତହସିଲଦାର ସ୍ନିଗ୍ଧା ରାଣି ଚୌଧୁରୀ, ଓଆଇସି ଡମ୍ବରୁଧର ବର୍ତିଆ, ସୀମାସୁରକ୍ଷା ବାହିନୀ ସୁଦର୍ଶନ ତଲିଆ ଏବଂ ସମସ୍ତ ସମାଜର ସଭାପତି ମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।ଏହି କାର୍ଯ୍ୟକ୍ରମକୁ ବିଶ୍ୱଜିତ ନାୟକ ପରିଚାଳନା କରିଥିଲେ।

# ଖାଉଟି ମନ୍ତ୍ରୀଙ୍କୁ ନନ୍ଦପୁର ପ୍ରେସ୍ କ୍ଲବ୍‌ର ସମ୍ବର୍ଦ୍ଧନା



ନନ୍ଦପୁର,୨୨।୧୨(ସମିସ): ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରାଙ୍କ ନେତୃତ୍ୱରେ ସମ୍ପାଦକ ରମେଶ କୁମାର ଅଧିକାରୀ, ଉପ ସଭାପତି ବିମଳ ରାଓ ସ୍ମିଥ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ପାଢ଼ି, ହିରଣ୍ୟ ବିଶୋଇ, ସାମୁଏଲ ଖେମୁଣ୍ଡୁ, ଶ୍ରୀରାମ ଖରା ପ୍ରମୁଖ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ପାତ୍ର ନନ୍ଦପୁର କ୍ୟାମ୍ପସ ପରିସରରେ ମଣ୍ଡି ପରିଦର୍ଶନ ନିମନ୍ତେ ପହଞ୍ଚି ସମୀକ୍ଷା କରିବା ସହ ଖାଉଟି ବଣ୍ଟନରେ ଥିବା ଟିପ ଚିହ୍ନ ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ପିଡିଏସ୍ ଚାଉଳ ନେଇ ବଞ୍ଚିତ ଅଭିଯୋଗର ଶୁଣାଣି କରି ଏହାର ବିକଳ୍ପ ବ୍ୟବସ୍ଥା ବିନା ଟିପ ଚିହ୍ନରେ ମଧ ହିତାଧିକାରୀ ଚାଉଳ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଟିପ ଚିହ୍ନ ସମସ୍ୟା ନେଇ କୌଣସି ହିତାଧିକାରୀ ଯେମିତି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏବଂ ଚାଉଳ ପାଇବାରୁ ବଞ୍ଚିତ ନ ହୁଅନ୍ତି ସେ ନେଇ କଡ଼ା ତାଗିଦ୍ କରିଥିଲେ। ପ୍ରଶାସନ ମଧ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପ୍ରକାରେ ୨୪ ଘଣ୍ଟା ଭିତରେ ଦୁଇ ଦୁଇ ବର୍ଷ ଧରି ଚାଉଳରୁ ବଞ୍ଚିତ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରି ନୂତନ କାର୍ଡ ମଧ ପ୍ରଦାନ କରିସାରିଛନ୍ତି। ମନ୍ତ୍ରୀଙ୍କ ଏଭଳି ନିର୍ଦ୍ଦେଶ ପାଇଁ ନନ୍ଦପୁର ପ୍ରେସ କ୍ଲବ୍ ସଦସ୍ୟ ମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ଭେଟି ଧନ୍ୟବାଦ ଜଣାଇଥିଲେ। ନନ୍ଦପୁର ପ୍ରସିଦ୍ଧ କୀର୍ତ୍ତିରାଜି, ପର୍ଯ୍ୟଟନ ସହ ମନ୍ଦିର ମାଳିନୀ ଫୋଟ ଚିତ୍ର ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରେସ୍ କ୍ଲବ୍ ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରି ଖୁସି ପ୍ରକଟ କରିଥିଲେ।

# ଧାନର ଅଭାବୀ ବିକ୍ରି; ଚକ ଅଖ ବନ୍ଦ କଲେ ଚାଷୀ



ଉମରକୋଟ,୨୨।୧୨(ସମିସ): ନବରଙ୍ଗପୁର ଜିଲ୍ଲାରେ ତେଜୁଛି ଚାଷୀ ଆନ୍ଦୋଳନ। ଧାନ ଓ ମକାର ଅଭାବୀ ବିକ୍ରିକୁ ନେଇ ଜିଲ୍ଲାର ତିନୋଟି ବ୍ଲକର ଚକ ଅଖ ବନ୍ଦ ରହିଥିବା ଦେଖିବାକୁ ମିଳିଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରେ ଉମରକୋଟ, ଝରିଗାଁ ଓ ରାଇଘର ଚାଷୀ ମହାସଂଘ ପକ୍ଷରୁ ପୂର୍ବତନ ସାଂସଦ ପ୍ରଦୀପ ମାଝୀଙ୍କ ଅଧକ୍ଷତାରେ ତିନିଗୋଟି ବ୍ଲକ ତଥା ରାଇଘର, ଉମରକୋଟ, ଝରିଗାଁ ଠାରେ ଚକଅଖ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ବର୍ତ୍ତମାନ ମଣ୍ଡିରେ ଅବ୍ୟବସ୍ଥା ସମ୍ପର୍କରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଉପରେ ବର୍ଷିଛନ୍ତି ଚାଷୀ ଭାଇ। ଚାଷୀ ଭାଇଙ୍କ ସମସ୍ୟା ଶୁଣିବା ପାଇଁ କେହି ନାହାନ୍ତି ବୋଲି କହିଛନ୍ତି ଚାଷୀ। ଡିସେମ୍ବର ୨୨ ତାରିଖ ଦିନ ୧୦ ଘଣ୍ଟା ପର୍ଯ୍ୟନ୍ତ ସମୟସୀମା ଦେଇଥିଲେ। କିନ୍ତୁ ତାହା ପୂରଣ ହେଉନଥିବାରୁ ଆଜି ସକାଳୁ ସକାଳୁ ସମସ୍ତ ଜାତୀୟ ରାଜପଥ ବନ୍ଦ କରାଯାଇଛି। ମକା ମଣ୍ଡି ଖୋଲା ଯାଉ ମକା ଚାଷୀଙ୍କ ଠାରୁ ୨୪୦୦ ପ୍ରତି କ୍ୱିଣ୍ଟାଲ ଦରରେ ସରକାର କ୍ରୟ କରନ୍ତୁ। ଧାନ ମଣ୍ଡିରେ ଚାଲିଥିବା କଟ୍‌ନୀ ଛଟନୀକୁ ବନ୍ଦ କରାଯିବା ସହ ବସ୍ତା ଯୋଗାଇ ଦେବାର ବ୍ୟବସ୍ଥା, ମକା ମଣ୍ଡି ଓ କଳ କାରଖାନା ପ୍ରତିଷ୍ଠା, ଧାନ ଓ ମକା କ୍ୱିଣ୍ଟାଲ ପ୍ରତି ୩୫୦୦ରେ କିଣାଯାଉ, ପ୍ରତ୍ୟେକ ପଞ୍ଚାୟତରେ କୃଷକ ଭବନ ଓ ଶୀତଳ ଭଣ୍ଡାର ତିଆରି, ପ୍ରତ୍ୟେକ ପଞ୍ଚାୟତରେ ବିହନ ସାର ଓ କୀଟନାଶକ ଔଷଧ ବିକ୍ରୟ କେନ୍ଦ୍ର ଖୋଲିବା ଇତ୍ୟାଦି ଦାବି ଗୁଡ଼ିକୁ ନେଇ ଆଜି ରାଜରାସ୍ତାରେ ଚାଷୀ ଆନ୍ଦୋଳନ ଜାରି ରଖିଛନ୍ତି। ବଡଭରଣ୍ଡି, ଅଧିକାରୀ ଗୁଡା, ସେମଳା, ଚିକଲପଦର ଉମରକୋଟ ବ୍ଲକ୍‌ର ଚାରିଗୋଟି ଛକରେ ଚାଷୀ ରାସ୍ତା ଅବରୋଧ ଜାରି ରଖିଛନ୍ତି। ଏହି ଆନ୍ଦୋଳନରେ ହଜାର ହଜାର ଚାଷୀ ଯୋଗ ଦେଇଥିବା ବେଳେ ଚାଷୀ ନେତା ଗୋପାଳ ପୂଜାରୀ, ସନ୍ତୋଷ କୁମାର ସୂତ୍ରଧର, ପ୍ରଶାନ୍ତ ଯୋଶୀ, ପରମନ ମାତ୍ରା, ମଧୁଭତ୍ରା, ସୁଧିର ହାଲଦାର, ବିଷ୍ଣୁ କଲାର, ଜଳଧର ଭତ୍ରା, ସୁରେଶ ହରିଜନ, ତପନ ମଣ୍ଡଲ, ବିଜୟ ମଣ୍ଡଲ, ଗୋବିନ୍ଦ ହରିଜନ, ଲୋଚନ ଭତ୍ରା ଓ ନିରଞ୍ଜନ ପୂଜାରୀ ପ୍ରମୁଖ ଯୋଗ ଦେଇଛନ୍ତି।

# ସୁଶାସନ ସପ୍ତାହରେ ଜିଲ୍ଲାସ୍ତରୀୟ କର୍ମଶାଳା

ତେନ୍ତୁଲିଖୁଣ୍ଟି,୨୨।୧୨(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୁଶାସନ ସପ୍ତାହ ଅବସରରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ୧୯ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ସୁଶାସନ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କର୍ମଶାଳାରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଅଧକ୍ଷତା କରିଥିଲେ। ପ୍ରଶାସନ ଦ୍ୱାରା ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଏଇ ସୁଶାସନର ଅଂଶବିଶେଷ । ଜିଲ୍ଲା ପ୍ରଶାସନ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ ହେଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା, ସମସ୍ୟାକୁ ନେଇ କୌଣସି ଅଭିଯୋଗ ଆସିଲେ ଗୁରୁତ୍ୱ ଦେଇ ତୁରନ୍ତ ପଦକ୍ଷେପ ନିଆଯାଇ ସମାଧାନ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ପଦକ୍ଷେପ ନେଉଛନ୍ତି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ସିଡିଓ ଜିଲ୍ଲା ପରିଷଦ, ଡିଏସ୍‌ଡବ୍ଲୁଓ ତଥା ଅନ୍ୟ ଅଧିକାରୀ ନିଜ ବିଭାଗର ପ୍ରଣୀତ ବିଭିନ୍ନ ଯୋଜନା ଉପରେ ସୂଚନା ଦେଇଥିଲେ। ପିପିଟି ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ପ୍ରଦର୍ଶନ କରାଯାଇଥିଲା।

# 'ପୁଷ୍ ପୁନେଇଁ ପରବ' ମଞ୍ଚରେ ୬୦ ଲୋକନୃତ୍ୟ ପରିବେଷଣ ହେବ



ନବରଙ୍ଗପୁର,୨୨।୧୨(ସମିସ): ପୁଷ ପୁନେଇ ପରବ ୨୦୨୬ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଶ୍ରୀ ଗୁଣ୍ଡିଚା ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଉପ ନଗରପାଳ ସୁବାସ ଚନ୍ଦ୍ର ସୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡାବୁଗାଁ ବିଧାୟକ ମାନହର ରନ୍ଧାରୀ, ନବରଙ୍ଗପୁର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ମଞ୍ଜୁଳା ମାଝୀ, ଆଦିବାସୀ ଜନଜାତି ଜିଲ୍ଲା ସଭାପତି ରତନ ମାଝୀ, ଜିଲ୍ଲା ଡମ୍ବିରା ଜାତି ସଭାପତି ଲଳିତ ମୋହନ ନାୟକ, ରାଜ୍ୟ ଆଇନଜୀବୀ ସଂଗଠନ ଉପ ସଭାପତି ତଥା ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀ, ନବରଙ୍ଗପୁର ଆଇନଜୀବୀ ସଂଘର ସଭାପତି ସିରାଜ୍ ଉଦ୍ଦିନ, ଅଧିବକ୍ତା ରାମ ପ୍ରସାଦ ପାତ୍ର, ଦିଲ୍ଲୀପ ହୋତା, ମିଟୁ ପାତ୍ର, ଅଧିବକ୍ତା ଶ୍ରୀକାନ୍ତ ପଣ୍ଡା, ସଂଯୁକ୍ତା ପଣ୍ଡା, ସମରେଶ ଗନ୍ତାୟତ, ଗଣେଶ ଦାସ, ସଂଗୀତା ତ୍ରିପାଠୀ, କୌଶଲ୍ୟା ପ୍ରଧାନୀ, ନଗର କଂଗ୍ରେସ ସଭାପତି ପ୍ରଦୀପ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ଅବଦୁଲ ଫିରୋଜ୍, ସତ୍ୟବାଦୀ ଷଡଙ୍ଗୀ, ଦୁର୍ଗା ପ୍ରାଧାନି, ବାଦ୍ୟ ଶିଳ୍ପୀ ଆନନ୍ଦ ଦାସ, ପରିବର୍ତ୍ତନ ଫାଉଣ୍ଡେସନ ଆବାହକ ନିନିବାବୁ ତ୍ରିପାଠୀ, ହାସ୍ୟ କଳାକାର ପବିତ୍ର କରିମ୍, ନୃତ୍ୟ ଶିଳ୍ପୀ ମିଲି ମାଝୀ, କିନ୍ନର ସଂଘ ସମ୍ପାଦିକା ତୃମକି, ବଂଶୀ ବାଦକ ମୁରଲୀ ପଟ୍ଟନାୟକ, ସାନୁଜ ପାତ୍ର, ଶୁଭମ୍ ଚୌଧୁରୀ, ଅବବିନ୍ଦ ତ୍ରିପାଠୀ, ଶିବରାମ ରାଜୁ, ଦେବୀ ତ୍ରିପାଠୀ, ରବି ପଟ୍ଟନାୟକ, ଦେବୀ ପ୍ରସାଦ ସିଂ, ଅଖିଳ ଭୋଟ, ଗଣେଶ ପଟ୍ଟନାୟକ, ସମର ଢାଲି ପ୍ରମୁଖ ଆଲୋଚନା ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ପ୍ରଥମେ ଦୀପ ପ୍ରଜ୍ୱଳନ ପରେ ପ୍ରଖ୍ୟାତ ଚିତ୍ର ଶିଳ୍ପୀ ସୁବ୍ରତ ଆର୍ଟ ଦ୍ୱାରା ତିଆରି ହୋଇଥିବା ପୁଷପୁନେଇ ୨୦୨୬ର ପୋଷ୍ଟର ଓ ମଞ୍ଚ ଚିତ୍ରକଳାର ଡେମୋ ଉନ୍ମୋଚିତ ହୋଇଥିଲା। ଆସନ୍ତା ୨୦୨୬ ଜାନୁଆରୀ ୩,୪,୫ ତାରିଖରେ ପୁରୁଣା ମଣ୍ଡେଇ ପଡିଆ (ପୁଲିସ୍ ପଡିଆ) ଠାରେ ସନ୍ଧ୍ୟା ୬.୩୦ ରୁ ରାତ୍ର ୧୧.୦୦ ଘଣ୍ଟା ପର୍ଯ୍ୟନ୍ତ ନୃତ୍ୟର ଆସର ଜମିବ। ୩ତାରିଖ ସନ୍ଧ୍ୟା ୪ଟା ସମୟରେ ଜଗନ୍ନାଥ ମନ୍ଦିରରୁ ଛେରଛେରା ଶୋଭାଯାତ୍ରା ବାହାରି ପଡିଆ ଅଭିମୁଖେ ଯିବ। ଏଥିରେ ବିଭିନ୍ନ ଆଦିବାସୀ ଦଳ ସହ କଳାକାର ମାନେ ନିଜ ନିଜ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ଭାଗ ନେବେ। ୬୦ ରୁ ଅଧିକ ଆଦିବାସୀ ନୃତ୍ୟ ଦଳ ନୃତ୍ୟ ପରିବେଷଣ କରିବେ। ଦର୍ଶକଙ୍କ ନିମନ୍ତେ ଶୀତ ଦିନିଆ ଖାଦ୍ୟର ଆଶର ପାଇଁ ଷ୍ଟଲ୍ ମାନ ଲଗାଯିବ। ୟୁଟ୍ୟୁବ୍ ମାଧମରେ ସିଧା ପ୍ରସାରଣ କରାଯିବ। ଟ୍ରୁପ୍ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯିବ। ବିଭିନ୍ନ କଳା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କଳାକାର ମାନଙ୍କୁ ସମ୍ମାନ ପ୍ରଦାନ କରାଯିବ ବୋଲି ଆବାହକ ମୁନା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ସମସ୍ତ ସୂଚନା ଦେଇଛନ୍ତି।

# ଏକଲବ୍ୟ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ




ପଟାଙ୍ଗି,୨୨।୧୨(ସମିସ): କୁନ୍ଦୁଲି ପଞ୍ଚାୟତ ଅନ୍ତର୍ଗତ ପୁଙ୍ଗାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ବିବେକାନନ୍ଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗଣିତ ଏକ ବିଷୟ ନୁହଁ ବରଂ ଏହା ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ସଙ୍ଗୀତ ଶିକ୍ଷୟିତ୍ରୀ ସୁଧା ଜୟସୱାଲଙ୍କ ନେତୃତ୍ୱରେ ଛାତ୍ର ଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଗଣିତ ବିଭାଗର ଅଧାପକ ସତ୍ୟବ୍ରତ ରାଉତ ଓ ତେଜସ୍ୱିନୀ ଟାକ୍ରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ୟାପ୍‌ଟେନ୍ ଭୁଜେନ୍ଦ୍ର ଖରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଭାଇସ୍ କ୍ୟାପ୍ଟେନ୍ ପ୍ରଣତି ଦେଇ ଶୀଶା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍‌ସ୍ତରୀୟ ଗଣିତ ଦିବସ




କୋଟପାଡ଼, ୨୨।୧୨ (ସମିସ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ସ୍ଥାନୀୟ ବିଦ୍ୟାଳୟ ଗଣିତ ଦିବସ କମିଟିର ସମ୍ପାଦକ ଡକ୍ଟର ଗଣେଶ ଚନ୍ଦ୍ର ପଣ୍ଡା, ସଭାପତି ମଣିପ୍ରସାଦ ପଟ୍ଟନାୟକ, କ୍ୟାସିୟର ସୁଧିର ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୦୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ରୂପୁ ଭତ୍ରା, କୋଟପାଡ଼ ଏନ୍‌ଏସିର ଚେୟାରମ୍ୟାନ୍ ଏମ ଶଙ୍କର ରାଓ, ବ୍ଲକ ଶିକ୍ଷା ଅଧିକାରୀ ସ୍ୱପ୍ନେଶର ନାୟକ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ କୋଟପାଡ଼ ଆବାସିକ ବିଦ୍ୟାଳୟର ଗଣିତ ଅଧାପକ ହେମନ୍ତ ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭାକାର୍ଯ୍ୟକୁ ପଙ୍କଜ କୁମାର ମହାନ୍ତି ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ରତିକାନ୍ତ ମହାନ୍ତି, ଅବିନାଶ ମହାପାତ୍ର ପ୍ରଶ୍ନପତ୍ର ତିଆରିରେ ସହଯୋଗ କରିଥିଲେ। ଏଥି ସହିତ ସମସ୍ତ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇ ସମସ୍ତ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

● ପେଷା ସାମ୍ବାଦିକତା, ନିଶା ଚିତ୍ର ଆଙ୍କିବା

# ସୌମ୍ୟ ରଞ୍ଜନଙ୍କ କଳାକୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ




କୋରାପୁଟ,୨୨।୧୨(ସମିସ): ଜିଲ୍ଲା ସଦର ମହକୁମାରେ କାର୍ଯ୍ୟରତ ସାମ୍ବାଦିକ ସୌମ୍ୟ ରଞ୍ଜନ ସାହୁଙ୍କ କଳା ପ୍ରତିଭାକୁ ନେଇ ବର୍ତ୍ତମାନ ସବୁ ଆଡେ ଚର୍ଚ୍ଚା। ପେନ୍‌ସିଲରେ ନିଜେ ଆଙ୍କିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଫୋଟଚିତ୍ରକୁ 'ପରବ' ମଞ୍ଚରେ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଅର୍ପଣ କରିବା ପରେ ସମସ୍ତଙ୍କୁ ମୁହଁରୁ ସୌମ୍ୟଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ସୌମ୍ୟ ପେଶାରେ ସାମ୍ବାଦିକ, ହେଲେ ଚିତ୍ର ଆଙ୍କିବା ତାଙ୍କର ନିଶା । ରବିବାର ଜାତୀୟ ଆଦିବାସୀ ମହୋତ୍ସବ 'ପରବ ୨୦୨୫'ର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏହି ଅବସରରେ ସୌମ୍ୟ ରଞ୍ଜନ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ପେନ୍‌ସିଲରେ ଅଙ୍କା ଯାଇଥିବା ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କୁ ଭେଟି ଦେଇଥିଲେ। ଡ୍ରଇଁ ସିଟରେ ନିଜ ଅବିକଳ ଫଟୋ ଦେଖି ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲାପାଳ ସୌମ୍ୟ ରଞ୍ଜନଙ୍କ କଳାର ପ୍ରଶଂସା କରିଥିଲେ।

# 'ବରିଷ୍ଠ ନାଗରିକ ଯୁବ ଗୋଷ୍ଠୀଙ୍କ ମାର୍ଗଦର୍ଶକ'




ନବରଙ୍ଗପୁର :୨୨।୧୨(ସମିସ): ନବରଙ୍ଗପୁର ବରିଷ୍ଠ ନାଗରିକ ସଂଘର ଅଷ୍ଟମ ବାର୍ଷିକ ଉତ୍ସବ ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ସଭାଗୃହରେ ପାଳିତ ହୋଇଯାଇଛଇ। ସଂଘର ସଭାପତି ଡ. ରାଧାନାଥ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ନବରଙ୍ଗପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଉପ ସଭାପତି ଚନ୍ଦ୍ର କୁମାର ଆଚାର୍ଯ୍ୟ, ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସର୍ବ ପ୍ରଥମେ ଅନୁଷ୍ଠାନର ସାଧାରଣ ସମ୍ପାଦକ ରାମମୂର୍ତ୍ତି ପଟ୍ଟନାୟକ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ନବରଙ୍ଗପୁର ସହରର ତିନି ଜଣ ବରିଷ୍ଠ ବ୍ୟକ୍ତି ପି.ଆନନ୍ଦା ରାଓ, ମନୋରମା ମାଝୀ, ଚୈତନ୍ୟ ଦେବଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଅତିଥି ମାନେ ଆଜିର ସମାଜରେ ବରିଷ୍ଠ ମାନେ ହେଉଛନ୍ତି ଜ୍ଞାନର ଭଣ୍ଡାର, ସେମାନେ ଯୁବ ଗୋଷ୍ଠୀଙ୍କ ଜଟିଳ ଆହ୍ୱାନର ମୁକାବିଲା ପାଇଁ ମାର୍ଗଦର୍ଶନ କରି ଏକ ଆଦର୍ଶ ରାଷ୍ଟ୍ର ଗଠନରେ ସହାୟକ ହୋଇପାରିଥାନ୍ତି ବୋଲି ମତ ପ୍ରକାଶ କରିଥିଲେ। ପ୍ରତ୍ୟେକ ଯୁବ ଗୋଷ୍ଠୀଙ୍କ ପ୍ରକୃତ ମାର୍ଗଦର୍ଶକ ହେଉଛନ୍ତି ସମସ୍ତ ବରିଷ୍ଠ ବୋଲି ନିଜର ମତ ପ୍ରକାଶ କରିଥିଲେ ଜିଲ୍ଲାର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର। କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଭ୍ୟ ନାରାୟଣ ପଣ୍ଡା, ନିରଞ୍ଜନ ମିଶ୍ର, ସୁବାସ ସୁର, ସତ୍ୟବାଦୀ ଷଡ଼ଙ୍ଗୀ, ରଘୁନାଥ ପାତ୍ର, ତ୍ରିପତି ସ୍ୱାଇଁ, ଜଗନ୍ନାଥ ଦାସ, ଜଗଦୀଶ ତ୍ରିପାଠୀ ପ୍ରଶାନ୍ତ କୁମାର ପାଢ଼ୀ, ଗୁପ୍ତେଶ୍ୱର ପଣ୍ଡାଙ୍କ ସହ ପ୍ରାୟ ୧୩୦ ଜଣ ସଭ୍ୟ ଯୋଗ ଦେଇଥିଲେ। ଶେଷରେ ସମ୍ପାଦକ ରାମ ମୂର୍ତ୍ତି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାବୁଗାଁରେ ଧାନମଣ୍ଡି ଉଦ୍‌ଘାଟିତ



ଡାବୁଗାଁ, ୨୨।୧୨(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ହାଟପଦା ଠାରେ ଖରିଫ ଧାନ ପାଇଁ ମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇ ଧାନ ମଣ୍ଡି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡାବୁଗାଁ ବ୍ଲକ ଅଧକ୍ଷା ବୀଣା ମାଝୀ, ବରିଷ୍ଠ ଆଇନଜୀବୀ ଜୟନ୍ତ କୁମାର ପାତ୍ର, ଭାଜପା ବୋରିଗାଁ ମଣ୍ଡଳ ସଭାପତି ଜଗଦୀଶ ଭତ୍ରା, ଭାଜପାର ନେତା ଜେ. ରାଜଶେଖର ରାଓ, ନରେଶ ସିଂ, ବିଜେଡି ନେତା ଏମ୍. ଆପା ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ବିଡ଼ିଓ ଶରତ ମାଝୀ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ପୂର୍ବତନ ବ୍ଲକ ଅଧକ୍ଷ ବଂଶୀଧର ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ କୃଷକ ମହାସଂଘ ସଭାପତି ସତ୍ୟ ରଞ୍ଜନ ପାତ୍ର, ଜି. କିରଣ ରାଓ, ରାଜେନ୍ଦ୍ର, କିଶୋର, ଦଶମୁ କଲାର ଓ ମିଲର୍ସ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ମାନେ ଓ ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଷୀମାନେ ଉପସ୍ଥିତ ଥିଲେ।

# ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚର ଆନ୍ଦୋଳନ




ନବରଙ୍ଗପୁର,୨୨।୧୨(ସମିସ): ରାଜ୍ୟରେ ଆଞ୍ଚଳିକ ବୈଷମ୍ୟତାକୁ ବିରୋଧ ଏବଂ ବିକାଶର ବିକେନ୍ଦ୍ରୀକରଣ ଦାବିନେଇ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ ପକ୍ଷରୁ ମଞ୍ଚ ଆବାହକ ଗୌରଚନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଶାନ୍ତିପୂର୍ଣ୍ଣ ଧର୍ମଘଟ ଅନୁଷ୍ଠିତ ହୋଇଯାଇଛି। ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ ପକ୍ଷରୁ ମଞ୍ଚ ଆବାହକ ଗୌରଚନ୍ଦ୍ର ତ୍ରିପାଠୀଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ନାହିଁ ନାହିଁର ଜିଲ୍ଲା ନବରଙ୍ଗପୁର। ରାଜ୍ୟର ସବୁଠାରୁ ଦରିଦ୍ର ଜିଲ୍ଲା ରେଳ ଯୋଗାଯୋଗ ନାହିଁ, ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ନାହିଁ, ଉଚ୍ଚ ଶିକ୍ଷାର ସୁବିଧା ନାହିଁ, ଗମନାଗମନର ସୁବିଧା ନାହିଁ, ଶିଳ୍ପ କଣ ଏ ଅଞ୍ଚଳବାସୀ ଆଜି ଯାଏଁ ଜାଣିପାରିଲେନି। ପ୍ରତିଷ୍ଠାର ୫୦ବର୍ଷ ବିତିଯାଇଥିବା ସତ୍ତ୍ୱେ ନବରଙ୍ଗପୁର ମହାବିଦ୍ୟାଳୟ ସରକାରୀ ମାନ୍ୟତା ପାଇପାରିଲାନି । ଅବିଭକ୍ତ କୋରାପୁଟ ଜିଲ୍ଲାବାସୀଙ୍କୁ ଜୀବନଧାରଣର ମୌଳିକ ସୁବିଧାବି ମିଳିପରିଲାନି। କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାରେ ସାକ୍ଷରତା ହାର ଜାତୀୟ ହାରଠାରୁ ବହୁତ କମ୍, ଗୁଣାତ୍ମକ ଶିକ୍ଷା ସାଧାରଣ ଲୋକଙ୍କ ପାଇଁ ଅପହଞ୍ଚ, ସଡ଼କ ଓ ରେଳ ଯୋଗାଯୋଗ ଅତ୍ୟନ୍ତ ଦୁର୍ବଳ, ସ୍ୱାସ୍ଥ୍ୟ ସୁବିଧା ଅପର୍ଯ୍ୟାପ୍ତ ଏବଂ ବିଦ୍ୟୁତ୍ ଯୋଗାଣ ଅସ୍ଥିର। ରାଜ୍ୟ ମନ୍ତ୍ରୀମଣ୍ଡଳରେ ସଠିକ ରାଜନୈତିକ ପ୍ରତିନିଧିତ୍ୱ ଏବଂ ପ୍ରଭାବଶାଳୀ ନେତୃତ୍ୱର ଅଭାବ ଯୋଗୁଁ ଏହି ଜିଲ୍ଲାଗୁଡ଼ିକ ତାଙ୍କର ଯଥାଚିତ ବିକାଶରୁ ବଞ୍ଚିତ ହୋଇ ରହିଛନ୍ତି ବୋଲି ସେ କହିଛନ୍ତି। ଗତ ମାର୍ଚ୍ଚ ୨୦୨୫ରେ ନାଇଜର ଏବଂ ନୀତି ଆୟୋଗ ଦ୍ୱାରା ପ୍ରକାଶିତ ରିପୋର୍ଟ ମାଲକାନଗିରି, ରାୟଗଡ଼ା, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାକୁ ଦେଶର ସବୁଠାରୁ ପଛୁଆ ଜିଲ୍ଲା ମାନଙ୍କ ମଧ୍ୟରେ ପରିଗଣିତ କରିବା ପୁନର୍ବାର ଏହି ଗଭୀର ଅସମତାକୁ ପ୍ରକାଶ କରିଛି। ଏଥି ସହିତ ଶ୍ରୀ ତ୍ରିପାଠୀ କହିଛନ୍ତି, ବର୍ଷ ବର୍ଷ ଧରି ଅବହେଳିତ ଏବଂ ଉପେକ୍ଷିତ ଏହିସବୁ ଜିଲ୍ଲା ବାସୀ ନିଜ ରାଜ୍ୟରେ ନିଜକୁ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବରେ ମନେ କରୁଛନ୍ତି ଏବଂ ସରକାରଙ୍କ ବୈମାତୃକ ମନୋଭାବ ସେମାନଙ୍କୁ ଗଭୀର ଭାବରେ ବ୍ୟଥିତ କରିଛି। ରାଜ୍ୟରେ ଆଞ୍ଚଳିକ ବୈଷମ୍ୟତା ଦୂରୀକରଣ ଏବଂ ବିକାଶର ବିକେନ୍ଦ୍ରୀକରଣ ଦାବିନେଇ ଅଣ ରାଜନୈତିକ ସଂଗଠନ ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ ପକ୍ଷରୁ ଏହି ଶାନ୍ତିପୂର୍ଣ୍ଣ ଧର୍ମଘଟ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦିଆଯାଇଥିଲା, "ଆମେ ବି ଓଡିଶା ବାସୀ, ଆମ ପ୍ରତିବି ନଜର ପଡୁ।" ଏହାକୁ ଜିଲ୍ଲା ନାଗରିକ କମିଟି ପକ୍ଷରୁ ପୂର୍ଣ୍ଣ ସମର୍ଥନ ଯୋଗାଇ ଦିଆ ଯାଇଥିଲା। ଏହି ଧର୍ମଘଟରେ ଅନ୍ୟ ମାନଙ୍କ ମଧ୍ୟରେ ମଞ୍ଚର ସକ୍ରିୟ ସଦସ୍ୟ ସର୍ବଶ୍ରୀ କୁମୁଦ ନାୟକ, ରାଜେନ୍ଦ୍ର ବିଷୋଇ, ସୁରେଶ ତ୍ରିପାଠୀ, ଶଶାଙ୍କ ତ୍ରିପାଠୀ, ଦୁର୍ଗା ପ୍ରସାଦ ସାହୁ, ମନୋରଂଜନ କାର୍ତିକ, ରାମ ପାତ୍ର, ଲଳିତ ମୋହନ ନାୟକ, ସୁଧୀର ପାତ୍ର ଏବଂ ଶ୍ରୀମତୀ ପ୍ରଭାତୀ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

ପାୱରଗ୍ରିଡ
POWERGRID

ନୋଟିସ

୧. "ପୂର୍ବ ଅଞ୍ଚଳ ବିସ୍ତାର ଯୋଜନା–XXVII (ERES-XXVII)" ଅଧୀନରେ ପୂର୍ବ ଅଞ୍ଚଳରେ ସ୍ଥାପିତ ସଂପତ୍ତି ପାଇଁ ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଅନୁରୋଧ, ଯାହା ଭାରତୀୟ ବିଦ୍ୟୁତ ଆଇନ, 2003 ର ଧାରା 62 ସହିତ ଧାରା 79(1)(d) ଅନୁଯାୟୀ ଏବଂ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (କାରୋବାର ପ୍ରଚାଳନ) ନିୟମାବଳୀ, 2023 ର ନିୟମ 15(1)(a) ଓ ନିୟମ 23 ସହିତ, କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (ଟାରିଫ୍ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, 2024 ଅନୁସାରେ ଦାଖଲ କରାଯାଇଛି।
୨. ଉପରୋକ୍ତ ଉଲ୍ଲେଖିତ ପୂର୍ବ ଅଞ୍ଚଳର ଟ୍ରାନ୍ସମିଶନ୍ ପ୍ରଣାଳୀର ଲାଭାନ୍ୱିତମାନେ ହେଲେ: i) ବିହାର ରାଜ୍ୟ ପାୱାର (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍, ii) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ବଣ୍ଟନ କମ୍ପାନୀ ଲିମିଟେଡ୍, iii) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍, iv) ଦାମୋଦର ଭ୍ୟାଲି କର୍ପୋରେସନ୍, v) ସିକ୍କିମ ସରକାରଙ୍କ ପାୱାର ବିଭାଗ, vi) ଝାଡ଼ଖଣ୍ଡ ବିଜୁଳି ବିତରଣ ନିଗମ୍ ଲିମିଟେଡ୍।
୩. ଅନୁମୋଦିତ ମୂଳଧନ ଖର୍ଚ୍ଚ (ଲକ୍ଷରେ), ବାଣିଜ୍ୟିକ ଚାଳନା ଆରମ୍ଭ ତାରିଖ ଏବଂ ମୋଟ ଆନୁମାନିକ ମୂଳଧନ ଖର୍ଚ୍ଚ (ଲକ୍ଷରେ):

| Asset | Approved Capital cost (Rs in Lakhs) | DOCO | Total Estimated Capital cost (Rs in Lakhs) |
|---|---|---|---|
| Asset 1 | 2361.24 | 26.09.2024 | 1512.56 |
| Asset 2 | 3580.43 | 31.08.2025 | 4387.29 |
| Total | **5941.67** | | **5899.85** |


୪. ଟାରିଫ୍ ବିବରଣୀ:
କ) ୨୦୨୪–୨୯ ବ୍ଲକ୍ ଟଙ୍କା (ଲକ୍ଷରେ)

| SI No | Name of the asset | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|---|
| 1 | Asset 1 | 136.03 | 290.48 | 298.33 | 296.70 | 295.38 |
| 2 | Asset 2 | 0.0 | 367.95 | 688.36 | 730.24 | 737.68 |

୫. ଏହି ନୋଟିସ୍ ଏବଂ ଟାରିଫ୍ ନିର୍ଣ୍ଣୟ ପାଇଁ ଦାଖଲ କରାଯାଇଥିବା ଆବେଦନର ଏକ ନକଲ ଆବେଦକଙ୍କ ୱେବସାଇଟ୍ (http://www.powergrid.in) ରେ ଅପଲୋଡ କରାଯାଇଛି।
୬. ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଏହି ଆବେଦନରେ ସମ୍ମିଳିତ ପ୍ରସ୍ତାବଗୁଡ଼ିକ ବିଷୟରେ ଯଦି କୌଣସି ପରାମର୍ଶ କିମ୍ବା ଆପତ୍ତି ଥାଏ, ତେବେ ଲାଭାନ୍ୱିତମାନେ ସହିତ ସମେତ ଯେକୌଣସି ବ୍ୟକ୍ତି ଏହି ନୋଟିସ୍ ପ୍ରକାଶ ପାଇଥିବା ତାରିଖରୁ 30 ଦିନ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗର ସଚିବ, ୬ଷ୍ଠ, ୭ମ ଓ ୮ମ ତଳ, ଟାୱର–ବି, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ନାଓରୋଜୀ ନଗର, ନୂଆଦିଲ୍ଲୀ–୧୧୦୦୨୯ (କିମ୍ବା ଆୟୋଗର କାର୍ଯ୍ୟାଳୟ ଯେଉଁ ଠିକଣାରେ ଅବସ୍ଥିତ) ଙ୍କ ନିକଟରେ ଦାଖଲ କରିପାରିବେ। ଏହା ସହିତ, ଆବେଦକଙ୍କ କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାକୁ ମଧ ଏକ ନକଲ ପ୍ରେରଣ କରିବା ଆବଶ୍ୟକ।
ସ୍ଥାନ: ଗୁରୁଗାଓଁ, ତାରିଖ: ୨୨.୧୨.୨୦୨୫ ସ୍ୱା/- ଉପ-ମହାପ୍ରବନ୍ଧକ (ବ୍ୟବସାୟିକ)
PG/NOTICE/2025/D360

ପାୱାରଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ପଞ୍ଜିକୃତ କାର୍ଯ୍ୟାଳୟ: ବି-୯, କୁତୁବ ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, କଟୱାରିଆ ସରାଇ, ନୂଆ ଦିଲ୍ଲୀ-୧୧୦୦୧୬
କର୍ପୋରେଟ୍ କାର୍ଯ୍ୟାଳୟ: 'ସୌଦାମିନୀ, ପ୍ଲଟ ନଂ ୨, ସେକ୍ଟର-୨୯, ଗୁରୁଗାଓଁ-୧୨୨୦୦୧, ହରିୟାଣା
www.powergridindia.com, ସିଆଇଏନ୍: L40101DL1989GOI038121
A Maharatna PSU

# ସମ୍ପାଦକୀୟ



ବର୍ଷରେ ଏମିତି ଦୁଇଟି ଦିନ ଅଛି, ଯେଉଁଦିନ ଆମେ କୌଣସି କାମ କରିପାରିବା ନାହିଁ, ଗତକାଲି ଓ ଆସନ୍ତା କାଲି !
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## କୁହନ୍ତି ଯେଉଁ ନୁହନ୍ତି ସେଉଁ

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁଦିନ ନିୟନ୍ତ୍ରଣ ବାହାରକୁ ଚାଲି ଯାଉଥିବାର ପରିଲକ୍ଷିତ ହେଉଛି । ସତେଯେପରି ମନେ ହେଉଛି ପୁଲିସ ପ୍ରଶାସନ ଉପରେ ଅପରାଧ ତତ୍ତ୍ୱଙ୍କ ଡର ତୁଟିଯାଇଛି । ଭାତ ହାଣ୍ଡିରୁ ଗୋଟିଏ ଚିପିଲା ଭଳି କେବଳ ଯଦି ରାଜଧାନୀ ପରିସ୍ଥିତିକୁ ଅନୁଧ୍ୟାନ କରିବା ତାହା ହିଁ ଯଥେଷ୍ଟ ହେବ ରାଜ୍ୟ ପରିସ୍ଥିତିକୁ ଆକଳନ କରିବାରେ । କ୍ଷମତାକେନ୍ଦ୍ରର ନାକତଳେ ଗୋଟିକ ପରେ ଗୋଟିଏ ନାରୀ ଜନିତ ହିଂସା ଓ ଦୁଷ୍କର୍ମ ଘଟିଚାଲିଛି । ବ୍ୟବସ୍ଥାକୁ ଅଧିକ କଠୋର ଓ ଶୃଙ୍ଖଳିତ କରିବା ସକାଶେ କଟକ-ଭୁବନେଶ୍ୱର ଦ୍ୱୈତନଗରୀକୁ ନେଇ ଗଠିତ କମିଶନରେଟ ପୁଲିସର ଏହି ଚରମ ବିଫଳତା ପାଇଁ ଆମେ କାହାକୁ ଦାୟୀ କରିବା? ରାଜଧାନୀର ଟ୍ରାଫିକ ବିଶୃଙ୍ଖଳାକୁ ଦେଖିଲେ ଯେ କେହି ଅଣନିଃଶ୍ୱାସୀ ହୋଇଯିବ ।

ଆଜି ଏଠି ତ କାଲି ସେଠି, କେଉଁଠି ନା କେଉଁଠି ନାରୀଜନିତ ଏମିତି କିଛି ଘଟଣା ଘଟୁଛି ଯେଉଁଥିରେ ରାଜଧାନୀ ବାସିନ୍ଦାଙ୍କ ପୁଲିସ ଉପରୁ ଭରସା ତୁଟିବା ଆରମ୍ଭ କରିଛି । ତେଣିକି ସେ ଲିଙ୍ଗରାଜ ମନ୍ଦିରର ପୂଜକଙ୍କ ବଳାତ୍କାର ଉଦ୍ୟମ ହେଉ କିମ୍ବା ଧଉଳି ନିକଟସ୍ଥ ଦୟାନଦୀ ଉପରେ ନାବାଳିକାକୁ ଗଣଦୁଷ୍କର୍ମ । ପଛକୁ ପଛ ସହିଦନଗରସ୍ଥିତ ଏକ ଭଡ଼ାଘରେ ଚାକିରି ଦେବା ଆଳରେ ମହିଳାଙ୍କୁ ଗଣବଳାତ୍କାର କରାଯାଇଛି । ପୁଲିସ ପକ୍ଷରୁ 'ରେଡଫ୍ଲାଗ' ଜାରି କରି ଘଟଣାର ତ୍ୱରିତ ଅନୁସଂଧାନ ଓ ଚାର୍ଜସିଟର ପ୍ରତିଶ୍ରୁତି ଦିଆଯାଇଛି ସତ, କିନ୍ତୁ ଅପରାଧ ଥମୁନି । ଏହି ଘଟଣା ଠିକ ପରଦିନ ଆଇଜି ପାର୍କରେ ପୁଣି ଜଣେ ମହିଳାଙ୍କୁ ଟଣାଓଟରା କରିବା ଘଟଣା ସାମ୍ନାକୁ ଆସିଛି । ଧଉଳି ଘଟଣାରେ ତିନି ଅଭିଯୁକ୍ତ ଗିରଫ ହୋଇଛନ୍ତି ଏବଂ ଆଉ ଦୁଇଜଣ ଏପର୍ଯ୍ୟନ୍ତ ଧରାପଡ଼ି ନାହାନ୍ତି । ଅବଶ୍ୟ ସହିଦନଗର ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି ତୁରନ୍ତ କୋର୍ଟଚାଲାଣ କରାଯାଇଛି । ଏହାପରେ ଯେ ଆଉ କିଛି ଅପରାଧ ଘଟିବ ନାହିଁ ତାହାର କେହି ଗ୍ୟାରେଣ୍ଟି ଦେଇପାରିବେନି । ରାଜ୍ୟରେ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ସାଧାରଣ କର୍ମକ୍ଷେତ୍ର ପର୍ଯ୍ୟନ୍ତ କେଉଁଠି ମହିଳା ସୁରକ୍ଷିତ ନୁହନ୍ତି । ପରିସ୍ଥିତି ଏଭଳି ରୂପ ନେଇଛି ଯେ ଗଣମାଧ୍ୟମରେ ଅପରାଧ ଖବରରେ ପୃଷ୍ଠା ଭରିଯାଉଛି । ରାଜ୍ୟରେ ଯେ ଆଇନର ଶାସନ ଚାଲିଛି ସେ ନେଇ ବହୁ ସଚେତନ ନାଗରିକଙ୍କ ମନରେ ସନ୍ଦେହ ଉପୁଜିଲାଣି ।

ସେହିଭଳି ରାଜଧାନୀରେ ଟ୍ରାଫିକ ନିୟନ୍ତ୍ରଣ ଏକପ୍ରକାର ଜୁଲମରେ ପରିଣତ ହୋଇଛି । ବ୍ୟବସ୍ଥାକୁ ଏକ ଆଇଟି ସଂସ୍ଥା ହାତକୁ ଟେକି ଦିଆଯାଇଯିଥିବାରୁ ଏବେ ମେସିନ ନିୟନ୍ତ୍ରଣ କରୁଛି ପରିସ୍ଥିତି । ପରିସ୍ଥିତିକୁ ଦେଖି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାର ସୁଯୋଗ ନାହିଁ । ଦାୟିତ୍ୱରେ ଥିବା କର୍ମଚାରୀ ରିଲ୍‌ସ ଉଠାଇବାରେ ବ୍ୟସ୍ତ । ରସୁଲଗଡ଼ ଓ ଏସ୍‌ପ୍ଲାନେଡ୍ ସ୍ଥିତି ଏଭଳି ଅସମ୍ଭାଳ ହୋଇପଡ଼ିଛି ଯେ ଥରେ ଭିଡ଼ରେ ଫସିଗଲେ ବାହାରିବାର ଯେମିତି ଉପାୟ ନାହିଁ । ଏହିକ୍ରମରେ ନାଲକୋ ଛକ ସ୍ଥିତ ଏକ ଗେଷ୍ଟହାଉସରୁ ସନ୍ଦିଗ୍ଧ ଅବସ୍ଥାରେ ଜଣେ ବ୍ୟକ୍ତିର ମୃତଦେହ ଉଦ୍ଧାର କରିଛି ପୁଲିସ ।

ଆମ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନିଜେ ଗୃହବିଭାଗ ଦାୟିତ୍ୱରେ ଅଛନ୍ତି । ସବୁଦିନ ଆମେ ବିଭିନ୍ନ ସଭା ଓ ସମାବେଶରେ ତାଙ୍କ ଭାଷଣ ଓ ଫଟୋ ସମ୍ବାଦପତ୍ରରେ ଦେଖୁଛୁ । ସକ୍ରିୟ ଓ ଚଳଚଞ୍ଚଳତାରୁ ମନେ ହେଉଛି ସେ ସବୁକିଛି ସମ୍ଭାଳି ପାରିବେ । ତେବେ ଏଭଳି ଏକ ଦୁର୍ଗତିରୁ ରାଜ୍ୟବାସୀଙ୍କୁ ଉଦ୍ଧାରିବାରେ ନିଷ୍ଫଳ କାହିଁକି? ନିର୍ବାଚନ ପ୍ରତିଶ୍ରୁତି କେବଳ କଥା ନୁହେଁ, କାମରେ ପ୍ରତିଫଳିତ ହେବା ଜରୁରୀ ।

## ହକ୍‌ଆଇ- ଅପରେସନ୍ ସିନ୍ଦୂର

ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ ଲଢ଼ିବାର ଅଧିକାର ସବୁରାଷ୍ଟ୍ରଙ୍କର ଅଛି । ବିଭିନ୍ନ ରାଷ୍ଟ୍ରୀୟ ଶିଖର ସମ୍ମିଳନୀରେ ଆତଙ୍କବାଦ ବିରୋଧରେ ମିଳିତ ଲଢ଼େଇ ପାଇଁ ଭାରତ ପକ୍ଷରୁ ସବୁବେଳେ ଆହ୍ୱାନ ଦିଆଯାଉଛି । ଏପ୍ରିଲ ୨୨ ରେ ପହଲଗାମରେ ଲସ୍କର ଇ ତୋଇବା ସଂଗଠନର ସହଯୋଗୀ ଟିଆରଏଫ କର୍ମୀ ୨୬ ଜଣ ନିରୀହ ପର୍ଯ୍ୟଟକଙ୍କୁ ନୃଶଂସ ଭାବେ ଗୁଳିକରି ହତ୍ୟା କଲେ । ଜବାବ୍‌ରେ ମେ' ୭ ତାରିଖରେ 'ଅପରେସନ ସିନ୍ଦୂର' ମାଧ୍ୟମରେ ପିଓକେରେ ଥିବା ୫ଟି ଓ ପାକିସ୍ତାନର ୪ଟି ଆତଙ୍କବାଦୀ କେନ୍ଦ୍ରକୁ ଭାରତ ଧ୍ୱଂସ କରିଥିଲା । ଏହି କାର୍ଯ୍ୟାନୁଷ୍ଠାନରେ ଶତାଧିକ ଆତଙ୍କବାଦୀ ମଧ୍ୟ ନିହତ ହୋଇଥିଲେ । ପାକିସ୍ତାନର ପରବର୍ତ୍ତୀ କାର୍ଯ୍ୟକଳାପ ଭାରତକୁ ବାଧ୍ୟ କରିଥିଲା ଅଭିଯାନର ଦିଗ ପରିବର୍ତ୍ତନ କରିବାକୁ । ଏକ୍ଷେତ୍ରରେ ତୁର୍କୀ ଓ ଚୀନର ଭୂମିକାକୁ ବିଶ୍ୱ ଜନସମୁଦାୟ ନିନ୍ଦା କରିବା ପରିବର୍ତ୍ତେ ସମୟକ୍ରମେ ଆମେରିକା ମଧ୍ୟ ପାକିସ୍ତାନର ସହଯୋଗୀ ହୋଇଯାଇଛି । ଅଥଚ ଗତ ସପ୍ତାହରେ ସିରିଆର ୭୦ ଆଇଏସ କେନ୍ଦ୍ର ଉପରେ ଆକ୍ରମଣ କରି ଧ୍ୱଂସ କରିଛି ଆମେରିକା । କେନ୍ଦ୍ରୀୟ ସିରିଆର.ପାଲିମିରା ସହରରେ ୨ ଜଣ ଆମେରିକୀୟ ସୈନିକ ଓ ଜଣେ ଅନୁବାଦକଙ୍କୁ ଆଇଏସ ଆତଙ୍କବାଦୀ ହତ୍ୟା କରିବା ଘଟଣାର ପ୍ରତିଶୋଧ ନେଉଛି ଆମେରିକା ।

ସିରିଆର ନୂଆ ନେତୃତ୍ୱ ରାଷ୍ଟ୍ରପତି ଅହମ୍ମଦ ଅଲ୍ ଶାରାଙ୍କ ବିବାଦୀୟ ଭୂମିକା ସତ୍ତ୍ୱେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ତାଙ୍କର ସାକ୍ଷାତ ଓ ଆଲୋଚନା ମଧ୍ୟ ପ୍ରାଚ୍ୟ କୂଟନୀତିକୁ ପ୍ରଭାବିତ କରୁଛି । ଇସଲାମିକ୍ ଷ୍ଟେଟ୍ ବିରୋଧରେ ଆମେରିକାର ମିଳିତ ମଞ୍ଚ ସହ ଚୁକ୍ତିବଦ୍ଧ ହୋଇଛି ସିରିଆ । ଅଥଚ ଅସଲରେ ଶରା କ୍ଷମତାସୀନ ହେବା ପୂର୍ବରୁ ଥିଲେ ଆଇଏସ ସଂଗଠନର ଜଣେ ପ୍ରମୁଖ କର୍ମକର୍ତ୍ତା । ତେଣୁ ତାଙ୍କ ଭୂମିକା ଏବେ ମଧ୍ୟ ସନ୍ଦେହରୁ ଊର୍ଦ୍ଧ୍ୱରେ ନୁହେଁ । ଆମେରିକା ସହ ଏତେ ବୁଝାମଣା ଓ ସହଯୋଗ ସତ୍ତ୍ୱେ ଅସଲରେ ସିରିଆ ସୁରକ୍ଷା ବାହିନୀର ସଦସ୍ୟ ହିଁ ଆମେରିକା ସୈନ୍ୟଙ୍କ ଉପରେ ଆକ୍ରମଣ କରିଥିଲେ । ଟ୍ରମ୍ପ କହିଛନ୍ତି, ସିରିଆରେ ଆମେରିକା ସୈନିକଙ୍କୁ ଯେଉଁଳି ନୃଶଂସ ଭାବେ ହତ୍ୟା କରାଯାଇଛି ତାହାର କଠୋର ପ୍ରତିଶୋଧ ନିଆଯାଉଛି । ଏହା ଥିଲା ହକ୍‌ଆଇ ଷ୍ଟ୍ରାଇକ । ଆତଙ୍କବାଦୀ କେନ୍ଦ୍ରକୁ ଧ୍ୱଂସ କରିବା ପାଇଁ ଉଭୟ 'ହକ୍‌ଆଇ ଷ୍ଟ୍ରାଇକ' ଓ 'ଅପରେସନ ସିନ୍ଦୂର'ର ଉଦ୍ଦେଶ୍ୟ ମଧ୍ୟରେ ସେଭଳି ପାର୍ଥକ୍ୟ ନ ଥିବା ବେଳେ ଭାରତ ପ୍ରତି ବାଛବିଚାରମୂଳକ ଆଭିମୁଖ୍ୟ କାହିଁକି?

ସମୟ ବଦଳୁଛି । ସର୍ବଶକ୍ତିମାନର ଅହଂକାର ବିରୋଧରେ ମୁଣ୍ଡ ଟେକୁଥିବା ଅସନ୍ତୋଷ ବିରୋଧରେ ବିଶ୍ୱ ଭୂ-ରାଜନୀତିରେ ହଲଚଲ ଆରମ୍ଭ ହୋଇଛି । ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଣ୍ଡ ଟେକୁଥିବା ନୂଆ କ୍ଷମତା କେନ୍ଦ୍ର ଆଗାମୀ ଦିନରେ ଆମେରିକାର ପ୍ରାଧାନ୍ୟକୁ କ୍ଷୁର୍ଣ୍ଣ କରିବା ଅସମ୍ଭବ ନୁହେଁ ।

## ଓଡ଼ିଶାର ବିଶ୍ୱବିରଳ ସମ୍ପଦ

**ଡ. ବିଜୟକେତନ ପଟ୍ଟନାୟକ**

ଗତ ଅକ୍ଟୋବର ମାସରେ ଅନ୍ତର୍ଜାତୀୟ ବହୁଳ ପ୍ରସାରିତ ପତ୍ରିକା 'ନ୍ୟାସନାଲ ଜୋଗ୍ରାଫି'ର ପ୍ରଚ୍ଛଦରେ ବିଶିଷ୍ଟ ଫଟୋଗ୍ରାଫର ପ୍ରସନ୍ନଜିତ୍ ଯାଦବଙ୍କ ଦ୍ୱାରା ଉତ୍ତୋଳିତ ଶିମିଳିପାଳର କଳାବାଘର ଫଟୋ ସ୍ଥାନ ପାଇବା ପରେ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏହି ଫଟୋଟି ଉଠାଇବା ପାଇଁ ଯାଦବଙ୍କୁ ଶିମିଳିପାଳରେ ୧୨୦ ଦିନ ସମୟ ବିତାଇବାକୁ ପଡ଼ିଛି । କଳାବାଘ ଭାରତର ଅନ୍ୟ କୌଣସି ବ୍ୟାଘ୍ର ଅଭୟାରଣ୍ୟରେ ଦେଖାଯାଆନ୍ତି ନାହିଁ । ଏପରିକି ବିଶ୍ୱରେ ମଧ୍ୟ ବିରଳ । ତେଣୁ ଏପରି ଏକ ବିରଳ ସମ୍ପତ୍ତିର ଅଧିକାରୀ ଭାବେ, ଆମ ଓଡ଼ିଶାବାସୀ ନିଶ୍ଚୟ ଆହ୍ଲାଦିତ ହେଉଥିବେ ।

ଏବେ କଳାବାଘ ସଂଖ୍ୟା ବୃଦ୍ଧି ପାଇବା ଫଳରେ ପର୍ଯ୍ୟଟକମାନେ ମଧ୍ୟ ଅନେକ ସମୟରେ ଶିମିଳିପାଳ ଜଙ୍ଗଲରେ ବାଘ ଦେଖୁଛନ୍ତି ଏବଂ ତା'ର ଫଟୋ ଉଠାଇ କ୍ଷେତ୍ର ନିର୍ଦ୍ଦେଶକଙ୍କ ନିକଟକୁ ପଠାଉଛନ୍ତି । ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପୂର୍ବରୁ କାହିଁକି ପର୍ଯ୍ୟଟକମାନେ, ଏପରିକି ବନ ବିଭାଗର ଅଧିକାରୀମାନେ ମଧ୍ୟ ବିଭିନ୍ନ ସମୟରେ ଶିମିଳିପାଳ ଜଙ୍ଗଲ ଗସ୍ତ କରିବା ଅବସରରେ ବାଘ ଦେଖିବାର ସୁଯୋଗ ପାଇନାହାନ୍ତି? ଏଥିପାଇଁ ବିଭିନ୍ନ ମହଲରେ କ୍ଷୋଭ ମଧ୍ୟ ପ୍ରକାଶ ପାଇଛି ।

ସତରେ କ'ଣ ବାଘ ଚତୁରତାର ସହିତ ମନୁଷ୍ୟର ଦୃଷ୍ଟିକୁ ଏଡ଼ାଇ ଯାଏ? ଅବଶ୍ୟ କଥା ଅଛି, ତୁମେ ଥରେ ଜଙ୍ଗଲରେ ବାଘକୁ ଦେଖିବା ପୂର୍ବରୁ ବାଘ ତୁମକୁ ଶହେଥର ଦେଖି ସାରିଥିବ । ଏହାର ପ୍ରମୁଖ କାରଣ ହେଉଛି ଶିମିଳିପାଳର ଅସମତଳ ଭୂଭାଗ ଏବଂ ପରିପୂର୍ଣ୍ଣ ଘଞ୍ଚ ଜଙ୍ଗଲ । ଏହା ମୁଖ୍ୟତଃ କ୍ରାନ୍ତୀୟ ଅର୍ଦ୍ଧ-ଚିରହରିତ ଓ ଆଦ୍ରମିଶ୍ରିତ ସୂକ୍ଷ୍ମ ପର୍ଣ୍ଣମୋଚୀ ଜଙ୍ଗଲରେ ଭରା । ଶତକଡ଼ା ୫୦ ଭାଗରୁ ଊର୍ଦ୍ଧ୍ୱ ସୁଉଚ୍ଚ ଶାଳ ଜଙ୍ଗଲ । ଏହାଛଡ଼ା ଚମ୍ପା, ଶିମିଳି ଓ ଅନ୍ୟାନ୍ୟ ଗଛ ମଧ୍ୟ ରହିଛି । ମଧ୍ୟମ ଥାକ ଓ ତଳ ଥାକରେ ମଧ୍ୟ ଅନେକ ମଧ୍ୟମ ଓ ଛୋଟ ଧରଣ ଗଛ, ଲତା, ବୁଦା ରହିଛି । ବଣବୁଦାର ଘଞ୍ଚତା ମଧ୍ୟରେ, ବିଶେଷକରି କଳାବାଘଙ୍କର କଳା ଚଂଗ ଓ ଛାପଛାପିକିଆ ରଙ୍ଗ, ସହଜରେ ଠଉରେଇ ହୁଏ ନାହିଁ । ଦ୍ୱିତୀୟତଃ, ଶିମିଳିପାଳ ଜଙ୍ଗଲଭିତରେ ଅନେକ ଚିରସ୍ରୋତା ଝରଣା ଓ ନଈ, ନାଳ ରହିଛି । ଯେଉଁ ଜଙ୍ଗଲରେ ପାଣିର ଅଭାବ ରହିଛି, ସେଠି ବାଘ ବା ଅନ୍ୟଜନ୍ତୁ ପାଣି ପିଇବାକୁ ଜଳସ୍ରୋତ ନିକଟକୁ ଆସିଲା ବେଳେ ସେମାନଙ୍କୁ ସହଜରେ ଠାବ କରିହୁଏ । ତୃତୀୟ ଓ ସବୁଠାରୁ ମୁଖ୍ୟ କାରଣ ହେଲା, ଆୟତନ ତୁଳନାରେ ୨୦୦୬ ପରଠାରୁ ଗତ କିଛିବର୍ଷ ହେଲା କ୍ୟାମେରା ଟ୍ରାପ ପଦ୍ଧତିରେ ଶିମିଳିପାଳରେ ଗଣନ କରାଯାଇଥିବା ବାଘ ସଂଖ୍ୟା ଯଥେଷ୍ଟ କମ । ଫଳରେ ସେମାନେ ସହଜରେ ମନୁଷ୍ୟର ନଜରକୁ ଆସନ୍ତି ନାହିଁ କିମ୍ବା ମଣିଷ ସହିତ ମୁହାଁମୁହିଁ ହୁଅନ୍ତି ନାହିଁ ।

ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ବନାଞ୍ଚଳ ଅନନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଜୈବ ବିବିଧତାରେ ପରିପୂର୍ଣ୍ଣ । ଏକାଧାରରେ ଏହା ଏକ ଅଭୟାରଣ୍ୟ, ବ୍ୟାଘ୍ରପ୍ରକଳ୍ପ, ଜାତୀୟଉଦ୍ୟାନ ଓ ଜୈବ ମଣ୍ଡଳର ମାନ୍ୟତା ପାଇଛି । ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ମଧ୍ୟରେ ବାଘ ଓ ହାତୀ ଶିମିଳିପାଳର ଆଗଧାଡ଼ିର ବନ୍ୟଜୀବ । ୨୭୫୦ ବର୍ଗ କିଲୋମିଟର ପରିମିତ ଶିମିଳିପାଳ ବନାଞ୍ଚଳ ୧୯୭୩ ମସିହାରେ ଦେଶରେ ପ୍ରଥମ କରି ଘୋଷିତ ହୋଇଥିବା ୯ ଗୋଟି ବ୍ୟାଘ୍ର ପ୍ରକଳ୍ପ ମଧ୍ୟରୁ ଥିଲା ଅନ୍ୟତମ । ଆୟତନ ଦୃଷ୍ଟିରୁ ବିଶାଳ ଓ ଅନୁକୂଳ ସ୍ୱାଭାବିକ ପ୍ରାକୃତିକ ପରିସଂସ୍ଥା କାରଣରୁ ଶିମିଳିପାଳ ଜଙ୍ଗଲ ଦୀର୍ଘମିଆଦୀ ସୂତ୍ରରେ ବାଘ ବଂଶ ଧାରଣ କରିବାକୁ ସକ୍ଷମ । ସେ ବାଘ ଥିଲେ ମହାବଳ ବାଘ ବା ରୟାଲ ବେଙ୍ଗଲ ଟାଇଗର । ବିଶିଷ୍ଟ ପ୍ରାଣୀ ବିଶେଷଜ୍ଞ ଡ. ଲାଲା ଏ.କେ. ସିଂହ ତାଙ୍କ ରଚିତ 'ବର୍ଣ୍ଣବ୍ଲାକ' ପୁସ୍ତକରେ ଦର୍ଶାଇଛନ୍ତି ଯେ ୧୯୭୦ରେ ଶିମିଳିପାଳରେ ଗୋଟିଏ କଳାବାଘ ଠାବ କରାଯାଇଥିଲା । ସେ ସମୟରେ କରଞ୍ଜିଆ ବନଖଣ୍ଡରେ କାର୍ଯ୍ୟରତ ଜନୈକ ବନାଧିକାରୀ କୁହନ୍ତି ୧୯୭୧ରେ ତତ୍କାଳୀନ ଡି.ଏଫ, ଓ ଏବଂ ତାଙ୍କ ଡ୍ରାଇଭର ଗୁଡୁଗୁଡିଆ ଜଙ୍ଗଲରେ କଳାବାଘ ଦେଖିଛନ୍ତି । କିନ୍ତୁ ଏବିଷୟରେ କୌଣସି ପ୍ରାମାଣିକ ତଥ୍ୟ ନଥିଲା । ୧୯୯୩ ମସିହା ଜୁଲାଇ ମାସରେ ସେଠିକାର ଜଣେ ଆଦିବାସୀ ବାଳକ ଆତ୍ମରକ୍ଷା ନିମନ୍ତେ ତୀରରେ କାଳାବାଘଟିଏ ମାରି ଆତ୍ମସମର୍ପଣ କରିବାରୁ ବିଧିବଦ୍ଧ ଭାବେ ପ୍ରାମାଣିକ ତଥ୍ୟ ସହ ଶିମିଳିପାଳ ଜଙ୍ଗଲରେ କଳା ବାଘ ଥିବା କଥା ଜଣାପଡ଼ିଲା ।

କ୍ୟାମେରା ଟ୍ରାପ ପଦ୍ଧତିରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ଦ୍ୱାରା ପ୍ରତି ଚାରିବର୍ଷ ଅନ୍ତରରେ କରାଯାଇଥିବା ସର୍ବେକ୍ଷଣରେ ଶିମିଳିପାଳ ଜଙ୍ଗଲରେ ମାତ୍ର ୧୭ ରୁ ୨୯ ମଧ୍ୟରେ ବାଘ ରହିଥିବାର ଜଣାପଡ଼ିଛି ସିନା କଳାବାଘ ସଂପର୍କରେ କିଛି ସୂଚନା ମିଳିନାହିଁ । ପ୍ରଥମ କରି ୨୦୨୨ ମସିହାରେ କ୍ୟାମେରା ଟ୍ରାପ ପଦ୍ଧତିରେ କରାଯାଇଥିବା ବାଘ ଗଣନା ରିପୋର୍ଟ ପ୍ରକାଶିତ ହେଲା ପରେ ଜଣାଗଲା ଶିମିଳିପାଳ ବନାଞ୍ଚଳରେ ଠାବ କରାଯାଇଥିବା ମୋଟ ୧୭ ଟି ବାଘଙ୍କ ମଧ୍ୟରୁ ୧୦ଟି ହେଉଛନ୍ତି କଳାବାଘ । ସେହିବର୍ଷ ରାଜ୍ୟସଭାରେ ଦେଶର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଏକ ପ୍ରଶ୍ନର ଉତ୍ତର ଦେଇ କହିଥିଲେ, ଓଡ଼ିଶାର ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ୧୦ଟି କଳାବାଘ ଠାବ କରାଯାଇଛି । କେବଳ ଆମ ଦେଶର ଅନ୍ୟ ବ୍ୟାଘ୍ର ପ୍ରକଳ୍ପରେ ନୁହେଁ, ସମଗ୍ର ବିଶ୍ୱରେ ମଧ୍ୟ ଅନ୍ୟତ୍ର କଳା ବାଘ ଦେଖିବାକୁ ବିରଳ । ୨୦୨୩-୨୪ ମସିହାରେ ରାଜ୍ୟ ବନ୍ୟପ୍ରାଣୀ କର୍ତ୍ତୃପକ୍ଷ ନିଜସ୍ୱ ଉଦ୍ୟମରେ ପ୍ରାୟ ୧୫୦୦ କ୍ୟାମେରା ବସାଇ କରିଥିବା ଗଣନାରୁ ଜଣାପଡ଼ିଛି ଯେ ଏବେ ଶିମିଳିପାଳରେ ୨୭ଟି ବାଘ ଅଛନ୍ତି । ତନ୍ମଧ୍ୟରୁ ୬ଟି କୃଷ୍ଣକାୟ ବାଘ ଓ ୭ ଟି କୃଷ୍ଣକାୟ ବାଘୁଣୀ । ଏହାଛଡ଼ା କେତେକ କୃଷ୍ଣକାୟ ବାଘ ଛୁଆ ଥିବାର ମଧ୍ୟ ଦୃଷ୍ଟିଗୋଚର ହୋଇଛି । ଦେଖିବାକୁ ଗଲେ କଳାବାଘ ସଂଖ୍ୟା ୫୦ ପ୍ରତିଶତରୁ ଟପିଗଲାଣି ।

ବାସ୍ତବିକ୍ କଳାବାଘ କୌଣସି ଅଲଗା ପ୍ରଜାତି ନୁହେଁ । ବରଂ ସାଧାରଣ ରଙ୍ଗର । ଅର୍ଥାତ୍ ସୁନା ପରି ହଳଦିଆ ରଙ୍ଗର ଦେହରେ ସରୁ ସରୁ କଳା ପଟିଥିବା ମହାବଳ ବାଘର ଏହା ଏକ ବର୍ଣ୍ଣ ବ୍ୟତିକ୍ରମ । ମେଲାନିନ୍ ଏକ ପ୍ରାକୃତିକ କଳାରଙ୍ଗର ରଞ୍ଜକ । ଶରୀରରେ ମେଲାନିନ୍ ବା 'କୃଷ୍ଣବର୍ଣ୍ଣ' ଅତ୍ୟଧିକ ଭାବରେ ଉତ୍ପାଦିତ ହେଲେ କ୍ରୋମୋଜୋମ୍ ବା ଗୁଣସୂତ୍ରରେ ଜିନୀୟ ପରିବର୍ତ୍ତନ ଘଟିଥାଏ । ଏହାକୁ 'ସ୍ୟୁଡୋ ମେଲାନିଜିମ୍' କୁହାଯାଏ । ଏହି ପରିବର୍ତ୍ତନ ଦ୍ୱାରା ବାଘ ଶରୀରରେ ଦେଖାଯାଉଥିବା କଳା କଳା ପଟିର ଚଉଡ଼ା ବୃଦ୍ଧି ପାଇ ପରସ୍ପର ସହିତ ମିଶିଯାଏ । ଫଳରେ ଚମଡ଼ାର ରଙ୍ଗରେ ଏକ ବିଶେଷ ପରିବର୍ତ୍ତନ ଘଟି ପ୍ରାୟତଃ କଳା ଦେଖାଯାଏ । ଟାକ୍‌ପେପ୍ ନାମକ ଏକ ଜିନ ବିଲେଇ ପରିବାର ସଦସ୍ୟମାନଙ୍କର ଚର୍ମର ରଙ୍ଗ ବଦଳାଇବା କ୍ଷେତ୍ରରେ ବିଶେଷ ଭାବେ ପ୍ରଭାବିତ କରିଥାଏ ।

ଏହାଭିତରେ ଶିମିଳିପାଳ ଜଙ୍ଗଲରେ ବାଘଙ୍କ ସଂଖ୍ୟା ବେଶ୍ କମିଯାଇଥିଲା । କରିଡର ବା ସଂଯୋଗ ପଥ ଅଭାବରୁ ସେମାନେ ଅନ୍ୟ ଜଙ୍ଗଲର ବାଘଙ୍କଠାରୁ ଅଲଗା, ବିଚ୍ଛିନ୍ନ ହୋଇ ରହୁଛନ୍ତି । ୨୦୧୦ ବାଘ ଗଣନାରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ୮ଟି ବାଘ ଥିବାର ଦର୍ଶାଯାଇଥିଲା । ଏବେ ସେଠାରେ ବାଘ ସଂଖ୍ୟା ଶୂନ୍ୟ । ଓଡ଼ିଶାର ଅନ୍ୟ ଜଙ୍ଗଲରେ ମଧ୍ୟ ପ୍ରାୟତଃ ବାଘ ନାହାନ୍ତି କହିଲେ ଚଳେ । ଏକ ଦ୍ୱୀପ ସଦୃଶ ଶିମିଳିପାଳ ବନାଞ୍ଚଳର ଆବଦ୍ଧ ହୋଇ ରହିବା ଫଳରେ ନିଜ ନିଜ ଭିତରେ ଆନ୍ତଃ ପ୍ରଜନନ ଘଟୁଛି ଓ ଏହିପରି ବର୍ଣ୍ଣ ବିଭ୍ରାଟ ଦେଖାଯାଉଛି । ଏହି କାରଣରୁ ସମଗୋତ୍ରରେ ବା ରକ୍ତ ସଂପର୍କ ଥିବା କ୍ଷେତ୍ରରେ ଆମ ସମାଜରେ ବିବାହ କରାଯାଏ ନାହିଁ । ଆନ୍ତଃ-ପ୍ରଜନନ ହେତୁ ଅବସାଦଗ୍ରସ୍ତ ହେବା ଫଳରେ କଳାବାଘ ପ୍ରାୟତଃ ନିଃସ୍ପୃହ ଏବଂ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ପ୍ରତି ଆଘାତପ୍ରବଣ । ଏମାନଙ୍କ ଭିତରେ ଜିନୀୟ ବିବିଧତା କ୍ରମଶଃ କ୍ଷୀଣ ହୋଇଯାଉଥିବାରୁ ଜଳବାୟୁ ପରିବର୍ତ୍ତନ କାରଣରୁ ସୃଷ୍ଟି ହେଉଥିବା ରୋଗ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଚାପ ସହିତ ଖାପଖୁଆଇ ଚଳିବା ସେମାନଙ୍କ ପକ୍ଷେ କଷ୍ଟକର । ଏହି ଅବସ୍ଥା ଚାଲୁ ରହିଲେ ସୁଦୂର ଭବିଷ୍ୟତରେ ବାଘ ବଂଶ ଶିମିଳିପାଳରୁ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇପାରେ ।

ଅନେକ ପ୍ରାଣୀ ବିଶେଷଜ୍ଞଙ୍କ ମତରେ କଳାବାଘର ଆକୃତି ସାଧାରଣ ମହାବଳ ବାଘଠାରୁ ଛୋଟ ହୋଇଥିବାରୁ ଶିକାର କରିବା ପାଇଁ ଏହା ହୁଏତ ବାଧକ ସାଜିପାରେ । ଦ୍ୱିତୀୟତଃ, ସେମାନଙ୍କର ପ୍ରଜନନ କ୍ଷମତା ମଧ୍ୟ ଅପେକ୍ଷାକୃତ କମ ବୋଲି କୁହାଯାଏ । ଶିମିଳିପାଳରେ ବାଘବଂଶର ସଂରକ୍ଷଣ ଓ ଅଭିବୃଦ୍ଧି ନିମନ୍ତେ କଳାବାଘ କ୍ଷେତ୍ରରେ ଜିନୀୟ ବିବିଧତା ହ୍ରାସ ଘଟଣା, ବନ୍ୟ ପ୍ରାଣୀ ବିଭାଗ ପାଇଁ ଏକ ବିଶେଷ ଆହ୍ୱାନ । ଜିନୀୟ ବିବଧତା ବୃଦ୍ଧି ପାଇଁ ପଦକ୍ଷେପ ସ୍ୱରୂପ ମହାରାଷ୍ଟ୍ରର ତରଭା ବା ଅନ୍ଧେରୀ ଜଙ୍ଗଲରୁ ଦୁଇଟି ବାଘୁଣୀ ଯମୁନା ଓ ଜୀନତ୍‌ଙ୍କୁ ଆଣି ଶିମିଳିପାଳରେ ଛଡ଼ାଯିବା ଏକ ସମୟୋଚିତ ପଦକ୍ଷେପ ।

(ଓଡ଼ିଶାର ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ଦୃଷ୍ଟିକୋଣ ବଦଳୁଛି

**ଡ. ବିରଜା ରାଉତରାୟ**

ସମୟ ଥିଲା, ଶାରୀରିକ ଅବା ମାନସିକ ଅକ୍ଷମତା ସାମାଜିକ ଦୃଷ୍ଟିରେ ବର୍ଜ୍ୟବସ୍ତୁ ପରି ଅଖୋଜା, ଅଲୋଡ଼ା ଓ ଅଦରକାରୀ ଭାବେ ବିବେଚିତ ହେଉଥିଲା । ଏହାସହିତ ପୁଣି ଯୋଡ଼ି ହୋଇଯାଇଥିଲା ରୂଢ଼ିବାଦୀ ମାନସିକତା, ଅସହିଷ୍ଣୁତା ଓ ଅନ୍ଧବିଶ୍ୱାସ । ମାନବ ସଭ୍ୟତାର ବିକାଶ ଯାତ୍ରାରେ ଧୀରେ ଧୀରେ ସମାଜର ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ରହିଯାଇଥିବା ମଣିଷକୁ ଭିନ୍ନ ମାନବୀୟ ଚକ୍ଷୁରେ ବିଚାର କରିବା ପ୍ରକ୍ରିୟାର ସୂତ୍ରପାତ ହେଲା । ମାନବିକ ଅଧିକାରକୁ ନେଇ ସଚେତନତା ସୃଷ୍ଟି ସହ ଆଇନ ପ୍ରଣୟନ ହେଲା ଏବଂ ସ୍ୱୀକୃତି ମଧ୍ୟ ମିଳିଲା । ଏହିସବୁ ସାମାଜିକ ସଂସ୍କାରଧର୍ମୀ ବିବର୍ତ୍ତନ ମୁଖ୍ୟତଃ ଦଶନ୍ଧି ଦଶନ୍ଧି ଧରି ସାମାଜିକ କର୍ମୀ ଓ ମାନବିକ ସଂଗଠନମାନଙ୍କର ନିରବଚ୍ଛିନ୍ନ ଆନ୍ଦୋଳନର ଫଳଶ୍ରୁତି । ଏହିକ୍ରମରେ ସମାଜର ଭିନ୍ନକ୍ଷମମାନଙ୍କ ପ୍ରତି ପୂର୍ବରୁ ରହିଥିବା ଅବଧାରଣା ଓ ଦୃଷ୍ଟିକୋଣ ମଧ୍ୟ ଆଇନଗତ ବ୍ୟବସ୍ଥାରେ ପରିଶୋଧିତ ହୋଇପାରିଛି । ମୋଟାମୋଟି କହିବାକୁ ଗଲେ ଭିନ୍ନକ୍ଷମଙ୍କ ପ୍ରତି ଦୃଷ୍ଟିକୋଣ ବଦଳୁଛି ।

ଭିନ୍ନକ୍ଷମମାନଙ୍କ ପ୍ରତି ଏହି ଦୀର୍ଘ ନ୍ୟାୟିକ ଯାତ୍ରାରେ ଦୁଇ ଦୁଇ ଥର ସ୍ୱତନ୍ତ୍ର ଆଇନ୍ ପାରିତ ହୋଇଛି । ପ୍ରଥମଥର ଏ ଦିଗରେ ଭିନ୍ନକ୍ଷମଙ୍କ ନିମନ୍ତେ (ସମାନ ସୁଯୋଗ, ଅଧିକାର ସୁରକ୍ଷା ଓ ପୂର୍ଣ୍ଣ ଅଂଶଗ୍ରହଣ) ଅଧିନିୟମ ୧୯୯୫ ମସିହାରେ ପାରିତ ହୋଇ କାର୍ଯ୍ୟକାରୀ ହୋଇଥିଲା । ଏହା ପ୍ରାଥମିକ ଭାବେ ଭିନ୍ନକ୍ଷମଙ୍କୁ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ, ସୁବିଧା, ସୁଯୋଗ ଓ ଅଧିକାରକୁ ସୁନିଶ୍ଚିତ କରାଇଥିଲା । ସାମାଜିକ ଦୃଷ୍ଟିରେ ସମବେଦନା, ଅନୁକମ୍ପା ଓ ଦୟାର ପାତ୍ରରୁ ଅଧିକାର ଓ ହକ୍ ପର୍ଯ୍ୟାୟକୁ ଉନ୍ନୀତ କରାଇଲା । ପ୍ରଥମ କରି ଏହି ଆଇନ ବଳରେ ଭିନ୍ନକ୍ଷମମାନଙ୍କୁ ଅନ୍ୟ ନାଗରିକଙ୍କ ପରି ସମାଜରେ ସମାନ ସୁଯୋଗ, ଅଧିକାର ସୁରକ୍ଷା ଓ ପୂର୍ଣ୍ଣ ଅଂଶଗ୍ରହଣ ସହିତ ସମ୍ବିଧାନ ପ୍ରଦତ୍ତ ଧାରା ୧୪ ଓ ୨୧ ମୁତାବକ ସମାନତା ଓ ଆତ୍ମସମ୍ମାନପୂର୍ଣ୍ଣ ଜୀବନଯାପନ ନିମନ୍ତେ ଅଧିନିୟମ ପ୍ରଣୀତ ହୋଇଥିଲା । ମାତ୍ର ଉକ୍ତ ଆଇନ୍‌ରେ କେତେଗୁଡ଼ିଏ ଦୁର୍ବଳ ଦିଗ ରହିଥିବାରୁ ଏହାର ପ୍ରତିବଦଳରେ ଏକ ସଶକ୍ତ ଓ ପ୍ରଭାବଶାଳୀ ଆଇନ୍ ପ୍ରଣୟନ ନିମନ୍ତେ ବିଭିନ୍ନ ସଂଗଠନ ଓ ସାମାଜିକକର୍ମୀ ଦାବି କରି ଆସୁଥିଲେ । ୨୦୦୬ ମସିହା ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ଆଧାରିତ ପ୍ରସ୍ତାବ ଗୃହୀତ ହେଇଥିଲା । ଯାହା ଏ ଦିଗରେ ଏକ ଶକ୍ତିଶାଳୀ ଓ ଦୃଢ଼ ଆଇନ ପ୍ରଣୟନ ନିମନ୍ତେ ମାର୍ଗ ଉନ୍ମୋଚନ କରିଥିଲା । ଜାତିସଂଘର ଉକ୍ତ ଘୋଷଣାନାମାର ଏକ ସ୍ୱାକ୍ଷରକାରୀ ଦେଶ ଭାବେ ପୂର୍ବୋକ୍ତ ୧୯୯୫ ଆଇନ୍‌ଠାରୁ ଏକ ଉନ୍ନତ ବିଧେୟକ ୨୦୧୬ ମସିହାରେ ଆମ ଦେଶରେ ପାରିତ ହୋଇସାରିଛି, ଯାହା ନୂତନ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ଅଧିନିୟମ-୨୦୧୬ ରୂପେ ଏକ ସ୍ୱତନ୍ତ୍ର ଆଇନର ମାନ୍ୟତା ଲାଭ କରିଛି ।

ଏସବୁ ବିଧିବିଧାନ ସତ୍ତ୍ୱେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବାସ୍ତବ ମୁଖ୍ୟସ୍ରୋତର ଜୀବନଧାରାରେ ପ୍ରବେଶ କରାଇବା କେବଳ ଆଇନଗତ ବ୍ୟବସ୍ଥା ଦ୍ୱାରା ସମ୍ଭବ ନୁହେଁ । କାରଣ ଆଇନ୍ ପ୍ରଦତ୍ତ ସୁବିଧା, ସୁଯୋଗ ଓ ସୁରକ୍ଷା ଯଦି ଅଣଲେଉଟା ରହିଯାଏ ଏବଂ ଅବଶିଷ୍ଟ ଜନତାଙ୍କଠାରୁ ଅପହଞ୍ଚ ହୋଇ ରହେ, ତେବେ ଆଇନ୍‌ର ଲକ୍ଷ୍ୟ ସୁଦୂରପରାହତ ହୋଇରହିଯିବ । ନୂତନ ଭିନ୍ନକ୍ଷମ ଆଇନ ପ୍ରଣୟନର ଏହି ଦୀର୍ଘବର୍ଷର ବ୍ୟବଧାନ ପରେ ଯଦିଓ ଉପଲବ୍ଧି ସେତେଟା ନିରାଶାଜନକ ନୁହେଁ, କିନ୍ତୁ ଏହାକୁ ଆମେ ଆଶାଜନକ ବୋଲି ମଧ୍ୟ କହିପାରିବା ନାହିଁ ।

ଦୃଷ୍ଟିକୋଣ ନିଶ୍ଚୟ ବଦଳୁଛି । ଏହା ଆମକୁ ସନ୍ତୋଷପ୍ରଦ ନ ହେଲେ ସୁଦ୍ଧା ସ୍ୱୀକାର କରିବାକୁ ହେବ । ଶିକ୍ଷାଗ୍ରହଣ ଓ ନିଯୁକ୍ତି ପରି କ୍ଷେତ୍ରରେ ସଂରକ୍ଷଣଠାରୁ ସାମାଜିକ ସୁରକ୍ଷା, ବିବିଧ ପ୍ରୋତ୍ସାହନ, ପେନସନ୍ ଓ ଅନ୍ୟାନ୍ୟ ପ୍ରାବଧାନ ସମାଜର ଏହି ପ୍ରଚଳିତ ନକାରାତ୍ମକ ଦୃଷ୍ଟିକୋଣକୁ ଅନେକାଂଶରେ ମାର୍ଜିତ କରିବାରେ ସହାୟକ ହୋଉଛି - ଏହା ନିଃସନ୍ଦେହ । କିନ୍ତୁ ଏ କଥା ଅବଶ୍ୟ କହିହେବ, ଏବେ ଯେଉଁ ପ୍ରତିଟି କଥାରେ ଏକ ସମ୍ମିଳିତ ସମାଜ ବା ଇନ୍‌କ୍ଲୁସିଭ୍ ସୋସାଇଟି ବିଷୟ ଆମେ ଉତ୍ଥାପନ କରୁଛେ, ସେହି ଲକ୍ଷ୍ୟଠାରୁ ଆମେ ଅନେକ କୋଷ ଦୂରରେ ରହିଛୁ । କାରଣ ଏକ ସମ୍ମିଳିତ ସମାଜ ଦୟା, ଅନୁକମ୍ପା କିମ୍ବା ଆଇନଗତ ଅଧିକାରର ସ୍ତମ୍ଭ ଉପରେ ଗଢ଼ା ହୋଇପାରିବ ନାହିଁ । ଏକ ସମାବେଶୀ ସମ୍ବେଦୀ ଦୃଷ୍ଟିକୋଣ ବହନ କରୁଥିବା ସମାଜକୁ ହିଁ ଆମେ ଯଥାର୍ଥରେ ସମ୍ମିଳିତ ସମାଜ କହି ପାରିବା ।

ଏଠାରେ ପହଞ୍ଚିବାକୁ ଗଲେ ସଚେତନତା, ସମ୍ବେଦନଶୀଳତା ଓ ସହଭାଗିତା ପରି ତିନୋଟି ପର୍ଯ୍ୟାୟ ଉପରେ ପାଦ ଥାପି ସମାଜକୁ ଆଗୁସାର ହେବାକୁ ପଡ଼ିବ । ସମାଜର ମୁଖ୍ୟସ୍ରୋତରେ ସମ୍ପୂର୍ଣ୍ଣ ଅଂଶୀଦାର ହୋଇପାରି ନ ଥିବା ଏହି ପଛୁଆ ଭିନ୍ନକ୍ଷମବର୍ଗଙ୍କୁ ଆଇନଗତ ଅଧିକାର ସମ୍ପର୍କିତ ସଚେତନତାର ଆବଶ୍ୟକତା ଯେପରି ରହିଛି, ବୃହତ୍ତର ସମାଜର ମଧ୍ୟ ସେହିପରି ରହିଛି । ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମାଜର ଏକ ସମ୍ମାନଯୁକ୍ତ ଏକକ ମଣିଷ ଭାବେ ବିଚାର କରିବା ପାଇଁ ଆବଶ୍ୟକ ସମ୍ବେଦନଶୀଳତାର ଉଦ୍ରେକ ହେବାକୁ ପଡ଼ିବ । ଅନ୍ୟଥା ଆଇନ ଓ ବିଜ୍ଞାନର ଅଭିଯାତ୍ରା ସତ୍ତ୍ୱେ ବି ଯୁଗଯୁଗର ପ୍ରଥାବଦ୍ଧ କୁସଂସ୍କାର ଓ ଅଭିସମ୍ପାତର କଳଙ୍କ ଓ ବୋଝରୁ ଭିନ୍ନକ୍ଷମଟିଏ ନିଷ୍କୃତି ପାଇବା ଦୁରୁହ ବ୍ୟାପାର ହୋଇ ରହିଥିବ ।

ସଚେତନତା ଓ ସମ୍ବେଦନଶୀଳତାର ବ୍ୟାପକ ଓ ସଘନ ଉପସ୍ଥିତି ରହିଲେ ସହଭାଗିତା ଆପଣାଛାଏଁ ସୃଷ୍ଟି ହେବ । ସହଭାଗିତାର ଅର୍ଥ ଜଣେ ସାଧାରଣ ବ୍ୟକ୍ତି ଅନ୍ୟଜଣେ ଭିନ୍ନକ୍ଷମ ବ୍ୟକ୍ତିକୁ ନିଜ ପରି ଏକ ବ୍ୟକ୍ତିସତ୍ତା ବୋଲି ମନେକରିବ । ଅର୍ଥାତ୍ ପ୍ରତିଟି କ୍ଷେତ୍ରରେ ଘରଠାରୁ ବିଦ୍ୟାଳୟ, କାର୍ଯ୍ୟାଳୟଠାରୁ ବ୍ୟବସାୟ ପ୍ରତିଷ୍ଠାନ ଏବଂ ସମସ୍ତ ସାମାଜିକ ଅନୁଷ୍ଠାନରେ ଏହି ସହଭାଗିତାର ଭାବ ଉଦୟ ହେବ । ସେତେବେଳେ ହିଁ ଆମେ ଯଥାର୍ଥରେ ଏକ ସମ୍ମିଳିତ ସମାଜର ଚିତ୍ରକୁ ଚାକ୍ଷୁସ କରିପାରିବା ।

ମାଧପୁର(କେନ୍ଦ୍ରାପଡ଼ା)
ମୋ: ୯୬୫୮୮୧୦୨୪୪

## ଜୀବନର ବିବିଧକାଳ ଓ ମସ୍ତିଷ୍କ

**ଶ୍ରୀନନ**

ବିଜ୍ଞାନ ବାର୍ତ୍ତା



ଜୀବନ କାଳକୁ ସାଧାରଣତଃ ଆମେ ଚାରିଭାଗରେ ବିଭକ୍ତ କରୁ - ଶୈଶବ, ଯୌବନ ପ୍ରୌଢ଼ ଓ ବାର୍ଦ୍ଧକ୍ୟ । ପ୍ରଥମଟି ଜନ୍ମ ସମୟରୁ ୧୬ ବର୍ଷ ମଧ୍ୟରେ ଆସିଲା ବେଳେ ଅବଶିଷ୍ଟ ତିନୋଟି ଯଥାକ୍ରମେ ୧୬ ରୁ ୩୦, ୩୦ ରୁ ୬୦ ଏବଂ ୬୦ ବର୍ଷରୁ ଅଧିକ ବୋଲି ଗଣନା କରାଯାଏ । ଆମ ସମ୍ବିଧାନ ଅନୁସାରେ ୧୮ ବର୍ଷରେ ଜଣେ ପ୍ରାପ୍ତବୟସ୍କ ବୋଲି ଗଣନା ହୁଏ । ସେଥିପାଇଁ ତା'କୁ ଭୋଟ ଦେବାର ଅଧିକାର ମିଳେ । ତେବେ ନିକଟରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ବୟସ ଅନୁଯାୟୀ ମସ୍ତିଷ୍କରେ ଆସୁଥିବା ପରିବର୍ତ୍ତନକୁ ଅଧ୍ୟୟନ କରି ଜୀବନ କାଳକୁ ଭିନ୍ନ ଭାବେ ବିଭକ୍ତ କରିଛନ୍ତି ଏବଂ ୧୮ ପରିବର୍ତ୍ତେ ୩୨ ବର୍ଷକୁ 'ପ୍ରାପ୍ତବୟସ୍କ' ବୋଲି ସୂଚୀତ କରିଛନ୍ତି ।

କେମ୍ବ୍ରିଜର ଗବେଷକମାନଙ୍କ ଏହି ଅଧ୍ୟୟନର ଅର୍ନ୍ତଭୁକ୍ତ ହୋଇଥିଲେ ପ୍ରାୟ ୪ ହଜାର ବିଭିନ୍ନ ବୟସର (୯୦ ବର୍ଷ ପର୍ଯ୍ୟନ୍ତ ବୟସ) ଲୋକ । ବୟସାନୁକ୍ରମେ ମୁଖ୍ୟତଃ ମସ୍ତିଷ୍କର କାର୍ଯ୍ୟଦକ୍ଷତା ଏବଂ ସେଥିର ଆସୁଥିବା ପରିବର୍ତ୍ତନମାନ ଅଧ୍ୟୟନ କରିବା ଥିଲା ଏହାର ଲକ୍ଷ୍ୟ । ଏ ସମ୍ପର୍କରେ ସେମାନେ ପ୍ରବନ୍ଧଟିଏ ପ୍ରକାଶ କରିଛନ୍ତି 'ନେଚର କମ୍ୟୁନିକେସନ୍' ପ୍ରତିକାରେ । ତଦନୁଯାୟୀ ଜନ୍ମ ସମୟରୁ ୯ ବର୍ଷ ପର୍ଯ୍ୟନ୍ତ ବୟସକୁ 'ଶୈଶବ' ବା 'ବାଲ୍ୟକାଳ' ବୋଲି କୁହାଯାଇପାରିବ । ଏ ସମୟରେ ମସ୍ତିଷ୍କ ଦ୍ରୁତଗତିରେ ପରିବର୍ଦ୍ଧିତ ହୁଏ । କିନ୍ତୁ ତହିଁରେ ଥିବା ଅଣବ୍ୟବହୃତ ସଂଯୋଗଗୁଡ଼ିକ ନିଷ୍କାସନ କରିଦିଏ । ଏ ପ୍ରକ୍ରିୟା ସାମୟିକ ଭାବେ ଏହାର ଦକ୍ଷତା ଉପରେ କିଛିଟା ବାଧା ସୃଷ୍ଟି କରେ ।

ଏହାପରେ ୯ ବର୍ଷରୁ ୩୨ ବର୍ଷ ମଧ୍ୟରେ ଆସେ କୈଶୋର, ଯାହାକି ଜୀବନର ପ୍ରଧାନ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର କାଳ । ତେସେବେଳେ ମସ୍ତିଷ୍କରେ ବ୍ୟାପକ ପରିବର୍ତ୍ତନ ଆସେ ଏବଂ ତାହା ହଠାତ୍ ଖୁବ୍ ଦକ୍ଷ ହୋଇପଡ଼େ । ଏହି ସମୟ ମଧ୍ୟରେ ବିବିଧ ହର୍ମୋନର କ୍ଷରଣ ବୃଦ୍ଧି ପାଏ, ବିଶେଷକରି ଲିଙ୍ଗୀୟ ହର୍ମୋନ୍‌ଗୁଡ଼ିକର । ଉଦାହରଣ ସ୍ୱରୂପ ନାରୀରେ 'ଓଷ୍ଟ୍ରୋଜେନ' ଓ ପୁରୁଷଠାରେ 'ଟେଷ୍ଟୋଷ୍ଟେରନ'ର କ୍ଷରଣ ଫଳରେ ସେମାନଙ୍କ ଶାରୀରିକ ଗଠନରେ ବିଭେଦତା ପରିଲକ୍ଷିତ ହୁଏ । ଚଯାପଚୟ, ଆଚରଣ, ସ୍ୱର ଇତ୍ୟାଦି ଭିନ୍ନ ଭିନ୍ନ ହୁଏ । ଏହିସମୟ ମଧ୍ୟରେ ମସ୍ତିଷ୍କରେ ଅସଂଗତି ସୃଷ୍ଟି ହେବାର ଆଶଙ୍କା ମଧ୍ୟ ସର୍ବାଧିକ ।

ଜୀବନର ତୃତୀୟ ପର୍ଯ୍ୟାୟଟି ହେଲା ପ୍ରାପ୍ତ ବୟସ୍କ କାଳ । ଏହା ଆସେ ୩୨ରୁ ୬୬ ବର୍ଷ ବୟସ ମଧ୍ୟରେ । ଏହା ସବୁଠାରୁ ଦୀର୍ଘତମ, ଯାହାକି ପ୍ରାୟ ୩ ଦଶକ ପର୍ଯ୍ୟନ୍ତ ବିସ୍ତୃତ । ଏ ସମୟରେ ମସ୍ତିଷ୍କର ଦକ୍ଷତା କ୍ରମଶଃ ନିମ୍ନଗାମୀ ହେବାକୁ ଲାଗେ । ଅତଏବ ବୁଦ୍ଧିମତ୍ତା ମଧ୍ୟ ଧୀରେ ଧୀରେ ହ୍ରାସ ପାଇଚାଲେ ଏବଂ ବିବିଧ ହରମୋନର କ୍ଷରଣ ନିମ୍ନଗାମୀ ତଥା ଶାରୀରିକ କ୍ରିୟାପ୍ରକ୍ରିୟା ମନ୍ଥର ହେବାକୁ ଆରମ୍ଭ କରେ । ଏହାପରେ ୬୬ ବର୍ଷ ବର୍ଷରୁ ୮୩ ବର୍ଷ ବୟସକୁ ଗବେଷକମାନେ 'ଆଦ୍ୟ ବାର୍ଦ୍ଧକ୍ୟ' ବୋଲି ନାମିତ କରିଛନ୍ତି । ଏସମୟରେ ମସ୍ତିଷ୍କର ସ୍ନାୟୁମାନଙ୍କ ସଂଯୋଗର ରୂପ କ୍ରମେ ବଦଳିବାକୁ ଲାଗେ । ଯଦିଓ ତାହା ହଠାତ୍ ନିମ୍ନଗାମୀହୁଏ ନାହିଁ, ତଥାପି ତାହା ସ୍ମୃତିହୀନତା ଆସିବାର ସୂଚନା ଦିଏ ଏବଂ ମସ୍ତିଷ୍କର ସ୍ୱାସ୍ଥ୍ୟ ଉପରେ ରକ୍ତଚାପର ପ୍ରଭାବ ଦୃଶ୍ୟମାନ ହୁଏ । ଶେଷରେ ୮୩ ବର୍ଷ ପରବର୍ତ୍ତୀ ବୟସ ହେଲା 'ବିଳମ୍ବିତ ବାର୍ଦ୍ଧକ୍ୟ କାଳ' । ଜୀବନର ଏହି ଶେଷ ଅବସ୍ଥାରେ ମସ୍ତିଷ୍କରେ ଦ୍ରୁତ ପରିବର୍ତ୍ତନ ଆସେ । ତାହା ସ୍ମୃତିଶକ୍ତି, ଚିନ୍ତନ ଶକ୍ତି ତଥା ସ୍ୱାସ୍ଥ୍ୟ ଉପରେ ଅନ୍ୟାନ୍ୟ ପ୍ରଭାବ ପକାଏ ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ମା' ସମେତ ୨ ପୁଅଙ୍କ ସନ୍ଦେହଜନକ ମୃତ୍ୟୁ

## ଖାଦ୍ୟରେ ବିଷକ୍ରିୟା ନା ମାରିଦେଲେ!

ଅନୁଗୋଳ/ହିନ୍ଦୋଳ, ୨୨।୧୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ଏକ ଦୁଃଖଦ ଘଟଣା ଘଟିଛି। ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ କଣ୍ଟାବଣିଆ ଥାନା ଅନ୍ତର୍ଗତ ଅସନବଣିଆ ଗ୍ରାମରେ ମା' ସମେତ ୨ ପୁଅଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଗାଁର ଅନ୍ତର୍ଯ୍ୟାମୀ ସାହୁଙ୍କ ସ୍ତ୍ରୀ ଗୋଲାପ ସାହୁ (୫୦), ତାଙ୍କ ପୁଅ ପିଣ୍ଟୁ ସାହୁ (୩୨) ଓ ଲିଟୁ ସାହୁ (୨୪)। କଣ୍ଟାବଣିଆ ପୁଲିସ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଖାଦ୍ୟରେ ବିଷକ୍ରିୟା କିମ୍ବା ଅଣନିଃଶ୍ୱାସୀ ଯୋଗୁଁ ୩ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ଏହା ପଛରେ ଅନ୍ୟ କିଛି ଷଡ଼ଯନ୍ତ୍ର ଥାଇପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ପୁଲିସ ସବୁ ଦିଗକୁ ନେଇ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ରହସ୍ୟ ପଦାକୁ ଆସିବ ବୋଲି ପୁଲିସ ଆଶାବାଦୀ ରହିଛି।

ସୂଚନାନୁଯାୟୀ, ଅନ୍ତର୍ଯ୍ୟାମୀ ଦୁଇଟି ବିବାହ କରିଛନ୍ତି। ଦ୍ୱିତୀୟ ପତ୍ନୀ ବିନୋଦିନୀ ସାହୁ ଗତକାଲି ସଂଧ୍ୟାରେ ରୋଷେଇ କରିଥିଲେ। ସମସ୍ତେ ରାତିରେ କୁକୁଡ଼ା ମାଂସ ତରକାରୀ ଓ ସଜନା ଶାଗ ଖାଇ ଶୋଇଥିଲେ। ବିନୋଦିନୀ ଓ ତାଙ୍କ ପୁଅ ଗୋଟିଏ ରୁମ୍‌ରେ ଶୋଇଥିବା ବେଳେ ଅନ୍ୟ ଏକ ରୁମ୍‌ରେ ଦୁଇ ପୁଅଙ୍କ ସହ ଗୋଲାପ ଶୋଇଥିଲେ। ଅନ୍ତର୍ଯ୍ୟାମୀ ବାହାରେ ଶୋଇଥିଲେ। ଥଣ୍ଡାରୁ ବର୍ତ୍ତିବା ପାଇଁ ଗୋଲାପ ଓ ତାଙ୍କ ଦୁଇ ପୁଅ କୋଇଲାରେ ଆଞ୍ଚ କରି ନିଆଁ ଜାଳି ଶୋଇଥିଲେ। ଆଜି ସକାଳେ ଗୋଲାପ ଓ ତାଙ୍କ ଦୁଇ ପୁଅ ଅଚେତ ହୋଇ ପଡ଼ିଥିବା ଦେଖି ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ପଡ଼ୋଶୀଙ୍କ ସହାୟତାରେ ପରିବାରଲୋକ ସେମାନଙ୍କୁ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ଏହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ପରିବାରର ତିନିଜଣଙ୍କ ଏକାସାଙ୍ଗେ ମୃତ୍ୟୁ ହୋଇଥିଲେ ହେଁ କେମିତି କେହି ରାତିରେ ଜାଣି ପାରିଲେ ନାହିଁ, ତାହା ଆଲୋଚନାର ବିଷୟ ହୋଇଛି। ଖାଦ୍ୟରେ ବିଷକ୍ରିୟା ବା ନିଆଁଧୂଆଁରେ ଅଣନିଶ୍ୱାସୀ ହୋଇ ସେମାନଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତେବେ ଏହା ପଛରେ କିଛି ଷଡ଼୍‌ଯନ୍ତ୍ର ରହିଥିବା ଦିଗକୁ ମଧ୍ୟ ପୁଲିସ ଏଡ଼ାଇ ପାରୁନାହିଁ।

### ମନରେଗା ନାମ ପରିବର୍ତ୍ତନ ଓ ମହାତ୍ମାଙ୍କୁ ବାଦ ପ୍ରସଙ୍ଗ

# ସାରା ରାଜ୍ୟରେ କଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର,୨୨।୧୨(ସମିସ): ମହାତ୍ମା ଗାନ୍ଧୀ ନରେଗା ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ ଦେବା ପ୍ରସଙ୍ଗକୁ ନେଇ ସାରା ରାଜ୍ୟରେ ପ୍ରତିବାଦକୁ ତୀବ୍ର କରିଛି ରାଜ୍ୟ କଂଗ୍ରେସ। ସୋମବାର ରାଜ୍ୟରେ ପ୍ରତି ସାଂଗଠନିକ ଜିଲ୍ଲାରେ କଂଗ୍ରେସ ପକ୍ଷରୁ ପ୍ରତିବାଦ ରାଲି ଆଦି ଆୟୋଜନ କରାଯାଇଛି। ଏହି କ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଧାରଣା ଓ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ବେଳେ କେନ୍ଦ୍ର ବିଜେପି ସରକାର ମହାତ୍ମା ଗାନ୍ଧୀ ନରେଗା ଯୋଜନାରୁ ହଟାଇବାକୁ ନେଇ ସରକାରଙ୍କ ଉପରେ ଦଳର ନେତାମାନେ ବର୍ଷିଛନ୍ତି।




ସ୍ଥାନୀୟ ନାଲକୋ ଛକ ସ୍ଥିତ ମହାତ୍ମା ଗାନ୍ଧୀ ପାର୍କଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା କହିଲେ ଯେ କେନ୍ଦ୍ର ସରକାର ଚକ୍ରାନ୍ତକରି ନରେଗା ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ ଦେଇଛନ୍ତି। ଏହା ଭାରତର କୋଟି କୋଟି ଜନସାଧାରଣଙ୍କ ଭାବାବେଗ ପ୍ରତି ଆଘାତ ପହଞ୍ଚାଇଛି। ଏହାସହିତ ଏହି ଯୋଜନାକୁ ମାରି ସରାକର ହିତାଧିକାରୀଙ୍କ ଅଧିକାରଙ୍କୁ ସଂକୁଚିତ କରିଛନ୍ତି। ଫଳରେ ଲାଭବାନ ହେଉଥିବା ଗରିବ ଲୋକମାନେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଖୁବଶୀଘ୍ର ପୂର୍ନବିଚାର କରାଯାଇ ଏହି ଆଇନକୁ ପୂର୍ବଭଳି ଅକ୍ଷୁର୍ଣ୍ଣ ରଖିବାକୁ ଶ୍ରୀ ଜେନା ଦାବି କରିଛନ୍ତି। କାର୍ଯ୍ୟକ୍ରମ ପରେ ଶ୍ରୀ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏଡିଏମଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ, କିଶୋର ଜେନା, ମାନସ ଆଚାର୍ଯ୍ୟ, ଚିନ୍ମୟ ସୁନ୍ଦର ଦାସଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତା ସାମିଲ ହୋଇଥିଲେ।

# ଥାନା ଅଧିକାରୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ



ଅନୁଗୋଳ,୨୨।୧୨(ସମିସ): ଅନୁଗୋଳ ସାଇବର ଥାନା ଅଧିକାରୀଙ୍କୁ ରାତି ଅଧରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରାଯାଇଛି। ଅନୁଗୋଳ ସହରରେ ବୁଢ଼ୀ ଠାକୁରାଣୀ ଛକ ନିକଟରେ ରବିବାର ରାତିରେ ଏହି ଘଟଣା ଘଟିଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ଅନୁଗୋଳ ସାଇବର ଥାନା ଅଧିକାରୀ ଖଲେଶ୍ୱର ସେଠୀ ଗତ ରାତି ପ୍ରାୟ ସାଢ଼େ ୧୧ଟାରେ ଡ୍ୟୁଟି ସାରି ଥାନାରୁ ଫେରୁଥିଲେ। ବୁଢ଼ୀ ଠାକୁରାଣୀ ଛକ ନିକଟରେ ଏକ ବସ୍ (ନଂ-ଓଡି୦୫-ଏବି୧୭୬୫) ତାଙ୍କ ଉପରକୁ ମାଡ଼ି ଆସିଥିଲା। ଚାଳକଜଣଙ୍କ ତାଙ୍କ ଉପରେ ବସ୍ ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲା। ତେବେ ଇନ୍ସପେକ୍ଟର୍ ଶ୍ରୀ ସେଠୀ ରାସ୍ତାକଡ଼କୁ ଚାଲିଯିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ଡ୍ରାଇଭର୍ ଓ ତାଙ୍କର ଅନ୍ୟ ଦୁଇ ସହଯୋଗୀ ଗାଡ଼ିରୁ ଓହ୍ଲାଇ ତାଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏ ସମ୍ପର୍କରେ ଇନ୍ସପେକ୍ଟର୍ ଶ୍ରୀ ସେଠୀ ଅନୁଗୋଳ ଥାନାକୁ ଜଣାଇଥିଲେ। ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା।

### ରୋଗୀଙ୍କୁ ନିମ୍ନମାନର ଖାଦ୍ୟ ଯୋଗାଣ

# ହାଇକୋର୍ଟଙ୍କ ଜବାବ ତଲବ

କଟକ, ୨୨।୧୨(ସମିସ): ବଲାଙ୍ଗୀରର ଶରଦେଶ୍ୱରୀ ସରକାରୀ ଆୟୁର୍ବେଦ କଲେଜ ଏବଂ ହସ୍ପିଟାଲରେ ରୋଗୀଙ୍କୁ ନିମ୍ନମାନର ଖାଦ୍ୟଯୋଗାଣ ତଥା ବିଭିନ୍ନ ଅନିୟମିତତା ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ଜବାବ ତଲବ କରିଛନ୍ତି। ଆଇନଜୀବୀ ଆଶୁତୋଷ ଷଡ଼ଙ୍ଗୀଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ଏହି ହସ୍ପିଟାଲରେ ଔଷଧଗୁଡ଼ିକ କେବଳ କାଗଜକଲମରେ କିଣାଯାଏ ଏବଂ ଏଠାରେ ସବୁବେଳେ ଔଷଧର ଅଭାବ ରହିଥାଏ। ହସ୍ପିଟାଲର ଭିତର ରୋଗୀଙ୍କ ପାଇଁ ଖାଦ୍ୟ ଯୋଗାଣ ପାଇଁ କୌଣସି ଖୋଲା ଟେଣ୍ଡର ଜାରି କରାଯାଇନାହିଁ। ଗତ ୮ ବର୍ଷ ଧରି ହସ୍ପିଟାଲର ଭିତର ରୋଗୀଙ୍କ ପାଇଁ ଖାଦ୍ୟ ସାମଗ୍ରୀ ଯୋଗାଣ ପାଇଁ ଜଣେ ବ୍ୟକ୍ତିଙ୍କୁ ଚୁକ୍ତିନାମା ଦିଆଯାଇଛି। ରୋଗୀଙ୍କୁ ନିମ୍ନମାନର ଖାଦ୍ୟ ବିତରଣ କରାଯାଉଥିବା ଅଭିଯୋଗ କରିଛନ୍ତି ଆବେଦନାକାରୀ। କ୍ୟାମ୍ପସରେ ଧନ୍ୱନ୍ତରୀ ମନ୍ଦିର ନିର୍ମାଣ ପାଇଁ କୋଠା ନିର୍ମାଣ ନାମରେ ୟୁଜି, ପିଜି ଏବଂ ପିଏଚଡି ଛାତ୍ରମାନଙ୍କଠାରୁ ଜୋରଜବରଦସ୍ତ ଚାନ୍ଦା ଆଦାୟ କରାଯାଉଛି। ହଷ୍ଟେଲ ଉଦ୍ଦେଶ୍ୟରେ ଏକ ଘରୋଇ ବାସସ୍ଥାନ ଭଡ଼ାରେ ନିଆଯାଇଛି, ଯେଉଁଠାରେ କୌଣସି ଛାତ୍ର କେବେ ରହିନାହାନ୍ତି ବୋଲି ଦର୍ଶାଯାଇଛି। ଏକ ସ୍ୱାଧୀନ ସଂସ୍ଥା ଦ୍ୱାରା ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ପ୍ରାର୍ଥନା କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିଲାମ ହେବ ରାଜ୍ୟ...

ମଧ୍ୟରେ ବକ୍ସାଇଟ, ଲୁହାପଥର, ମାଙ୍ଗାନିଜ, ଡୋଲୋମାଇଟ, ଲାଇମଷ୍ଟୋନ, ଲାଟେରାଇଟ, ତମ୍ବା ଓ ସୁନା ଆଦି ମୂଲ୍ୟବାନ୍ ଖଣି ରହିଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୪ଟି କ୍ରିଟିକାଲ ଖଣିଜ ବ୍ଲକ(କମ୍ପୋଜିଟ ଲାଇସେନ୍ସ) ମଧ୍ୟ ଅନ୍ତର୍ଭୁକ୍ତ ଅଛି। ତନ୍ମଧ୍ୟରେ କଳାହାଣ୍ଡିର ୨ଟି ଓ ରାୟଗଡାରେ ୧ଟି ଗ୍ରାଫାଇଟ ଖଣି ଥିବାବେଳେ ମୟୂରଭଞ୍ଜର ଏକ ସୁନା ଖଣି ମଧ୍ୟ ଅନ୍ତର୍ଭୁକ୍ତ ଅଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨ଟି କ୍ରିଟିକାଲ ଖଣିଜ ବ୍ଲକ(ଏକ୍ସପ୍ଲୋରେସନ ଲାଇସେନ୍ସ) ମଧ୍ୟ ସାମିଲ କରିଛି ଖଣି ବିଭାଗ। ଅପରପକ୍ଷେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୬ଟି କ୍ରିଟିକାଲ ଖଣିଜ ବ୍ଲକ(ମାଇନିଂ ଲିଜ) ସାମିଲ ଥିବାବେଳେ ଏଥିରେ ବଲାଙ୍ଗୀର ୩ଟି, ଦେବଗଡ, ନୟାଗଡ ଓ ରାୟଗଡାର ଗୋଟିଏ ଲେଖାଏଁ ବ୍ଲକ ସାମିଲ ରହିଛି। ଏସବୁ ବ୍ଲକ ଗୁଡ଼ିକ ମୁଖ୍ୟତଃ ମାଙ୍ଗାନିଜ, ଗ୍ରାଫାଇଟ, ବେସ ମେଟାଲ(କପର, ନିକେଲ, ଗୋଲ୍ଡ, ସିଲଭର) ଓ ଗ୍ରାଫାଇଟ ପରି ଖଣି ସାମିଲ ରହିଛି। ସେହିପରି ଭାବେ ୨୦୨୬-୨୭ ପାଇଁ ଅତିରିକ୍ତ ୨ଟି ଖଣିଜ ବ୍ଲକ(କମ୍ପୋଜିଟ ମେଟାଲ)କୁ ମଧ୍ୟ ତାଲିକାରେ ସାମିଲ କରାଯାଇଥିବା ଜଣାପଡ଼ିଛି।

### ପ୍ରଦୂଷଣ ପ୍ରମାଣପତ୍ର...

ଟଙ୍କା ଜରିମାନା ଆଦାୟ କରିବାକୁ ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ସମସ୍ତେ ପ୍ରଦୂଷଣ ପ୍ରମାଣପତ୍ର କେନ୍ଦ୍ରଗୁଡ଼ିକ ମଧ୍ୟ ଆବଶ୍ୟତାକୁ ଦୃଷ୍ଟିରେ ରଖି ଗାଡ଼ିରେ ଷ୍ଟିକର ଲଗାଇ ପ୍ରଦୂଷଣ ପ୍ରମାଣପତ୍ରର ବୈଧତା ଉଲ୍ଲେଖ କରିବେ। ସେହିଭଳି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚର ଅନ୍ୟ ଦିଗ ଗୁଡ଼ିକ ସଂପର୍କରେ ମଧ୍ୟ ପେଟ୍ରୋଲ ପମ୍ପ କର୍ମଚାରୀ ଓ ଜନସାଧାରଣଙ୍କୁ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ରାସ୍ତାରେ ଚାଲୁଥିବା ବିଏସ୍-୪ ଓ ବିଏସ୍-୫ ସମେତ ସମସ୍ତ ପେଟ୍ରୋଲ, ଡିଜେଲ ମୋଟରଯାନ ପାଇଁ ବୈଧ ପ୍ରଦୂଷଣ ପ୍ରମାଣପତ୍ର ଆବଶ୍ୟକ ରହିଛି। ମୋଟର ଯାନ ଆଇନ ଅନୁଯାୟୀ ଏହାର ବୈଧତା ନିର୍ଦ୍ଧାରିତ ହୋଇଛି। ଏହି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ ପାଇଁ ରାଜ୍ୟର ସମସ୍ତ ଟୋଲ ଗେଟରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ବୈଠକରେ ପରିବହନ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଇଣ୍ଡିଆନ୍ ଅଏଲ ସିଜିଏମ୍ କମଲ୍ ଶିଲ୍, ଏଚପିସିଏଲ୍ ରୁ ସି.ଆର୍ ବିଜୟ କୁମାର, ଉତ୍କଳ ପେଟ୍ରୋଲିୟମ ଡିଲର୍ ଆସୋସିଏସନ୍ ସଞ୍ଜୟ ଲାଠ୍ ପ୍ରମୁଖ ଯୋଗ ଦେଇଥିଲେ।

### ଦଳୀୟ ନେତାଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ...

ଆରଜେଡି ଅଭିଯୋଗ କରିଛି। ସୂଚନା ଅନୁଯାୟୀ, ଗୟାଜୀର କଳା ସଂସ୍କୃତି କେନ୍ଦ୍ରରେ ନବନିର୍ବାଚିତ ବିଧାୟକଙ୍କ ସମ୍ମାନରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ମାନ୍‌ଝୀ ସାମିଲ ହୋଇଥିଲେ। ଏଠାରେ ସେ ନିଜ ପୁଅ ସନ୍ତୋଷ କୁମାର ସୁମନ ପାଇଁ ରାଜ୍ୟସଭା ସିଟ୍ ଦାବି କରିଥିଲେ। ଏହା ନ ମିଳିଲେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସରକାରର ମନ୍ତ୍ରୀ ପଦ ଛାଡ଼ିଦେବାକୁ ପରାମର୍ଶ ଦେଇଥିଲେ। ଆଉ କହିଥିଲେ ଯେ ସାଂସଦ ଏବଂ ବିଧାୟକ କମିଶନ ନେଉଛନ୍ତି। ସାଂସଦଙ୍କୁ ୫ କୋଟି ଟଙ୍କାର ପାଣ୍ଠି ମିଳୁଛି। ଏଥିରୁ ୧୦ ପ୍ରତିଶତ କମିଶନ ନେବା ସାଧାରଣ କଥା। ସେ ନିଜେ ୪୦ ଲକ୍ଷ ଟଙ୍କା କମିଶନ ନେଇ ଦଳୀୟ ପାଣ୍ଠିକୁ ଦାନ କରି ଦେଇଥିଲେ। ଯଦି ୧୦ ପ୍ରତିଶତ କମିଶନ ନ ମିଳୁଛି ତେବେ ୫ ପ୍ରତିଶତ ନେଇଯିବା କଥା। ଏବେ ଆମ ଦଳରେ ଜଣେ ସାଂସଦ ଅଛନ୍ତି। ତେଣୁ ୪୦ ଲକ୍ଷ ଟଙ୍କା କମିଶନ ମିଳୁଛି। ସାଂସଦ ସଂଖ୍ୟା ଦୁଇ ହୋଇଗଲେ ୮୦ ଲକ୍ଷ ଟଙ୍କା ମିଳିବ। ଏହା ସହିତ ମାନଝୀ କମିଶନ ବାବଦ ଅର୍ଥକୁ ଦଳକୁ ଦାନ କରିବା ପାଇଁ ବିଧାୟକମାନଙ୍କୁ କହିଛନ୍ତି।

### ବଡ଼ଦିନରୁ ବଢ଼ିବ...

ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରିଛି। ବିଭାଗ କହିଛି ଯେ ମଙ୍ଗଳବାର ସନ୍ଧ୍ୟାରୁ ବୁଧବାର ସକାଳ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, କନ୍ଧମାଳ, ବଲାଙ୍ଗିର ଓ ସୋନପୁରରେ ଘନକୁହୁଡ଼ି ହେବାର ଆଶଙ୍କା ରହିଛି। ଏହାସହିତ ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, ଜଗତସିଂହପୁର, କୋରାପୁଟ ଓ କେନ୍ଦ୍ରାପଡ଼ାରେ ମଧ୍ୟମ ଧରଣର କୁହୁଡ଼ି ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ସତର୍କତା ରହିବାକୁ ପରାମର୍ଶ ଦେଇଛି।

### ୨୪ ନୂଆ ଏନ୍‌ଏସି...

ସେହିପରି ରାୟଗଡ଼ା ଜିଲ୍ଲାର ବିଷମକଟକ, ସମ୍ବଲପୁର ଜିଲ୍ଲାର ବାମରା, ରେଙ୍ଗାଲି ଓ ସୁବର୍ଣ୍ଣପୁର ଜିଲ୍ଲାର ବିରମହାରାଜପୁରକୁ ନୂତନ ଏନ୍‌ଏସି ନେଇ ତାଲିକା ଜାରି ହୋଇଛି। ସେହିପରି ପ୍ରକାଶିତ ଚିଠା ବିଜ୍ଞପ୍ତି ତାଲିକାରେ ମ୍ୟୁନସିପାଲଟି ଭାବେ ବୌଦ୍ଧ ଜିଲ୍ଲାର ବୌଦ୍ଧଗଡ଼, ଗଞ୍ଜାମର ଭଞ୍ଜନଗର, କବିସୂର୍ଯ୍ୟ ନଗର ଓ ପୋଲସରା ଏବଂ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଆଦି ରହିଛି। ରାଜ୍ୟ ସରକାରଙ୍କ ଏହି ତାଲିକା ପରେ ଏବେ ନୂତନ ଏନ୍‌ଏସି ଗଠନ ଚୂଡ଼ାନ୍ତ ହୋଇଛି। ଏହାପରେ ସରକାରୀ ପ୍ରକ୍ରିୟା ଆରମ୍ଭ ହେବ ଏନ୍‌ଏସି ଓ ମ୍ୟୁନସିପାଲଟି ଗଠନ ପାଇଁ ପଦବୀ ମଞ୍ଜୁରୀ ସହିତ ବିଭିନ୍ନ କାର୍ଯ୍ୟାଳୟ ପାଇଁ ଜମି ଅଧିଗ୍ରହଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଯିବ। ଏହାସହିତ ଅର୍ଥ ବିଭାଗ ପକ୍ଷରୁ ଏବେ ଏହି ସ୍ଥାନଗୁଡ଼ିକ ପାଇଁ ଅର୍ଥ ମଧ୍ୟ ବ୍ୟୟବରାଦ କରାଯିବ।

### ସରକାର ଓ ସରକାରୀ...

ପ୍ରଦାନକାରୀ ସଂସ୍ଥାମାନଙ୍କ ନାମ ଉଲ୍ଲେଖ ଥିବାବେଳେ ପିଏସ୍‌ୟୁ ଉଲ୍ଲେଖ କରାଯାଇ ନାହିଁ। ଏଣୁ ନୂତନ ନିୟମର ପୁନଃ ସଂଶୋଧନ ବିନା ବୟସ ବୃଦ୍ଧି କରାଯାଇ ପାରିବ ନାହିଁ। ବୟସ ବୃଦ୍ଧିକୁ ସରକାର ଐତିହାସିକ ନିଷ୍ପତ୍ତି କହୁଥିବାବେଳେ ପିଏସ୍‌ୟୁମାନେ କିପରି ପାଳନ କରୁନାହାନ୍ତି ବୋଲି ଆଶାୟୀମାନେ ପ୍ରଶ୍ନ କରୁଛନ୍ତି।

ଓଏଚ୍‌ପିସି ପକ୍ଷରୁ ଶେଷଥର ପାଇଁ ୨୦୨୨ରେ ପ୍ରକାଶିତ ବିଜ୍ଞପ୍ତିରେ ସର୍ବୋଚ୍ଚ ବୟସ ସୀମା ୩୮ ବର୍ଷ ଥିଲା। ଚଳିତଥର ଏହାକୁ ବଢ଼ାଇବା ବଦଳରେ କମାଇ ଦିଆଯାଇଛି। କୋଭିଡ୍ ପାଇଁ ୨୦୨୨ରେ ବୟସ ସୀମାରେ କୋହଳ କରାଯାଇଥିଲା ଏବଂ ଏହାକୁ ଚଳିତ ଥର ଉଠାଇ ଦିଆଯାଇ ୩୨ ବର୍ଷ କରାଯାଇଥିବା ଓଏଚ୍‌ପିସି କର୍ତ୍ତୃପକ୍ଷ ସଫେଇ ଦେଉଛନ୍ତି। ଓଏଚ୍‌ପିସି ବୟସ ବୃଦ୍ଧି ନ କରିବା ବିରୋଧରେ ବହୁ ଆଶାୟୀ ଗତ ମାସରେ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଓଏଚ୍‌ପିସି ଏମ୍‌ଡିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଏଯାଏଁ କୌଣସି ସୁଫଳ ମିଳିନାହିଁ। ରାଜ୍ୟରେ ମୋଟ୍ ୩୧ ଟି ସରକାରୀ ଉଦ୍ୟୋଗ ଥିବାବେଳେ ସମୁଦାୟ ୨୫ ହଜାର ୨୯୩ ଟି ମଞ୍ଜୁରୀପ୍ରାପ୍ତ ପଦ ରହିଛି। ତନ୍ମଧ୍ୟରେ ମାତ୍ର ୯୮୫୩ ଜଣ ନିୟମିତ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଅର୍ଥାତ୍ ଆହୁରି ୧୫ ହଜାର ୪୪୦ଟି ପଦରେ ନିଯୁକ୍ତି ହେବ। ବୟସ ବୃଦ୍ଧି କରା ନ ଗଲେ ବହୁ ଦିନରୁ ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପୁଣି ଅନ୍ଧକାରମୟ ହୋଇଯିବ ବୋଲି ଆଶାୟୀ ସୁନିଲ କୁମାର ମିଶ୍ର ଅଭିଯୋଗ କରିଛନ୍ତି। ତୁରନ୍ତ ସରକାର ଏହି ବିଷୟକୁ ଗୁରୁତ୍ୱର ସହ ଗ୍ରହଣ କରି ନିଯୁକ୍ତି ବୟସ ବୃଦ୍ଧି କରିବା ପାଇଁ ପିଏସ୍‌ୟୁଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ ଆଶାୟୀମାନେ ଦାବି କରିଛନ୍ତି।


**OFFICE OF THE PANCHAYAT SAMITI, BEGUNIAPADA** i-435
ODISHA, PIN-761031, Email: ori-kodala@nic.in
Lt No. 4121, Dated 18.12.2025

**e- PROCUREMENT NOTICE**
**BID IDENTIFICATION No.BPADAPS-1/2025-26**

The Block Development Officer,Beguniapada on behalf of Governor of Odisha invites percentage rate bids in single cover system from eligible class contractor registered with the State Govt. and bidders of equivalent grade/ class registered with central Govt./ MES/Railways according to norm of e-procurement system in online mode for the work as per DTCN.

1. Name of the Work :- CIVIL WORKS
2. Number of Work :- 04Nos.
3. Estimated cost :- As per DTCN
4. Period of Completion :- As per DTCN
5. Date and Time of availability of Bid Document in the Portal : From 10.00AM of Dt. 20/12/2025 to 5.00PM of Dt. 16/1/2026
6. Last date and time for receipt of Bid in the Portal :- 5.00PM of Dt. 16/1/2026
7. The bid received online shall be opened on 11.30 AM of dtd. 19/1/2026

Name and Address of the Officer inviting Bid: Block Bevelopment Officer,Beguniapada
Further details can be seen from the Procurement Portal: www.tendersorissa.gov.in

Block Development Officer,
Beguniapada

OIPR-19417/11/0010/2526

Email ID - eeliangul@gmail.com CAD-2798
**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, ANGUL**
e- Tender Notice
**Bid Identification No E.E. ANGUL (OLIC) 04/2025-26 Date 20.12.2025**

The Executive Engineer, Lift Irrigation Division, Angul, Odisha, invites tender on behalf of the Managing Director, OLIC Ltd,. Bhubaneswar through e-procurement in shape of **percentage rate** bids in online mode only for the work **"Revival & Reinforcement** of following L.I. Projects under **Athamallik, Kaniha, Kishorenagar & Talcher** blocks in Angul district on turn-key basis as detailed in the table below. The contractors must have valid Civil license of requisite class as per the Tender Call Notice and valid H.T. license and validity of both the licenses should be for a period at least 1 month from the date of the opening of the tender. Valid Joint Venture agreement should be made between Civil and Electrical Licences in case of separate Licences, where Civil Licence holder will be treated as prime contractor as because of the evaluation to be done under the capacity of PWD Contractor. The H.T. Electrical License should be issued by E.L.B.O. & Valid Civil Licence should be registered within the State, issued by PWD/ PHED/ RWSS/ Irrigation/ M.I. Deptt./ Rural works. The scanned copy of the joint venture agreement should be uploaded along with the bid, any deviations found will be summarily rejected. The bids should be submitted online on the website: www.tendersodisha.gov.in.

1. Name of Works : Revival and Reinforcement of River Lift Projects with supply of all materials on Turnkey basis.
2. Total Nos. of Packages : 7 Nos
3. Approximate Estimated Cost: Rs. 7.612 Lakh to Rs. 14.141 Lakh
4. Class of Contractor : "D" &"C" valid civil Class with H.T. valid Licence.
5. Period of completion : 90 Days from the date of issue of work order.
6. Other details as follows.

| Procurement Officer | Bid Identification No | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I. Division, Angul |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 7 |
| Executive Engineer, L.I. Division, Angul | 04/2025-26 | 24.12.2025 10.00 AM | 02.01.2026 Up to 5.00 PM | 30.12.2026 Up to 5.00 PM | 03.01.2026 11.00 AM |

- Details can be seen from the Website www.tendersorissa.gov.in / www.angul.odisha.gov.in.
- Any Corrigendum/ Addendum will be displayed in the above website only.

Sd/-
(Er. Debaraj Sethi)
Executive Engineer,
L.I. Division, Angul

OIPR-32547/11/0005/2526

**GOVERNMENT OF ODISHA** B-879
**OFFICE OF THE SUPERINTENDING ENGINEER**
**GANJAM (R&D) DIVISION NO.I BERHAMPUR**
Phone/Fax:(0680) 2233683.e-mail :sernb1.ganjam@yahoo.com

"e" Procurement Notice
**Bid identification No. SE R&B Divn. No. I Bam. 44/2025-26, Lr No. 14795, dtd. 19.12.2025**

| | | |
|---|---|---|
| Name of work | : | E.I & Civil Work. |
| No of works | : | 12 (Twelve) Nos |
| Estimated Cost | : | Approximately Rs.1.62 to 47.47 Lakh |
| Period of completion. | : | One and Three Calendar Months. |
| Date and time of Availability of bid document in the portal. | : | From 10.00 hours of 24.12.2025 to 16.00 hours of 31.12.2025. |
| Last date / time for receipt of bids in the portal | : | Upto 16.00 hours of 31.12.2025 |
| Name & address of the Officer Inviting Bid | : | Superintending Engineer, Ganjam(R&B)Division No.I, Berhampur. |

Further details can be seen from the e-Procurement portal
https://tendersodisha.gov.in

Superintending Engineer
Ganjam(R&B)Division No.I
Berhampur

OIPR-34109/11/0072/2526

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ହିଞ୍ଜିଳିକାଟୁ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀ [illegible] ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା [illegible] ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା [illegible] ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ [illegible] ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦି[illegible] ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ହିଞ୍ଜିଳିକାଟୁ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ହିଞ୍ଜିଳିକାଟୁ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଫ୍ୟାଶନ୍ ବଜାର, ସ୍ୱତ୍ୱାଧିକାରୀ: ଶ୍ରୀ ସରୋଜ କୁମାର ପଣ୍ଡା,** ପିତା: ଶ୍ରୀ ଦେବରାଜ ପଣ୍ଡା / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ରଞ୍ଜିତା ପଣ୍ଡା,** ସ୍ୱାମୀ: ଶ୍ରୀ ସରୋଜ କୁମାର ପଣ୍ଡା, ଉଭୟଙ୍କ ଠିକଣା- ସା: ରାଧାକୃଷ୍ଣ ମାର୍ଗ, ପୋ: ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ-୭୬୧୧୦୨ | ଟ.୨୦,୭୮,୯୧୭/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୬.୦୫.୨୦୨୫ / ୨୦.୧୨.୨୦୨୫ | ଶ୍ରୀ ସରୋଜ କୁମାର ପଣ୍ଡା, ପିତା: ଶ୍ରୀ ଦେବରାଜ ପଣ୍ଡା, ସା: ରାଧାକୃଷ୍ଣ ମାର୍ଗ, ପୋ: ହିଞ୍ଜିଳିକାଟୁଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ହିଞ୍ଜିଳି, ତହସିଲ: ହିଞ୍ଜିଳିକାଟୁ, ଥାନା: ହିଞ୍ଜିଳି, ଜିଲ୍ଲା: ଗଞ୍ଜାମ-୭୬୧୧୦୨, ପ୍ଲଟ୍ ନଂ.: ୨୦୭୦/୭୭୧୮, ଖାତା ନଂ.: ୮୩୨/୨୭୯୧, କ୍ଷେତ୍ର: ଏକର୦.୦୩୩ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦଣ୍ଡପାଣି ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ସରୋଜ କୁମାର ପଣ୍ଡା, ପଶ୍ଚିମ: ରାଜୁ ପଣ୍ଡା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୨.୧୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

**AFFIDAVIT**
By virtue of an affidavit sworn before Executive Magistrate, Khordha dated 20.12.2025. I Narottam Jena, S/o- Late Upendra Jena, permanent resident of Vill: Dhanasumulia P.S: Jaleswar, Dist Baleswar, Odisha - 756084 declare that I have changed my Daughter Name from Bandita Jena to Jyotirmayee Jena, Henceforth she shall be known as **Jyotirmayee Jena** for all purposes.
Sd/- Narottam Jena

**AFFIDAVIT**
By virtue of an affidavit sworn before the Notary Public, Sonepur, dtd. 20.12.2025, I, Sudam Meher, Vill- Sagarpali, P.O. Mallikmunda, P.S. Sonepur, Dist. Subarnapur hereby declare that my daughter's correct name is **JAGNYASENI MEHER**. But it wrongly mentioned as JAGNYASENI MEHER in her Aadhaar Card. That JAGNYASENI MEHER & JAGNYASENI MEHER is one and the same person.

**AFFIDAVIT**
By virtue of an affidavit sworn before Notary Public Badamba on 20.12.2025, I Ex-Hav Ramesh Chandra Swain, resident of Vill- Majhipatana, Po- Gopapur, Ps- Badamba Dist- Cuttack, Odisha, PIN- 754031, declare that I have changed my spouse date of birth from 28.04.1968 to **04.07.1972** for all purposes.

**AFFIDAVIT**
By virtue of an affidavit (CF No. 01, dtd- 18/12/2025) sworn before the Executive Magistrate, Padampur. I, **Sukarma Mallik**, S/o- Daman Mallik, permanent & current resident of AT- Sambalpuri, PO- Saraikela, Dist- Bargarh, PIN- 768036, Odisha declare that I have changed my minor daughter's name from **Tanuja Mallik to Tanaya Mallik.** Henceforth, she shall be known as **Tanaya Mallik** (new name) for all purposes.
**Sukarma Mallik**

**AFFIDAVIT**
By virtue of an affidavit sworn before the Notary Public, Jeypore, I JAYANT HARIRAM GOLANI, S/o Hariram Golani, resident of At- Vidya Nagar, 1st Lane, UGMIT Road, Po/Ps/DT- Rayagada, - 765001, Odisha declare by this Affidavit No.5421, Dated - 22/12/2025, that now onwards I shall be known as **JAYANT GOLANI** for all future purpose.

**LOST**
I, **Gayatri Choudhury**, D/o- late Surya Narayan Choudhury, Resident of At/PO/PS- Odagaon, Dist- Nayagarh, PIN- 752081, Odisha declare that I have passed B.Tech from Indira Gandhi institute of Technology, Sarang in the year of 2012. While travailing from Baramunda Chhak to Nayapalli in Bhubaneswar, I lost the original B.Tech Degree Certificate Regd. No. 0801105029 along with all semesters grade sheets (1st to 8th) issued by Biju Patnaik University of Technology, Odisha. After my best effort, it is unable to trace the same. If anyone found, please contact- 9438674102.
**Gayatri Choudhury**

**AFFIDAVIT**
By virtue of an affidavit sworn before Executive Magistrate, Badamba on 20.12.2025, I Ex-Hav Ramesh Chandra Swain, resident of Vill- Majhipatana, Po- Gopapur, Ps- Badamba Dist- Cuttack, Odisha, PIN- 754031, declare that I have changed my spouse name from Ranjeeta Swain to Ranjeeta Rani Swain. Henceforth, I shall be known as **RANJEETA RANI SWAIN** for all purposes.

**AFFIDAVIT**
By virtue of an affidavit sworn before the Executive Magistrate, Muniguda, vide no 1171, dated 20.12.2025 I, Lingaraj Gudumbaka, S/o - Late Ramsing Gudumbaka, residing at Bankili, PO - Telangapadar, PS - Muniguda, Dist - Rayagada Odisha declare that I have changed the name of my son from KAPILA GUDUMBAKA to KARAN GUDUMBAKA. Henceforth, he shall be known as KARAN GUDUMBAKA for all purposes.
Sd/- Lingaraj Gudumbaka

**LOST**
**MISSING OF ORIGINAL LINK DEEDS**
ମୁଁ, ଅଧିରାଜ ନାୟକ, ପିତା-ଜଗନ୍ନାଥ ନାୟକ, ମୋବାଇଲ ନଂ. ୯୮୫୩୬୧୫୯୬୬, ଜନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍ ରେ ଋଣ ନେବା ପାଇଁ ଜମି ବନ୍ଧକ ରଖିବାକୁ ଚାହୁଁଛି, ଯାହାରକି ଖାତା ନମ୍ବର ୧୫୯୩/୨୪୭୭, ପ୍ଲଟ୍ ନମ୍ବର ୯୩୯/୪୭୦୮ ଓ ପ୍ଲଟ୍ ନମ୍ବର ୯୪୦/୪୭୦୭, କିସମ୍-ଘରବାରି, ଭାଇଡ୍ ବିକ୍ରୟ ଡିଡ୍ ନମ୍ବର ୧୧୦୮୨୩୧୩୮୪୯, ତା ୧୩.୧୦.୨୦୨୩ ରିଖ, ମୌଜା- ଭୁବନେଶ୍ୱର ସହର, ୟୁନିଟ୍ ନଂ-୩୦, ଲକ୍ଷ୍ମୀସାଗର-୧, ପୋ-ଲକ୍ଷ୍ମୀସାଗର, ତହସିଲ- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା। ମୂଳ ପୁରାତନ ଲିଙ୍କ୍ ଡିଡ୍ ଗୁଡ଼ିକ ଯାହାକି ଲକ୍ଷ୍ମୀସାଗର ଅଞ୍ଚଳରେ ତା୧୫.୧୨.୨୦୨୫ ରିଖରେ ହଜିଯାଇଛି ତାହା ନିମ୍ନରେ ଉଲ୍ଲେଖ କରାଯାଇଛି।
୧. ବିକ୍ରୟ ଡିଡ୍ ନଂ. ୧୩୭୩ ତା. ୧୭.୦୨.୨୦୦୪ ରିଖରେ ଶ୍ରୀ ବିଜୟ କେତନ ମହାପାତ୍ରଙ୍କ ସପକ୍ଷରେ ଶ୍ରୀମତୀ ବିଳାସ କୁମାରୀ ପଣ୍ଡାଙ୍କ ଦ୍ୱାରା ସମ୍ପାଦିତ।
୨. ବିକ୍ରୟ ଡିଡ୍ ନଂ. ୨୦୯୬ ତା. ୨୮.୦୨.୨୦୦୭ ରିଖରେ ଶ୍ରୀ ବିଜୟ କେତନ ମହାପାତ୍ରଙ୍କ ସପକ୍ଷରେ ଶ୍ରୀ ବିଜୟ କେତନ ସାହୁଙ୍କ ସପକ୍ଷରେ ସମ୍ପାଦିତ।
୩. ବିକ୍ରୟ ଡିଡ୍ ନଂ. ୬୦୦୫ ତା. ୧୯.୦୩.୨୦୧୦ ରିଖରେ ଶ୍ରୀ ଜଗନ୍ନାଥ ନାୟକଙ୍କ ସପକ୍ଷରେ ଶ୍ରୀ ବିଗ୍ରହ ସାହୁଙ୍କ ଦ୍ୱାରା ସମ୍ପାଦିତ।
୪. ଶ୍ରୀ ଦୀପକ କୁମାର ପାତ୍ରଙ୍କ ପକ୍ଷରୁ ଶ୍ରୀ ବିଜୟ କେତନ ମହାପାତ୍ରଙ୍କ ଦ୍ୱାରା ତା. ୨୭.୧୦.୨୦୦୬ ରିଖର ପାୱାର ଅଫ୍ ଆଟର୍ଣ୍ଣି ଡିଡ୍ ନଂ. ୧୦୮୯୭; ତା. ୨୦.୧୨.୨୦୨୫ ରିଖରେ ଭୁବନେଶ୍ୱରର ଲକ୍ଷ୍ମୀସାଗର ପୋଲିସ ଷ୍ଟେସନ୍‌ରେ ଏକ ହଜିବା ରିପୋର୍ଟ ଦାଖଲ କରାଯାଇଛି।
ଯଦି କୌଣସି ବ୍ୟକ୍ତିଙ୍କର ଉପରୋକ୍ତ ସମ୍ପତ୍ତି ସମ୍ପର୍କରେ କୌଣସି ଦାବି କିମ୍ବା ଆପତ୍ତି ଥାଏ, ତେବେ ସେମାନେ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ୭ (ସାତ) ଦିନ ମଧ୍ୟରେ ଜନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ / ଓକିଲଙ୍କ ସହିତ ଯୋଗାଯୋଗ କରିପାରିବେ।
ଓକିଲ- ଶ୍ରୀ ମାନସ ନାୟକ
ମୋବାଇଲ ନଂ.- ୮୯୦୮୨୫୭୧୧୩

**AFFIDAVIT**
By virtue of an affidavit before the Executive Magistrate, Bhubaneswar on Dated. 26.11.2025, I, Mangal Majhi, S/o- Damador Majhi, Village - Kolhadiha, Po-Gayalmunda, Ps- Anandapur, Dist- Kendujhar, Odisha, Pin-758021 do hereby declare that I have changed my daughter's name from Kumari Sonali Marandi to Sonali Majhi. Henceforth she will be known as **Sonali Majhi** for all purposes.
Sd/-MANGAL MAJHI

**NOTICE**
I, Kabita Maharana intends to create a via Mortgage or otherwise, on behalf of laminated Original title deeds for the property Mouza- Kantilo, Po- Bhubaneswar, PS No.53, Tahasil- Jatni, Tahasil- No. 196, Dist.- Khordha, Khata No.323/495, Plot No.459/2289, Area- Ac0.072 dec. recorded in the name of Kabita Maharana and Manas Kumar Moharan.
Kabita Maharana wishes to create for availing a credit facility from State Bank of India, SME Center, Bhubaneswar, Branch Code-05042.
In case any party has any claim towards the said relevant property, the same should be lodged with the intending party and also with the above stated branch of State Bank of India, within 15 days from publication of this notice.

● ନାହିଁ ନାହିଁରେ ଚାଲିଛି ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

# ଟିକିରି ପିଏଚ୍‌ସିକୁ ଗୁରୁତ୍ୱ ଦେଉନାହାନ୍ତି ସିଡିଏମ୍‌ଓ

ଟିକିରି,୨୨।୧୨(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁତ ଦିନ ଧରି ଡାକ୍ତର ପଦବୀ ଖାଲିପଡ଼ିଛି। ଯାହା ଫଳରେ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟ ପକ୍ଷରେ ସବୁ ସମୟରେ କାଶିପୁର ବ୍ଲକରେ ବିଭିନ୍ନ ସମସ୍ୟାରେ ସବୁ ସମୟରେ ଚର୍ଚ୍ଚା ରହିଛି। ଏବେ ହାଡ଼ ଭଙ୍ଗା ଶୀତ ହେଉଥିବାରୁ ଜନ ସାଧାରଣ ଥଣ୍ଡା, କାଶ ଲୋକେ ପୀଡ଼ିତ ହେଉଛନ୍ତି। ଏହି ସବୁ ଜାଣି ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନେ କର୍ଣ୍ଣପାତ କରୁ ନଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ବଢୁଛି। ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ଉପରେ ନେଇ ବିଭିନ୍ନ ଖବରକାଗଜରେ ପ୍ରକାଶିତ ହେଲା ପରେ ନୂଆ କରି ଗୋଟିଏ ଡାକ୍ତର ନିଯୁକ୍ତି ହେଉଛନ୍ତି। ଏହା ପରେ ଗୋଟିଏ ମାସ କିମ୍ବା ଦୁଇ ମାସ ପରେ ପୁଣିଥରେ ସେହି ଡାକ୍ତର ଅନ୍ୟତ୍ର ବଦଳି ଯାଉଛନ୍ତି। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଆୟୁଶ ଡାକ୍ତରରେ ଚାଲିଛି ମେଡ଼ିକାଲ। ବିଳମ୍ବିତ ରାତ୍ରୀ ସମୟରେ ଦୁର୍ଘଟଣାଗ୍ରସ୍ତ ରୋଗୀ ଆସିଲେ, ସେହି ସମୟରେ ବନ୍ଦ ରହୁଛି। ଅଞ୍ଚଳରେ ନୂଆ କରି ମେଡିକାଲ ହୋଇଛି । କିନ୍ତୁ ସ୍ଥାୟୀ ଭାବରେ କୌଣସି ଡାକ୍ତର ରହୁନାହାନ୍ତି। ହେଲେ ଏହି ସବୁକୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଅବଗତ ଥିବା ସହ ବ୍ଲକ୍ ସ୍ୱାସ୍ଥ୍ୟ ଅଧିକାରୀ ଅବଗତ ଅଛନ୍ତି । କିନ୍ତୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ କାହିଁକି ଅଣଦେଖା କରୁଛନ୍ତି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ତାହା ସାଧାରଣରେ ଚର୍ଚ୍ଚା ହେଉଛି । ଏହି ନେଇ କାଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ନେତ୍ରାନନ୍ଦ ନାୟକଙ୍କୁ ଏହି ବିଷୟରେ ପଚାରିବାରୁ ପୂର୍ବରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ଜଣାଇଛି ବୋଲି କହିଛନ୍ତି।

## ପର୍ଯ୍ୟଟକଙ୍କ ଭୂସ୍ୱର୍ଗ ସ୍ୱାଭିମାନ ଅଞ୍ଚଳ

# ମନମୋହୁଛି ଗୁରୁପ୍ରିୟା, ବଢୁଛି ପର୍ଯ୍ୟଟକଙ୍କ ଭିଡ଼




ମାଲକାନଗିରି,୨୨।୧୨(ଅଶୋକ ମିଶ୍ର): ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ ଏବେ ପାଲଟିଛି ଲୋକଙ୍କ ପାଇଁ ପର୍ଯ୍ୟଟନସ୍ଥଳୀ। ଦିନେ ମାଓଗଡ଼ ବୋଲାଉ ଥିବା ଏହି ଅଞ୍ଚଳରେ ସ୍ୱପ୍ନର ସେତୁ ଗୁରୁପ୍ରିୟା ନିର୍ମାଣହେବାପରେ ଏହାର ଚିତ୍ର ବଦଳିବାରେ ଲାଗିଛି। ସ୍ୱାଭିମାନ ଅଞ୍ଚଳରେ ଗୁରୁପ୍ରିୟା ସେତୁ ବିକାଶ ଆଣିବା ସହ ଏହାର ପ୍ରାକୃତିକ ପରିବେଶକୁ ଲୋକଲୋଚନକୁ ଆଣିଛି। ପୂର୍ବରୁ ଏହି ଅଞ୍ଚଳରେ ଅନେକ ବିଭୋର କରିବା ଭଳି ପ୍ରାକୃତିକ ସ୍ଥାନ ମାନ ଥିବା ବେଳେ ସେଠାକୁ ଯିବା ପାଇଁ ରାସ୍ତା ନଥିଲା। ହେଲେ ପୂର୍ବ ରାଜ୍ୟ ସରକାରଙ୍କ ପ୍ରୟାସରେ ଏହି ଗୁରୁପ୍ରିୟା ପୋଲ ନିର୍ମାଣ ପରେ ଅଞ୍ଚଳକୁ ଛୁଟିଛି ଲୋକଙ୍କ ସୁଅ। ମୁଖ୍ୟତ ସ୍ୱାଭିମାନ ଅଞ୍ଚଳବାସୀଙ୍କ ପାଇଁ ଗୁରୁପ୍ରିୟା ସ୍ୱପ୍ନର ସେତୁ ହୋଇଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ମଧ୍ୟ ଏହା ଏବେ ଆକର୍ଷଣର କେନ୍ଦ୍ର ପାଲଟିଛି। ବିଭିନ୍ନ ସମୟରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ଲୋକେ ଏହି ସେତୁକୁ ଦେଖିବା ପାଇଁ ଏବଂ ବୁଲିବା ପାଇଁ ଆସୁଥିବାର ଦେଖିବାକୁ ମିଳିଛି। ସ୍ୱାଭିମାନ ଅଞ୍ଚଳର ପ୍ରାକୃତିକ ପରିବେଶ, ଗୁରୁପ୍ରିୟା ନଦୀର ଗଭୀର ଜଳ ଆକର୍ଷିତ କରିଛି ପର୍ଯ୍ୟଟକଙ୍କୁ। ସୂର୍ଯ୍ୟ ଉଦୟ ଏବଂ ଅସ୍ତ ବେଳରେ ଜଳରାଶିରେ ପ୍ରତିଫଳିତ ହେଉଥିବା ଛବି ପ୍ରତି ବ୍ୟକ୍ତିଙ୍କ ହୃଦୟକୁ ଆନ୍ଦୋଳିତ କରୁଛି। ବିଶେଷ କରି ସନ୍ଧ୍ୟା ସମୟରେ ଏଠାକାର ଦୃଶ୍ୟ ଆହୁରି ମନୋରମ ଅଟେ। ଏହା ସହ ସ୍ୱାଭିମାନ ଅଞ୍ଚଳରେ ଥିବା ବିରାଟ ପାହାଡ଼ ଓ ବୃକ୍ଷରାଜ ମଧ୍ୟରେ ଅଳସୀ ଫୁଲର ଢେଉ ମନରେ ସୁନାର କ୍ଷେତ ପରି ଭ୍ରମ ସୃଷ୍ଟି କରିଥାଏ। ଏହା ସହ ଅକାତ ଅକାତ ଜଳ ରାଶିରେ ବୋଟ ଓ ଲଞ୍ଚ ଗୁଡିକର ଯାତ୍ରା ଏବଂ ମତ୍ସ୍ୟଜୀବୀଙ୍କ ମାଛ ଧରାର ଚିତ୍ର ପ୍ରତିଟି ହୃଦୟକୁ କିଛି କ୍ଷଣ ପାଇଁ ଅଟକାଇ ଦେଇଥାଏ। ସେହିପରି ଏହି ସ୍ୱାଭିମାନ ଅଞ୍ଚଳରେ ଥିବା ସାରକୁବନ୍ଧା ଝୁଲାପୋଲ ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଲୋକଙ୍କ ପାଇଁ। ସେହିପରି ଏହି ସ୍ୱାଭିମାନ ଅଞ୍ଚଳ ଦେଇ ସୀମାନ୍ତ ଆନ୍ଧ୍ରରେ ଥିବା ତରାବୁ ଜଳ ପ୍ରପାତ ମଧ୍ୟ ଲୋକଙ୍କୁ ବେଶ୍ ଆକର୍ଷିତ କରିଥାଏ। ଏଠାକୁ ଆସୁଥିବା ଲୋକେ ଏହି ସବୁ ମନୋରମ ଦୃଶ୍ୟକୁ ନିଜ ମୋବାଇଲ ତଥା କ୍ୟାମେରାରେ ସାଉଁଟିଥିବା ବେଳେ ମନ କିନ୍ତୁ ଆହୁରି ଅଧିକ ଏହି ଦୃଶ୍ୟକୁ ଦେଖିବାକୁ ଚାହିଁଥାଏ। ଏହି ଅଞ୍ଚଳ ପୂର୍ବରୁ ମାଓ ପ୍ରବଣ ହୋଇଥିବା ବେଳେ ପୂର୍ବ ସରକଙ୍କ ସମୟରେ ଅଞ୍ଚଳରେ ବିକାଶ ଧାରାକୁ ତ୍ୱରାନ୍ୱିତ କରି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିବାରୁ ଲୋକେ ବହୁ ସଂଖ୍ୟାରେ ଏଠାକୁ ଆସୁଛନ୍ତି। ବିଶେଷ କରି ଶୀତ ଋତୁରେ ଏହି ସ୍ୱାଭିମାନ ଅଞ୍ଚଳରେ ପର୍ଯ୍ୟଟକଙ୍କ ବେଶ ଭିଡ଼ ଦେଖିବାକୁ ମିଳିଥାଏ। ଏଠାକାର ପ୍ରାକୃତିକ ଓ ମନୋରମ ଦୃଶ୍ୟ ଯୋଗୁଁ ଏଠାକୁ ଆସୁଥିବା ଲୋକଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଏଠାରେ ରହୁଥିବା ସ୍ଥାନୀୟ ଲୋକେ ବିଶେଷ କରି ବିଭିନ୍ନ ଜନଜାତି ସମ୍ପ୍ରଦାୟର ହୋଇଥିବା ବେଳେ ସେମାନଙ୍କ ଚାଲିଚଳନ, ବେଶ ପୋଷାକ ଓ ବ୍ୟବହାର ଏଠାକୁ ଆସୁଥିବା ଲୋକଙ୍କୁ ଆହୁରି ଅଧିକ ଆକର୍ଷିତ କରିଥାଏ। ଥରେ ଏଠାକୁ ଆସିବା ପରେ ମନ ହୋଇ ନଥାଏ ଫେରି ଯିବାକୁ। ତେଣୁ ବର୍ତ୍ତମାନ ମାଲକାନଗିରି ଜିଲ୍ଲାର ସମସ୍ତ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ସ୍ୱାଭିମାନ ଅଞ୍ଚଳ ନିଜର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଖାସ ଏଇଥି ପାଇଁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ନୌକା ବିହାର, ରହିବା ପାଇଁ ବିଭିନ୍ନ କଟେଜ, ଅନ୍ୟାନ୍ୟ ବ୍ୟବସ୍ଥା କରାଗଲେ ଓ ଏହାକୁ ପର୍ଯଟନ କେନ୍ଦ୍ରର ମାନ୍ୟତା ଦେଲେ ଆଗାମୀ ଦିନରେ ଏହା ସାରା ରାଜ୍ୟରେ ଏକ ଉତ୍ତମ ପର୍ଯଟନ କେନ୍ଦ୍ରର ସ୍ଥାନ ପାଇ ପାରିବ ଓ ଅଞ୍ଚଳରେ ଲୋକଙ୍କପାଇଁ ରୋଜଗାରର ନୂଆପନ୍ଥା ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ମାସିକ ସମୀକ୍ଷା ବୈଠକ



ଚନ୍ଦ୍ରପୁର,୨୨।୧୨(ସମିସ): ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ଗ୍ରାମପଞ୍ଚାୟତ ଅଧୀନ ଟାପିରିକୁପୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି କ୍ଲଷ୍ଟର ସ୍ତରୀୟ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଗୋଷ୍ଠୀ ସାଧନା କେନ୍ଦ୍ରର ସଂଯୋଜକ ଦିନବନ୍ଧୁ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ଉନ୍ନତି ମୂଳକ କାର୍ଯ୍ୟ ଓ ଛାତ୍ରଛାତ୍ରୀ ମାନଙ୍କର କିପର ପାଠ ପଢିବାରେ ଉନ୍ନତି ହେବ ସେହି ବିଷୟ ନେଇ ଶିକ୍ଷକ ମାନଙ୍କୁ ବୁଝାଯାଇଥିଲା। ବୈଠକରେ ସ୍କୁଲର ଏଫ୍ ଅଲ୍ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ଏହାକୁ ପରିଚାଳନା କରିଥିଲେ ଶିକ୍ଷକ ସନ୍ତୋଷ କୁମାର ପଣ୍ଡା , ଅରୁଣ କୁମାର ସାହୁ। ଏହାକୁ ସହଯୋଗ କରିଥିଲେ ଜୁନୁସ ଦିବାକା, କୋମଳ ଶବର, ନିରାକାର ଘଡେଇ, ମାଧବ ରାଓ ଓ ସପ୍ତଗିରି ସାହୁ । ଶେଷରେ ଶ୍ରୀ ପଣ୍ଡା ଧନ୍ୟବାଦ ଦେଉଥିଲେ।

# ଯାତ୍ରୀ ବିଶ୍ରାମାଗାରରୁ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର



ଚନ୍ଦ୍ରପୁର,୨୨।୧୨(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁରୁ ବ୍ଲକ ଡ଼ାଙ୍ଗସରଡ଼ା ଯାତ୍ରୀ ବିଶ୍ରାମାଗାରରୁ ଜଣେ ୪୫ ବର୍ଷିଆ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ଡାଙ୍ଗସୋରଡା ଏସ୍‌ଆଇ ମନୋରଞ୍ଜନ ବିଶ୍ୱାଳ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ମୁନିଗୁଡା ପଠାଇଛନ୍ତି। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ରଖିଛି। ଲୋକଟି କେଉଁ ପରିସ୍ଥିତିରେ, କେତେବେଳେ ବିଶ୍ରାମଗାରାକୁ ଆସିଲା ଏବଂ କେମିତି ମୃତ୍ୟୁ ହେଲା ସମସ୍ତ ଦିଗକୁ ନେଇ ତଦନ୍ତ କରା ଯିବାର ଆବଶ୍ୟକତା ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର କାରଣ ଜଣାପଡିବ ବୋଲି ଏସଆଇ ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଲୋକଟି ହାଟକୁ ଆସେ। ରବିବାର ଦିନ ହାଟକୁ ଆସି ରାତିରେ ଯାଇ ପାରିନାହିଁ। ରାତିରେ ବିଶ୍ରାମାଗାରରେ ଶୋଇଥିବା ବେଳେ ପ୍ରାଣ ହରାଇଥିବା ଅନୁମାନ କରାଯାଉଛି।

# ମୁଖ୍ୟମନ୍ତ୍ରୀଙ୍କୁ ସେୱା ପେପର ମିଲ ଶ୍ରମିକ ସଂଘର ଦାବିପତ୍ର ପ୍ରଦାନ



ଜୟପୁର/କୋରାପୁଟ,୨୨।୧୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୋରାପୁଟ ଗସ୍ତ ଅବସରରେ ଜୟପୁର ସେୱା ପେପର ମିଲ ଶ୍ରମିକ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ବିଆଇଇୟୁ ସଭାପତି ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ବଂଶୀଧର ମହାକୁଡ଼, ସାଧାରଣ ସମ୍ପାଦକ ସରୋଜ ସୁଆରଙ୍କ ସମେତ ଅନ୍ୟ ସଦସ୍ୟ ମାନେ ସୋମବାର ସକାଳେ କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରମିକ ସଂଘ ଅଭିଯୋଗ ଅନୁଯାୟୀ ୧୯୯୨ରେ ଥାପର ଗ୍ରୁପ ଦ୍ୱାରା ପ୍ରତିଷ୍ଠିତ ସେୱା କାଗଜ କଳ ୨୦୨୦ ଫେବୃଆରୀ ୨୬ରେ ମଦର୍ ଆର୍ଥ ପ୍ରାଇଭେଟ୍ ଲିମିଟେଡ଼କୁ ବିକ୍ରି ହୋଇଥିଲା। ଅଣଅନୁଭୂତି ସମ୍ପନ୍ନ ଉକ୍ତ କମ୍ପାନୀ ଭୁଲ ପରିଚାଳନା ଓ ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁଁ କାଗଜକଳ ଠିକ୍ ଭାବେ ଚାଲି ପାରିଲା ନାହିଁ। ଅନ୍ୟ ପକ୍ଷରେ କାଗଜକଳ ଚଳାଇବା ନିମନ୍ତେ ମାଲିକ ପ୍ରାୟ ୨୫୦ କୋଟି ଟଙ୍କା ଋଣ ନେଲେ। କିନ୍ତୁ ବିଭିନ୍ନ ଅନିୟମିତତା କରି ଋଣ ଟଙ୍କା ମଧ୍ୟ ବୁଡ଼ାଇ ଦେଲେ। ଏପରିକି ପରିଚାଳନା କର୍ତ୍ତୃପକ୍ଷ ଶ୍ରମିକ ମାନଙ୍କୁ ନିୟମିତ ଦରମା ଦେବା, ଇପିଏଫ୍ ପୈଠ କରିବାକୁ ମଧ୍ୟ ସମର୍ଥ ନଥିବା ବେଳେ ଅବସର ନେଇଥିବା କର୍ମଚାରୀ ମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦେଇ ପାରୁନାହାନ୍ତି। ମାଲକାନାଗିରି ପରିବର୍ତ୍ତନ ହେବା ପରେ କାଗଜକଳ ଏକ ପ୍ରକାର ଅନିଶ୍ଚିତତା ଭିତରେ ଚାଲି ଯାଇଥିବା ଅଭିଯୋଗ କରି ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବାକୁ ସଂଘ ଅନୁରୋଧ କରିଛି।

# ବ୍ଲକ୍‌ସ୍ତରୀୟ ଗଣିତ ଦିବସ




କୋଟପାଡ଼,୨୨।୧୨ (ସମିସ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ସ୍ଥାନୀୟ ବିଦ୍ୟାଳୟ ଗଣିତ ଦିବସ କମିଟିର ସମ୍ପାଦକ ଡକ୍ଟର ଗଣେଶ ଚନ୍ଦ୍ର ପଣ୍ଡା , ସଭାପତି ମଣିପ୍ରସାଦ ପଟ୍ଟନାୟକ, କ୍ୟାସିଅର୍ ସୁଧିର ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏଥିରେ ପ୍ରାୟ ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୦୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ରୂପୁ ଭତ୍ରା, କୋଟପାଡଡ଼ ଏନ୍‌ଏସି ଚେୟାରମ୍ୟାନ୍ ଏମ ଶଙ୍କର ରାଓ,ବ୍ଲକ ଶିକ୍ଷା ଅଧିକାରୀ ସ୍ୱପ୍ନେଶର ନାୟକ, ଦମୟନ୍ତୀ ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ କୋଟପାଡ଼ ଆବାସିକ ବିଦ୍ୟାଳୟର ଗଣିତ ଅଧ୍ୟାପକ ହେମନ୍ତ ବେହେରା ଯୋଗ ଦେଇଥିଲେ। ସମସ୍ତ ଅତିଥି ପିଲାମାନଙ୍କୁ ଗଣିତ ବିଷୟରେ ନିଜର ରୁଚି ବଢାଇବା ସହ ଗଣିତକୁ ଦୈନନ୍ଦିନ ଜୀବନରେ କିପର ଉପଯୋଗ କରିବେ ସେ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭା କାର୍ଯ୍ୟକୁ ପଙ୍କଜ କୁମାର ମହାନ୍ତି ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ରତିକାନ୍ତ ମହାନ୍ତି, ଅବିନାଶ ମହାପାତ୍ର ଏବଂ ଶୁଭମ ମିଶ୍ର ପ୍ରଶ୍ନପତ୍ର ତିଆରିରେ ସହଯୋଗ କରିଥିଲେ। ଏଥି ସହିତ ସମସ୍ତ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇ ସମସ୍ତ ଭାଗ ନେଇଥିବା ଛାତ୍ରଛାତୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇ ଥିଲା।

# ଡିଏଭି ଭିଏସ୍ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ




ସୁନାବେଡ଼ା,୨୨।୧୨ (ସମିସ): ସ୍ଥାନୀୟ ଡିଏଭି ଭି.ଏସ୍. ବିଦ୍ୟାଳୟ, ସୁନାବେଡା, ହାଲ୍ ଟାଉନ୍‌ସିପରେ ଗତ ୨୦ ଡିସେମ୍ବର ତାରିଖରେ ବାର୍ଷିକ କ୍ରୀଡା ଉତ୍ସବ ଓ ପୁରସ୍କାର ବଣ୍ଟନ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ବାସୁଦେବ ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କୋରାପୁଟ ହାଲ୍ ଇଞ୍ଜିନ ବିଭାଗର ମହା ପ୍ରବନ୍ଧକ କଲ୍ଲୋଳ ଭଟ୍ଟାଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ପ୍ୟାରେଡ୍ ନିରୀକ୍ଷଣ କରିଥିଲେ। ଅୟସକାନ୍ତ ସରଣ, ଉପ ମହା ପ୍ରବନ୍ଧକ, ହାଲ୍ କୋରାପୁଟ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ଖେଳକୁଦ ଓ ଦଳୀୟ କ୍ରୀଡାରେ ବିଜୟୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର, ପଦକ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଆନ୍ତରିକ ସକ୍ରିୟ ସହଯୋଗ ଏହି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲା।

# ଧାନଗଦା ଜଳିଗଲା



କୋଷାଗୁମୁଡା,୨୨।୧୨(ସମିସ):ନବ ରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ କୋଡ଼ିଙ୍ଗା ଥାନା, ତହସଲ ଅନ୍ତର୍ଗତ ଚିର୍ମା ଗ୍ରାମ ସଦରର ଭଗତ ମୁରିଆଙ୍କ ଧାନକୋଠାର ଠାରେ ଗତ ସୋମବାର ବିଳମ୍ବିତ ରାତିରେ ଦୁଇଟି ଧାନ ଗଦା ନିଆଁ ଲାଗି ସମ୍ପୂର୍ଣ୍ଣ ଧାନଗଦା ଜଳି ପାଉଁଶ ହୋଇଯାଇଛି। ଭଗତଙ୍କ କହିବା ଅନୁଯାୟୀ ପ୍ରାୟ ୧୨୦ କ୍ୱିଣ୍ଟାଲ ଧାନ ପୋଡ଼ିଯାଇଛି। ସୂଚନା ପାଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ବିଜୟ କୁମାର ମାଝୀ ଘଟଣା ସ୍ଥଳରେ ଯାଇ ସମ୍ପୂର୍ଣ୍ଣ ସ୍ଥିତି ପରଖି ନିଆଁରେ ଜଳିଥିବା ଧାନର କ୍ଷୟକ୍ଷତିର ଅନୁମାନିକ ଆକଳନ କରି ଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କ ତୁରନ୍ତ କ୍ଷତିପୂରଣ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ଧାନମଣ୍ଡି ଉଦ୍‌ଘାଟିତ



ପାପଡାହାଣ୍ଡି, ୨୨।୧୨(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ତଣ୍ଡାଗୁଡା ଆରଏମ୍‌ସି ପିଣ୍ଡି ଠାରେ ମାଆ ବିରଜା ତରଫରୁ ଧାନ ମଣ୍ଡି ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ସମସ୍ତ ମହିଳା ସଦସ୍ୟ ଉପସ୍ଥିତ ରହି ଶ୍ରୀଫୋଲ ଭାଙ୍ଗି ମଣ୍ଡି ଶୁଭାରମ୍ଭ କରିଥିଲେ। ଆସନ୍ତାକାଲି ଠାରୁ ପାପଡାହାଣ୍ଡି ଠାରେ ଧାନ କ୍ରୟ କରାଯିବ ବୋଲି ସଭାନେତ୍ରୀ କୁନି ପାଢ଼ୀ ଏବଂ ସମ୍ପାଦିକା ପଦ୍ମାବତୀ ମହାରଣା ସୂଚନା ଦେଇଛନ୍ତି। ପ୍ରକାଶ ଥାଉକ ଗତ ଦୁଇବର୍ଷ ହେବ ପାପଡାହାଣ୍ଡି ଅଞ୍ଚଳର ଚାଷୀ ସୁରୁଖୁରୁରେ ଧାନ ବିକ୍ରୟ କରୁଛନ୍ତି । ଏହି ଅବସରରେ ପାପଡାହାଣ୍ଡି ରାଜସ୍ୱ ନିରୀକ୍ଷକ ଗଙ୍ଗାଧର ମାହାଙ୍କୁଡ , ଆରଏମ୍‌ସି ଷ୍ଟାଫ ସୁନୀଲ ପାତ୍ର, ବରିଷ୍ଠ ଚାଷୀ ପ୍ରଫୁଲ୍ଲ ବିଶୋୟୀ, କିସାନ ଅଗ୍ରୱାଲ, ବିଜୁଳି ମହାନ୍ତି, ଦାମୋଦର ପୂଜାରୀ, ପ୍ରବୀଣ ସତନାମୀ, ଡମ୍ବୁ ଭତରା, ଈଶ୍ୱର ମାଝୀ, ଶଶୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବାଉଁଶ ତିଆରି ସାମଗ୍ରୀ ଦେଉଛି ରୋଜଗାର



ଉମରକୋଟ ୨୨।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ ଭାବେ ପରିଚିତ । ଏଠାରେ ପ୍ରାୟ ୯୦ ପ୍ରତିଶତ ଆଦିବାସୀ ଲୋକ ବସବାସ କରନ୍ତି । ପ୍ରାୟ ଆଦିବାସୀ ପରିବାର ରୋଜଗାର ପାଇଁ ଜଙ୍ଗଲ ଜାତୀୟ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ବେଳେ କିଛି ଆଦିବାସୀ ପରିବାର ଲୋକଙ୍କ ଆବଶ୍ୟକତାକୁ ନେଇ ବିଭିନ୍ନ ପନ୍ଥା ଅବଲମ୍ବନ କରି ରୋଜଗାର କରୁଛନ୍ତି। ସେଥିମଧ୍ୟରୁ ବାଉଁଶ ସାମଗ୍ରୀ ନିର୍ମାଣ କରି ରୋଜଗାର କରିବା ଅନ୍ୟତମ। ଏଠାକାର ଆଦିବାସୀ ମାନେ ପ୍ରଥମେ ଗ୍ରାମରେ ଥିବା କିମ୍ବା ଆଖପାଖରେ ଥିବା ବାଉଁଶ ଗଛକୁ କ୍ରୟ କରି ଘରକୁ ନେଇ ଆସନ୍ତି । ପରେ ପରିବାର ଲୋକ ସମସ୍ତେ ମିଶି ବାଉଁଶ ଗଛକୁ ଆବଶ୍ୟକତା ଅନୁସାରେ ବିଭିନ୍ନ ଆକାରରେ କାଟି ଦିଅନ୍ତି । ପରେ କୌଶଳ କ୍ରମେ ଛୋଟବଡ଼ କଟା ବାଉଁଶରେ ବିଭିନ୍ନ ପ୍ରକାର ସାମଗ୍ରୀ ନିର୍ମାଣ କରିଥାନ୍ତି । ପରେ ନିକଟସ୍ଥ ବଜାର କିମ୍ବା ସାପ୍ତାହିକ ହାଟରେ ବିକ୍ରି କରି ରୋଜଗାର କରିଥାନ୍ତି । ବିଶେଷକରି ବର୍ଷକର ଧାନ ସୁରକ୍ଷିତ ରଖିବା ପାଇଁ ବାଉଁଶ ତିଆରି ପାଲ, କୃଷି ଜାତୀୟ ଦ୍ରବ୍ୟ ସାଇତି ରଖିବା ପାଇଁ ଟପଲି, ଟୁକୁନା, କୁଲା ଭଳି ବାଉଁଶ ସାମଗ୍ରୀ ତିଆରି କରିଥାନ୍ତି । ସେହିପରି ମାଛ ଧରିବା ପାଇଁ ବିସର, ଦାନନ୍ଦର, ଥାପା ଏବଂ ଘରେ ବ୍ୟବହାର ପାଇଁ ଝାଡୁ, ଛପା ବ୍ୟବହାର ପାଇଁ ଝାଡୁ, ଛପା ଓ ଛେଟଣା ଭଳି ସାମଗ୍ରୀ ବଜାରରେ ବିକ୍ରି କରି ରୋଜଗାର କରିଥାନ୍ତି। ବର୍ତ୍ତମାନ ଆଧୁନିକ ଯୁଗରେ ବାଉଁଶ ସାମଗ୍ରୀର ଚାହିଦା ଧୀରେ ଧୀରେ କମି ଯାଉଥିବା ବେଳେ ଅଳ୍ପ କିଛି ପରିବାର ଏହି କୌଳିକ ବୃତ୍ତିକୁ ଜୀବିତ ରଖୁଛନ୍ତି। ଏହି ବୃତ୍ତିରେ ଆର୍ଥିକ ଲାଭ ପରିଶ୍ରମ ତୁଳନାରେ ସେତେ ମିଳୁନଥିବା କୁହାଯାଉଛି। ଶସ୍ୟ ଅମଳ ବେଳକୁ ବାଉଁଶ ତିଆରି ସାମଗ୍ରୀ ଅଧିକ ଚାହିଦା ଜଣାପଡ଼ିଛି।

# ସାଇବର ନିର୍ଯାତନା ସଚେତନତା




ଗୁଡାରି,୨୨।୧୨ (ସମିସ): ଗୁଡାରି ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ 'ବେଟି ବଚାଅ, ବେଟି ପଢାଅ' ଏବଂ ଇଣ୍ଟନେଟ୍ ଉତ୍ପୀଡ଼ନ ସମ୍ପର୍କୀତ ସୁରକ୍ଷା କର୍ମଶାଳା ଗତ ସୋମବାର ଦିନ ଗୁଡାରୀ ବ୍ଲକ୍ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ଅଧିକାରୀ ଅନିତା ପାଣିଗ୍ରାହୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ବିଡିଓ ସୁଚିସ୍ମିତା ବେହେରା, ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, +୩ ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ପି.ସେସ୍‌ଗିରି, ଆଇନଜୀବୀ ସସ୍ମିତା ପାଣିଗ୍ରାହି, ଗୁଡାରୀ ଜାଗରଣର ସଭାପତି ରବି ଦାସ, ସମାଜସେବୀ ମିଲି ସାହୁ ସଭାରେ ଉପସ୍ଥିତ ରହିଥିଲେ। ସମାଜରେ ସବୁ ବର୍ଗର ଲୋକଙ୍କୁ ସାଇବର ସୁରକ୍ଷା ପ୍ରଦାନ ଏହାର ମୂଳ ଲକ୍ଷ୍ୟ। ଛାତ୍ରଛାତ୍ରୀଙ୍କୁ ନିରାପଦ ଡିଜିଟାଲ ଅଭ୍ୟାସ ସହ କୌଣସି ପ୍ରଲୋଭନ ଏବଂ ସାଇବରର ଶିକାର ନହେବା ପାଇଁ ସଚେତନ କରାଯାଇଥିଲା। ଅଭିଭାବକ ଓ ଶିକ୍ଷକମାନଙ୍କୁ ପିଲାମାନଙ୍କ ଅନଲାଇନ କାର୍ଯ୍ୟକଳାପ ଉପରେ ନଜର ରଖିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟ ଅତିଥିମାନେ ଫେକ୍ ଫୋନ୍ କଲ୍ ମାଧ୍ୟମରେ ଚାକିରି ଆଶାୟୀଙ୍କୁ ନକଲି ନିଯୁକ୍ତି ଯାଚିବା, ନକଲି ବ୍ୟାଙ୍କ ଆକାଉଣ୍ଟ ଓ ସିମ ବିକ୍ରି , ଫ୍ରଡ଼ ନିବେଶ ପାଇଁ ପ୍ରବର୍ତ୍ତାଇବା ଭୟ ଦେଖାଇ ଯୌନ ଶୋଷଣ କରିବା , ମହିଳା ଓ କିଶୋରୀ ମାନଙ୍କୁ ନକଲି କଲ୍ ଜରିଆରେ ଯୌନ ଶୋଷଣ, ସ୍ମାର୍ଟ ଫୋନ ବ୍ୟବହାର କାରି ଲୋକଙ୍କୁ ୟୁପିଆଇ, ଓଟିପିର ସଠିକ ଉପଯୋଗ, ଫେକ କଲ୍ ବାବଦରେ ଜ୍ଞାନ ଦେବା ବରିଷ୍ଠ ନାଗରିକ ମାନଙ୍କୁ ନିରାପଦ ବ୍ୟାକିଙ୍ଗ କାରବାର ଓ ଆର୍ଥିକ ଠକେଇରୁ ବର୍ତ୍ତିବା ପାଇଁ ସତର୍କ କରିବା ପ୍ରଭୃତି ଉପରେ ସତର୍କ ରହିବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି କର୍ମଶାଳାରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଅଙ୍ଗନବାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।

## ଜିଲ୍ଲାପାଳଙ୍କ ପଦକ୍ଷେପ

# ୨୨ ବର୍ଷ ପରେ ହିତାଧିକାରୀଙ୍କୁ ମିଳିଲା ଜମି ଦଖଲ

ମାଲକାନଗିରି, ୨୨।୧୨(ସମିସ): ମାରିୱାଡା ଗ୍ରାମବାସୀଙ୍କ ଗୁହାରୀ ଶୁଣିଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ଦୀର୍ଘ ୨୨ ବର୍ଷ ପରେ ମାରିୱାଡ଼ା ଗ୍ରାମର ୩୯ ଜଣଙ୍କୁ ମିଳିଛି ଜମି ଦଖଲ। ଗତ ୧୫ ଡ଼ିସେମ୍ବର ରେ ଜିଲ୍ଲାପାଳ ଓ ଏସ୍ପି ରାଖାଲଗୁଡ଼ା, ମାରିୱାଡ଼ା, ନିଲିଗୁଡା ଓ ଏମଭି ୧୮ ଗ୍ରାମ ଗସ୍ତ କରିଥିଲେ। ଗସ୍ତ ସମୟରେ ମାରିୱାଡ଼ା ଗ୍ରାମବାସୀ ସେମାନଙ୍କର ଦୁଃଖ ଜଣାଇଥିଲେ ଜିଲ୍ଲାପାଳଙ୍କୁ। ୨୨ ବର୍ଷ ପୂର୍ବେ ଜମି ପଟ୍ଟା ପାଇଥିଲେ ସୁଦ୍ଧା ଜମି ଦଖଲ ମିଳିନଥିଲା ବୋଲି ଜିଲ୍ଲାପାଳ ଜାଣିବାକୁ ପାଇଥିଲେ। ତୁରନ୍ତ ମାଲକାନଗିରି ତହସିଲଦାରଙ୍କୁ ଅଗ୍ରାଧିକାର ଭିତ୍ତିରେ ମାରିୱାଡ଼ା ଗ୍ରାମର ଉକ୍ତ ହିତାଧିକାରୀଙ୍କ ଜମି ଦଖଲ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ଫଳସ୍ୱରୂପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ଉପ ଜିଲ୍ଲାପାଳ ଅଶ୍ୱିନ ଏ ଏଲ ଉପସ୍ଥିତ ରହି ୩୯ ଜଣ ହିତାଧିକାରୀଙ୍କୁ ଜମି ଦଖଲ ଦେଇଛନ୍ତି। ଏହି ଅବସରରେ ଉପ ଜିଲ୍ଲାପାଳ ସମସ୍ତ ହିତାଧୀକାରୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ରହିଥିବା ଜମି ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବା ପାଇଁ ଜିଲ୍ଲା ପ୍ରଶାସନ ତତ୍ପର ରହିଛି ବୋଲି ସୂଚନା ଦେଇଛନ୍ତି। ସମସ୍ତ ଗ୍ରାମବାସୀ ନିଜର ପ୍ରତିକ୍ରିୟାରେ ଖୁସି ବ୍ୟକ୍ତ କରି ଦୀର୍ଘ ଦିନ ପରେ ଜମି ଦଖଲ ପାଇ ଥିବା ଯୋଗୁଁ ଜିଲ୍ଲାପାଳଙ୍କ ବିଶେଷ କୃତଜ୍ଞତା ଜଣାଇଛନ୍ତି। ମାଲକାନଗିରି ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାସ ମାଲକାନଗିରି ତହସିଲ ମାରିୱାଡ଼ା ଗାଁର ଘରଡିହ ଜମି ପଟ୍ଟା ପାଇଥିବା ହିତାଧିକାରୀଙ୍କୁ ଜମି ଚିହ୍ନଟ କରାଇ ଦଖଲ ଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସୁପରଭାଇଜର, ରାଜସ୍ୱ ନିରୀକ୍ଷକ ଓ ଅନ୍ୟ ତହସିଲ କର୍ମଚାରୀ ମାରିୱାଡ଼ା ଗ୍ରାମରେ ଉପସ୍ଥିତ ଥିଲେ।

## ● ସାଇକଲ୍ ଆରୋହୀଙ୍କ ଉପରେ ମାଡ଼ିଗଲା ଟ୍ରକ୍

# କ୍ଷତିପୂରଣ ପାଇଁ ଶବରଖି ରାସ୍ତାରୋକ



ଅମ୍ବାଦଲା,୨୨।୧୨(ସମିସ): ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଲା ଥାନା ଅଧୀନସ୍ଥ ଅମ୍ବାଦଲା ମୁଖ୍ୟ ବଜାର ଜଗନ୍ନାଥ ମନ୍ଦିର ନିକଟ ରାଜରାସ୍ତାରେ ସାଇକଲ୍ ଆରୋହୀଙ୍କ ଉପରେ ମାଡ଼ିଗଲା ମାଲବାହୀ ଟ୍ରକ୍। ଘଟଣାସ୍ଥଳରେ ସାଇକଲ୍ ଆରୋହିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଅମ୍ବାଦଲା ଥାନା ଇଛାପୁର ପଞ୍ଚାୟତ ସାନ ନାଗଝୋରି ଗ୍ରାମର ଫୁଲେନ ପ୍ରାସ୍କା। ସେ ନିଜ ନିତିଦିନିଆ କାର୍ଯ୍ୟ କରି କିଛି ଜାଳେଣି କାଠ ନେଇ ବଜାରକୁ ଆସୁଥିବା ବେଳେ ଭବାନୀପାଟଣା ପଟୁ ଏକ ମାଲବାହୀ ଟ୍ରକ ରାୟଗଡ଼ା ଅଭିମୁଖେ ଯାଉଥିବା ବେଳେ ସାଇକଲ୍ ଆରୋହୀଙ୍କ ଉପରେ ଚଢ଼ି ଯାଇଥିଲା।ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ସାଇକଲ୍ ଆରୋହୀ ଫୁଲେନ୍ ଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ସ୍ଥାନୀୟ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଜାରି ରଖିଛି। କ୍ଷତିପୁରଣ ଦାବି କରି ସ୍ଥାନୀୟ ଲୋକ ରାୟଗଡାରୁ କଳାହାଣ୍ଡି ସଂଯୋଗ କରୁଥିବା ମଖ୍ୟ ରାଜ୍ୟ ରାଜପଥକୁ ଟାୟାର ଜାଳି ରାସ୍ତାରୋକ କରିଛନ୍ତି। ଅମ୍ବାଦଲା ପୁଲିସ ପ୍ରଶାସନ ସ୍ଥାନୀୟ ଜନସାଧାରଣଙ୍କୁ ବୁଝାସୁଝା କରୁଥିବା ବେ୍ଳେ କ୍ଷତିପୁରଣ ନ ମିଳିଲେ ରାସ୍ତାରୋକ ଉଠିବ ନାହିଁ ବୋଲି ଜିଦ ଧରିଥିଲେ। ରେଡକ୍ରସ ପାଣ୍ଠିରୁ ପ୍ରଶାସନ ୧୦ ହଜାର ଟଙ୍କା ମୃତକଙ୍କ ପରିବାରକୁ ପ୍ରଦାନ ପରେ ରାସ୍ତାରୋକ ହଟିଥିଲା।

# ଜିଲ୍ଲାପାଳ ଓ ଏସ୍ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର



ତେନ୍ତୁଳିଖୁଣ୍ଟି,୨୨।୧୨(ସମିସ): ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ବିଡିଓ ମନୋଜ କୁମାର ପାଣିଗ୍ରାହୀ,ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ, ପଞ୍ଚାୟତ ସମିତି ଅଧକ୍ଷା ନିଁଳେନ୍ଦ୍ରି ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୨୭ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୭ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ଗୋଟିଏ ହୁଇଲ ଚେୟାର ସହ ୪ ଜଣଙ୍କୁ ମଧୁବାବୁ ପେନସନ ଯୋଜନାର ବର୍ଦ୍ଧିତ ୩୫୦୦ ପେନସନ କାର୍ଡ ପ୍ରଦାନ କରାଯାଇଥିଲା।

# ଏମ୍ଭି ୨୬ ଓ ରାଖେଲଗୁଡା ଆସିବେ କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍

ମାଲକାନଗିରି,୨୨।୧୨(ସମିସ): ମାଲକାନଗିରି ଜିଲ୍ଲା ଏମଭି ୨୬ ଓ ରାଖେଲଗୁଡା ଗ୍ରାମରେ ବିଗତ ଦିନରେ ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତିର ତଥ୍ୟ ସଂଗ୍ରହ ଓ ସମାଧାନ ପାଇଁ ଜିଲ୍ଲା ଗସ୍ତରେ ଆସୁଛନ୍ତି କଂଗ୍ରେସର ଏକ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ। ଏହି ଘଟଣାକୁ ଦୁଇ ସପ୍ତାହ ପୂରିବାକୁ ବସିଥିବା ବେଳେ ଅଞ୍ଚଳରେ ସମ୍ପୂର୍ଣ ରୂପେ ଶାନ୍ତି ଫେରିନାହିଁ, ତେଣୁ ଏନେଇ ମଙ୍ଗଳବାର କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମ ମାଲକାନଗିରି ଜିଲ୍ଲା ଗସ୍ତରେ ଆସି ଉଭୟ ଗ୍ରାମର ସ୍ଥିତି ସମୀକ୍ଷା କରିବା ସହ ଉଭୟ ପକ୍ଷ ସହ ଆଲୋଚନା କରି ଶାନ୍ତି ଫେରାଇବା ଦିଗରେ ପ୍ରଶାସନର ଦୃଷ୍ଟି ମଧ ଆକର୍ଷଣ କରିବେ ବୋଲି ସୂଚନା ମିଳିଛି। ତେବେ ଏହା ସହ କଂଗ୍ରେସ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏବଂ ମତ୍ସ୍ୟ ଏବଂ ପଶୁପାଳନ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଜିଲ୍ଲା ଗସ୍ତ କରି ପରିସ୍ଥିତି ସଂପର୍କରେ ଅନୁଧ୍ୟାନ କରି ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇ ତାଙ୍କ କାମ ସାରିଦେଇଛନ୍ତିଓ ସେମାନେ ସଂପୃକ୍ତ ଉଭୟ ସମ୍ପ୍ରଦାୟର ନେତାମାନଙ୍କ ସହିତ କଥାବାର୍ତ୍ତା କରି ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିବା ଡିଣ୍ଡିମ ପିଟୁଛନ୍ତିଓ ରାଜ୍ୟର ଡବଲ ଇଞ୍ଜିନ ସରକାର ଜିଲ୍ଲାରେ ଲାଗି ରହିଥିବା ଲୋକଙ୍କର ସମସ୍ୟାଗୁଡ଼ିକର ସମାଧାନ ପାଇଁ ମୁଣ୍ଡ ନ ଖେଲାଇବାରୁ ଦୁଇ ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ବଢୁଛିଓ ତେଣୁ ଉପରୋକ୍ତ ଅଶାନ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଉକ୍ତ ଅଞ୍ଚଳରେ ଶାନ୍ତି ଫେରାଇବାର ପ୍ରୟାସରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସାଂସଦ ସପ୍ତଗିରି ଉଲାକା, ବିଧାୟକ ତାରାପ୍ରସାଦ ବାହିନୀପତି, ସତ୍ୟଜିତ ଗମାଙ୍ଗୋ, କାଡ୍ରାକା ଆପାଲାସ୍ୱାମୀ, ନିଳମାଧବ ହିକକା, ପବିତ୍ର ସାଉଁଟା ଓ ମଙ୍ଗୁ ଖିଲଙ୍କ ସହ ପୂର୍ବତନ ସାଂସଦ ଓ ବିଧାୟକ, ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ, ତିନି ବରିଷ୍ଠ ଆଇନଜୀବୀ ପ୍ରମୁଖ ଗସ୍ତ କରିବେ ବୋଲି ଜଣାପଡିଛି।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



କାଲିମେଳା, ୨୨।୧୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ସ୍ଥିତ ଚିନ୍ତଲୱାଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ସମୁଦାୟ ୮୨ ଗୋଟି ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରୁ ୬୬ଟି ବ୍ୟକ୍ତିଗତ ଓ ୧୬ ଗ୍ରାମ୍ୟ ସମସ୍ୟା ରହିଥିଲା। ଶିବିରରେ ଆବାସ, ବାର୍ଦ୍ଧକ୍ୟ ଭତ୍ତା, ବିଦ୍ୟାଳୟ ଭିତ୍ତିଭୂମି ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି ହୋଇଥଲା। ବିଭିନ୍ନ ଯୋଜନାର ହାତ ପାହାନ୍ତା ରେ ସେବା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ୟାମ୍ପ୍ ଆୟୋଜନ କରାଯାଇଥିଲା। ଏହି କ୍ୟାମ୍ପରେ ଶ୍ରମ କାର୍ଡ, ରାସନ୍ କାର୍ଡ, ଜଙ୍ଗଲ ଜମି ପଟ୍ଟା, ଆଧର ଅପଡେଟ ଓ କୃଷକ ପଞ୍ଜୀକରଣ ଇତ୍ୟାଦି ସେବା ଯୋଗାଇ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଉପ ଜିଲ୍ଲାପାଳ ଅଶ୍ୱିନ ଏ ଏଲ ଉପସ୍ଥିତ ଥିଲେ। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ। ଶିବିର ପରେ ଜିଲ୍ଲାପାଳ ଚିନ୍ତଲୱାଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇ ମଧ୍ୟାହ୍ନଭୋଜନର ମାନ ପରଖିଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ଅମ୍ବାଦଲା,୨୨।୧୨(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୪ ତମ ବାର୍ଷିକ ଉତ୍ସବ ମହା ସମାହୋରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଷମ କଟକ ବିଧାୟକ ନୀଳ ମାଧବ ହିକକା ଯୋଗଦେଇଥିବା ବେଳେ ବେଦାନ୍ତ ପ୍ରକଳ୍ପ ଆସୋଷିଏଟ ଅଫିସର କିରଣ କିଶୋର ପଟ୍ଟନାୟକ , ଜିଲ୍ଲାପରିଷଦ ଉପାଧ୍ୟକ୍ଷ ରାୟଗଡ଼ା ସନ୍ତୋଷ ସୁନା, ଅମ୍ଲାଭଟା ସରପଞ୍ଚ ଗୁରୁବାରି ଭୋଇ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଶା ପଶ୍ଚିମ ପ୍ରାନ୍ତ ସହ ପ୍ରାନ୍ତ ସଦ୍‌ଭାବନା ସଂଯୋଜକ ଜୟନ୍ତ ମୁଣ୍ଡ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବିଦ୍ୟାମନ୍ଦିର କମିଟି ସଭାପତି ମୋହନ କୁମାର ସାହୁ ସଂପାଦକ ତପନ କୁମାର ସାହୁ ଓ ପ୍ରଧାନ ଆଚାର୍ଯ୍ୟ ସୁବାସ କୁମାର ଲେଙ୍କା ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଥମେ ଅତିଥି ମାନଙ୍କ ପରିଚୟ ପ୍ରଦାନ ସହ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ପରେ ବିଦ୍ୟା ମନ୍ଦିରର ପ୍ରଧାନ ଗୁରୁଜୀ ସୁବାସ କୁମାର ଲେଙ୍କା ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ସମ୍ପାଦକ ତପନ କୁମାର ସାହୁ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ।। ଆୟୋଜିତ ଉତ୍ସବରେ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥ ଓ ସମାଜସେବୀ ତ୍ରିନାଥ ପାତ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ କୋଷାଧ୍ୟକ୍ଷ ବିଦ୍ୟାଧର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବେଦାନ୍ତ ଆଲୁମିନା ପ୍ରକଳ୍ପ ଆସୋସିଏଟ କର୍ମଚାରୀ ପ୍ରତୀକ୍ଷା ଦେବୀ, ଶଙ୍କର ରାହ୍ନାଲୁ ଓ ବେଦାନ୍ତ ସମନ୍ୱକ ଅଧିକାରୀ ବି. ତିରୁପତି ପାତ୍ର ଯୋଗ ଦେଇ ସହଯୋଗ କରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ସୁନାବେଡା,୨୨।୧୨(ସମିସ); ସୁନାବେଡା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୨୭ ତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ଶିକ୍ଷାକେନ୍ଦ୍ରର ସଭାପତି ସୁଧାଂଶୁ ଶେଖର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟ ରାଷ୍ଟ୍ରଦୀପ ପ୍ରସାର ସମିତିରର ସାଧାରଣ ସମ୍ପାଦକ ଡ. ଜଳେନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସରୋଜ କୁମାର ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଉକ୍ତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର କୁ ଅତିଥି ମାନେ ଭୂୟସୀ ପ୍ରଶଂସା କରିଥିଲେ। ବିଦ୍ୟାଳୟର ସମ୍ପାଦିକା ଅମିତା ରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟକ୍ଷା ଡଃ ବିଦ୍ୟୁତ ପ୍ରଭା ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରା ଯାଇଥିଲା। ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାଳନ୍ଦୀ ରଣା, ଦମୟନ୍ତୀ ପ୍ରହରାଜ, ଆଶାଲତା ପଟ୍ଟନାୟକ, ସ୍ୱର୍ଣ୍ଣଲତା ପରିଡ଼ା, ଅଂଶୁ ସୁସ୍ମିନ ଜେନାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଟିକିରି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ଟିକିରି,୨୨।୧୨(ସମିସ): ରାୟଗଡ଼ା କାଶୀପୁର ବ୍ଲକ ଟିକିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ପିଏମଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ବ୍ଲକରେ ପ୍ରଥମ ଥର ପାଇଁ ଟିକିରି ବିଦ୍ୟାଳୟରେ ଆୟୋଜିତ ପିଏମ ଶ୍ରୀ କାର୍ଯ୍ୟକ୍ରମରେ ବିଇଓ,ଉମର ସିଂନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ ମୁଖ୍ୟ ଅତିଥି ଏବଂ ଉକ୍ତ ବିଦ୍ୟାଳୟ ପୂର୍ବତନ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଟନାୟକ ମୁଖ୍ୟ ବକ୍ତା ଏବଂ ବ୍ଲକ ଅଧ୍ୟକ୍ଷ କଣ୍ଡ ମାଝୀ, ଟିକିରି ସରପଞ୍ଚ ଜଗବନ୍ଧୁ ମାଝୀ, ଏସଏମସି, ସଭାପତି ସୁରେଶ ଚନ୍ଦ୍ର ପାତ୍ର, ଏବିଇଓ ପ?ିତ୍ର ମୋହନ ନାଏକ ପ୍ରମୁଖସମ୍ମାନୀତ ଅତିଥି ଭାବେ ମଞ୍ଚସିନ ଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ବକୁଳ ରାଣୀଦାଶ ବିଦ୍ୟାଳୟର କ୍ରମାନ୍ୱୟ ଉନ୍ନତି ସମ୍ପର୍କରେ ଅବତାରଣା କରିଥିଲେ। କାଶୀପୁର ବ୍ଲକରେ ପ୍ରଥମ କରି ଟିକିରି ଉଚ୍ଚବିଦ୍ୟାଳୟକୁ ପିଏମ ଶ୍ରୀ ଯୋଜନାରେ ଅନ୍ତର୍ଭୁକ୍ତକରି ପାଇଲେଟ ପ୍ରକଳ୍ପ ଭାବେ ନିଆ ଯାଇ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ପ୍ରତିଗୁରୁତ୍ୱ ଦିଆ ଯାଉଥିବାର ବିଇଓ ଶ୍ରୀ ନାୟକ ପ୍ରକାଶ କରିଥିଲେ। ନିମନ୍ତ୍ରିତଅତିଥିଙ୍କମଧ୍ୟରେ କାଶୀପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋଚନ ଖରା, ଡିଗ୍ରୀ କଲେଜର ଅଧ୍ୟାପକ ଶଙ୍କର ପ୍ରସାଦ ଦୁରିଆ, ତାରିଣୀ ସାହୁଙ୍କ ସହିତ ସ୍ଥାନୀୟ ବୁଦ୍ଧିଜୀବୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ,ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଶିକ୍ଷକ ରଞ୍ଜିତ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ସତ୍ୟନାରାୟଣ ସାହୁ, କ୍ରିଷ୍ଣା ବେଣୀ ଭାଟି ସହିତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

# ଚାଷୀଙ୍କ ଚକଅଖ ବନ୍ଦ ଆନ୍ଦୋଳନ

ଉମରକୋଟ୨୨।୧୨ (ସମିସ): ଚାଷୀ ମହାସଂଘ ପକ୍ଷରୁ ଧାନ ମଣ୍ଡି ତୁରନ୍ତ ଖୋଲିବା ପାଇଁ ଉମରକୋଟରେ ଆଜି ଠାରୁ ୨୯ ତାରିଖ ଯାଏଁ ଚକ ଅଖ ବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଆଜି ଉମରକୋଟ ବ୍ଲକରେ ଧାନ ମଣ୍ଡି ଆରମ୍ଭ ହୋଇଛି। ଉମରକୋଟ ବ୍ଲକ ଅନ୍ତର୍ଗତ କାରାଗାଁ ଠାରେ ହୋଇଥିବା ଧାନ ମଣ୍ଡିରେ ୩ ଜଣ ଚାଷୀ ମୋଟ ୬୨ କ୍ୱିଣ୍ଟାଲ ୨୨ କେଜି ଧାନ ଆଣି ବିକ୍ରି କରିଛନ୍ତି। ତେବେ ଚାଷୀ ମହାସଂଘର ଆନ୍ଦୋଳନ ଯୋଗୁ ମିଲରଙ୍କ ଟ୍ରକ ପହଞ୍ଚି ପାରିଲା ନାହିଁ। ଫଳରେ ଧାନ ମଣ୍ଡି ସ୍ଥଳରେ ହିଁ ପଡିକି ରହିଛି। ଆଜି ମଣ୍ଡି ଠାରେ ଲ୍ୟାମ୍ପସ ନିର୍ଦ୍ଦେଶକ ଅସିତ କୁମାର ରୟ, ଆର୍‌ସିଏମ୍‌ଏସ ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କ ଠାରୁ ଧାନ କ୍ରୟ କରି ଥିଲେ। ମଙ୍ଗଳବାର ଉମରକୋଟ ଧାନ ମଣ୍ଡିରେ ଧାନ କିଣିବା ପାଇଁ ଟାରଗେଟ ଆସିବା ସହ କିଛି ମିଲର ଧାନ କ୍ରୟ କରିବା ପାଇଁ ଯୋଗାଣ ବିଭାଗ ସହ ଚୁକ୍ତି କରିଥିବା ଜଣାପଡିଛି। ଫଳରେ ଆଜି କାରାଗାଁ ଠାରେ ଧାନ ମଣ୍ଡି ଖୋଲାଯାଇ ପାରିଲା।

## ● ଚେକ୍‌ଡ୍ୟାମ ଓ ପାଇପ୍ ଲାଇନ୍ ସର୍ଭେକୁ ବିରୋଧ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ୧୯ ଖଣ୍ଡ ଗ୍ରାମବାସୀ



ରାୟଗଡ଼ା,୨୨।୧୨(ସମିସ): ବିନା ପଲ୍ଲୀସଭାରେ ଏକ ଘରୋଇ କମ୍ପାନୀ ଦ୍ୱାରା ଚେକ୍‌ଡ୍ୟାମ ଓ ପାଇପ୍ ଲାଇନ ବିଛାଇବା ନିମନ୍ତେ ସର୍ଭେ କାମକୁ ଘୋର ବିରୋଧ କରିଛନ୍ତି ରାୟଗଡ଼ା ଓ କୋରାପୁଟ ଜିଲ୍ଲାର ଦୁଇଟି ପଞ୍ଚାୟତର ୧୯ ଖଣ୍ଡ ଗ୍ରାମବାସୀ। ଏ ନେଇ ଆଜି ରାୟଗଡା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଶଙ୍କରଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ କାରାଜୋଲା, ତୟାପୁଟ, ଖଡିକାଯୋଡି, ଏକାଡେଲ, ଲେଲିପୁଟ, ବରିଗୁମା, ପଣସପଦର, ଫଟାଳି, କପାଡାଙ୍ଗ, କଂସାରିଗୁଡା, ଫୁଜିଗମା, ଶଙ୍କରଡା, ବାହାରକୁଟୁମି ଏବଂ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ପିପଳପଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁଟିଂଗୁଡା, ଶିଆଳିମାଳ, ବାରିଗାଁ, ପିପଳପଦର, ବାଗମାରି, କେନ୍ଦୁପାଇ ଭଳି ୧୯ଖଣ୍ଡ ଗ୍ରାମବାସୀ କୁଟିଂଗୁଡା ଗ୍ରାମ କାରାଗାଟା ଠାରେ ଆଦିତ୍ୟ ବିର୍ଲା ହିଣ୍ଡାଲ କୋ କମ୍ପାନୀ, କଂସାରିଗୁଡା ଦ୍ୱାରା ହେବାକୁ ଥିବା ଚେକଡ୍ୟାମ ଓ ପାଇପ ଲାଇନ କାର୍ଯ୍ୟ ବିନା ପଲ୍ଲୀସଭାରେ ଜୋର ଜବରଦସ୍ତ ସର୍ଭେ କାମ ଆରମ୍ଭ କରାଯାଉଅଛି। ଏହାକୁ ନେଇ ଉକ୍ତ ଦୁଇ ଗ୍ରାମ ପଞ୍ଚାୟତର ଉକ୍ତ ସର୍ଭେକୁ ବାତିଲ କରିବାକୁ ଅନୁରୋଧ କରିବା ସହ ଯେଉଁ ପର୍ଯ୍ୟନ୍ତ ପଲ୍ଲୀସଭା କରାଯାଇ ନାହିଁ ସେହି ସମୟ ପର୍ଯ୍ୟନ୍ତ କମ୍ପାନୀର ସର୍ଭେ କାମକୁ ବନ୍ଦ ନ କରାଗଲେ ଗ୍ରାମବାସୀଙ୍କ ପକ୍ଷରୁ ଘୋର ବିରୋଧ କରାଯିବ ବୋଲି ଗ୍ରାମବାସୀମାନେ ଉଲ୍ଲେଖ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଚିନ୍ତାମଣି ମାଝି, କାର୍ତିକ ମାଝି, ଗୋପାଳ ମାଝି, ଛବିର ମାଝିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଏ ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ବସ୍ କଣ୍ଡକ୍ଟରଙ୍କୁ ଆକ୍ରମଣ ଅଭିଯୋଗ

ଜୟପୁର,୨୨।୧୨(ସମିସ): ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମର ବିଜୟନଗରମ ଡିପୋର ଅସ୍ଥାୟୀ ଠିକା ବସ୍ କଣ୍ଡକ୍ଟରଙ୍କୁ ଜୟପୁର ଡିପୋର ସହକାରୀ ମ୍ୟାନେଜରର ମାଡ ମାରିବା ସହିତ ୫ ହଜାର ଟଙ୍କା ଲାଞ୍ଚ ମାଗିବା. ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଦୁର୍ନୀତୀ ମିଥ୍ୟା ଅଭିଯୋଗ କରିବା ସହ ଚାକିରିରୁ ବହିଷ୍କାର ନେଇ ଧମକ ଦେଇଥିବା ନେଇ ଗତକାଲି ଜୟପୁର ଟାଉନ ଥାନାରେ ପୀଡିତ କଣ୍ଡକ୍ଟର ଅଭିଯୋଗ କରିଛନ୍ତି। ସୂଚନାଅନୁଯାୟୀ, ବିଜୟନଗର ଡିପୋରେ ଅସ୍ଥାୟୀ ତଥା ଠିକା କଣ୍ଡକ୍ଟର ଧିରସ୍ତିତ ବିଶୋୟୀ ନିଗମର ବସ୍‌ରେ ଡ୍ୟୁଟିରେ ରହି ଜୟପୁର ବସଷ୍ଟାଣ୍ଡ ଠାରେ ରାତି ସାଢେ ୧୧ଟାରେ ପହଞ୍ଚିଥିଲେ ଏବଂ ଟିକଟ କାଉଣ୍ଟରକୁ ଯାଇଥିଲେ। ସେତେବେଳେ ସେଠାରେ ଜୟପୁର ଡିପୋର ମ୍ୟାନେଜର ଜ୍ୟୋତି ପ୍ରକାଶ ବେହେରା ଅଭିଯୋଗକାରୀ କଣ୍ଡକ୍ଟରଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। ସ୍ଥାନୀୟ କର୍ମଚାରୀ ମାନେ ବୁଝାସୁଝା ପରେ ସମସ୍ୟାର ସମାଧାନ ହୋଇଥିଲା। ଏହିପରି ପୁଣି ପୁନର୍ବାର ଗତକାଲି ରାତି ୯ ଘଟିକା ସମୟରେ ବିଜୟନଗର ଠାରେ ପହଞ୍ଚିଥିଲେ। ସେଠାରେ ଜୟପୁର ଡିପୋ ସହକାରୀ ମ୍ୟାନେଜର ଶ୍ରୀ ବେହେରା ପହଞ୍ଚି ୫ ହଜାର ଟଙ୍କା ଲାଞ୍ଚ ବାବଦକୁ ଜୋରଜବରଦସ୍ତି ମାଗିଥିଲେ। କିନ୍ତୁ ଟଙ୍କା ଦେବାକୁ ମନା କରିବାରୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ଗୋଇଠା ମାରିଥିଲେ। ଏଥିନେଇ ଜୟପୁର ଟାଉନଥାନାରେ ଆଜି ଲିଖିତ ଅଭିଯୋଗ ପରେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରିଛନ୍ତି । ସଂପୃକ୍ତ ସହକାରୀ ମ୍ୟାନେଜର ଶ୍ରୀ ବେହେରା ଛୁଟିରେ ବାହାରକୁ ଯାଇଥିବା ଯୋଗୁଁ ସେ ଫେରିବା ପରେ ଥାନାକୁ ଡକାଯାଇ ପଚରାଉଚରା କରାଯିବ ବୋଲି ତଦନ୍ତକାରୀ ଏସ.ଆଇ ରାଜେନ୍ଦ୍ର କୁମାର ପାଙ୍ଗୀ ପ୍ରକାଶ କରିଛନ୍ତି।

# ଦେଶୀ ଓ ବିଦେଶୀ ମଦ ଚାଲାଣ: ୨ ଗିରଫ

ଜୟପୁର,୨୨।୧୨(ସମିସ): ଜୟପୁର ଅବକାରୀ ଥାନା ପକ୍ଷରୁ ଦେଶୀ ଓ ବିଦେଶୀ ମଦ ଚାଲାଣ ବେଳେ ଚଢଉ କରାଯାଇ ୨ଜଣ ଅଭିଯୁକ୍ତକୁ ଗିରଫ କରିବା ସହ କୋର୍ଟ ଚାଲଣ କରାଯାଇଛି। ଗିରଫ ୨ ଅଭିଯୁକ୍ତ ସ୍ଥାନୀୟ ପୁରୁଣାପାଣି ଗ୍ରାମର ମେଟା ପରଜା ଓ ରାଜେଶ ମୁଦୁଲି। ଉଭୟ ଦେଶୀ ଓ ବିଦେଶୀ ମଦ ଚାଲାଣ ସୂଚନା ପାଇ ଜୟପୁର ଅବକାରୀ ଥାନା ଆଜି ଚଢଉ କରିଥିବା ଅବକାରୀ ଥାନା ଓଆଇସି ସୁବ୍ରତ ହିରନ ସୂଚନା ଦେଇଛନ୍ତି।

# ମନରେଗା ନାମ ପରିବର୍ତ୍ତନ ନେଇ କଂଗ୍ରେସର ବିକ୍ଷୋଭ




ମାଲକାନଗିରି, ୨୨।୧୨(ସମିସ): ମନରେଗା ଯୋଜନାର ନାମ ପରିବର୍ତ୍ତନକୁ ବିରୋଧ କରି ଆଜି ମାଲକାନଗିରି ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ବିକ୍ଷୋଭ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ କରାଯାଇଥିଲା। ଏନେଇ ଏକ ଦାବିପତ୍ର ମଧ ଜିଲ୍ଲାପାଳଙ୍କ ଉଦେଶ୍ୟରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭପତି ଜି ଶ୍ରୀନିବାସ ରାଓ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ପରିଷଦ ସଦସ୍ୟ କୃଷ୍ଣ ଚନ୍ଦ୍ର ଅନୁଗୁ, ପଦ୍ମ ପାଙ୍ଗି, ଭୀମା ବାର୍ସେ, କେଶୁ ରାଓ, ବିନାୟକ ପାତ୍ର, ପର୍ଶୁରାମ ଭକ୍ତ ପ୍ରମୁଖଙ୍କ ସହ ଅନ୍ୟ ଦଳୀୟ ନେତୃ ମଣ୍ଡଳୀ ଓ କର୍ମୀ ଉପସ୍ଥିତ ଥିଲେ।

# ମାଲ୍ୟବନ୍ତ ମହୋତ୍ସବ ତାରିଖ ଧାର୍ଯ୍ୟ ପାଇଁ ବୈଠକ




ମାଲକାନଗିରି,୨୨।୧୨(ସମିସ): ମାଲକାନଗିରି ଜିଲ୍ଲାର ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ପାଇଁ ପୂର୍ବରୁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ବିଗତ ଦିନରେ ଜିଲ୍ଲାର ଏମଭି ୨୬ ଓ ରାଖେଲଗୁଡା ଗ୍ରାମରେ ଉପୁଜିଥିବା ଅସନ୍ତୋଷ ମୂଳକ ପରିସ୍ଥିତି ଯୋଗୁଁ ଏହା ସ୍ଥଗିତ ହୋଇଥିଲା। ବର୍ତ୍ତମାନ ଜିଲ୍ଲାର ସ୍ଥିତିରେ ସୁଧାର ଆସିଥିବା ସହ ଏମଭି ୨୬ ଓ ରାଖେଲଗୁଡାରେ ଶାନ୍ତି ଫେରିଥିବା ହେତୁ ଜିଲ୍ଲା ସ୍ତରୀୟ ମାଲ୍ୟାବନ୍ତ ମହୋତ୍ସବ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଏକ ବୈଠକ ଜିଲ୍ଲାପାଳ ସୋମେଷ କୁମାର ଉପାଧ୍ୟାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ବ୍ଲକ ସ୍ତରୀୟ ମାଲ୍ୟାବନ୍ତ ମହୋତ୍ସବ ପୂର୍ବରୁ ଶେଷ ହୋଇଥିବା ବେଳେ ଏହି ବୈଠକରେ ଜିଲ୍ଲା ସ୍ତରୀୟ ମାଲ୍ୟାବନ୍ତ ମହୋତ୍ସବ ପାଇଁ ଦିନ ଧାର୍ଯ୍ୟ କରିବା ଦିଗରେ ଆଲୋଚନା କରଯାଇଥିଲା। ତେବେ ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ପରିଷଦ ଅଧକ୍ଷ୍ୟା ଶମାରୀ ତାଙ୍ଗୁଲ, ଉପାଧକ୍ଷ ପତିତ ପାବନ ବୈଦ୍ୟ, ସାଂସଦ ପ୍ରତିନିଧି ପ୍ରମୁଖଙ୍କ ସହ ଅନ୍ୟ ଅଧିକାରୀ, ବିଭିନ୍ନ ଆଦିବାସୀ ସଂଘର କର୍ମକର୍ତ୍ତା, ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ। ତେବେ ଏହି ବୈଠକରେ କିଛି ବ୍ୟକ୍ତି ଜିଲ୍ଲାର ରାଖେଲଗୁଡାରେ ହୋଇଥିବା ମହିଳାଙ୍କ ହତ୍ୟା ଘଟଣା ଯୋଗୁଁ ମାଲ୍ୟାବନ୍ତ ମହୋତ୍ସବକୁ ବାତିଲ କରିବା ପାଇଁ ମତ ରଖିଥିବା ବେଳେ ଅନ୍ୟମାନେ ଏହି ମହୋତ୍ସବକୁ ପୂର୍ବ ପରି କରିବା ପାଇଁ ମତ ରଖିଥିଲେ। ତେବେ ଯେଉଁ କାରଣ ଯୋଗୁଁ ଏହି ମହୋତ୍ସବ ସ୍ଥଗିତ ହୋଇଥିଲା, ସେହି କାରଣର ସମ୍ପୂର୍ଣ ସମାଧାନ ପାଇଁ ଶାନ୍ତି କମିଟି କରି ଉଭୟ ପକ୍ଷ ସହ ଆଲୋଚନା ପରେ ମହୋତ୍ସବକୁ କରିବା ପାଇଁ ମଧ କିଛି ବ୍ୟକ୍ତି ମତ ରଖିଥିଲେ। ଏସବୁକୁ ନେଇ ଜିଲ୍ଲା ସ୍ତରୀୟ ମାଲ୍ୟାବନ୍ତ ମହୋତ୍ସବର ତାରିଖ ଧାର୍ଯ୍ୟ ହୋଇ ପାରିନଥିବା ବେଳେ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ପ୍ରକାଶ କରିଥିଲେ ଯେ, ବିଗତ ଦିନରେ ଜିଲ୍ଲାରେ ଯେଉଁ ସ୍ଥିତି ଉପୁଜିଥିଲା ତାହା ସତରେ ବେଶ୍ ଦୁଖଦ ଘଟଣା। ଏହା ମଧ୍ୟରେ ଜିଲ୍ଲା ପ୍ରଶାସନ ସ୍ଥିତିକୁ ସୁଧାରିବା ପାଇଁ ପୂର୍ଣ ପ୍ରୟାସ କରିଥିବା ବେଳେ ଜିଲ୍ଲାରେ ଶାନ୍ତି ଫେରାଇ ଆଣିଛି। ଆସନ୍ତା ଜାନୁଆରୀ ମାସ ୭ ତାରିଖରେ ପୁନଃ ଏକ ବୈଠକ କରି ଜିଲ୍ଲା ସ୍ତରୀୟ ମାଲ୍ୟାବନ୍ତ ମହୋତ୍ସବ ପାଇଁ ତାରିଖ ଧାର୍ଯ୍ୟ ଦିଗରେ ଆଲୋଚନା କରାଯିବ ବୋଲି ପ୍ରକାଶ କରିଥିଲେ। ଏହା ସହ ଇତିମଧ୍ୟରେ କମିଟି ଦ୍ୱାରା ବିଗତ ଦିନରେ ହୋଇଥିବା ଘଟଣାର ପୂର୍ଣ ସମାଧାନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକକୁ ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ପରିଚାଳନା କରିଥିଲେ।

# ପୁଣି ଶ୍ରୀମନ୍ଦିର ଡ୍ରୋନ୍ ଫଟୋ ଭାଇରାଲ

## କୁଆଡ଼େ ଗଲା ଆଣ୍ଟି ଡ୍ରୋନ ସିଷ୍ଟମ?

ପୁରୀ, ୨୨।୧୨(ସମିସ): ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଡ୍ରୋନ୍ ଫଟୋ। ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ମନ୍ଦିର ପ୍ରଶାସନ ଚିରାଚରିତ ଭାବେ ଥାନାରେ ଅଭିଯୋଗ କରି କାମ ସାରିଦେଉଛି। ଏହାକୁ ନେଇ ସେମିତି କିଛି କଡ଼ା ଦଣ୍ଡବିଧାନ ନ ଥିବାରୁ ପରୋକ୍ଷରେ ଏହା ନିୟମ ଉଲ୍ଲଂଘନକାରୀଙ୍କୁ ପ୍ରୋତ୍ସାହିତ କରୁଛି। ସେମାନେ ଏଭଳି ବେନିୟମ ଉଡ଼ାଣ କରି ଫଟୋ, ଭିଡିଓ ଉତ୍ତୋଳନ କରୁଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିବା ପାଇଁ ଆଣ୍ଟି ଡ୍ରୋନ ସିଷ୍ଟମ ବ୍ୟବସ୍ଥା କରାଯିବ ବୋଲି ଆଇନ ମନ୍ତ୍ରୀ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଆଣ୍ଟି ଡ୍ରୋନ୍ ସିଷ୍ଟମ ଆକ୍ଟିଭ ହେବା ନେଇ ସୂଚନା ବି ଦିଆଯାଇଥିଲା। ହେଲେ ସୁରକ୍ଷା ବ୍ୟବସ୍ଥାକୁ କାଟି ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ ଚକ୍କର୍ କାଟୁଛି। ତେଣୁ, ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ, କୁଆଡ଼େ ଗଲା ଆଣ୍ଟି-ଡ୍ରୋନ୍ ସିଷ୍ଟମ?

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି। ବିଭିନ୍ନ ସମୟରେ ଫଟୋ, ଭିଡିଓ ବଡ଼ଦେଉଳର ବହୁ ଗୁପ୍ତ ତଥ୍ୟକୁ ପଦାରେ ପକାଉଛି। ଏବେ ମନ୍ଦିର ଉପରେ ଡ୍ରୋନ ଉଡାଣ ଚିନ୍ତା ବଢ଼ାଇ ଦେଲାଣି। କିଛି ଦିନର ବ୍ୟବଧାନ ପରେ ପୁଣି ଡ୍ରୋନ୍ ଦ୍ୱାରା ନିଆଯାଇଥିବା ଶ୍ରୀମନ୍ଦିର ଫଟୋ ଭାଇରାଲ ହୋଇଛି। ଫେସ୍‌ବୁକରେ ଏକ୍ସପ୍ଲୋର ଇଣ୍ଡିଆ ନାମକ ଏକ ସଂସ୍ଥା ଏହି ଫଟୋ ଛାଡ଼ିଛି। ଅପ୍‌ଲୋଡ ହୋଇଥିବା ଏହି ଫଟୋକୁ ଅନେକ ଲୋକ ସେୟାର ଏବଂ ରିପୋଷ୍ଟ ମଧ୍ୟ କରିଛନ୍ତି। ତେବେ ଶ୍ରୀମନ୍ଦିର ଉପରୁ ଡ୍ରୋନ ମାଧ୍ୟମରେ କିଭଳି ଏହି ଫଟୋ ନିଆଗଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଫଟୋରେ କୁରମବେଢ଼ା ଭିତରେ ଥିବା ବଡ଼ଦେଉଳ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ଦେଖାଯାଉଛି। ମେଘନାଦ ପାଚେରୀ ଭିତରେ ଥିବା ଅନ୍ୟାନ୍ୟ ଐତିହ୍ୟ ଓ ମନ୍ଦିର ମଧ୍ୟ ଫଟୋରେ ରହିଛି। ଶ୍ରୀମନ୍ଦିର ଉପରେ ନୋ-ଫ୍ଲାଇଂ ଜୋନ୍ କରାଯାଇଥିବା ବେଳେ ଡ୍ରୋନ୍ ମାଧ୍ୟମରେ ଶ୍ରୀମନ୍ଦିର ଉପରୁ ଫଟୋ ଓ ଭିଡିଓ କିଭଳି ଉତ୍ତୋଳନ କରାଗଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡିଓ ଭାଇରାଲ ସମ୍ପର୍କିତ ଶ୍ରୀମନ୍ଦିର ଆଇନରେ କଠୋର୍ ଦଣ୍ଡବିଧାନ ବ୍ୟବସ୍ଥା ନାହିଁ। ତେଣୁ ଏହା ହୃଦ୍‌ବୋଧ କରି ଶ୍ରୀମନ୍ଦିରରେ ଆଇନରେ ପରିବର୍ତ୍ତନ ପାଇଁ ଆଇନ ବିଭାଗକୁ ୪ଟି ବିନ୍ଦୁ ଉପରେ ଚିଠା ପ୍ରସ୍ତାବ ଦିଆଯାଇଛି।

ସୂଚନାଥାଉ କି, ଚଳିତବର୍ଷ ରଥଯାତ୍ରା ପୂର୍ବଦିନ ଅର୍ଥାତ ଜୁନ୍ ୨୬ ତାରିଖରେ ଶ୍ରୀମନ୍ଦିର ନୋ-ଫ୍ଲାଇଂ ଜୋନ୍‌ରେ ଡ୍ରୋନ୍‌କୁ ନିଷ୍କ୍ରିୟ କରିବା ପାଇଁ ଆଣ୍ଟି-ଡ୍ରୋନ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା ବୋଲି କୁହାଯାଇଥିଲା। ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ପାର୍ଶ୍ୱରେ ଉଡୁଥିବା ଗୋଟିଏ ଡ୍ରୋନ୍‌କୁ ନିଷ୍କ୍ରିୟ କରାଯାଇଥିଲା। ଏହି ଆଣ୍ଟି ଡ୍ରୋନ ସିଷ୍ଟମ ଦ୍ୱାରା ଏକ ନେଟ୍‌ୱର୍କ କ୍ଷେତ୍ର ସୃଷ୍ଟି ହେବ। ବେଆଇନ ଭାବେ ଡ୍ରୋନ ଉଡ଼ିଲେ ଏହି ସିଷ୍ଟମ ଚିହ୍ନଟ କରି ତୁରନ୍ତ ନିଷ୍କ୍ରିୟ କରିବ ବୋଲି ପୁଲିସ ପକ୍ଷରୁ କୁହାଯାଇଥିଲା। ହେଲେ ଏହାପରେ ଏକାଧିକଥର ଉଡ଼ିଲାଣି ଡ୍ରୋନ। କିନ୍ତୁ ଏ ପର୍ଯ୍ୟନ୍ତ ଆଣ୍ଟି ଡ୍ରୋନ ସିଷ୍ଟମ ଲାଗିପାରିଲା ନାହିଁ।

## ପୁଣି ମହାପ୍ରଭୁଙ୍କୁ ଅପମାନ

ପୁରୀ,୨୨।୧୨(ସମିସ): ପୁଣି ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଠାକୁର ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଅପମାନ। ଏକ ଫଟୋଫ୍ରେମ୍‌ରେ ପାଦ ଚିତ୍ରକୁ ତିନି ଠାକୁରଙ୍କ ପଛପଟେ ରଖିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଅଜୟ ଖତ୍ରୀ ନାମକ

### ସବୁ ମହଲରେ ଅସନ୍ତୋଷ

ଜଣେ ବ୍ୟକ୍ତି ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ଏଭଳି ଦୃଶ୍ୟକୁ ଅପ୍‌ଲୋଡ୍ କରିଛନ୍ତି। ଏହା ମହାପ୍ରଭୁଙ୍କୁ ଅପମାନ ହୋଇଥିବା ବେଳେ କୋଟିକୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଏହା ଆଘାତ ପହଞ୍ଚାଇଛି। ଏହି ଭିଡିଓକୁ ପାଖାପାଖି ୮୫ ହଜାର ଲୋକ ଦେଖିଥିବା ବେଳେ ଏବେ ବି ଏହି ଭିଡିଓ ଅଜୟ ଖତ୍ରୀଙ୍କ ଆଇଡିରେ ସକ୍ରିୟ ରହିଛି। ଏହାକୁ ନେଇ ସବୁମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ଶ୍ରୀମନ୍ଦିର ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ଆଜୀବନ ଜେଲ ଦଣ୍ଡ ଭୋଗୁଥିବା କଏଦୀ ଫେରାର୍ ଘଟଣା

# ବିଳମ୍ବିତ ଅନୁସନ୍ଧାନ ଓ ଚାର୍ଜସିଟ ଦାଖଲ ନେଇ ହାଇକୋର୍ଟ କ୍ଷୁବ୍ଧ

କଟକ, ୨୨।୧୨(ସମିସ): ଭୁବନେଶ୍ୱର ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ (କାରାଗାର)ରେ ଆଜୀବନ ଜେଲ୍‌ଦଣ୍ଡ ଭୋଗୁଥିବା ଜଣେ କଏଦୀ ଫେରାର୍ ଏବଂ ପାରୋଲରେ ଯାଉଥିବା କଏଦୀ ଫେରୁନଥିବା ପ୍ରସଙ୍ଗରେ ଜେଲ ଡିଜି ଦାଖଲ କରିଥିବା ସତ୍ୟପାଠକୁ ନେଇ ହାଇକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ନିର୍ଦ୍ଦେଶ ମୁତାବକ ସତ୍ୟପାଠ ଦାଖଲ କରାଯାଇ ନଥିବାରୁ ସାନି ସତ୍ୟପାଠ ଦାଖଲ କରିବାକୁ ଜେଲ ଡିଜିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁନସି ଭୁଇଁଙ୍କ ତରଫରୁ ଦାୟର ଏକ ଜେଲ୍ କ୍ରିମିନାଲ ଅପିଲର ଶୁଣାଣି କରିଜଷ୍ଟିସ ଚିତ୍ତରଂଜନ ଦାଶ ଓ ସଂଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

**ଜେଲ ଡିଜିଙ୍କୁ ସାନି ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ**

ସେହିଭଳି ଏହି ମାମଲାରେ ଆବେଦନକାରୀ କଏଦୀଜଣଙ୍କ ୨୦୧୮ ମସିହା ଜୁନ୍ ୧୯ରୁ ଫେରାର୍ ହୋଇଯାଇଥିବା ବେଳେ ଜୁନ୨୧ରେ ଚନ୍ଦକା ଥାନାରେ ଏତଲା ଦିଆଯାଇଥିଲା। ଏପରିକି, ୨୦୨୫ ଅଗଷ୍ଟ୨୭ରେ ଚାର୍ଜସିଟ୍ ଦାଖଲ ହୋଇଥିଲା। ନିମ୍ନ ଅଦାଲତ ୨୦୨୫ ଅଗଷ୍ଟ୨୮ରେ ୱାରେଣ୍ଟ ଜାରି କରିବା ପରେ ମଧ୍ୟ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରାଯାଇପାରିନଥିଲା। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଗତ ୨୦୨୫ ଡିସେମ୍ବର୧୩ରେ ସାନି ଗିରଫ କରି ଜେଲକୁ ଅଣାଯାଇଥିଲା। ଏଭଳି ବିଳମ୍ବିତ ତଦନ୍ତ ଓ ଚାର୍ଜସିଟ୍ ଦାଖଲକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଅନ୍ୟ ସମସ୍ତ ଫେରାର୍ ଅଭିଯୁକ୍ତଙ୍କ କ୍ଷେତ୍ରରେ ଏଭଳି ଘଟୁଥିବ ବୋଲି ଅଦାଲତ ଆଶଙ୍କା ପ୍ରକାଶ କରିଛନ୍ତି। ଜେଲରୁ ଫେରାର୍ ଓ ପାରୋଲରେ ଯାଇ ଫେରୁନଥିବା ଆଜୀବନ କଏଦୀଙ୍କ ସମ୍ପର୍କିତ ସମସ୍ତ ବିବରଣୀ ସହ ଦୋଷୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ସଂକ୍ରାନ୍ତରେ ଜେଲ ବିଭାଗର ଡିଜି ସତ୍ୟପାଠ ଦାଖଲ କରିବେ ବୋଲି ହାଇକୋର୍ଟ କହିଛନ୍ତି।

ପ୍ରକାଶଥାଉକି ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଗାରରୁ ୧୭ଜଣ କଏଦୀ ଫେରାର୍ ଥିବା ଓ ୧୫ଜଣ ପାରୋଲ ଅବଧି ଶେଷ ପରେ ଆଉ ଫେରି ନଥିବା ନେଇ ଉପସ୍ଥାପନ ହୋଇଥିବା ଏକ ରିପୋର୍ଟକୁ ନେଇ ଅଦାଲତ ଉଦ୍‌ବେଗ ପ୍ରକାଶ କରିବା ସହ ସବିଶେଷ ସତ୍ୟପାଠ ଦାଖଲ ପାଇଁ ଜେଲ ଡିଜିଙ୍କୁ ଜିର୍ଦ୍ଦେଶ ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁଆରି ତୃତୀୟ ସପ୍ତାହକୁ ଧାର୍ଯ୍ୟ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଆବେଦନକାରୀ କଏଦୀଜଣଙ୍କ ଏକ ମାମଲାରେ ନିମ୍ନ ଅଦାଲତଙ୍କ ଦ୍ୱାରା ଆଜୀବନ ଜେଲ୍‌ଦଣ୍ଡାଦେଶ ଭୋଗୁଥିଲେ। ଏହା ବିରୋଧରେ ସେ ହାଇକୋର୍ଟରେ ଗତ ୨୦୦୭ ମସିହାରୁ ଏକ ଆବେଦନ କରିଥିଲେ। ଏହି ମାମଲା ଶୁଣାଣି ବେଳେ ଅଭିଯୁକ୍ତଙ୍କ ସ୍ଥିତି ସମ୍ପର୍କରେ ହାଇକୋର୍ଟ ଜାଣିବାକୁ ଚାହିଁଥିଲେ। ଜେଲ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ ଆବେଦନକାରୀ ଅଭିଯୁକ୍ତ ଗତ ୨୦୧୮ ଜୁନ୍ ୧୯ରୁ ଫେରାର୍ ଥିବା ଜଣାପଡ଼ିଥିଲା।

## ୬୯ ଫାଶୀକାଠ ଦାତାଙ୍କୁ ସମ୍ବର୍ଦ୍ଧନା

# ଶ୍ରଦ୍ଧାଳୁ ଚାହିଁଲେ ରଥକାଠ ପାଇଁ କେବେ ବି ଅସୁବିଧା ହେବନି: ଗଜପତି

ପୁରୀ, ୨୨।୧୨(ସମିସ): ୨୦୨୫ ରଥଯାତ୍ରା ପାଇଁ ଫାଶୀକାଠ ଦାନ କରିଥିବା ୬୯ଜଣଙ୍କୁ ସୋମବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଗଜପତି ମହାରାଜା ଦିବ୍ୟସିଂହଦେବ ସମ୍ବର୍ଦ୍ଧିତ କରିଛନ୍ତି। ସଭାରେ ଗଜପତି ମହାରାଜା ଉଦ୍‌ବୋଧନ ଦେଇ କହିଲେ, ଫାଶୀକାଠର ଅଭାବ

**୨୦୨୫ ରଥଯାତ୍ରା ପାଇଁ ଦାନ କରିଥିଲେ ୧୧୦ ଗଛ**

ରହିଛି। ପ୍ରତିବର୍ଷ ରଥଯାତ୍ରା ହେବ। ଏଥିପାଇଁ ନୂତନ ରଥ ନିର୍ମାଣ କରାଯିବ। ମହାପ୍ରଭୁ ସାଧାରଣ ଠାକୁର ନୁହନ୍ତି, ସେ ସ୍ୱୟଂ ପରବ୍ରହ୍ମ। ଶ୍ରଦ୍ଧାଳୁ ଚାହିଁଲେ ଯୁଗଯୁଗ ଧରି ରଥକାଠ ପାଇଁ ଅସୁବିଧା ହେବ ନାହିଁ। ସମଗ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଥିବା ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ସଫଳ କରିବାକୁ ଗଜପତି ମହାରାଜା ପରାମର୍ଶ ଦେଇଛନ୍ତି। ବନ ବିଭାଗ ଶ୍ରୀମନ୍ଦିର ପ୍ରଶାସନକୁ ଷ୍ଟାଟସ୍ ରିପୋର୍ଟ ପ୍ରଦାନ କରୁ ବୋଲି ସେ କହିଛନ୍ତି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ୨୦୨୫ ରଥଯାତ୍ରା ପାଇଁ ୬୯ଜଣ ଦାତା ୧୧୦ ଖଣ୍ଡ ଫାଶୀକାଠ ଦାନ କରିଥିଲେ। ସାଧାରଣତଃ ଏହି ଫାଶୀକାଠ ରଥ ଚକ ପାଇଁ ଆବଶ୍ୟକ ତୁମ୍ବ ଓ ପହିରେ ବ୍ୟବହୃତ ହୋଇଥାଏ। ଫାଶୀକାଠର ଅଭାବ ଥିବାରୁ କାଠଦାତାଙ୍କ ଆବଶ୍ୟକତା ରହିଛି। ପ୍ରତିବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ରାଜ୍ୟର ବିଭିନ୍ନ




ପ୍ରାନ୍ତରେ ଶ୍ରଦ୍ଧାଳୁ ସ୍ୱେଚ୍ଛାକୃତ ଭାବେ ଫାଶୀକାଠ ଦାନ କରିଆସୁଛନ୍ତି। ସେମାନେ ପରୋକ୍ଷ ଭାବେ ମହାପ୍ରଭୁଙ୍କ ସେବା କରି ଆସୁଛନ୍ତି। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି।

ସୂଚନାଥାଉ କି, ଗଞ୍ଜାମ, ବରଗଡ଼, ନୟାଗଡ଼, ଢେଙ୍କାନାଳ ଜିଲ୍ଲାର ୬୯ଜଣ ଦାତା ଫାଶୀକାଠ ଦାନ କରିଥିଲେ। ଏହା ମଧ୍ୟରେ ନୟାଗଡ଼ ଜିଲ୍ଲାରୁ ସର୍ବାଧିକ ଦାତା ରହିଥିଲେ। ସମ୍ବର୍ଦ୍ଧନା ପରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଜପତି ମହାରାଜାଙ୍କ ସହ ଅଧିକାରୀଙ୍କର ବୈଠକ ହୋଇଥିଲା। ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ନୀତିକାନ୍ତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଶ୍ରୀମନ୍ଦିର ସମ୍ପର୍କିତ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ଗଜପତିଙ୍କୁ ସୂଚନା ଦିଆଯାଇଥିଲା।

ଉଲ୍ଲେଖଯୋଗ୍ୟ, ମହାପ୍ରଭୁଙ୍କ ରଥ ନିର୍ମାଣରେ ମୁଖ୍ୟତଃ ଅସନ, ଧଉରା, ଫାଶୀକାଠ ବ୍ୟବହାର କରାଯାଇଥାଏ। ଏଥି ମଧ୍ୟରେ ଫାଶୀକାଠ ବିରଳ ଏବଂ ଏହାର ଘୋର୍ ଅଭାବ ରହିଛି। ଏହି ଅଭାବକୁ ପୂରଣ କରିବା ପାଇଁ ପ୍ରତିବର୍ଷ ସ୍ୱେଚ୍ଛାକୃତ ଭାବେ ଫାଶୀକାଠ ଦାତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

## ଜେଲ୍‌ରେ ବିକ୍ରମଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

# ରାଜନୈତିକ ଷଡ଼ଯନ୍ତ୍ରରେ ଫସିଛନ୍ତି ବିକ୍ରମ: ପ୍ରତାପ

ବ୍ରହ୍ମପୁର,୨୨।୧୨(ସମିସ): ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ପ୍ରତାପ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ବ୍ରହ୍ମପୁର ଜେଲରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ତାଙ୍କ ସହଯୋଗୀଙ୍କୁ ଭେଟିଛନ୍ତି। ସେଠାରୁ ବାହାରିବା ପରେ ପ୍ରତାପ ଗଣମାଧ୍ୟମକୁ କହିଛନ୍ତି ଯେ ବିକ୍ରମ ରାଜନୈତିକ ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି। କିନ୍ତୁ ଖୁବ୍‌ଶୀଘ୍ର ସେ ମୁକୁଳିବେ। ପ୍ରଭୁ ଜଗନ୍ନାଥଙ୍କ ଉପରେ ଆସ୍ଥା ଓ ନ୍ୟାୟପାଳିକା ଉପରେ ସମସ୍ତଙ୍କର ବିଶ୍ୱାସ ଅଛି। ସତ୍ୟର ଜୟ ହେବ ଏବଂ ବିକ୍ରମ ଓ ତାଙ୍କ ସହଯୋଗୀଙ୍କୁ ନ୍ୟାୟ ମିଳିବ।

ଦଳୀୟ ନିଷ୍ପତ୍ତି ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ଦଳରେ ବିକ୍ରମଙ୍କ ବାପା କିଶୋର ଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ରାଜ୍ୟ କାଜୁନିଗମ ଅଧ୍ୟକ୍ଷ ସୁବାସ ମହାରଣା, ଆଇନଜୀବୀ ମଦନ ଦଳେଇଙ୍କ ପତ୍ନୀ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ଆସିକା ସାଂସଦ ପ୍ରାର୍ଥିନୀ ରଂଜିତା ସାହୁ, କର୍ପୋରେଟର୍ ମଳୟ ବିଶୋୟୀଙ୍କ ପତ୍ନୀ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଶୂନ୍ୟଚନ୍ଦ୍ର ଦାସଙ୍କ ଭଉଣୀ, ପୂର୍ବତନ ବିଧାୟକ ସୁବାସ ବେହେରା ଓ ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା ପ୍ରମୁଖ ସାମିଲ



ଥିଲେ। ପୂର୍ବତନ ସାଂସଦ ତଥା ବିଜେଡି ରାଜ୍ୟ ଉପସଭାପତି ଚନ୍ଦ୍ରଶେଖର ସାହୁ ଉପସ୍ଥିତ ଥିଲେ ହେଁ ଜେଲର ମାର୍ଗଦର୍ଶିକା ଓ କଟକଣା ଯୋଗୁଁ ସେ ଭିତରକୁ ଯାଇ ନଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ମହାନଗର ନିଗମର ବହୁ କର୍ପୋରେଟର୍ ଜେଲ କ୍ୟାମ୍ପସରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୁଲିସ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ମୋଟ ୧୬ଜଣଙ୍କୁ ଗିରଫ କରିଛି। ଗତ ଅକ୍ଟୋବର ୨୨ ତାରିଖରୁ ସମସ୍ତେ ବ୍ରହ୍ମପୁର ଜେଲରେ ଅଛନ୍ତି।

**ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗ**

# ସରକାରଙ୍କ ସହ ଆଲୋଚନା କରି ପଦକ୍ଷେପ

ପୁରୀ, ୨୨।୧୨(ସମିସ): ଇସ୍କନର ଅଦିନିଆ ରଥଯାତ୍ରାକୁ ନେଇ ରବିବାର ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ବାର୍ଷିକ ଉତ୍ସବରେ କ୍ଷୋଭ ପ୍ରକାଶ କରିଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଅଦିନିଆ ରଥଯାତ୍ରା ଏକ ଭୟଙ୍କର ବ୍ୟତିକ୍ରମ। ଏବେ ଆଚାର୍ଯ୍ୟମାନଙ୍କ ମତ ଓ ଭକ୍ତମାନେ ମତ ଦେବାର ସମୟ ଆସିଛି। ଯଦି ଆଚାର୍ଯ୍ୟ ଓ ଭକ୍ତମାନେ ଚୁପ୍ ରହିବେ, ତେବେ ଇସ୍କନ ମନଇଚ୍ଛା ଅଦିନିଆ ରଥଯାତ୍ରା କରିବେ। ଇସ୍କନର ଏଭଳି ନିଷ୍ପତ୍ତିକୁ ଆମେ ମାନିବୁ ନାହିଁ ବୋଲି କହିଛନ୍ତି ଗଜପତି ମହାରାଜା। ବିଡ଼ମ୍ବନା ହେଉଛି ଆମର ଓଡ଼ିଆ ଭାଇମାନେ ଅଦିନିଆ ରଥଯାତ୍ରାରେ ଅଂଶଗ୍ରହଣ କରିବା ସହ ଡୋନେସନ୍ ଦେଉଛନ୍ତି। ଆଗକୁ ଅଦିନିଆ ରଥଯାତ୍ରା ଏକ ପରମ୍ପରାରେ ପରିଣତ ହୋଇଯିବ। ଶାସ୍ତ୍ର ମତ ଅନୁଯାୟୀ ରଥଯାତ୍ରା ପାଳନ ହେବା ଉଚିତ ବୋଲି କହିଥିଲେ ଗଜପତି ମହାରାଜା। ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଭାରତ ଭିତରେ ରଥଯାତ୍ରା ତିଥି ଅନୁସାରେ କରିବା ପାଇଁ ଇସ୍କନ ସୂଚନା ଦେଇଛି। ଭାରତ ବାହାରେ ଅଦିନିଆ ରଥଯାତ୍ରା କରୁଥିବା ସଂସ୍ଥା ବିରୋଧରେ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯାଇ ଦୃଢ଼ ପଦକ୍ଷେପ ନିଆଯିବ। ଭାରତ ବାହାରେ ଅଦିନିଆ ରଥଯାତ୍ରା ଆୟୋଜନ ନ କରିବା ପାଇଁ ଗଜପତି ମହାରାଜା ମଧ୍ୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚିଠି ଲେଖି ଅବଗତ କରାଇଛନ୍ତି। ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏନେଇ ବାରମ୍ବାର ଆଲୋଚନା କରାଯାଇଛି। ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

# ମତ୍ସ୍ୟଜୀବୀଙ୍କୁ ବିପଦ ଦେବୀମୁହାଣ

## ବାଲିକୁଦରେ ପିଟି ହୋଇ ଟ୍ରଲର୍ ବୁଡ଼ିଗଲା; ବର୍ତ୍ତିଗଲେ ୭

ଅସ୍ତରଙ୍ଗ, ୨୨।୧୨ (ସମିସ): ମତ୍ସ୍ୟଜୀବୀଙ୍କ ପାଇଁ ବିପଦ ସାଜିଛି ଅସ୍ତରଙ୍ଗସ୍ଥିତ ଦେବୀନଦୀ ମୁହାଣ। ମୁହାଣ ପୋତି ହୋଇଯିବାରୁ ଡଙ୍ଗାବୁଡ଼ି ଭଳି ଅଘଟଣ ବାରମ୍ବାର ଘଟୁଛି। ରବିବାର ରାତିରେ ପୁଣିଥରେ ଏପରି ଏକ ଦୁର୍ଘଟଣା ଘଟିଛି। ମା' କାଳୀ ନାମକ ଟ୍ରଲର ସମୁଦ୍ରରୁ ମାଛ ଧରି ନୂଆଗଡ଼ ଜେଟିକୁ



ଫେରୁଥିବା ବେଳେ ମୁହାଣ ନିକଟରେ ମାଛ ଧରିବା ପାଇଁ ପଡ଼ିଥିବା ଜାଲ ଟ୍ରଲର୍‌ର ପଙ୍ଖାରେ ଗୁଡ଼େଇ ହୋଇଯାଇଥିଲା। ଫଳରେ ଲହଡ଼ି ମାଡ଼ରେ ଟ୍ରଲର୍‌ଟି ଭାସିଭାସି ମୁହାଣ ନିକଟରେ ରହିଥିବା ବାଲିକୁଦରେ ପିଟି ହୋଇ କଣା ହୋଇଯାଇଥିଲା। ଫଳରେ ସେଥିରେ ପାଣି ପଶି ବୁଡ଼ିବା ଆରମ୍ଭ କରିଥିଲା। ଟ୍ରଲର୍‌ରେ ରହିଥିବା ୭ଜଣ କ୍ରୁ-ମେମ୍ବର ଅନ୍ଧାର ରାତିରେ ଜୀବନ ବିକଳରେ ଟ୍ରଲର୍ ଛାତ ଉପରକୁ ଚଢ଼ିଯାଇଥିଲେ। ଆଖପାଖରେ ମାଛ ଧରୁଥିବା ଅନ୍ୟ ମତ୍ସ୍ୟଜୀବୀମାନେ ଅନ୍ୟ ଏକ ଟ୍ରଲର୍ ସାହାଯ୍ୟରେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିଲେ ହେଁ ମୁହାଣ ଭିତରେ ଯାଇ ନପାରି ଫେରି ଆସିଥିଲେ। ପରେ ମୋଟର ଡଙ୍ଗା ନେଇ ଯାଇଥିବା କେତେକ ମତ୍ସ୍ୟଜୀବୀ ଟ୍ରଲର ନିକଟରେ ପହଞ୍ଚି ସମସ୍ତ ୭ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲେ। ପ୍ରତିବର୍ଷ ଏହି ମୁହାଣ ପୋତି ହୋଇ ଚାଲିଥିବା ବେଳେ ସାମୁଦ୍ରିକ ମତ୍ସ୍ୟ ବିଭାଗ ନିରବ ସାଜିଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ମୁହାଣ ଖୋଲିବାକୁ ବିଭାଗ ଆଗ୍ରହ ପ୍ରକାଶ କରୁନାହିଁ। ଏଥିଯୋଗୁଁ ଏହି ମୁହାଣ ଏବେ ଏଠିକା ମତ୍ସ୍ୟଜୀବୀଙ୍କ ପାଇଁ ବିପଦ ପାଲଟିଛି। ପୂର୍ବରୁ ଏହି ମୁହାଣ ଦେଇ ଟ୍ରଲର ଏବଂ ମୋଟର ଡଙ୍ଗା ସମୁଦ୍ର ମଧ୍ୟକୁ ଯିବା ସମୟରେ ଅନେକ ସମୟରେ ଦୁର୍ଘଟଣାର

- ମୁହାଣ ପୋତି ହୋଇଗଲାଣି; ଖୋଲା ହେଉନି
- ସମୁଦ୍ରରୁ ମାଛ ଧରି ଫେରିବା ସମୟରେ ଅଘଟଣ

ଅସ୍ତରଙ୍ଗ ଅଞ୍ଚଳରେ ରହିଥିବା ପ୍ରାୟ ୧୦ହଜାର ମତ୍ସ୍ୟଜୀବୀ ପରିବାର ଦେବୀନଦୀ ଓ ସମୁଦ୍ର ଉପରେ ନିର୍ଭରଶୀଳ। ସେମାନେ ଟ୍ରଲର ଏବଂ ମୋଟର ଡଙ୍ଗା ମାଧ୍ୟମରେ ସମୁଦ୍ରରୁ ମାଛ ଧରି ପରିବାର ପ୍ରତିପୋଷଣ କରିଥା'ନ୍ତି। ସମୁଦ୍ର ମଧ୍ୟକୁ ଯିବା ପାଇଁ ଏକମାତ୍ର ରାସ୍ତା ହେଉଛି ଦେବୀ ନଦୀ ମୁହାଣ। ଏହି ମୁହାଣ ଦେଇ ପ୍ରତିଦିନ ବହୁ ସଂଖ୍ୟାରେ ଟ୍ରଲର୍, ମୋଟର ଡଙ୍ଗା ଯିବାଆସିବା କରିଥାଏ। ଏହି ନଦୀମୁହାଣ ଏଠିକା ମତ୍ସ୍ୟଜୀବୀମାନଙ୍କ ଜୀବନଜୀବିକାର ଏକମାତ୍ର ରାସ୍ତା କହିଲେ ବି ଅତ୍ୟୁକ୍ତି କିମ୍ବା ଅତିଶୟୋକ୍ତି ହେବ ନାହିଁ। କିନ୍ତୁ, ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ଏହି ମୁହାଣ ନିକଟରେ ଏକାଧିକ ଟ୍ରଲର ଏବଂ ମୋଟର ଡଙ୍ଗା ବାଲିକୁଦରେ ପିଟି ହୋଇ ଭାଙ୍ଗିଯିବା ସହ ମୁହାଣଠାରେ ବୁଡ଼ିଯାଇ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିବାର ନଜିର ବି ରହିଛି। ଅସ୍ତରଙ୍ଗ ଅଞ୍ଚଳର ସମାଜସେବୀ ଲକ୍ଷ୍ମୀଧର ବିଶ୍ୱାଳ ସୋମବାର ଦେବୀ ନଦୀ ମୁହାଁଣକୁ ଖୋଳିବା ପାଇଁ ସାମୁଦ୍ରିକ ମତ୍ସ୍ୟ ବିଭାଗ ନିକଟରେ ଦାବି ଜଣାଇଛନ୍ତି। ତେବେ ଦେଖିବାକୁ ବାକି ରହିଲା ଦେବୀ ମୁହାଁଣକୁ ସରକାର କେବେ ଖୋଲିବେ ଏବଂ ହଜାର ହଜାର ମତ୍ସ୍ୟଜୀବୀଙ୍କୁ ସୁରକ୍ଷା ଯୋଗାଇଦେବେ।

# କିଟ୍ ନହ୍ନିପରୀର ରୌପ୍ୟ ଉଡ଼ାଣ

ଶ୍ରୀମଦ୍ ଭଗବଦ୍ ଗୀତାରେ ଅଧ୍ୟାତ୍ମ ପରିପୂର୍ତ୍ତି ପାଇଁ ଚାରିଗୋଟି ମାର୍ଗର ଅବତାରଣା କରାଯାଇଛି। ସେଗୁଡ଼ିକ ହେଲା କର୍ମଯୋଗ (କର୍ମ ମାର୍ଗ), ଜ୍ଞାନ ଯୋଗ (ଜ୍ଞାନ ମାର୍ଗ), ଭକ୍ତି ଯୋଗ (ଭକ୍ତି ମାର୍ଗ) ଓ ରାଜ ଯୋଗ (ଧ୍ୟାନ ମାର୍ଗ)। ମୁଁ କର୍ମଯୋଗରେ ବିଶ୍ୱାସ କରେ। ନିଃସ୍ୱାର୍ଥପର ସେବା ଓ କର୍ମ ମାଧ୍ୟମରେ ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟର ଚରିତାର୍ଥ ପାଇଁ ବ୍ରତୀ ରହିଆସିଛି। ମୋର ବୃତ୍ତିଗତ ଯାତ୍ରା ଅନେକ କ୍ଷେତ୍ର ଦେଇ ଗତି କରିଆସିଛି। ଶିକ୍ଷା, ସ୍ୱାସ୍ଥ୍ୟ ସେବା, ଜନଜାତି ସଶକ୍ତୀକରଣ, କ୍ରୀଡ଼ା, ଗଣମାଧ୍ୟମ, କଳା, ସିନେମା, ସାହିତ୍ୟ ଓ ଆଧ୍ୟାତ୍ମିକତା ଆଦି ଏଥିରେ ଅନ୍ତର୍ଭୁକ୍ତ। ପ୍ରତ୍ୟେକ କ୍ଷେତ୍ରରେ ମୋର ସମ୍ପୃକ୍ତି ଓ ଅବଦାନ ଏକ ମୌଳିକ ସତ୍ୟର ପରିପ୍ରକାଶ କରିଛି। ପ୍ରକୃତ ରୂପାନ୍ତରଣ ସେତେବେଳେ ଘଟେ ଯେତେବେଳେ ଆମେ ଅତୀତର କୃତି ଓ କୀର୍ତ୍ତିକୁ ଅତିକ୍ରମ କରି ଉଦୀୟମାନ ସମ୍ଭାବନାଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରୁ। ମୁଁ ମୋର ନିୟମିତ କାର୍ଯ୍ୟ ସହ ଅନେକ ପ୍ରୟାସ ଯଥା ଦେବାର କଳା, କନ୍ୟା କିରଣ, କଳିଙ୍ଗ ଫେଲୋସିପ୍, ଇଣ୍ଡିଆ ଏଗେନ୍‌ଷ୍ଟ ନେଗେଟିଭିଟି (ନକାରାତ୍ମକତା ବିରୋଧରେ ଭାରତ), ସମସ୍ତଙ୍କ ପାଇଁ ଶିକ୍ଷା, ନୂଆ ମନ ନୂଆ ସପନ, ଗ୍ରାମୀଣ ଓଡ଼ିଶାର ସ୍ୱାସ୍ଥ୍ୟ ସଶକ୍ତିକରଣ, କିଟ୍ କେୟାର୍‌ସ ଆଦି ନିମନ୍ତେ ଉତ୍ସର୍ଗୀକୃତ ରହିଆସିଛି।

ମୋର ବିବିଧ ପ୍ରୟାସ ମଧ୍ୟରେ କିଟ୍ ନହ୍ନିପରୀ- ଲିଟିଲ୍ ମିସ୍ ଇଣ୍ଡିଆ ଅନ୍ୟତମ। ଏହା ଏକ ପୁରୁଣା କାର୍ଯ୍ୟକ୍ରମ ଯାହା ବର୍ଷ ପରେ ବର୍ଷ ଚାଲିଆସିଛି। ଏବଂ ଏହା ମଧ୍ୟ ମୋର ଅତ୍ୟନ୍ତ ପ୍ରିୟ। ପ୍ରାୟ ପଚିଶ ବର୍ଷ ତଳେ ସମାଜସେବୀ ମଳୟ ମହାପାତ୍ର କିଶୋରୀମାନଙ୍କ ଅନ୍ତର୍ନିହିତ ପ୍ରତିଭା ଓ ସାମର୍ଥ୍ୟର ପରିପ୍ରକାଶ ଓ ବିକାଶ ନିମନ୍ତେ ଏକ ମଞ୍ଚର ଆବଶ୍ୟକତା ସମ୍ପର୍କରେ ମୋତେ ପ୍ରସ୍ତାବ ଦେଇଥିଲେ। ମୁଁ ବୁଝିଥିଲି ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ - ଅର୍ଥାତ୍ ଯେଉଁଠି ନାରୀମାନଙ୍କୁ ପୂଜା କରାଯାଏ, ସେଠି ଦେବତାମାନେ ଆବିର୍ଭୂତ ହୁଅନ୍ତି। ଏହି ଭାବବୋଧ ମତେ ସବୁବେଳେ ଅନୁପ୍ରାଣିତ କରିଛି। ଏହା ହିଁ କିଟ୍



**ଡ. ଅଚ୍ୟୁତ ସାମନ୍ତ**

ନହ୍ନିପରୀ କାର୍ଯ୍ୟକ୍ରମର ପ୍ରେରଣା ଓ ଆଧାର। ନିଃଶୁଳ୍କ ପଞ୍ଜୀକରଣ ସହ ରହିବା, ଖାଇବା, ପରିବହନ ଓ ବୃତ୍ତିଗତ ତାଲିମ ଆଦି ସବୁକିଛି ପୂର୍ଣ୍ଣ ଆନୁଷ୍ଠାନିକ ପୃଷ୍ଠପୋଷକତାରେ ଏହା ସମ୍ପାଦିତ ହୁଏ। ଏଥିରେ କୌଣସି ସାମାଜିକ ଓ ଅର୍ଥନୈତିକ ବାଛ ବିଚାର ନଥାଏ। ପ୍ରତିଭାର ଯଥାର୍ଥ ପରିପ୍ରକାଶ ହିଁ ନହ୍ନିପରୀ କାର୍ଯ୍ୟକ୍ରମର ଏକମାତ୍ର ଲକ୍ଷ୍ୟ। ଏହି ଆଦର୍ଶ ଓ ଆଭିମୁଖ୍ୟରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ଏବେ ପାଲଟିଛି ଗୌରବମୟ ଇତିହାସ।

ଆଜି କିଟ୍ ନହ୍ନିପରୀ ଭାରତର ୧୩ରୁ ୧୫ବର୍ଷ ବୟସର ବାଳିକାମାନଙ୍କ ପାଇଁ ପ୍ରତିଭା ମଞ୍ଚ ଭାବରେ ପ୍ରତିଷ୍ଠିତ ହୋଇପାରିଛି। ଗତ ୨୫ ବର୍ଷ ଧରି ପନ୍ଦର ହଜାରରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଏଥିରେ ସାମିଲ ହୋଇଛନ୍ତି। ଚଳିତ ବର୍ଷ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ କିଶୋରୀ ଏଥି ପାଇଁ ପଞ୍ଜୀକରଣ କରିଥିବା ସୁଖର କଥା।

ଦେଶବ୍ୟାପୀ ୨୫ଟି ସହରରେ ଆୟୋଜିତ ଅଡ଼ିସନ୍‌ରେ ୩୫ଜଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ଚଳିତବର୍ଷ ରୌପ୍ୟ ଜୟନ୍ତୀ ସଂସ୍କରଣ ଭୁବନେଶ୍ୱରରେ ୨୨ ଓ୨୩ ଡିସେମ୍ବରରେ ଅନୁଷ୍ଠିତ ହେବ। ଗ୍ରାଣ୍ଡ ଫିନାଲେ ସମ୍ପୂର୍ଣ୍ଣ ଆନୁଷ୍ଠାନିକ ସହଯୋଗ ଓ ସହାୟତାରେ ଅନୁଷ୍ଠିତ ହେବ। ଏହି ସଂଖ୍ୟା ସଫଳତାକୁ ଆଂଶିକ ସୂଚାଏ। ଏହି ବର୍ଷର ପୁରସ୍କାର ରାଶି ୫୬ ଲକ୍ଷ ଟଙ୍କା, ଯାହା ନହ୍ନିପରୀ ଇତିହାସରେ ସର୍ବାଧିକ। ବିଜୟିନୀଙ୍କୁ ୨୮ ଲକ୍ଷ ଟଙ୍କା, ପ୍ରଥମ ଓ ଦ୍ୱିତୀୟ ରର୍ନସ୍ ଅପ୍‌ଙ୍କୁ ଯଥାକ୍ରମେ ୧୪ଲକ୍ଷ ଓ ୧୨ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ପ୍ରତ୍ୟେକ ବର୍ଗର ବିଜୟିନୀ ୨୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପାଇବେ।

କିଟ୍ ନହ୍ନିପରୀ ଆମର ବ୍ୟାପକ ବିକାଶମୂଳକ କାର୍ଯ୍ୟକ୍ରମ ଯଥା କନ୍ୟା କିରଣ ଓ କଳିଙ୍ଗ ଫେଲୋସିପ୍ ସହ ସମନ୍ୱିତ ହୋଇପାରିଛି। ଆମେ ନିର୍ମାଣ କରୁଥିବା କୀର୍ତ୍ତି କି ସ୍ମାରକୀ ଦ୍ୱାରା ନୁହେଁ, ବରଂ ଆମେ ଆମର ଝିଅମାନଙ୍କ ମଧ୍ୟରେ ଯେଉଁ ଆତ୍ମବିଶ୍ୱାସ, ଆସ୍ଥା ଓ ସାହସ ସୃଷ୍ଟି କରୁ ତାହାଦ୍ୱାରା ସମାଜର ମୂଲ୍ୟାୟନ ହୋଇଥାଏ। ମୁଁ ବିଶ୍ୱାସ କରେ ପ୍ରତ୍ୟେକ ଝିଅ ଡେଣା ନେଇ ଆସିଥାଏ। ସମାଜର ଦାୟିତ୍ୱ ତାଙ୍କୁ ଉଡ଼ାଣ ଯୋଗାଇବା ନୁହେଁ ବରଂ ଏଥିରେ ହେଉଥିବା ପ୍ରତିବନ୍ଧକକୁ ଦୂର କରିବା। କିଟ୍ ନହ୍ନିପରୀ ଅସାଧାରଣ କିଶୋରୀ ନିର୍ମାଣ କରେ ନାହିଁ, ଏହା ତାଙ୍କ ଅନ୍ତର୍ନିହିତ ଆଲୋକର ପ୍ରକାଶର ବାଟ ଖୋଲିଦିଏ। ଭାରତର ଝିଅମାନେ କେବେ ବି ଶକ୍ତିହୀନ ନ ଥିଲେ, ସେମାନେ କେବଳ ବିଶ୍ୱାସ ଓ ପ୍ରେରଣାକୁ ଅପେକ୍ଷା କରିଥାନ୍ତି। କିଟ୍ ନହ୍ନିପରୀ ଓ ଆମେ ସେହି ଆସ୍ଥା ଓ ବିଶ୍ୱାସ ରୂପାୟନ ପାଇଁ ସାହସର ସହ ଆଗେଇ ଆସିଛୁ। ■

- ପ୍ରତିଷ୍ଠାତା, କିଟ୍ ଓ କିସ୍

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।


**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।


**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୮୯୪- ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଶାନ୍ତି ନିକେତନରେ ପୁଷ୍ ମେଳାର ଉଦ୍‌ଘାଟନ କଲେ।
- ୧୯୨୧-ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ।
- ୧୯୨୨- ବିବିସି ରେଡିଓ ଦୈନିକ ସମାଚାର ପ୍ରସାରଣ ଆରମ୍ଭ ହେଲା।
- ୧୯୭୨- ନିକାରାଗୁଆର ରାଜଧାନୀ ମନାଗୁଆରେ ଭୂମିକମ୍ପ ହେବାରୁ ପାଖାପାଖି ୧୦ ହଜାର ଲୋକଙ୍କ ପ୍ରାଣହାନି।
- ୨୦୦୦-ପଶ୍ଚିମବଙ୍ଗର ରାଜଧାନୀର ନାମ କଲିକତାକୁ ବଦଳାଇ କୋଲକାତା କରାଗଲା।





# ଅନ୍ନଦାତାଙ୍କ ପାଇଁ ଦିନଟିଏ

ପ୍ରତିବର୍ଷ ଡିସେମ୍ବର ୨୩ ତାରିଖକୁ ଜାତୀୟ କୃଷକ ଦିବସ ରୂପେ ପାଳନ କରାଯାଇଥାଏ । ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂଙ୍କ ଜନ୍ମ ଜୟନ୍ତୀକୁ ଜାତୀୟ କୃଷକ ଦିବସ ଭାବେ ପାଳନ କରାଯାଏ। ସାମାଜିକ-ଅର୍ଥନୈତିକ ବିକାଶରେ କୃଷକଙ୍କ ଅବଦାନକୁ ଚିହ୍ନିବା ଏବଂ ସେମାନଙ୍କ କଲ୍ୟାଣ ପାଇଁ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କ ଜନ୍ମ ୧୯୦୨ ମସିହା ଆଜିର ଦିନରେ ହୋଇଥିଲା। ପ୍ରଧାନମନ୍ତ୍ରୀ ଥିବା କାଳରେ ଦେଶର କୃଷକଙ୍କ ଉନ୍ନତି କ୍ଷେତ୍ରରେ ସେ ଅନେକ ପଦକ୍ଷେପ ନେଇଥିଲେ। ଏହାର ମୂଳ କାରଣ ଥିଲା ସେ ନିଜେ କୃଷକ ପରିବାରରେ ଜନ୍ମ ହୋଇଥିଲେ। ସେ କୃଷକଙ୍କ ସମସ୍ୟାକୁ ଅଙ୍ଗେ ନିଭାଇଥିଲେ। ସେଥିପାଇଁ ତାଙ୍କ ଜନ୍ମଦିନକୁ ସାରାଦେଶରେ କୃଷକ ଦିବସ ଭାବେ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ଚରଣ ସିଂ ନିଜ କାର୍ଯ୍ୟକାଳରେ କୃଷକମାନଙ୍କର ରୋଜଗାର ବୃଦ୍ଧି, କୃଷି କ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର, ଉନ୍ନତମାନର ବିହନ ଓ ଚାଷ ପ୍ରଣାଳୀର ପରିବର୍ତ୍ତନ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ଗ୍ରହଣ କରିଥିଲେ। ସେ ଦେଶର ପ୍ରଧାନମନ୍ତ୍ରୀ ଭାବେ ବହୁତ୍ କମ ଦିନ କାର୍ଯ୍ୟ କରିଛନ୍ତି । ହେଲେ କୃଷକ ଓ କୃଷି କ୍ଷେତ୍ରରେ ସେ ଯେଉଁଳି ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ, ତାହାକୁ ନଜରରେ ରଖି ୨୦୦୧ ମସିହାଠାରୁ ଆଜିର ଦିନକୁ କୃଷକ ଦିବସ ଭାବେ ପାଳନ କରାଯାଉଛି। କୃଷି କ୍ଷେତ୍ରରେ ପରିବର୍ତ୍ତନ ସହ କୃଷକମାନଙ୍କୁ ସଶକ୍ତ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। କୃଷି ଓ କୃଷକର ଉନ୍ନତିରେ ଦେଶର ପ୍ରଗତି ସମ୍ଭବ ହୋଇଥାଏ। କୃଷକମାନେ ଦେଶର ଅର୍ଥନୀତିର ମେରୁଦଣ୍ଡ। କୃଷି ଓ କୃଷକର ଉନ୍ନତି ବ୍ୟତିରେକ ଦେଶର ପ୍ରଗତି ଅସମ୍ଭବ। ସେଥିପାଇଁ କୃଷକଙ୍କୁ ଅନ୍ନଦାତା କୁହାଯାଏ। ଦେଶର ପ୍ରତି ନାଗରିକ ଅନ୍ନଦାତାଙ୍କ ଠାରେ ଚିରଋଣୀ। ଅଧିକାଂଶ ସମୟରେ କୃଷକ ଆତ୍ମହତ୍ୟା ଖବରର ଶିରୋନାମାରେ ରହୁଛି। ଏହିଦିନ କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଦୃଢ଼ ସଂକଳ୍ପବଦ୍ଧ ହେବା ସହ ଅକାଳରେ ଯେପରି ଅନ୍ନଦାତାଙ୍କ ଜୀବନ ନଯାଏ ସେଥିପ୍ରତି ସମସ୍ତେ ଦାୟିତ୍ୱବାନ ହେବାର ଆବଶ୍ୟକତା ରହିଛି । ଏହି ଦିନ କୃଷି ଉପରେ ବିଭିନ୍ନ କାର୍ଯ୍ୟକ୍ରମ, ସେମିନାର, ଉତ୍ସବ ଏବଂ ପ୍ରତିଯୋଗିତା ଆୟୋଜନ କରାଯାଏ।



# 'ବର୍ଡର ୨'ରେ ଦେଖାଯିବେ ଏହି ଚାରି ନାୟିକା

ବଲିଉଡ୍‌ର ଆକ୍ସନ୍ ଷ୍ଟାର୍ ସନ୍ନି ଦେଓ୍ୱଲ ଏବେ ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'ବର୍ଡର ୨' ପାଇଁ ଚର୍ଚ୍ଚାରେ ଅଛନ୍ତି। ଏଥିରେ ସନ୍ନିଙ୍କ ସହ ଦିଲଜିତ୍ ଦୋସାଞ୍ଜ, ବରୁଣ ଧୱନ୍ ଓ ଅହାନ୍ ସେଟ୍ଟୀ ଲିଡ୍ ରୋଲରେ ନଜର ଆସିବେ। ନିକଟରେ ଫିଲ୍ମର ଟିଜର୍ ଜାରି କରାଯାଇଥିଲା। ଏହା ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଅନେକ ଦିନରୁ ଏଥିରେ ନାୟିକା ଭାବେ କିଏ ଦେଖାଯିବେ ସେନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। ଟିଜର୍‌ରୁ ଫିଲ୍ମର ନାୟିକାମାନଙ୍କ ସମ୍ପର୍କରେ ଜଣାପଡ଼ିଛି। ଏଥିରେ ମୋନା ସିଂହ ସନ୍ନି ଦେଓ୍ୱଲଙ୍କ ବିପକ୍ଷରେ ନଜର ଆସିବେ। ସେହିଭଳି ସୋନମ୍ ବାଜୱା, ଦିଲଜିତ୍ ଦୋସାଞ୍ଜଙ୍କ ସହ ଦେଖାଯିବେ। ସୋନମ୍‌ଙ୍କୁ ଶେଷଥର ପାଇଁ ହର୍ଷବର୍ଦ୍ଧନ ରାଣେଙ୍କ ସହ 'ଏକ ଦିବାନେ କି ଦିବାନିୟତ' ଫିଲ୍ମରେ ଦେଖାଯାଇଥିଲା। ଅହାନ୍ ସେଟ୍ଟୀଙ୍କ ପତ୍ନୀ ଭୂମିକାରେ ଅନ୍ୟା ସିଂହଙ୍କୁ ଦେଖିବାକୁ ମିଳିବ। ଏହାପୂର୍ବରୁ ଅନ୍ୟା 'ଜି କରଦା', 'ସ୍ତ୍ରୀ ୨', 'ଖୋ ଗଏ ହମ୍ କହାଁ' ଫିଲ୍ମରେ ଦେଖାଯାଇଥିଲେ । ମେଘା ରାଣା ଏଥିରେ ବରୁଣ ଧୱନ୍‌ଙ୍କ ବିପକ୍ଷରେ ଦେଖାଯିବେ। ଅନୁରାଗ ସିଂହ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହା ଆସନ୍ତା ଜାନୁଆରୀ ୨୩ରେ ପରଦାକୁ ଆସିବ।

## ଆଜି ଆସିଥିଲେ

# କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ



ଆଧୁନିକ ଓଡ଼ିଆ ନାଟ୍ୟକାର, ଗୀତିକାର, କବି, ସଙ୍ଗୀତଜ୍ଞ ଓ ନୃତ୍ୟ ବିଶାରଦ ଭାବେ କାଳୀଚରଣ ପଟ୍ଟନାୟକଙ୍କ ଅବଦାନ ଅସାଧାରଣ। ସେ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଅରମ୍ଭ କରିଥିଲେ। ପରେ ସେ ଆଧୁନିକ ମଞ୍ଚ ନାଟକ ଲେଖିଲେ। ତାଙ୍କୁ ଆଧୁନିକ ଓଡ଼ିଆ ନାଟ୍ୟଶାସ୍ତ୍ରର 'ଭରତମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲା। ସେ ପାଖାପାଖି ଏକ ଦଶନ୍ଧି ଧରି ସକ୍ରିୟ ଭାବେ ନାଟକ ସହ ଜଡ଼ିତ ଥିଲେ। ମର୍ମସ୍ପର୍ଶୀ ଭକ୍ତି ଗୀତ, ପଲ୍ଲୀ ଗୀତ, ରୋମାଣ୍ଟିକ୍ ଗୀତ ଓ ଦେଶାତ୍ମବୋଧ ଗୀତ ରଚନାରେ ସେ ସିଦ୍ଧହସ୍ତ ଥିଲେ। ୧୯୨୯ରେ 'ସାକ୍ଷୀଗୋପାଳ ନାଟକ ସଂଘ' ଓ ୧୯୩୯ରେ 'ଓଡ଼ିଶା ଥିଏଟର୍ସ' ନାମରେ ରଙ୍ଗମଞ୍ଚ ଗଠନ କରି ସେ ଓଡ଼ିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନାଟକ ଗାର୍ଲ ସ୍କୁଲ (୧୯୩୯) ଓଡ଼ିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲା। କାଳୀଚରଣ ୧୮୯୭ ମସିହା ଆଜିର ଦିନରେ ବାଙ୍କୀର ଖମାରଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀ ଥିଲେ। କାଳୀଚରଣଙ୍କ ପିତା ବଡ଼ମ୍ବାଗଡ଼ର ଦେୱାନ୍ ଥିଲେ। ଏକ କଳାକାର ପରିବାରରେ ଜନ୍ମିତ କାଳୀଚରଣ ମାତ୍ର ୧୦ ବର୍ଷ ବୟସରୁ ଲେଖିବା ଆରମ୍ଭ କରିଥିଲେ। ଗଡ଼ଜାତ ପ୍ରକୃତି ଭିତରେ ବଢ଼ିଥିବା କାଳୀଚରଣ ବଣ, ପାହାଡ଼, ଝରଣାର କୁଳୁକୁଳୁ ନାଦ, କୋଇଲିର କୁହୁତାନକୁ ଉପାଦାନ କରି ଲେଖୁଥିଲେ। ତାଙ୍କର ପ୍ରାଥମିକ ଶିକ୍ଷା ସେ ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ୍ ପଢ଼ିଥିଲେ। କଟକ ରେଭେନ୍‌ସା କଲେଜରୁ ସେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ଗୋବିନ୍ଦଚନ୍ଦ୍ର ଶୂରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକୀୟ ଗୁଣାବଳୀ ବିକଶିତ ହୋଇଥିଲା। ରେଭେନ୍ସା କଲେଜରେ ପଢୁଥିବା ସମୟରେ 'କଳାହାଣ୍ଡିଆ ମେଘ' ନାମରେ ପ୍ରଥମ କବିତା ଲେଖିଥିଲେ। କବିତାଟି ପଢ଼ି ଭକ୍ତକବି ମଧୁସୂଦନ ରାଓ ତାଙ୍କୁ ୧୦୦ ଟଙ୍କା ପୁରସ୍କାର ଦେଇଥିଲେ। ୧୯୧୮ ରେ ଆଇଏ ପଢ଼ିବାବେଳେ ସେ ପ୍ରଥମ ନାଟକ 'ଧ୍ରୁବ' ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ 'ପ୍ରତିଶୋଧ'। ପ୍ରାୟ ୪୦ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଥିଲେ ବହୁ ନୃତ୍ୟନାଟିକା, ଗଳ୍ପ, ଉପନ୍ୟାସ ଓ କବିତା। ଗଜପତି ରାମଚନ୍ଦ୍ର ଦେବଙ୍କର ରାଜଦରବାରରେ ଏକଦା ସଭାକବି ଓ ରାଜ-ସଙ୍ଗୀତଜ୍ଞ ପଦବୀ ଅଳଙ୍କୃତ କରିଥିବା କାଳୀଚରଣ ପଟ୍ଟନାୟକ ଗଜପତିଙ୍କ ଦ୍ୱାରା ୧୯୨୭ ମସିହାରେ 'କବିଚନ୍ଦ୍ର' ଉପାଧିରେ ଭୂଷିତ ହେବା ସଙ୍ଗେ ସଙ୍ଗେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚାମର ସେବା ଓ ବୈଷ୍ଣବାଗ୍ନି ପ୍ରାପ୍ତ ହେବା ପାଇଁ ସ୍ୱୀକୃତି ଓ ଆଜ୍ଞାପ୍ରାପ୍ତ ହୋଇଥିଲେ । ୧୯୪୪ ମସିହାରେ ଉତ୍କଳ ସାହିତ୍ୟ ସମାଜ ତାଙ୍କୁ 'ନାଟ୍ୟାଚାର୍ଯ୍ୟ' ଉପାଧିରେ ସମ୍ମାନିତ କରିଥିଲା। ୧୯୭୪ ମସିହାରେ ତାଙ୍କୁ 'ପଦ୍ମଶ୍ରୀ' ସମ୍ମାନ ମିଳିଥିଲା, କିନ୍ତୁ ଅଭିମାନରେ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ୧୯୭୭ରେ ତାଙ୍କ ଆତ୍ମଜୀବନୀ 'କୁମ୍ଭାରଚକ' ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ୧୯୭୮ ମସିହା ଜୁଲାଇ ୨୪ରେ ଏହି ମହାନ ନାଟ୍ୟାଚାର୍ଯ୍ୟଙ୍କ ଦେହାନ୍ତ ହୋଇଥିଲା।

## ସୁବର୍ଣ୍ଣା





# ବାଦାମ ଚୋପାରୁ ଖତ

**ବାଦାମ ଏକ ଅର୍ଥକରୀ ଫସଲ। ଅଧିକାଂଶ ଚାଷୀ ବାଦାମ ଚାଷ କରି ଜୀବିକା ନିର୍ବାହ କରନ୍ତି। ବାଦାମ ଚୋପାକୁ ବର୍ଜ୍ୟ ଭାବି ଫିଙ୍ଗି ଦିଆଯାଏ। ହେଲେ ଜାଣନ୍ତିକି, ବାଦାମ ଚୋପା ବି ଜୈବିକ ଖତ ରୂପେ କାମ କରିଥାଏ। ଏହି ଖତ ଫସଲରେ ପ୍ରୟୋଗ କଲେ ମୃତ୍ତିକାର ଗୁଣବତ୍ତା ବଜାୟ ରହେ।**

ବାଦାମ ମଞ୍ଜିରୁ ତେଲ ବାହାରିବା ପରେ ଏହାର ଅବଶିଷ୍ଟାଂଶ ଖତ ରୂପେ ବ୍ୟବହାର କରାଯାଏ। ଠିକ୍ ସେହିପରି ବାଦାମ ଚୋପାରେ ଯବକ୍ଷାରଜାନ, ଫସ୍‌ଫରସ ଏବଂ ପଟାସିୟମ ଆଦି ପୋଷକତତ୍ତ୍ୱ ଥିବାରୁ ଏହା ଗଛ ପାଇଁ ଭଲ। ଏଥିରୁ ଖତ କରିବାକୁ ପ୍ରଥମେ ବାଦାମ ଚୋପାକୁ ଶୁଖାଇ ତାହାକୁ ଗୁଣ୍ଡ କରି ସେଥିରେ ପାଣି, ଗୋବର ଖତ, ଚା' ପତି ମିଶାଇ ପାତ୍ରରେ ସପ୍ତାହ ଯାଏଁ ରଖାଯାଏ। ଏଥିରେ ୱେଷ୍ଟ ଡିକମ୍ପୋଜର ମିଶାଇ ପ୍ରତିଦିନ ଗୋଳାଯାଏ। ସପ୍ତାହ ପରେ ମିଶ୍ରଣକୁ ଛାଣି ଅନ୍ୟ ପାତ୍ରରେ ରଖି ଏଥିରେ ପାଣି ମିଶାଇ ଅନୁମୋଦିତ ହାରରେ ଫସଲରେ ପ୍ରୟୋଗ କରାଯାଏ।

ବାଦାମ ଚୋପାରୁ ତରଳ ଔଷଧ ମଧ୍ୟ ପ୍ରସ୍ତୁତ କରିପାରିବେ। ଏହି ଖତ ପ୍ରୟୋଗ କରିବା ଦ୍ୱାରା ମାଟିର ଗୁଣବତ୍ତା ଭଲ ହୁଏ। ଆର୍ଦ୍ରତା ଠିକ୍ ରହିଥାଏ। ସେହିପରି ଅଧିକ ଫୁଲ ଆସିବାରେ ଏହି ଖତ ସାହାଯ୍ୟ କରେ।

# ଶୀତଦିନେ କଅଁଳା ବାଛୁରୀର ଯତ୍ନ

**ଶୀତଋତୁରେ ପ୍ରବଳ ଥଣ୍ଡା ଯୋଗୁଁ ପ୍ରାଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଏ। ବିଶେଷ କରି ଥଣ୍ଡାପବନ, ଖାଦ୍ୟ-ପେୟରେ ଅସାବଧାନତା ଆଦି କାରଣରୁ କଅଁଳା ବାଛୁରୀଙ୍କଠାରେ ନିମୋନିଆ, ବଦହଜମି ସମସ୍ୟା ଦେଖାଦିଏ। ତେଣୁ ଏହି ଦିନେ କଅଁଳା ବାଛୁରୀଙ୍କର କିପରି ଯତ୍ନ ନେବେ ଜାଣନ୍ତୁ।**



- କଅଁଳା ବାଛୁରୀ ଥଣ୍ଡାରେ ପ୍ରଭାବିତ ହୋଇ ମାନ୍ଦା ରହିଥାନ୍ତି। ତେଣୁ ବାଛୁରୀଙ୍କୁ ଘୋଡାଇ ରଖିବା ଉଚିତ। ଗୁହାଳରେ ଥଣ୍ଡା ପବନ ନ ପଶିବାକୁ ରାତ୍ରିବେଳା ଝରକାକୁ ବନ୍ଦ କରିବା ଆବଶ୍ୟକ।
- ଏହିଦିନେ ବାଛୁରୀ ଥଣ୍ଡା ପାଣି ପିଇବାକୁ ଆଗ୍ରହ ପ୍ରକାଶ କରନ୍ତିନି। କମ୍ ପାଣି ପିଇବା ଯୋଗୁଁ ହଜମ ପ୍ରକ୍ରିୟାରେ ବାଧା ହୁଏ। ସେମାନଙ୍କ ଶାରୀରିକ ବୃଦ୍ଧିରେ ସମସ୍ୟା ହୁଏ। ତେଣୁ ବାଛୁରୀଙ୍କୁ ନଖ ଉଷୁମ ପାଣି ଦିଅନ୍ତୁ।
- ବାଛୁରୀଙ୍କୁ ନିମୋନିଆ ହେଲେ, ଜ୍ୱର, ଦୁର୍ବଳ, ଶ୍ୱାସକ୍ରିୟାରେ ସମସ୍ୟା ଆଦି ଲକ୍ଷଣ ହୋଇଥାଏ। ଏଥିପାଇଁ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରି। ଅନ୍ୟପଟେ ବାଛୁରୀ ଅଧିକ କ୍ଷୀର ପିଇବା, କୃମି ଏବଂ ପେଟ ସଂକ୍ରମଣ ଯୋଗୁଁ ଝାଡା ହୋଇଥାଏ। ତେଣୁ ନବଜାତ ବାଛୁରୀର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଜନ୍ମ ପରେ ତୁରନ୍ତ କୋଲୋଷ୍ଟ୍ରମ୍ ବା ଗାଈର ପ୍ରଥମ କ୍ଷୀର ଖୁଆଇବା ଉଚିତ। ଜନ୍ମର ୧୫ ଦିନ ପରେ କୃମି ଔଷଧ ଦେବା ଦରକାର। ପାଣିରେ ଅଳ୍ପ ଲୁଣ ମିଶାଇ ପିଇବାକୁ ଦେଇପାରିବେ।

## ସିଞ୍ଚନ ଓ ପୋଷଣ ଅଭାବରୁ

# ଫାଟିଯାଏ ଡାଳିମ୍ବ

**ଡାଳିମ୍ବ ଏକ ଲାଭଜନକ ଚାଷ। ହେଲେ ଚିନ୍ତାର ବିଷୟ ଆମ ରାଜ୍ୟରେ ପ୍ରାୟତଃ ଅମଳ ପୂର୍ବରୁ ଡାଳିମ୍ବ ଫାଟି ଯାଇଥାଏ। ତେଣୁ ଏହି ସମସ୍ୟାର ସମାଧାନ ବିଷୟରେ ଜାଣିବା।**

- ଗଛକୁ ଦୀର୍ଘ ସମୟ ପାଣି ନ ମିଳୁଥିଲେ, ହଠାତ୍ ଅଧିକ ମାତ୍ରାର ଜଳସିଞ୍ଚନ କଲେ, ଫଳ ଦାନା ଫୁଲିଯାଇ ଫାଟି ଯାଏ। ଶୁଷ୍କ ଅଞ୍ଚଳରେ ଏହି ସମସ୍ୟା ଅଧିକ ଦେଖାଯାଏ। ହଠାତ୍ ଜଳବାୟୁ ପରିବର୍ତ୍ତନ ମଧ୍ୟ ଡାଳିମ୍ବ ଫାଟିବାର ଆଉ ଏକ ମୁଖ୍ୟ କାରଣ ହୋଇଥାଏ।
- ମାଟିରେ କ୍ୟାଲ୍‌ସିୟମ, ବୋରନ କିମ୍ବା ପଟାସ ଆଦି ଜରୁରି ପୋଷକତତ୍ତ୍ୱର ଅଭାବରୁ, ଡାଳିମ୍ବର ଛାଲ ପତଳା ଏବଂ ଦୁର୍ବଳ ହୋଇଥାଏ। ଏହି ଛାଲରେ ଅଳ୍ପ ଚାପ ପଡ଼ିବା ମାତ୍ରେ ଏହା ଫାଟି ଯାଇପାରେ। ଫଳ ମିଠା ହେବା ଆଶାରେ ଏହାକୁ ଅଧିକ ଦିନ ଗଛରେ ରଖିଲେ ଛାଲ କଠିନ ହୋଇ ଦାନାରେ ଆର୍ଦ୍ରତା ବଢ଼ିଯାଇଥାଏ। ଚାପ ପଡ଼ି ଫଳ ଫାଟି ଯାଇଥାଏ। ମୁଖ୍ୟତଃ ବୋରନ ଅଣୁସାର ଅଭାବରୁ ଅମ୍ଳ ମାଟିରେ ଡାଳିମ୍ବ ଫଳ ଗୁଡିକ ଫାଟିଯାଏ।



- ଏହି ସମସ୍ୟାର ସମାଧାନ ପାଇଁ ଡାଳିମ୍ବର ଉନ୍ନତ କିସମ ବ୍ୟବହାର ଜରୁରି। ଗଛରେ ସଠିକ୍ ସମୟରେ ପାଣି ସିଞ୍ଚନ ଦ୍ୱାରା ମାଟିର ଆର୍ଦ୍ରତା ଠିକ୍ ରୁହେ। ଅଧିକ ଅମଳ ପାଇଁ ଗଛମୂଳରେ ପୋଷକତତ୍ତ୍ୱ ଓ ଖାଦ୍ୟସାର ପ୍ରୟୋଗ କରିବା ଆବଶ୍ୟକ।

## ଫସଲକୁ ସୁରକ୍ଷା ଦେବ

# ସୌରଚାଳିତ ସାଉଣ୍ଡ ସିଷ୍ଟମ

ଚାଷକାର୍ଯ୍ୟରେ ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ କରିବାକୁ ଅଧିକାଂଶ ଚାଷୀ ସୌରଚାଳିତ ଯନ୍ତ୍ର ବ୍ୟବହାର କରୁଛନ୍ତି। ଏହି କ୍ରମରେ ଉତ୍ତରପ୍ରଦେଶ, ପିଲିଭିତ ଜିଲ୍ଲା, ଜମୁନିୟା ଗାଁ'ର କୃଷ୍ଣ କୁମାର ଏବଂ ତାଙ୍କ ସାଥି ଫସଲକୁ ଜୀବଜନ୍ତୁଙ୍କ କବଳରୁ ସୁରକ୍ଷା ଦେବାକୁ ଏକ ସୌରଚାଳିତ ସାଉଣ୍ଡ ସିଷ୍ଟମ ତିଆରି କରିଛନ୍ତି। ସୋଲାର ପ୍ୟାନେଲ ଜରିଆରେ ଏହା ଚାର୍ଜ ହୁଏ। ଏଥିରେ ପାୱାର ପ୍ଲଗ୍ର ଚିନ୍ତା ନ ଥାଏ। ଏହାକୁ ସବୁଠିକୁ ସହଜରେ ନେଇ ହେବ। ଏଥିରୁ ଆସୁଥିବା ଉଚ୍ଚ ଶବ୍ଦ ଜୀବଜନ୍ତୁଙ୍କୁ ଫସଲ ନିକଟକୁ ଆସିବାକୁ ଦିଏ ନାହିଁ। ସଙ୍ଗୀତ ବାଜିବା ସୁବିଧା ଥିବାରୁ ଚାଷୀଙ୍କ ମନୋରଞ୍ଜନ ହୋଇପାରେ। ବାସ୍ତବରେ ଏହା ପ୍ରଭାବୀ ହେଉଛି ବୋଲି ସ୍ଥାନୀୟ ଚାଷୀ ମତ ରଖିଛନ୍ତି।



## କୃଷି ପାଠଶାଳା

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ତ୍ତମାନ ଡାଲୁଅ ଧାନର ତଳିଘରା ପ୍ରସ୍ତୁତ ପାଇଁ ଉପଯୁକ୍ତ ସମୟ। ଏକ ଏକର ଧାନ ଚାଷ ପାଇଁ ୧୦ ଡେସିମାଲ ତଳିଘରା ଆବଶ୍ୟକ ହୋଇଥାଏ।
- କୋବି ଜାତୀୟ ଫସଲରେ ୭ରୁ୮ ଦିନ ବ୍ୟବଧାନରେ ଜଳସେଚନ କରନ୍ତୁ।
- କଖାରୁ ଜାତୀୟ ପରିବାରେ ନିମ୍ନମୁଖୀ ପାଉଁଶିଆ ରୋଗର ନିୟନ୍ତ୍ରଣ ପାଇଁ ଏକର ପ୍ରତି ମେଟାଲାକ୍ସିଲ ୮% + ମାଙ୍କୋଜେବ ୬୪% ଡବ୍ଲୁ ପି ୪୦୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ପିପିଆର ରୋଗ ଛେଳି ମହାମାରୀ ଭାବରେ ଜଣାଶୁଣା। ଶୀତଋତୁରେ ଏହି ଭୂତାଣୁଜନିତ ରୋଗ ଛେଳି ଏବଂ ମେଣ୍ଢାକୁ ପ୍ରଭାବିତ କରି ନିମୋନିଆ ଏବଂ କାଶ ସୃଷ୍ଟି କରେ। ପ୍ରଭାବିତ ପଶୁମାନେ ଅସ୍ଥିର ଦେଖାଯାନ୍ତି। ଗର୍ଭବତୀ ପ୍ରାଣୀ ଗର୍ଭପାତ କରିପାରନ୍ତି । ତେଣୁ ପ୍ରାଣୀଙ୍କୁ ଉଚିତ ଟିକାକରଣ କରାନ୍ତୁ।
- କୁକୁଡ଼ାଙ୍କୁ ଅଧିକ ପରିମାଣର ଖାଦ୍ୟ ଓ ପାଣି ଦିଅନ୍ତୁ। ତାପମାତ୍ରା ନିୟନ୍ତ୍ରଣ ପାଇଁ କୁକୁଡ଼ା ଗୃହରେ ୨୦୦ ୱାଟର ବଲ୍‌ବ ଲଗାନ୍ତୁ। କୁକୁଡ଼ାମାନଙ୍କୁ ଉଚିତ ସମୟରେ ଟିକାକରଣ କରାନ୍ତୁ।

# ଅଢ଼େଇ ଗୁଣା ବଢ଼ିଲା ମହିଳା କ୍ରିକେଟର୍‌ଙ୍କ ମ୍ୟାଚ୍ ପାଉଣା

ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି): ବିଶ୍ୱର ସବୁଠୁ ବିତ୍ତଶାଳୀ କ୍ରିକେଟ୍ ବୋର୍ଡ ବିସିସିଆଇ ଏହାର ମହିଳା କ୍ରିକେଟର୍‌ଙ୍କ ମ୍ୟାଚ୍ ପାଉଣାରେ ଆଖିଦୃଶିଆ ବୃଦ୍ଧି କରିଛି। ସୋମବାର ଅନୁଷ୍ଠିତ ବିସିସିଆଇର ଆପେକ୍ସ କାଉନସିଲ୍ ବୈଠକରେ ଘରୋଇ ଟୁର୍ଣ୍ଣାମେଣ୍ଟରେ ଖେଳୁଥିବା ମହିଳା ଖେଳାଳିଙ୍କ ମ୍ୟାଚ୍ ପାଉଣାକୁ ଅଢ଼େଇ ଗୁଣା ବଢ଼ାଇବାକୁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଘରୋଇ ସିନିଅର ଦିନିକିଆ ଟୁର୍ଣ୍ଣାମେଣ୍ଟରେ ଖେଳାଳିମାନେ ଦୈନିକ ୫୦ ହଜାର ଟଙ୍କା ପାଉଣା ପାଇବେ। ପୂର୍ବରୁ ଏହା ୨୦ ହଜାର ଟଙ୍କା ରହିଥିଲା। ସେହିଭଳି ଦିନିକିଆ ଟୁର୍ଣ୍ଣାମେଣ୍ଟରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନ ଥିବା ଖେଳାଳିଙ୍କୁ ଏହାର ଅଧା ଅର୍ଥାତ୍ ୨୫ ହଜାର ଟଙ୍କା ମିଳିବ। ପୂର୍ବରୁ ରିଜର୍ଭ ଖେଳାଳିଙ୍କୁ ଦୈନିକ ୧୦ ହଜାର ଟଙ୍କା ମ୍ୟାଚ୍ ପାଉଣା ଦିଆଯାଉଥିଲା।

## ପୁରୁଷଙ୍କ ମିଳୁଛି ୬୦ ହଜାର

ଅପରପକ୍ଷରେ ବିସିସିଆଇ ଘରୋଇ ସିନିଅର ପୁରୁଷ ଖେଳାଳିଙ୍କୁ ୩ଟି ବର୍ଗରେ ପାଉଣା ଦେଉଛି। ୪୦ରୁ ଊର୍ଦ୍ଧ୍ୱ ରଣଜୀ ଖେଳିଥିବା ଖେଳାଳି ଦୈନିକ ୬୦ ହଜାର, ୨୧ରୁ ୪୦ଟି ରଣଜୀ ଖେଳିଥିବା ଖେଳାଳି ଦୈନିକ ୫୦ ହଜାର ଏବଂ ୨୦ରୁ କମ୍ ମ୍ୟାଚ୍ ଖେଳିଥିବା କ୍ରିକେଟର୍ ଦୈନିକ ୪୦ ହଜାର ଟଙ୍କା ପାଉଛନ୍ତି। ରିଭର୍ଜ ଖେଳାଳିଙ୍କୁ ଏହାର ଅଧା ପାଉଣା ମିଳୁଛି।

**ବିସିସିଆଇର ଘରୋଇ ମହିଳା ଟୁର୍ଣ୍ଣାମେଣ୍ଟ ଲାଗି ଦୈନିକ ମ୍ୟାଚ୍ ପାଉଣା**

| ଫର୍ମାଟ୍ | ପୂର୍ବରୁ ଥିଲା | ବର୍ତ୍ତମାନ |
|---|---|---|
| ସିନିଅର ଦିନିକିଆ (ଏକାଦଶ) | ୨୦ ହଜାର | ୫୦ ହଜାର |
| ସିନିଅର ଦିନିକିଆ (ରିଜର୍ଭ) | ୧୦ ହଜାର | ୨୫ ହଜାର |
| ଜୁନିଅର ଦିନିକିଆ (ଏକାଦଶ) | ୧୦ ହଜାର | ୨୫ ହଜାର |
| ଜୁନିଅର ଦିନିକିଆ (ରିଜର୍ଭ) | ୫ହଜାର | ୧୨.୫ ହଜାର |
| ସିନିଅର ଟି-୨୦ (ଏକାଦଶ) | ୧୦ହଜାର | ୨୫ ହଜାର |
| ସିନିଅର ଟି-୨୦ (ରିଜର୍ଭ) | ୫ ହଜାର | ୧୨.୫ ହଜାର |
| ଜୁନିଅର ଟି-୨୦ (ଏକାଦଶ) | ୫ ହଜାର | ୧୨.୫ ହଜାର |
| ଜୁନିଅର ଟି-୨୦ (ରିଜର୍ଭ) | ୨.୫ ହଜାର | ୬,୨୫୦ |

**ସନ୍ତୋଷ ଟ୍ରଫି ଫୁଟ୍‌ବଲ**

# ମଧ୍ୟପ୍ରଦେଶକୁ ହରାଇଲା ଓଡ଼ିଶା



କଟକ,୨୨।୧୨ (ସମିସ): ମଧ୍ୟପ୍ରଦେଶକୁ ୪-୦ ଗୋଲରେ ହରାଇ ଓଡ଼ିଶା ୭୯ତମ ଜାତୀୟ ପୁରୁଷ ଫୁଟ୍‌ବଲ ଚାମ୍ପିଅନ୍‌ସିପ ସନ୍ତୋଷ ଟ୍ରଫିରେ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଛତିଶଗଡ଼ର ନାରାୟଣପୁରରେ ସୋମବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ବିଜୟୀ ଓଡ଼ିଶା ଦଳ ପକ୍ଷରୁ ଶ୍ରୀକାନ୍ତ ଗଡ଼ବା ୨ଟି ଗୋଲ୍ ଦେଇଥିଲେ। ମ୍ୟାଚ୍‌ରେ ଓଡ଼ିଶା ଦଳ ପ୍ରାଧାନ୍ୟ ବିସ୍ତାର କରିଥିଲା। ୧୫ ମିନିଟରେ ଓଡ଼ିଶାର କାର୍ତ୍ତିକ ହନ୍ତାଳ ପ୍ରଥମ ଗୋଲ୍ ଦେଇଥିଲେ। ମଧ୍ୟାନ୍ତର ସୁଦ୍ଧା ଓଡ଼ିଶା ୧-୦ ଗୋଲ୍‌ରେ ଆଗୁଆ ଥିଲା। ୭୫ ମିନିଟରେ ଜିତୁ ମୁଦୁଲି ଆଉ ଏକ ଗୋଲ୍‌ଦେଇ ଓଡ଼ିଶାକୁ ୨-୦ରେ ଆଗୁଆ କରିଥିଲେ। ୭୭ ମିନିଟ୍‌ରେ ଓଡ଼ିଶାର ଶ୍ରୀକାନ୍ତ ଗଡ଼ବା ଗୋଲ୍ ଦେଇଥିବା ବେଳେ ଶେଷ ମିନିଟରେ ସେ ଆଉ ଏକ ଗୋଲ୍ ଦେଇ ଓଡ଼ିଶାକୁ ୪-୦ରେ ବିଜୟୀ କରିଥିଲେ। ଓଡ଼ିଶାର ଏହି ବିଜୟ ପାଇଁ ଖେଳାଳିଙ୍କୁ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ)ର ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି। ଆସନ୍ତା ୨୪ରେ ତେଲଙ୍ଗାନା ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ମ୍ୟାଚ୍ ଖେଳିବ।

**ଦିନକ ପରେ ବିଜୟ ହଜାରେ ଟ୍ରଫି**

# ରୋହିତ୍, କୋହଲିଙ୍କ ଉପରେ ନଜର

ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି)

ଭାରତୀୟ ଘରୋଇ କ୍ରିକେଟ୍‌ର ଲିଷ୍ଟ-ଏ ତଥା ଦିନିକିଆ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫିର ୩୩ତମ ସଂସ୍କରଣ ବୁଧବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁଯାଉଛି। ଚଳିତ ସଂସ୍କରଣରେ ୩୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ୩୨ଟି ଦଳକୁ ଏଲିଟ୍ ଗ୍ରୁପ୍‌ରେ ଏବଂ ୬ଟି ଦଳ ପ୍ଲେଟ୍ ଗ୍ରୁପରେ ସ୍ଥାନ ପାଇଛନ୍ତି। ବିହାର, ନାଗାଲାଣ୍ଡ, ମଣିପୁର, ମିଜୋରମ, ମେଘାଳୟ ଓ ଅରୁଣାଚଳ ପ୍ରଦେଶ ପ୍ଲେଟ୍ ଡିଭିଜନରେ ରହିଛନ୍ତି। ଏଲିଟ୍ ଡିଭିଜନରେ ରହିଥିବା ୩୨ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ରାଉଣ୍ଡ ରବିନ ଫର୍ମାଟ୍‌ରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଲିଟ୍ ଡିଭିଜନର ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ-୨ଟି ଦଳ କ୍ୱାର୍ଟର ଫାଇନାଲକୁ ଉତ୍ତୀର୍ଣ୍ଣ ହେବେ। ଅହମ୍ମଦାବାଦ, ବେଙ୍ଗାଲୁରୁ, ଆଲୁର, ଜୟପୁର ଓ ରାଜକୋଟରେ ବିଭିନ୍ନ ଗ୍ରୁପ୍‌ର ମ୍ୟାଚ୍ ଖେଳାଯିବ। ମୟଙ୍କ ଅଗରୱାଲଙ୍କ କର୍ଣ୍ଣାଟକ ଦଳ ବର୍ତ୍ତମାନ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ଗତ ସଂସ୍କରଣର ଫାଇନାଲରେ ବିଦର୍ଭକୁ ହରାଇ କର୍ଣ୍ଣାଟକ ରେକର୍ଡ ୫ମଥର ଲାଗି ଟ୍ରଫି ଜିତିଥିଲା।



ରୋହିତ୍ ଶର୍ମା, ଶୁବମନ ଗିଲ୍‌ଙ୍କ ଭଳି ତାରକା ଖେଳାଳି ଚଳିତଥର ଏହି ଘରୋଇ ଟୁର୍ଣ୍ଣାମେଣ୍ଟରେ ଭାଗନେବେ। ଜାତୀୟ ଦଳ ପକ୍ଷରୁ ଖେଳିବାକୁ ହେଲେ ଘରୋଇ ପ୍ରତିଯୋଗିତାକୁ ବିସିସିଆଇ ବାଧ୍ୟତାମୂଳକ କରିବା ପରେ ଭାରତୀୟ ଦଳର ସମସ୍ତ ଖେଳାଳି ବିଜୟ ହଜାରେ ଟ୍ରଫି ଲାଗି ନିଜକୁ ଉପଲବ୍ଧ କରିଛନ୍ତି। କୋହଲି ଦିଲ୍ଲୀ ପକ୍ଷରୁ ୧୫ ବର୍ଷ ପରେ ଏହି ଟୁର୍ଣ୍ଣାମେଣ୍ଟ ଖେଳିବେ।

ବିଜୟ ହଜାରେ ଟ୍ରଫିର ଚଳିତ ସଂସ୍କରଣ ଅନେକ କାରଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ଏଥର ବିଭିନ୍ନ ଦଳରେ ଅନ୍ତର୍ଜାତୀୟ ତାରକାଙ୍କ ସହ ଯୁବ ଖେଳାଳିଙ୍କୁ ଏକାଠି ଖେଳୁଥିବାର ଦେଖିବାକୁ ମିଳିବ। ବିଶେଷ କରି ବିରାଟ କୋହଲି, ଅନ୍ୟତମ ତାରକା ଖେଳାଳି ରଷଭ ପନ୍ତ ଦିଲ୍ଲୀ ଦଳର ନେତୃତ୍ୱ ନେଉଛନ୍ତି। ସେହିଭଳି ରୋହିତ୍ ମଧ୍ୟ ଘୋଷିତ ମୁମ୍ବାଇ ଦଳରେ ରହିଛନ୍ତି। ତେବେ ସୂର୍ଯ୍ୟକୁମାର ଯାଦବ, ଯଶସ୍ୱୀ ଜୟସ୍ୱାଲ ମୁମ୍ବାଇର ପ୍ରାରମ୍ଭିକ ପର୍ଯ୍ୟାୟରେ କେତୋଟି ରାଉଣ୍ଡରେ ଅନୁପସ୍ଥିତ ରହିବେ ବୋଲି ଜଣାପଡ଼ିଛି।

## ପଞ୍ଜାବ ଦଳରେ ଗିଲ୍, ଅଭିଷେକ, ଅର୍ଶଦୀପ

ଚଣ୍ଡିଗଡ,୨୨।୧୨(ଏଜେନ୍ସି): ବିଜୟ ହଜାରେ ଟ୍ରଫି ଲାଗି ଘୋଷିତ ୧୮ ଜଣିଆ ପଞ୍ଜାବ ଦଳରେ ଟି-୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିଥିବା ଶୁବମନ ଗିଲ୍, ବିସ୍ଫୋରକର ଓପନର ଅଭିଷେକ ଶର୍ମା ଓ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ସ୍ଥାନ ପାଇଛନ୍ତି। ଏମାନଙ୍କ ଉପସ୍ଥିତି ବଳରେ ଦଳର ଶକ୍ତି ବୃଦ୍ଧି ପାଇଛି। ପ୍ରଭସିମରନ ସିଂହ, ଅନ୍‌ମୋଲପ୍ରୀତ୍ ସିଂହ, ନମନ ଧୀର, ରମଣଦୀପ ସିଂହ, ସାନଭିର ସିଂହ ଓ ହରପ୍ରୀତ୍ ବ୍ରାରଙ୍କୁ ନେଇ ଦଳର ବ୍ୟାଟିଂ ସମୃଦ୍ଧ। ଗିଲ୍ ଓ ଅଭିଷେକ ଏମାନଙ୍କ ନେତୃତ୍ୱ ନେବେ। ବୋଲିଂରେ ଅର୍ଶଦୀପ ସିଂହଙ୍କୁ ସହାୟତା କରିବେ ଗୁରନୁର ବ୍ରାର୍ ଓ କ୍ରିସ୍ ଭଗତ। କିନ୍ତୁ ଜାନୁଆରୀ ୧୧ରେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଓ ଏହା ପରେ ଟି-୨୦ ସିରିଜ୍ ଆରମ୍ଭ ହେଉଥିବାରୁ ଏହି ୩ଜଣ ଖେଳାଳି ଲିଗ୍ ଓ ନକ୍‌ଆଉଟ୍‌ରେ ସବୁ ମ୍ୟାଚ୍ ଖେଳିବା ନେଇ ସନ୍ଦେହ ରହିଛି। ଜାନୁଆରୀ ୮ରେ ଲିଗ୍ ପର୍ଯ୍ୟାୟ ଶେଷ ହେବ। ପଞ୍ଜାବ ତାହାର ସମସ୍ତ ଲିଗ୍ ମ୍ୟାଚ୍ ଜୟପୁରରେ ମୁମ୍ବାଇ, ଗୋଆ, ଛତିଶଗଡ଼, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ସିକ୍କିମ ସହ ଖେଳିବ।

## ଭାରତ-ଶ୍ରୀଲଙ୍କା ଦ୍ୱିତୀୟ ମହିଳା ଟି-୨୦ ଆଜି

ବିଶାଖାପାଟଣା,୨୨।୧୨(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଆସନ୍ତାକାଲି ଏଠାରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ପ୍ରଥମ ମୁକାବିଲା ଭଳି ଏଥିରେ ମଧ୍ୟ ଭାରତୀୟ ଦଳ ପ୍ରାଧାନ୍ୟ ବିସ୍ତାର କରି ବିଜୟୀ ହେବ ବୋଲି ଆଶା ରଖିଛି। ପ୍ରଥମ ମୁକାବିଲାରେ ଭାରତ ଆସିଥିବା ଶ୍ରୀଲଙ୍କା ମହିଳା ଦଳ ଭାରତର ମୁକାବିଲା କରିପାରିଲା ନାହିଁ। ଜଣେ ହେଲେ ବ୍ୟାଟର ବଡ଼ ସ୍କୋର କରିପାରି ନ ଥିଲାବେଳେ ଦଳ ୧୨୧ ରନ୍‌ରେ ସୀମିତ ରହିଥିଲା। ଓପନର ଭିଷ୍ମି ଗୁଣରତ୍ନେ ସର୍ବାଧିକ ୩୯ ରନ୍ କରିଥିଲେ। ଦଳର ଦୁଇ ତାରକା ଖେଳାଳି ଚାମରି ଓ ହାସିନୀ ପରେରା କ୍ଲିକ୍ କରି ନ ଥିଲେ। ଯାହା ଫଳରେ ଶ୍ରୀଲଙ୍କାର ସ୍କୋର ଏତେ କମ୍ ହୋଇଥିଲା। ସମାନ ପିଚ୍‌ରେ ଏହି ମ୍ୟାଚ୍ ଖେଳାଯାଉଥିବାରୁ ବିଶେଷ କିଛି ପରିବର୍ତ୍ତନ ହେବ ନାହିଁ।

# ଅଲ୍‌ରାଉଣ୍ଡରଙ୍କ ଭରସାରେ ଓଡ଼ିଶା

କଟକ,୨୨।୧୨(ସମିସ): ରଣଜୀ ଟ୍ରଫି ଏବଂ ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ଓଡ଼ିଶା ଏବେ ବିଜୟ ହଜାରେ ଟ୍ରଫି ଖେଳିବାକୁ ପ୍ରସ୍ତୁତ ହୋଇଛି। ଦୀର୍ଘ ବର୍ଷର ଅଭିଜ୍ଞତା ସତ୍ତ୍ୱେ ଦଳରେ ନିୟମିତ ସୁଯୋଗ ପାଇ ପାରୁନଥିବା ବିପ୍ଳବ ସାମନ୍ତରାୟଙ୍କୁ ଚଳିତଥର ନେତୃତ୍ୱ ମିଳିଛି। ୭ଜଣ ନବାଗତଙ୍କୁ ସାମିଲ କରି ଓଡ଼ିଶା ୨୪ ତାରିଖରେ ପ୍ରଥମ ମ୍ୟାଚ୍ ଖେଳିବାକୁ ବେଙ୍ଗାଲୁରୁରେ ପହଞ୍ଚି ସାରିଥିବା ବେଳେ ଏବେ କେବଳ ଦଳର ପ୍ରଦର୍ଶନକୁ ଅପେକ୍ଷା। ୧୬ଜଣିଆ ତାଲିକାକୁ ନଜର ପକାଇଲେ ଓଡ଼ିଶା ଶିବିରରେ ଅଲରାଉଣ୍ଡରଙ୍କ ଅଭାବ ନଥିବା ପରିଲକ୍ଷିତ ହୋଇଛି। ମଧ୍ୟକ୍ରମର ବ୍ୟାଟିଂ ଭାର ସମ୍ଭାଳିବା ସହିତ ଉଭୟ ସ୍ପିନ ଏବଂ ପେସ୍ ବୋଲିଂ ଆଟାକ୍‌ରେ ଦଳକୁ ଏହି ଅଲରାଉଣ୍ଡରମାନେ ସହଯୋଗ କରିବେ ବୋଲି ଅଧିନାୟକ ବିପ୍ଳବ ମଧ୍ୟ ଆଶା ବାନ୍ଧିଛନ୍ତି।

ଜାତୀୟ ଘରୋଇ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି ୨୪ ତାରିଖରୁ ଆରମ୍ଭ ହେବ। ବେଙ୍ଗାଲୁରୁର ଅଲୁର କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା ପ୍ରଥମ ମୁକାବିଲାରେ ସୌରାଷ୍ଟ୍ରକୁ ଭେଟିବ। ୨୦୨୩ ସଂସ୍କରଣରେ



ଶେଷଥର ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହା ପୂର୍ବରୁ ୨୦୧୮ରେ ଓଡ଼ିଶା ୫୪ରନରେ ସୌରାଷ୍ଟ୍ରକୁ ପରାସ୍ତ କରିଥିଲା। ମିଶ୍ରିତ ଫଳାଫଳର ରେକର୍ଡ ରଖିଥିବା ଓଡ଼ିଶା ଚଳିତ ସଂସ୍କରଣରେ ସୌରାଷ୍ଟ୍ରକୁ ହରାଇ ଅଭିଯାନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି। ଗତ ସିଜନରେ ଓଡ଼ିଶା ନିମନ୍ତେ ସର୍ବାଧିକ ରନ୍ ସଂଗ୍ରହ କରିଥିବା ସ୍ୱସ୍ତିକ ସାମଲ (୨୭୫ରନ), ସନ୍ଦୀପ ପଟ୍ଟନାୟକ (୨୭୩ରନ) ଦଳରେ ସ୍ଥାନ ବଜାୟ ରଖିଛନ୍ତି। ସର୍ବାଧିକ ୱିକେଟ ଦଖଲକାରୀ ରାଜେଶ ମହାନ୍ତି (୧୩ୱିକେଟ) ମଧ୍ୟ ଚଳିତଥର ଦଳର ପ୍ରମୁଖ ପେସ୍ ବୋଲର ଭାବେ ପରିଗଣିତ ହେଉଛନ୍ତି। ତାଙ୍କ ବ୍ୟତୀତ ପେସ୍ ଆଟାକ୍‌ରେ କେବଳ ଦେବବ୍ରତ ପ୍ରଧାନଙ୍କ ନାମ ସାମ୍ନାକୁ ଆସୁଛି। ଉଭୟ ରାଜେଶ ଏବଂ ଦେବବ୍ରତ ବ୍ୟାଟିଂ ଦକ୍ଷତା ରଖିଛନ୍ତି। ସେହିପରି ଅଧିନାୟକ ବିପ୍ଳବ, ନବାଗତ ସୌମ୍ୟରଞ୍ଜନ ଲେଙ୍କା ଓ ପ୍ରୟାସ ସିଂହ ବ୍ୟାଟିଂରେ ଉପଯୋଗୀ ସାବ୍ୟସ୍ତ ହେବା ସହିତ ମିଡିୟମ ପେସ୍ ବୋଲିଂ କରିପାରିବେ। ନବାଗତ ଓମ ଟି ମୁଣ୍ଡେ ଓପନିଂ କରି ପାରନ୍ତି ବୋଲି ଅନୁମାନ କରାଯାଉଛି। ମୁଣ୍ଡେଙ୍କ ସହିତ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ଅଲରାଉଣ୍ଡର ଭୂମିକା ତୁଲାଇ ପାରନ୍ତି। ବିଶେଷକରି ଅଲରାଉଣ୍ଡରଙ୍କୁ ଭରସା କରି ଏଥର ଓଡ଼ିଶା ବିଜୟ ହଜାରେ ଟ୍ରଫି ଖେଳିବ। ଅଧିନାୟକ ବିପ୍ଳବ କୁହନ୍ତି ଯେ, ଦଳରେ ସ୍ଥାନ ପାଇଥିବା ୭ ନବାଗତଙ୍କ ପାଖରେ ଭଲ ପ୍ରଦର୍ଶନର ସୁଯୋଗ ରହିଛି। ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ସହିତ ଶ୍ରୀଲଙ୍କା ଏକ୍ସପୋଜର ଟୁର ଏବଂ ଛତିଶଗଡ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ପ୍ରତ୍ୟେକ ଖେଳାଳି ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ଦଳରେ ସ୍ଥାନ ପାଇଛନ୍ତି।

# ଜାତୀୟ ମତ୍‌ସୋଗୀ ଚାମ୍ପିଅନସିପ୍ ଲାଗି ଓଡ଼ିଶା ଦଳ



ଭୁବନେଶ୍ୱର,୨୨।୧୨(ସମିସ): ଜମ୍ମୁ-କାଶ୍ମୀରରେ ଅନ୍ୟତମ ସାମରିକ କ୍ରୀଡ଼ା ଜାତୀୟ ମତ୍‌ସୋଗୀ ଚାମ୍ପିଆନସିପ୍‌ର ୨୦ତମ ସଂସ୍କରଣ ଚଳିତମାସ ୨୮, ୨୯ ଓ ୩୦ ତାରିଖରେ ଅନୁଷ୍ଠିତ ହେବ। ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ଓଡ଼ିଶାର ପୁରୁଷ ଓ ମହିଳା ଦଳ ଚୟନ କରାଯାଇଛି। ଓଡ଼ିଶା ବାଳକ ଦଳରେ ଅବ୍‌ଦୁଲ ଖଲୀଦ୍, ପ୍ରିୟମ ପଟ୍ଟନାୟକ, ଆଶୀର୍ବାଦ୍ ବସ୍ତିଆ, ସୁଜଳ ଦାସ, ଆଦିତ୍ୟ ମିଶ୍ର, ବିଶ୍ୱରଞ୍ଜନ ଶତପଥୀ, ସମ୍ପର୍ଣ୍ଣଦାସ ବାରିକ୍, ସୟମ ସାରଥୀ ସାମନ୍ତରାୟ ସ୍ଥାନ ପାଇଛନ୍ତି। ସେହିପରି ବାଳିକା ଦଳରେ ଦିବ୍ୟାଂଶୀ ମହାପାତ୍ର, ସାଇନା ମହାପାତ୍ର, ଦିବ୍ୟାଂଶୀ ମାଲୁ, ବିଦିଶା ସାନ୍‌ଭି, ଭାଗ୍ୟଲକ୍ଷ୍ମୀ ମହାପାତ୍ର, ଅଭିସ୍ମିତା ଜେନା ରହିଛନ୍ତି। ଦଳର ପ୍ରଶିକ୍ଷକ ଭାବେ ଦୁର୍ଲଭ ବେହେରା, କିରଣବାଳା ବିଶ୍ୱାଳ, କାମଦେବ ରଣା ରହିଛନ୍ତି। ରେଫରିଭାବେ କୈଳାସ ବାରିକ୍, ତରୁଣ ସାହୁ ଓ ମ୍ୟାନେଜର ଭାବେ ବିରସ କୁମାର ଶତପଥୀ ଦଳ ସହ ଆସନ୍ତା ୨୬ରେ ଜାମ୍ମୁ-କାଶ୍ମୀର ଅଭିମୁଖେ ଯାତ୍ରା କରିବେ। ଏହି ଅବସରରେ ମତ୍‌ସୋଗୀ ଡୁ ଆସୋସିଏସନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରଭାତ ଚନ୍ଦ୍ର ସାହୁ ଖେଳାଳିମାନଙ୍କୁ ଶୁଭକାମନା ଜଣାଇଛନ୍ତି।

**ମୁକ୍ତେଶ୍ୱର କପ୍**

## ପ୍ରି-କ୍ୱାର୍ଟରରେ ସହିଦ ସ୍ପୋର୍ଟିଂ, ରେଡ୍ ଷ୍ଟାର୍

ଭୁବନେଶ୍ୱର, ୨୨।୧୨ (ସମିସ): ମୁକ୍ତେଶ୍ୱର କପ୍ ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସୋମବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲବ ଦି ରେଡ୍ ଷ୍ଟାର୍ ଓ ସହିଦ ସ୍ପୋର୍ଟିଂ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ରେଡ୍ ଷ୍ଟାର୍ ୩୧ ରନରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ରେଡ୍ ଷ୍ଟାର୍ ୨୦ ଓଭରରେ ୪ ୱିକେଟ୍‌ରେ ୯୨ ରନ କରିଥିଲା। ଜବାବରେ ପ୍ରଗତି ଦଳ ୧୭.୫ ଓଭରରେ ୬୧ ରନରେ ସୀମିତ ରହିଥିଲା। ୪ ଓଭରରେ ୧୭ ରନ ବ୍ୟୟରେ ୨ଟି ୱିକେଟ୍ ନେଇଥିବା ଓମଶ୍ରୀ ସାହୁ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ସୋଲାର କ୍ରିକେଟ୍ ଏକାଡେମୀ ଓ ସହିଦ ସ୍ପୋର୍ଟିଂ ସାମ୍ନାସାମ୍ନି ହୋଇଥିଲେ। ପ୍ରଥମେ ବ୍ୟାଟିଂ କରି ସହିଦ ସ୍ପୋର୍ଟିଂ ୯ ୱିକେଟ୍‌ରେ ୧୦୦ ରନ କରିଥିଲା। ୧୦୧ ରନକୁ ପିଛା କରିଥିବା ସୋଲାର ଦଳ ୫ ୱିକେଟ୍‌ରେ ୮୮ ରନ କରିବାକୁ ସମର୍ଥ ହୋଇଥିଲା। ୨୭ ରନ ସହ ବୋଲିଂରେ ଗୋଟିଏ ୱିକେଟ୍ ନେଇଥିବା ବିଶ୍ୱ ସାମନ୍ତରାୟ ମ୍ୟାଚର ଶ୍ରେଷ୍ଠ ଖେଳାଳି ଟ୍ରଫି ହାସଲ କରିଥିଲେ।

# କିଟ୍‌ର ୪ ଦଳକୁ କେଆଇୟୁଜିକୁ ଯୋଗ୍ୟତା




ଭୁବନେଶ୍ୱର, ୨୨।୧୨ (ସମିସ): ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପ୍ରାଧାନ୍ୟ ବିସ୍ତାର କରିଥିବା କିଟ୍ ଡିମ୍‌ଡ ୟୁନିଭର୍ସିଟିର ୪ଟି ଦଳ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ (କେଆଇୟୁଜି)ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ଦଳଗୁଡ଼ିକ ହେଲା ପୁରୁଷ ଓ ମହିଳା ବ୍ୟାଡ୍‌ମିଣ୍ଟନ ଟିମ୍, ମହିଳା ଭଲିବଲ ଓ ମହିଳା ସନ୍ତରଣ ଟିମ୍। ସମ୍ବଲପୁରରେ ଅନୁଷ୍ଠିତ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ଓ ଚେନ୍ନାଇର ଏସ୍‌ଆର୍‌ଏମ୍ ୟୁନିଭର୍ସିଟିରେ ଚାଲିଥିବା ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଏହି ଦଳଗୁଡ଼ିକ ଉନ୍ନତ ଖେଳ ପ୍ରଦର୍ଶନ କରି ଏହି ସଫଳତା ପାଇଛନ୍ତି। ଆଜି କିଟ୍‌ର ମହିଳା ବ୍ୟାଡ୍‌ମିଣ୍ଟନ ଟିମ୍ ସେମିଫାଇନାଲରେ ପ୍ରବେଶ କରିବା ଫଳରେ ପୁରୁଷ ଦଳ ସହ କେଆଇୟୁଜିକୁ ଯୋଗ୍ୟତା ଅର୍ଜନ କରିଥିଲା। ମହିଳା ଭଲିବଲ୍‌ରେ ପ୍ରାଧାନ୍ୟ ବିସ୍ତାର କରିଥିବା କିଟ୍ ଶେଷ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ବିଜୟୀ ହେବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲକୁ ଯିବା ସହ ଦଳ କେଆଇୟୁଜିକୁ ଯୋଗ୍ୟତା ଅର୍ଜନ କରିଥିଲା। କ୍ୱାର୍ଟରରେ କିଟ୍ ସହ ଆଦାମାସ ୟୁନିଭର୍ସିଟିର ମୁକାବିଲା ହେବ। ସନ୍ତରଣରେ କିଟ୍ ଓଭରଅଲ ମେଡାଲ ତାଲିକାରେ ତୃତୀୟ ସ୍ଥାନରେ ରହିଛି।

**କନୱେ ମ୍ୟାଚ୍‌ର, ଡଫି ସିରିଜ୍‌ର ଶ୍ରେଷ୍ଠ ଖେଳାଳି**

# ନ୍ୟୁଜିଲାଣ୍ଡ ୨-୦ରେ ବିଜୟୀ

ମାଉଣ୍ଟ ମାଉଙ୍ଗାନୁଇ, ୨୨।୧୨ (ଏଜେନ୍ସି)

ଏଠାରେ ଶେଷ ହୋଇଥିବା ତୃତୀୟ ତଥା ଅନ୍ତିମ ଟେଷ୍ଟମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୩୨୩ ରନ୍‌ରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି। ଏହି ଟେଷ୍ଟରେ ରେକର୍ଡ ୪୬୨ ରନ୍‌ର ପିଛା କରିଥିବା ୱେଷ୍ଟଇଣ୍ଡିଜ୍ ସୋମବାର ପଞ୍ଚମ ତଥା ଶେଷ ଦିନରେ ମାତ୍ର ୧୩୮ ରନ୍‌ରେ ଅଲ୍‌ଆଉଟ୍ ହୋଇଛି। ପୁଣି କ୍ରମାଗତ ୨ଟି ଟେଷ୍ଟମ୍ୟାଚ୍ ଜିତି ନ୍ୟୁଜିଲାଣ୍ଡ ୩ ମ୍ୟାଚ୍‌ର ଟେଷ୍ଟ ଶୃଙ୍ଖଳାକୁ ୨-୦ରେ ଜିତିନେଇଛି। ପେସ୍ ବୋଲର ଜ୍ୟାକବ୍ ଡଫି ୫ଟି ଓ ବାମହାତି ସ୍ପିନର ଏଜାଜ୍ ପଟେଲ ୩ଟି ୱିକେଟ୍ ନେଇ ନ୍ୟୁଜିଲାଣ୍ଡକୁ ବିଜୟୀ କରିଛନ୍ତି। ଏହି ଟେଷ୍ଟରେ ଉଭୟ ଇନିଂସରେ ଯଥାକ୍ରମେ ୨୨୭ ଓ ୧୦୦ ରନ୍ କରିଥିବା ନ୍ୟୁଜିଲାଣ୍ଡ ଓପନ ଡେଭନ୍ କନ୍‌ୱେ ପ୍ଲେୟର ଅଫ ଦି ମ୍ୟାଚ୍ ଏବଂ ସର୍ବାଧିକ ୨୩ଟି ୱିକେଟ୍ ନେଇଥିବା ଜ୍ୟାକବ୍ ଡଫି ପ୍ଲେୟର ଅଫ୍ ଦି ସିରିଜ୍ ହୋଇଛନ୍ତି। ପ୍ରଥମ ଇନିଂସରେ ୪୨୦ ରନ୍ କରିଥିବା ୱେଷ୍ଟଇଣ୍ଡିଜ୍ ଏହି ଟେଷ୍ଟମ୍ୟାଚ୍‌କୁ ଅତିକମ୍‌ରେ ଡ୍ର ରଖିପାରିବ ବୋଲି ଆଶା ଥିଲା। ଦ୍ୱିତୀୟ ଇନିଂସରେ ରେକର୍ଡ ୪୬୨ ରନ୍‌ର ପିଛା କରି ୱେଷ୍ଟଇଣ୍ଡିଜ୍ ୪ର୍ଥ ଦିନ ଶେଷ ସୁଦ୍ଧା ବିନା ୱିକେଟ୍‌ରେ ୪୩ ରନ୍ କରିଥିଲା। ଶେଷଦିନରେ ୱେଷ୍ଟଇଣ୍ଡିଜ୍‌ର ଓପନିଂ ଯୋଡ଼ି ସ୍କୋର୍‌କୁ ୮୭ ରନ୍‌ରେ ପହଞ୍ଚାଇଥିଲେ। ତେବେ ଏହି ସ୍କୋର୍‌ରେ ଦୁଇ ଓପନର ଲାଗଲାଗ ୨ ଓଭରରେ ଆଉଟ୍ ହୋଇ ଯାଇଥିଲେ।



ବ୍ରାଣ୍ଡନ୍ କିଙ୍ଗ୍ ୬୭ ଏବଂ ଜନ୍ କ୍ୟାମ୍ପବେଲ୍ ୧୦୫ ବଲ୍ ଖେଳି ୧୬ ରନ୍ କରିଥିଲେ। ଓପନିଂ ଯୋଡ଼ି ଭାଙ୍ଗିବା ସହ ୱେଷ୍ଟଇଣ୍ଡିଜ୍ ମାତ୍ର ୫୧ ରନ୍‌ରେ ୧୦ଟିଯାକ ୱିକେଟ୍ ହରାଇ ଅଲ୍‌ଆଉଟ୍ ହୋଇ ଯାଇଥିଲା। ମଧ୍ୟକ୍ରମରେ ପାଞ୍ଚ ଜଣଯାକ ବ୍ୟାଟ୍‌ସମ୍ୟାନ ଦୁଇ ଅଙ୍କ ସ୍କୋର୍‌ରେ ପହଞ୍ଚି ପାରିନଥିଲେ। ଆଣ୍ଡରସନ୍ ଫିଲିପ୍ ୩୮ ବଲ୍‌ରୁ ୧୦ ଓ ଟେଭିନ୍ ଇମ୍‌ଲାଚ ୯୦ ବଲ୍‌ରୁ ୧୫ ରନ୍ କରିଥିଲେ। ଜାକବ୍ ଡଫି ମାତ୍ର ୪୫ ରନ୍‌ଦେଇ ୫ଟି ଏବଂ ଏଜାଜ୍ ପଟେଲ ୨୩ ରନ୍‌ଦେଇ ୩ଟି ୱିକେଟ୍ ନେଇଥିଲେ। ଚଳିତବର୍ଷ ୮୧ଟି ଟେଷ୍ଟ ୱିକେଟ୍ ନେଇ ଜାକବ୍ ଡଫି ତାଙ୍କ ଦେଶର ମହାନ୍ ଅଲ୍‌ରାଉଣ୍ଡର ସାର୍ ରିଚାର୍ଡ ହାଡ୍‌ଲିଙ୍କ ରେକର୍ଡ ଭାଙ୍ଗିଛନ୍ତି। ୧୯୮୫ରେ ହାଡ୍‌ଲି ୭୯ଟି ଟେଷ୍ଟ ୱିକେଟ୍ ନେଇଥିଲେ।

## ପାକ୍ ଖେଳାଳିଙ୍କୁ ଏକ କୋଟି ପୁରସ୍କାର

ଇସ୍‌ଲାମାବାଦ୍,୨୨।୧୨: ଭାରତକୁ ହରାଇ ପାକିସ୍ତାନ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଚାମ୍ପିଅନ ହେବା ପରେ ଦେଶରେ ବିଜୟ ଉତ୍ସବ ପାଳନ କରାଯାଉଛି। ଗତକାଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ୍ ସରିଫ୍ ଚାମ୍ପିଅନ ଦଳକୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପ୍ରତ୍ୟେକ ଖେଳାଳିଙ୍କୁ ୧୦ ନିୟୁତ ପାକିସ୍ତାନୀ ଟଙ୍କା ବା ୩୬,୦୦୦ ଡଲାର ବା ଭାରତୀୟ ମୁଦ୍ରାରେ ୩୨ ଲକ୍ଷ ୨୬,୭୧୬ ଟଙ୍କା ପ୍ରଦାନ କରିବାକୁ ସରିଫ୍ ଘୋଷଣା କରିଛନ୍ତି। ନିକଟ ଅତୀତରେ ପାକିସ୍ତାନର କୌଣସି ଦଳ ଭାରତକୁ କ୍ରିକେଟ ମ୍ୟାଚ୍‌ରେ ପରାସ୍ତ କରି ନ ଥିଲା।

## କ୍ରିଷ୍ଣାପ୍ପା ଗୋଥାମ୍‌ଙ୍କ ଅବସର

ବେଙ୍ଗାଲୁରୁ,୨୨।୧୨(ଏଜେନ୍ସି): ଦୀର୍ଘ ୧୪ ବର୍ଷ ଧରି ପେସାଦାର କ୍ରିକେଟ ଖେଳିବା ପରେ କର୍ଣ୍ଣାଟକର ଅଲରାଉଣ୍ଡର କ୍ରିଷ୍ଣାପ୍ପା ଗୋଥାମ ସମସ୍ତ ପ୍ରକାର କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ୨୦୧୨ରେ କର୍ଣ୍ଣାଟକ ପକ୍ଷରୁ ରଣଜୀ ଟ୍ରଫି ଖେଳି ପ୍ରଥମଶ୍ରେଣୀ କ୍ରିକେଟ ଜୀବନ ଆରମ୍ଭ କରିଥିଲେ। ଭାରତ-ଏ' ପକ୍ଷରୁ ଏକାଧିକ ଦଳ ବିପକ୍ଷରେ ଖେଳିସେ ଗୋଥାମ୍ ୨୦୨୧ରେ ଶ୍ରୀଲଙ୍କା ବିପକ୍ଷରେ ଏକମାତ୍ର ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ। ଆଇପିଏଲ୍‌ରେ ସେ ୫ଟି ଫ୍ରାଞ୍ଚାଇଜ୍‌କୁ ପ୍ରତିନିଧିତ୍ୱ କରିଥିଲେ। ଏହି ୩୭ ବର୍ଷୀୟ ଅଲରାଉଣ୍ଡର ୫୯ଟି ପ୍ରଥମଶ୍ରେଣୀ ମ୍ୟାଚ୍‌ରୁ ୨୨୪ ଓ ଆଇପିଏଲ୍‌ରେ ୨୧ଟି ୱିକେଟ ନେଇଥିଲେ। ବ୍ୟାଟିଂରେ ୧୪୧୯ ପ୍ରଥମଶ୍ରେଣୀ ରନ୍ ସଂଗ୍ରହ କରିଛନ୍ତି।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com

ଯୋଗାଯୋଗ: ୯୪୩୭୦୧୭୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS